

ପାଓଲିନିଙ୍କୁ ଡବଲ୍ ଟାଇଟଲ୍
▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-320 •BHUBANESWAR •MONDAY •19 MAY 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୨ •ସଂଖ୍ୟା-୩୨୦ •ଭୁବନେଶ୍ୱର •ସୋମବାର •୧୯ ମେ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


**ହାଇଦରାବାଦ ଚାର୍‌ମିନାର୍‌ରେ ଜଳିଗଲା କୋଠା**

# ୮ ଶିଶୁଙ୍କ ସମେତ ୧୭ ଜୀବନ୍ତ ଦଗ୍ଧ

■ **ହାଇଦରାବାଦ, ୧୮।୫ (ଏଜେନ୍ସି):** ହାଇଦରାବାଦ ଚାରମିନାର ନିକଟସ୍ଥ ଗୁଲଜାର ହାଉସ୍‌ରେ ରବିବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ୮ ଶିଶୁଙ୍କ ସମେତ ୧୭ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୧୫ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। କିନ୍ତୁ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ପୁଲିସ ସୂଚନା ଅନୁଯାୟୀ କୋଠାର ତଳ ମହଲାରେ ଅଳଙ୍କାର ଦୋକାନ ଥିଲା। ଉପର ମହଲାରେ ଲୋକ ରହୁଥିଲେ। ଦୁର୍ଘଟଣା ସମୟରେ ଏଠାରେ ପ୍ରାୟ ୩୨ ଲୋକ ଥିଲେ। ତଳ ମହଲାରେ ଥିବା ଦୋକାନରୁ ଏହି ନିଆଁ ଲାଗିଥିଲା। ଏହା ଦେଖୁ ଦେଖୁ ଉପର ମହଲାକୁ ବ୍ୟାପିଯାଇଥିଲା। ଏହି କୋଠାରେ କେବଳ ଗୋଟିଏ ସଂକୀର୍ଣ୍ଣ ପାହାଚ ରହଥିଲା। ତେଣୁ ଲୋକେ ବାହାରକୁ ବାହାରି ପାରି ନ ଥିଲେ ଏବଂ ଶ୍ୱାସରୁଦ୍ଧ ହୋଇ ପ୍ରାଣ ▶ପୃଷ୍ଠା-୭





# କୁଖ୍ୟାତ ଆତଙ୍କୀ ସୈଫୁଲ୍ଲାକୁ ହତ୍ୟା



## ଭାରତରେ ବିଭିନ୍ନ ଆକ୍ରମଣରେ ସଂପୃକ୍ତ

■ **ଇସଲାମାବାଦ, ୧୮।୫ (ଏଜେନ୍ସି):** ପାକିସ୍ତାନରେ ଜଣେ ଭାରତ-ବିରୋଧୀ ଲସ୍କର ଆତଙ୍କବାଦୀକୁ ଗୁଳି କରି ହତ୍ୟା କରାଯାଇଛି। ଏହି ଆତଙ୍କବାଦୀ ହେଉଛି ଲସ୍କର କମାଣ୍ଡର ଅବୁ ସୈଫୁଲ୍ଲା। ତାକୁ କେତେକ ଅଜ୍ଞାତ ବନ୍ଧୁକଧାରୀ ସିନ୍ଧ ପ୍ରଦେଶର ମାଟଲି ସହରରେ ଗୁଳି କରି ହତ୍ୟା କରିଛନ୍ତି। ଅବୁ ସୈଫୁଲ୍ଲା ଖଲିଦ ଓରଫ ମହମ୍ମଦ ସଲିମ ଓରଫ ରାଜୁଲ୍ଲା ନିଜାମଣି ବିଗତ ଦିନରେ ଭାରତରେ ବିଭିନ୍ନ ଆକ୍ରମଣ ଘଟଣାରେ ସଂପୃକ୍ତ ଥିଲା। ୨୦୦୫ରେ ବେଙ୍ଗାଲୁରୁରେ ଇଣ୍ଡିଆନ ସାଇନ୍ସ କଂଗ୍ରେସ ସମ୍ମିଳନୀରେ ଆକ୍ରମଣ, ୨୦୦୬ ନାଗପୁରରେ ଆରଏସ୍‌ଏସ୍ ମୁଖ୍ୟାଳୟରେ ଆତଙ୍କବାଦୀ ଆକ୍ରମଣ ସମେତ ୨୦୦୮ ରାମପୁରରେ ସିଆରପିଏଫ କ୍ୟାମ୍ପ ଆକ୍ରମଣ ଘଟଣାରେ ସେ ସାମିଲ ରହିଥିଲା। ▶ପୃଷ୍ଠା-୭

**ପରିବେଶ ମଞ୍ଜୁରୀ**

# କେନ୍ଦ୍ରକୁ 'ସୁପ୍ରିମ' ଝଟ୍‌କା

## ଅବୈଧ ଖଣି ଓ ପ୍ରକଳ୍ପ ବୈଧିକରଣ ଉପରେ ଅଦାଲତଙ୍କ ପ୍ରତିବନ୍ଧକ

■ **ନୂଆଦିଲ୍ଲୀ ୧୮।୫ (ସମିସ):** ଖଣି ଓ ଅନ୍ୟ ଉନ୍ନୟନ ପ୍ରକଳ୍ପଗୁଡ଼ିକୁ ପୂର୍ବୋବ୍ୟାପୀ (ଏକ୍ସ ଫ୍ୟାକ୍ଟୋ) ପରିବେଶଗତ ମଞ୍ଜୁରୀ ପ୍ରଦାନ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ବଡ଼ ଝଟ୍‌କା ଦେଇଛନ୍ତି ସୁପ୍ରିମକୋର୍ଟ। ଏକ୍ସ ଫ୍ୟାକ୍ଟୋ ପରିବେଶ ମଞ୍ଜୁରୀ ବା ୨୦୦୬ ପରିବେଶ ପ୍ରଭାବ ଆକଳନ (ଇଆଇଏ) ଉଲ୍ଲଂଘନ କରିଥିବା କୌଣସି ସଂସ୍ଥାର ପରିବେଶ ମଞ୍ଜୁରୀର ବୈଧିକରଣ ପାଇଁ କେନ୍ଦ୍ର ସରକାରଙ୍କ କୌଣସି ନିଷ୍ପତ୍ତି ଅବୈଧ ରୂପେ ବିବେଚନା କରାଯିବ ବୋଲି ସୁପ୍ରିମକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ଅଭୟ ଏସ. ଓକା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ପରିବେଶ ସୁରକ୍ଷାକୁ ବିକାଶର ଏକ ଅନିବାର୍ଯ୍ୟ ଅଂଶ ବୋଲି ଉଲ୍ଲେଖ କରି ଏ ସଂକ୍ରାନ୍ତରେ କୌଣସି ସାଲିସ କରାଯାଇ ପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏହାସହିତ ୨୦୧୭ରେ କେନ୍ଦ୍ର ସରକାରଙ୍କ ଅଧିସୂଚନା ଆଧାରରେ ଜାରି ୨୦୨୧ ମେମୋରେଣ୍ଡମ୍‌କୁ ମଧ୍ୟ ଅବୈଧ ଘୋଷଣା କରିଛନ୍ତି। ଅନୁରୂପ ଭାବରେ ଯେଉଁ ଖଣି ବା ପ୍ରକଳ୍ପଗୁଡ଼ିକରେ ୨୦୦୬ ମସିହାରେ ପରିବେଶ ପ୍ରଭାବ ଆକଳନ (ଇଆଇଏ) ଅନୁପାଳନ ହୋଇନାହିଁ ବା ସେମାନେ ଏସଂକ୍ରାନ୍ତ ମଞ୍ଜୁରୀ ନେଇ ନାହାନ୍ତି; ସେମାନଙ୍କ କାର୍ଯ୍ୟକଳାପ 'ଘୋର ବେଆଇନ' ବୋଲି କୋର୍ଟ କହିଛନ୍ତି। ଏହି ଖଣି, ରିଅଲ ଇଷ୍ଟେଟ ଡେଭଲପରମାନେ ନିରକ୍ଷର ବା ଅତି ସାଧାରଣ ନୁହନ୍ତି; ତେଣୁ ସେମାନଙ୍କୁ ଏ କ୍ଷେତ୍ରରେ ଛାଡ଼ି ଦିଆଯିବାର କୌଣସି ଅର୍ଥ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏହା ସହିତ ୨୦୧୭ ଅଧିସୂଚନା ଆଧାରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ପରିବେଶଗତ ମଞ୍ଜୁରୀ ପ୍ରଦାନ କରାଯାଇ ପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

'ବନ ଶକ୍ତି' ନାମକ ଏକ ଏନ୍‌ଜିଓ ପକ୍ଷରୁ ଦାଖଲ ଏକ ମାମଲାର ବିଚାର କରି ସୁପ୍ରିମକୋର୍ଟ କହିଛନ୍ତି ଯେ ୨୦୦୬ ମସିହାରେ ଯେଉଁ ଖଣି ବା ଅନ୍ୟ କମ୍ପାନୀଗୁଡ଼ିକ ଆଇନ ଉଲ୍ଲଂଘନ କରିଥିଲେ ଓ ପରିବେଶ ପ୍ରଭାବ ଆକଳନକୁ ଉଲ୍ଲଙ୍ଘନ କରିଥିଲେ, ତାହାର ବୈଧିକରଣ ▶ପୃଷ୍ଠା-୭



**୨୦୧୭ ଅଧିସୂଚନା ଆଧାରରେ ଜାରି ୨୦୨୧ ମେମୋରେଣ୍ଡମ୍ ଅବୈଧ**

**ପରିବେଶ ମଞ୍ଜୁରୀ ଉଲ୍ଲଂଘନ ସମାଜ ବିରୋଧୀ ଓ ଘୋର ବେଆଇନ କାର୍ଯ୍ୟ**

**ପାକିସ୍ତାନକୁ ଆଇଏମ୍‌ଏଫ୍‌ର ଚେତାବନୀ**

# ଉତ୍ତେଜନା ବଢ଼ାଇଲେ ସ୍ଥିତି ଗମ୍ଭୀର ହେବ

■ **ନ୍ୟୁୟର୍କ, ୧୮।୫ (ଏଜେନ୍ସି):** ସାଂପ୍ରତିକ ସ୍ଥିତିରେ ପାକିସ୍ତାନ ପାଇଁ ଗୋଟିଏ ପରେ ଗୋଟିଏ ସମସ୍ୟା ବଢିବାରେ ଲାଗିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ବର୍ତ୍ତମାନ ଅସ୍ତ୍ରବିରତି ବୁଝାମଣା ହୋଇଥିଲେ ମଧ୍ୟ ବିବାଦ ତୁଟିନାହିଁ। ଭାରତର ଅପରେସନ ସିନ୍ଦୂରକୁ ନେଇ ଏବେ ମଧ୍ୟ ପାକିସ୍ତାନ ସରକାର ଏବଂ ସେନା ଭୟର ବାତାବରଣ ମଧ୍ୟରୁ ମୁକୁଳିପାରି ନାହାନ୍ତି। ଏହାମଧ୍ୟରେ ଆଇଏମଏଫ ପାକିସ୍ତାନକୁ ଋଣ ଦେବା ନେଇ ୧୧ ନୂଆ ସର୍ତ୍ତ ଜାରି କରିବା ସହିତ ଭାରତ ସହ ସମ୍ପର୍କକୁ ନେଇ ପାକିସ୍ତାନକୁ ତାଗିଦ୍ କରିଛି। ଭାରତର ସହ ଉତ୍ତେଜନା ବଢାଇଲେ ପାକିସ୍ତାନର ସ୍ଥିତି ଆହୁରି ଗମ୍ଭୀର ହେବା ସହିତ ଆର୍ଥିକ ସ୍ଥଇତି ଭାରୀ ମାତ୍ରାରେ ପ୍ରଭାବିତ ହେବ ବୋଲି ପାକିସ୍ତାନକୁ ସତର୍କ କରାଇ ଦେଇଛି। ଦେବାଳିଆ ସ୍ଥିତିରୁ ବଞ୍ଚାଇବାକୁ ପାକିସ୍ତାନ ସରକାର ପୂର୍ବରୁ ଆଇଏମଏଫର ଦ୍ୱାରସ୍ଥ ହୋଇଥିଲା ବେଳେ ନିକଟରେ ମୋଟ ୨.୩ ବିଲିୟନ ଡଲାରର ଋଣ ଆଇଏମଏଫ ମଞ୍ଜୁର କରିଥିଲା। କିନ୍ତୁ ଏହାପରେ ଭାରତ ସହିତ ଉତ୍ତେଜନା ବଢିଥିବାରୁ କୌଣସି ସମୟରେ କିଛି ଘଟିବାର ଆଶଙ୍କାକୁ ▶ପୃଷ୍ଠା-୭

**ଋଣ ପାଇବାକୁ ୧୧ ନୂଆ ସର୍ତ୍ତ**

**ଆଇପିଏଲ୍‌ରେ ପ୍ରଥମ ବିଜୟ**

# ୨୦୦/୦



■ **ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି):** ଆଇପିଏଲ୍‌ର ଇତିହାସରେ ପ୍ରଥମ ଦଳ ଭାବେ ଗୁଜରାଟ ଟାଇଟନ୍ସ ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ-୧୮ତମ ସଂସ୍କରଣର ୬୦ତମ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଦତ୍ତ ୨୦୦ ରନର ଟାର୍ଗେଟ୍‌କୁ ପିଛା କରି ଗୁଜରାଟ ୧୦ ୱିକେଟ୍‌ରେ ବିଜୟୀ ହୋଇଛି। ଏହା ଫଳରେ ଗୁଜରାଟ ଆଇପିଏଲ୍‌ର ୧୮ ବର୍ଷ ଇତିହାସରେ ପ୍ରଥମ ଦଳ ଭାବେ ୨୦୦ ରନ୍‌ର ଟାର୍ଗେଟ୍‌କୁ ଚେଜ୍ କରି ୧୦ ୱିକେଟରେ ▶ପୃଷ୍ଠା-୭

# କାଠଯୋଡ଼ିରେ ବୁଡ଼ିଗଲେ ୨ ଇଞ୍ଜିନିୟର୍

## ଜଣେ ମୃତ: ଜଣେ ନିଖୋଜ

■ **କଟକ, ୧୮।୫ (ସମିସ):** କାଠଯୋଡ଼ି ନଦୀରେ ଆଜି ଦୁଇଜଣ ଇଞ୍ଜିନିୟର୍ ବୁଡ଼ି ଯାଇଛନ୍ତି। ଜଣଙ୍କର ମୃତଦେହ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ଜଣେ ନିଖୋଜ ରହିଛନ୍ତି। ତାଙ୍କୁ ଉଦ୍ଧାର କରିବାକୁ ବିଡ଼ାନାସୀ ଅଗ୍ନିଶମ କର୍ମଚାରୀ ଉଦ୍ୟମ ଚଳାଇଛନ୍ତି। ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ କରାଯାଇଛି। ଆସନ୍ତାକାଲି ପୁଣି ତାଙ୍କୁ ଖୋଜାଯିବ। ମୃତ ଇଞ୍ଜିନିୟରଙ୍କ ଘର ମହାରାଷ୍ଟ୍ର ଏବଂ ତାଙ୍କ ନାଁ ରୁତିକେଶ ମଟଲ୍(୨୫)। ନିଖୋଜ ଇଞ୍ଜିନିୟରଙ୍କ ନାଁ ରତିକ୍ ବ୍ରିଜିନୀ(୨୮)। ସେମାନେ ଦୁହେଁ ଏଲ୍‌ଆଣ୍ଡଟି କମ୍ପାନୀର କର୍ମଚାରୀ। ସେମାନେ ଏସ୍‌ସିବି ମେଡିକାଲରେ ନବନିର୍ମିତ କୋଠାର ନିର୍ମାଣ ଦାୟିତ୍ୱରେ ଥିଲେ।



ସୂଚନାନୁଯାୟୀ, ସିଡିଏ ସେକ୍ଟର୍-୧୧ରେ ଏଲ୍‌ଆଣ୍ଡଟି କମ୍ପାନୀର ଇଞ୍ଜିନିୟର୍ ଏବଂ ଉଚ୍ଚପଦସ୍ଥ କର୍ମଚାରୀ ରହିବା ନିମନ୍ତେ ମେସ୍ ବ୍ୟବସ୍ଥା ରହିଛି। ଆଜି ରବିବାର ଉପଲକ୍ଷେ ଏସ୍‌ସିବିରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ଏଣୁ, ମେସ୍‌ରେ ରହୁଥିବା ଇଞ୍ଜିନିୟର ରୁତିକେଶ, ରତିକ୍‌ଙ୍କ ସମେତ ▶ପୃଷ୍ଠା-୭


Vikash Bargarh
Vikash Higher Educational Institutions

Vikash Institute of Technology:
• MBA (2 Years)
• B.Tech (4 Years) CSE, EEE, Civil, Mech.

Vikash Polytechnic:
• Diploma (3 Years) Civil, CSE, ECE, Mech., Electrical
• Diploma (Working Professionals) Mechanical Engg., Electrical Engg.

Vikash Law School:
• B.A. LL.B (H) 5 Years Int. Law

Vikash School of Business Management:
• BBA / BCA (3 Years)

Vikash Degree College:
• B.A. (Hons.) English, Economics, Education, Political Science, Psychology
• B.Com. (Hons.) Accountancy (Hons.)
• B.Sc. (Hons.) Physics, Chemistry, Math. Botany, Zoology, Comp.Sc.
• M.Sc. (2 Years) Chemistry
• M.Com. (2 Years) Accountancy
• M.A. (2 Years) English

Vikash Nursing College:
• ANM (2 Years),
• GNM (3 Years)
• B.Sc. Nursing (4 Years)
• P.B. B.Sc. Nursing (2 Years)

Vikash College of Paramedical Science:
• DMLT (2 Years)
• DMRT (2 Years)

Vikash Pharmacy College:
"MOVE TOWARDS YOUR DREAM CAREER IN PHARMACY"
• B. PHARM Bachelor in Pharmacy (4 YRS) Eligibility: +2 Science & OJEE Rank
• D. PHARM Diploma in Pharmacy (2 YRS) Eligibility: +2 Science

AWARDED As the Best Higher Educational Institutions in Western Odisha by OTV.

ADMISSIONS | Open for 2025-26
Courses Offered: PG | UG | Diploma
94380 85817 / 82800 08111
70087 81518 / 94393 49333
Vikash Knowledge Hub, Barahaguda, Bargarh

Visit us @ www.odishavikash.com
Email: vheicampus@gmail.com
Grooming Talent
Vikash Higher Educational Institutions


# ଭୁବନେଶ୍ୱରରେ ଖୋଲିବ ଏନ୍‌ଆଇଏ ଥାନା

## ଏସ୍‌ପି ପାହ୍ୟାର ଅଧିକାରୀ ମୁଖ୍ୟ ରହିବେ

■ **ଭୁବନେଶ୍ୱର, ୧୮।୫ (ସମିସ):** ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଖୋଲିବ ଏନ୍‌ଆଇଏ (ଜାତୀୟ ତଦନ୍ତକାରୀ ସଂସ୍ଥା) ଥାନା। ଏନେଇ ଆଜି ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱରର ଭିଏସ୍‌ଏସ୍ ନଗରରେ ଖୋଲିବ ଏହି ଥାନା। ଭୁବନେଶ୍ୱରର ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ନଗରରେ ଏନ୍‌ଆଇଏର ଶାଖା ଖୋଲିବ। ଏସ୍‌ପି ପାହ୍ୟାର ଜଣେ ଅଧିକାରୀ ଏହି ଥାନା ଦାୟିତ୍ୱରେ ରହିବେ। ଏହି ବିଲ୍ଡିଂରେ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଏଥିସହ ଆବଶ୍ୟକ କର୍ମଚାରୀ ଏବଂ ଅନ୍ୟାନ ସୁବିଧା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ଓଡ଼ିଶା ଏବେ ଆତଙ୍କବାଦୀଙ୍କ ସ୍କାନରରେ ଅଛି। ଅବଦୁଲ ରେହମାନ ଠାରୁ ଆରମ୍ଭ କରି ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ପର୍ଯ୍ୟନ୍ତ ପାକିସ୍ତାନର ଗୁପ୍ତଚର ସାଜି ଓଡ଼ିଶାର ଗୁପ୍ତ ▶ପୃଷ୍ଠା-୭


SANSKAR INTERNATIONAL SCHOOL BARGARH
AFFILIATED TO CBSE
Co-Educational Senior Secondary Residential School
ESTD. 2014

GROWTH COMPARISON

| STUDENT NAME | X | XII | Increase |
|---|---|---|---|
| YASH KAMANI | 49% | 75.2% | 26.2% |
| NAYAN MISHRA | 49.4% | 69.6% | 20.2% |
| TITHI JAIN | 61.2% | 78.2% | 17% |
| MUSKAN AGRAWAL | 43.8% | 60.4% | 16.6% |
| SAHIL AGRAWAL | 71.8% | 87.6% | 15.8% |
| SUJAL MEHER | 68% | 82.4% | 14.4% |
| TEJAS AGRAWAL | 77.2% | 91.4% | 14.2% |
| MIHIR AGRAWAL | 56.83% | 70% | 13.17% |
| RIDDHI AGRAWAL | 78.8% | 91% | 12.2% |
| AMAN AGARWAL | 60.67% | 72.8% | 12.13% |

WESTERN ODISHA TOPPER
98.4% RIYA AGRAWAL CLASS XII 2024-25

DISTRICT TOPPER
98.4% RISHI AGRAWAL CLASS X 2024-25

Class 12th School Average 80.22%
35 Students Scored Above 90%

Class XII: 96.2% NAMAN AGRAWAL | 96% SIDDHI JAIN | 95% KHANAK DHANUKA
Class X: 96.8% ANUSHKA BHOOT | 96.2% VISHAL JAIN | 95.8% HARSH MODI | 95% RADHIKA JAIN

100/100
•Mathematics •Business Studies
•Economics •Entrepreneurship
•Physical Education

ADMISSIONS OPEN
from Nursery to Class 11th along with Integrated Coaching of Science and Commerce

Commerce: Integrated CA, Integrated CLAT, Integrated CUET
Science: Integrated IIT-JEE, Integrated NEET, Integrated CUET

• 35+ Sanskarian have cleared CA Foundation
• 10+ Sanskarian have cleared NEET
• Top Score of 781/800 in CUET
• 13 Acres Lush Green Campus
• Air Conditioned Hostel Rooms
• 18 Variety of Sports

ADMISSIONS OPEN for Nursery to Class 11th
+91 8598 99 89 89
+91 9556 65 47 77
sanskarbargarh.in

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଚାକିରିରେ ପରିବର୍ତ୍ତନ ହେବ । ରାଜନୀତିରେ ସଫଳ ହେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ । ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ । ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସ୍ୱାସ୍ଥ୍ୟରେ ସୁଧାର ଆସିବ । ପାରିବାରିକ ଜୀବନ ସୁଖମୟ ହେବ । ବାଦବିବାଦରୁ ଦୂରେଇ ରହିବେ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ଉଧାର ଧନ ଫେରିପାଇବେ । ଚାକିରିରେ ନୂଆ ସୁଯୋଗ ଜୁଟିବ । ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ସିଂହ:** ନିବେଶରୁ ଲାଭ ପାଇବେ । କାର୍ଯ୍ୟରେ ସଫଳତା ମିଳିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ । ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ । ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ । ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ । ଧାର କରଜ କରିବାରୁ ରକ୍ଷା ପାଇବେ । ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ । ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ । ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନ ଖୁସିରେ ବିତିବ । ବନ୍ଧୁଙ୍କ ସହ ବୁଲିବାକୁ ଯିବେ ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି । ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**ମକର:** ନାଚ, ଗୀତରେ ସଫଳତା ମିଳିବ । ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ । ବିଦେଶ ଯାତ୍ରା ଯୋଗ ଅଛି । ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ । ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ । ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ । ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ । ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ । ଶିକ୍ଷାରେ ସଫଳତା ମିଳିବ । ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ । ବ୍ୟବସାୟରେ ପରିବର୍ତ୍ତନ ଆଣିବେ ।

## ଆଜିର ଇତିହାସ

- ୧୯୦୪- ଟାଟା ଗ୍ରୁପ୍‌ର ସଂସ୍ଥାପକ ଜାମସେଦଜୀ ଟାଟାଙ୍କ ନିଧନ ।
- ୧୯୧୩- ପୂର୍ବତନ ରାଷ୍ଟ୍ରପତି ନୀଲମ୍ ସଞ୍ଜୀବ ରେଡ୍ଡୀଙ୍କ ଜନ୍ମ ।
- ୧୯୩୪- ପ୍ରସିଦ୍ଧ ଭାରତୀୟ ଲେଖକ ରସ୍କିନ୍ ବଣ୍ଡଙ୍କ ଜନ୍ମ ।
- ୧୯୭୧- ରୁଷ୍ ମାର୍ସ-୨ ପ୍ରୋଗ୍ରାମ୍ ଲଞ୍ଚ୍ କଲା ।
- ୨୦୦୧- ଆପଲ୍ ଇଙ୍କ୍ ତା'ର ପ୍ରଥମ ଦୁଇଟି ରିଟେଲ୍ ଷ୍ଟୋର୍ ଖୋଲିଲା ।
- ୨୦୦୮ - ନାଟ୍ୟକାର ତଥା ରଙ୍ଗମଞ୍ଚକର୍ମୀ ବିଜୟ ତେନ୍ଦୁଲକରଙ୍କ ଦେହାନ୍ତ ।


## ୧୭ ବର୍ଷ ପରେ ଅକ୍ଷୟ-ସୈଫ୍ ଏକାଠି



ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଓ ସୈଫ୍ ଅଲ୍ଲୀ ଖାନ୍ ୧୭ ବର୍ଷ ପରେ ପୁଣି ଥରେ ଏକାଠି ବଡ଼ ପରଦାରେ ନଜର ଆସିବେ । ଶେଷଥର ପାଇଁ ଉଭୟ 'ଟସନ୍'(୨୦୦୮) ଫିଲ୍ମରେ ଦେଖାଯାଇଥିଲେ । ଏହାପୂର୍ବରୁ ଏହି ଯୋଡ଼ିଙ୍କ ଅଭିନୀତ ଫିଲ୍ମ 'ମେ ଖିଲାଡ଼ି ତୁ ଅନାଡ଼ି', 'ଆଖେଁ', 'ୟେ ଦିଲ୍ଲଗୀ' ହିଟ୍ ସାବ୍ୟସ୍ତ ହୋଇଥିଲା । ଆଉ ଏବେ ଉଭୟ ୨୦୧୬ରେ ଆସିଥିବା ମାଲାୟାଲମ୍ ଫିଲ୍ମ 'ଓପ୍ପମ୍'ର ହିନ୍ଦୀ ରିମେକ୍‌ରେ ଏକାଠି ଦେଖାଯିବେ । 'ଓପ୍ପମ୍'ରେ ମୋହନଲାଲ ମୁଖ୍ୟ ଭୂମିକାରେ ଦେଖାଯାଇଥିଲେ । ଏହାର ହିନ୍ଦୀ ରିମେକ୍‌ରେ ଅକ୍ଷୟ ଖଳନାୟକ ଏବଂ ସୈଫ୍ ନାୟକ ଭାବେ ଦେଖାଯିବେ । ଫିଲ୍ମରେ ସୈଫ୍ ଓ ଅକ୍ଷୟଙ୍କ ମଧ୍ୟରେ ଏକ ଜବରଦସ୍ତ ଫାଇଟ୍ ସିନ୍ ରହିବ । ପ୍ରିୟଦର୍ଶନ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି । ଏହା ଏକ ଥ୍ରିଲର୍ ଫିଲ୍ମ ହେବ । ଫିଲ୍ମର ସୁଟିଂ ଆସନ୍ତା ଅଗଷ୍ଟ ମାସରୁ ଆରମ୍ଭ ହେବ । ଏହାକୁ ୨୦୨୬ରେ ରିଲିଜ୍ କରାଯିବା ପାଇଁ ଯୋଜନା କରାଯାଉଛି ।

## ହାଇହିଲ୍ ପାଇଁ ନେବାକୁ ପଡ଼େ ଅନୁମତି

ମହିଳାମାନେ ହାଇହିଲ୍ ପିନ୍ଧିବା ସାଧାରଣ କଥା । ହେଲେ ହାଇହିଲ୍ ପିନ୍ଧିବା ପାଇଁ ଅନୁମତି ନେବାକୁ ପଡ଼ିବା କଥା ଶୁଣି ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗୁଥିବ । ତେବେ ଆମେରିକାର କାଲିଫର୍ଣ୍ଣିଆ ସ୍ଥିତ କାର୍ମେଲ-ବାୟ-ଦ-ସି' ସହରରେ ହାଇହିଲ୍ ପିନ୍ଧିବା ପାଇଁ ଅନୁମତି ନେବାକୁ ପଡ଼ିଥାଏ । ଏଠାରେ ଦୁଇ ଇଞ୍ଚରୁ ଅଧିକ ହିଲ୍ ପିନ୍ଧିବା ପାଇଁ ସିଟି ହଲ୍‌ରୁ ଅନୁମତି ନେବାକୁ ହୁଏ । ତେବେ ଏହି ନିୟମ ପଛର କାରଣ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ । କାରଣ ଏହି ନିୟମ ଫେଶନ ପାଇଁ ନୁହେଁ, ବରଂ ସୁରକ୍ଷା ସହିତ ଜଡ଼ିତ । ୧୯୬୩ ମସିହାରେ ଏହି ଆଇନ ତିଆରି କରାଯାଇଥିଲା । ସେତେବେଳେ ସହରର ରାସ୍ତା ତଥା ଫୁଟପାଥର ସ୍ଥିତି କିଛି ଅଲଗା ଥିଲା । ଫୁଟପାଥ ଓ ରାସ୍ତାଗୁଡ଼ିକ ଆବଡ଼ାଖାବଡ଼ା ଏବଂ ଅସମତଳ ଥିଲା । ଏହି ରାସ୍ତାରେ ହାଇହିଲ୍ ପିନ୍ଧି ଚାଲିଲେ ତଳେ ପଡ଼ିବା ଥୟ । ତେଣୁ ଯେଭଳି ଲୋକେ ସୁରକ୍ଷିତ ରହିବେ ଏବଂ ଯଦି କାହାକୁ ଆଘାତ ଲାଗେ ଏ ଲାଗି ପ୍ରଶାସନ ଦାୟୀ ରହିବ ନାହିଁ ବୋଲି ଚିନ୍ତାକରି ଏହି ନିୟମ ସେତେବେଳେ ଲାଗୁ କରାଯାଇଥିଲା । ଆଜିକା ଦିନରେ ଏହି ଆଇନକୁ କଡ଼ାକଡ଼ି ଲାଗୁ କରା ନ ଗଲେ ବି ଏହା ଏବେ ବି ଅଛି । ସେହିପରି ଲୋକେ ଚାହିଁଲେ ଏ ନେଇ ନିଃଶୁଳ୍କ ଅନୁମତି ବି ଆଣିପାରିବେ । ତେବେ ଜଣେ ଟ୍ରାଭେଲ ବ୍ଲଗର୍ ସାମାଜିକ ଗଣମାଧ୍ୟମରେ ଏ କଥା ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି । ଅନ୍ୟପଟେ ଏହି ସହର କେବଳ ତା'ର ଅଜବ ଆଇନ ନୁହେଁ, ବରଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଲାଗି ବି ଖୁବ୍ ପରିଚିତ ।



## ସବୁଠୁ ଛୋଟ ଦେଶ
## ଜନସଂଖ୍ୟା ୨୭



ଭାଟିକାନ୍ ସିଟିକୁ ବିଶ୍ୱର କ୍ଷୁଦ୍ରତମ ଦେଶ କୁହାଯାଏ । ମାତ୍ର ଇଂଲଣ୍ଡର ଅତି ନିକଟରେ ଅବସ୍ଥିତ 'ସିଲ୍ୟାଣ୍ଡ' ନାମକ ଏକ ସମୁଦ୍ର ପରିବେଷ୍ଟିତ ଇଲାକାର ଅଧିବାସୀମାନେ ସେମାନଙ୍କ ଅଞ୍ଚଳ ବିଶ୍ୱର କ୍ଷୁଦ୍ରତମ ଦେଶ ବୋଲି ଦାବି କରିଥାନ୍ତି । ଏହା ଭାଟିକାନ ସିଟିଠାରୁ ମଧ୍ୟ ଛୋଟ । ସିଲ୍ୟାଣ୍ଡ ବ୍ରିଟେନଠୁ ୧୨ କିଲୋମିଟର ଦୂରରେ ଅବସ୍ଥିତ । ଯଦିଓ ଏହା ବ୍ରିଟେନର ନିକଟସ୍ଥ କିନ୍ତୁ ସିଲ୍ୟାଣ୍ଡ ଏକ ସ୍ୱତନ୍ତ୍ର ଦେଶ । ଦୁଇଟି ଖମ୍ବ ଉପରେ ଥିବା ୨୫୦ ମିଟର ପରିମିତ ଏହି ଅଞ୍ଚଳରେ ୨୭ ଜଣ ନାଗରିକ ବସବାସ କରୁଛନ୍ତି । ସିଲ୍ୟାଣ୍ଡର ନିର୍ମାଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ୧୯୪୨ରେ ବ୍ରିଟିଶ୍ ସେନା କରିଥିଲା । ଉତ୍ତର ସାଗରରେ ବ୍ରିଟିଶ୍ ନୌସେନାକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏହା ନିର୍ମାଣ କରାଯାଇଥିଲା । ଏହାପରେ ୧୯୫୬ ମସିହା ପର୍ଯ୍ୟନ୍ତ ଏହା ଏକ ସାମୁଦ୍ରିକ ଦୁର୍ଗ ଭାବେ କାର୍ଯ୍ୟ କରିଥିଲା । ୧୯୬୬ ମସିହାରେ ବ୍ରିଟିଶ୍ ନାଗରିକ ପ୍ୟାଡି ରୟ ବେଟ୍ସ ନିଜ ରେଡିଓ ଷ୍ଟେସନ 'ରେଡିଓ ଆସେକ୍ସ' କୁ ଚଳାଇବା ପାଇଁ ସିଲ୍ୟାଣ୍ଡ ଦୁର୍ଗ ଉପରେ କବ୍‌ଜା କଲେ । ଏହାପରେ ୧୯୬୭ରେ ବ୍ରିଟେନ ସାମୁଦ୍ରିକ ପ୍ରସାରଣ ଅପରାଧ ଅଧିନିୟମ ପାରିତ କଲା, ଯାହା ଫଳରେ ରୟ ବେଟ୍ସଙ୍କୁ ସେହି ଦୁର୍ଗ ଛାଡ଼ିବାକୁ ପଡ଼ିଲା । କିନ୍ତୁ ରୟ ବେଟ୍ସ ହାର ମାନିଲେନି ଏବଂ ୧୯୬୭ରେ ଏହି ଦୁର୍ଗକୁ ସିଲ୍ୟାଣ୍ଡ ଦେଶ ଘୋଷଣା କରିଦେଲେ । ଏହାପରେ ସେ ସେଠାରେ ନିଜ ପରିବାର ସହିତ ରହିଲେ । ସିଲ୍ୟାଣ୍ଡର ଶାସକ ପ୍ରଥମେ ରୟ ବେଟ୍ସ ଥିଲେ । କିନ୍ତୁ ୨୦୧୨ରେ ତାଙ୍କ ପରଲୋକ ପରେ ତାଙ୍କ ପୁଅ ମାଇକଲ ବେଟ୍ସ ଶାସନ ଭାର ସମ୍ଭାଳିଲେ । ରାଜତନ୍ତ୍ର ଦ୍ୱାରା ପରିଚାଳିତ ଏହି ଦେଶର ନିଜସ୍ୱ ଜାତୀୟ ପତାକା, ନିଜ ମୁଦ୍ରା, ପାସପୋର୍ଟ ଏପରିକି ରାଜା-ରାଣୀ ମଧ୍ୟ ଅଛନ୍ତି । ଏଠାରେ ଜୀବିକା ଉପାର୍ଜନ ପାଇଁ କୌଣସି ସାଧନ ନାହିଁ । କିନ୍ତୁ ଯେତେବେଳେ ଲୋକେ ପ୍ରଥମେ ଇଣ୍ଟରନେଟ୍ ମାଧ୍ୟମରେ ଦେଶଟି ସମ୍ପର୍କରେ ଜାଣିଥିଲେ ସମସ୍ତେ ଏଠାରେ ରହୁଥିବା ଅଧିବାସୀଙ୍କୁ ଦାନ କରିଥିଲେ । ଏହାଦ୍ୱାରା ଏଠାରେ ରହୁଥିବା ଲୋକଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆସିଥିଲା । ତେବେ ଖାସ୍ କଥା ହେଉଛି ଏହାକୁ କୌଣସି ବି ଦେଶ ଏକ ଦେଶ ଭାବେ ମାନ୍ୟତା ଦେଇନାହାଁନ୍ତି । ଏହାସତ୍ତ୍ୱେ ସିଲ୍ୟାଣ୍ଡ ନିଜ ପରିଚୟ ତିଆରି କରିଛି ଏବଂ ମାଇକ୍ରୋନେସନ ଭାବେ ଜଣାଯାଉଛି ।

## ଯାତ୍ରା ସମୟରେ ଶୁଭ ସଙ୍କେତ

ଶକୁନ ଶାସ୍ତ୍ର ଅନୁସାରେ, ଯାତ୍ରାକୁ ଯିବା ବେଳେ କିଛି ବିଶେଷ ଜିନିଷ ଓ ଲୋକଙ୍କ ଦର୍ଶନକୁ ଶୁଭ ସଙ୍କେତ ବୋଲି କୁହାଯାଇଛି । ତେବେ କ'ଣ ଏହି ସବୁ ଜିନିଷ, ସେ ସବୁ ନିମ୍ନରେ ପ୍ରଦତ୍ତ କରାଗଲା ।





**ବ୍ରାହ୍ମଣ:** ଯାତ୍ରା ପ୍ରାରମ୍ଭ କରିବା ବେଳେ ସାମ୍ନାରେ କୌଣସି ବ୍ରାହ୍ମଣ ନଜର ଆସିଲେ, ତାଙ୍କ ଆଶିର୍ବାଦ ନିଅନ୍ତୁ । ନିଜ ସାମର୍ଥ୍ୟ ଅନୁସାରେ ଦକ୍ଷିଣା ପ୍ରଦାନ କରି ଯାତ୍ରା ଆରମ୍ଭ କରନ୍ତୁ । ଏହା ହେଉଛି ଏକ ଶୁଭ ସଙ୍କେତ ।

**କନ୍ୟା:** ଯାତ୍ରା ପ୍ରାରମ୍ଭ ବେଳେ ଶିଶୁ କନ୍ୟା ହଳଦିଆ କିମ୍ବା କମଳା ରଙ୍ଗର ପୋଷାକ ପିନ୍ଧିଥିବା ଦେଖିବା ଶୁଭ । ଏହା ଦ୍ୱାରା କାମରେ ସଫଳତା ମିଳିବା ଯୋଗ ଅଛି ।

**ଗାଈ:** ଯାତ୍ରା ସମୟରେ ଗୋମାତାଙ୍କ ଦର୍ଶନକୁ ଶୁଭ ସଙ୍କେତ ବୋଲି କୁହାଯାଇଛି । ସେହିପରି ଗାଈକୁ ଗୁଡ଼ ଖୁଆଇ ଯାତ୍ରା ପ୍ରାରମ୍ଭ କରନ୍ତୁ । ଏହା ଦ୍ୱାରା ନ ହେବା କାମ ହୋଇଥାଏ ।

**କଳସ:** ଯାତ୍ରା ପ୍ରାରମ୍ଭ ବେଳେ ଜଳ ଭର୍ତ୍ତି କଳସ ଦେଖିବା ଶୁଭ । ସମସ୍ତ କାମରେ ସଫଳତା ମିଳିଥାଏ ।

**କିନ୍ନର:** କିନ୍ନରଙ୍କୁ ମଙ୍ଗଳମୁଖୀ କୁହାଯାଏ । ଯାତ୍ରାକୁ ଯିବା ବେଳେ କିନ୍ନରଙ୍କୁ ଦେଖି ନିଜ ଇଚ୍ଛାରେ କିଛି ଦାନ ଦିଅନ୍ତୁ । ଏହା ଦ୍ୱାରା ଶୁଭଫଳ ମିଳେ । ଯାତ୍ରା ମଧ୍ୟ ମଙ୍ଗଳମୟ ହୋଇଥାଏ ।

## ସ୍ୱସ୍ତି

## ରାହୁ-କେତୁଙ୍କ ରାଶି ପରିବର୍ତ୍ତନ




ଜ୍ୟୋତିଷ ଶାସ୍ତ୍ରରେ ଗ୍ରହ ଓ ନକ୍ଷତ୍ରର ବିଶେଷ ମହତ୍ତ୍ୱ ଅଛି । ଲୋକଙ୍କ ଜୀବନ ଉପରେ ଏହା ଗଭୀର ପ୍ରଭାବ ପକାଏ । ତେବେ ମେ ୧୮ ତାରିଖରୁ ରାହୁ ମୀନରୁ କୁମ୍ଭ ଏବଂ କେତୁ କନ୍ୟାରୁ ସିଂହ ରାଶିକୁ ପ୍ରବେଶ କରିଛନ୍ତି । ଏହି ରାଶି ପରିବର୍ତ୍ତନ ଜାତକରେ ୧.୫ ବର୍ଷ ପର୍ଯ୍ୟନ୍ତ ରହିବ । ତେବେ ଏ ପରିବର୍ତ୍ତନ କେଉଁ ରାଶି ଉପରେ କି ପ୍ରଭାବ ପକାଇବ, ସେ ସମ୍ପର୍କରେ ଜାଣିବା ।

- ରାହୁ ଜୀବନରେ ଲୋଭ, ଅଚାନକ ପରିବର୍ତ୍ତନ ଭାବ ଆଣିବା କାମ କରିଥାନ୍ତି । ସେହିପରି କେତୁ ମୋକ୍ଷ, ତ୍ୟାଗ ଏବଂ ଶାନ୍ତି ଭାବ ଆଣିଥାନ୍ତି । ଏହି ଦୁଇଙ୍କ ରାଶି ପରିବର୍ତ୍ତନ ଚିନ୍ତା, ନିଷ୍ପତ୍ତି ଏବଂ ସମ୍ପର୍କକୁ ପ୍ରଭାବିତ କରିଥାଏ ।
- ରାହୁ-କେତୁ ପରିବର୍ତ୍ତନ ଦ୍ୱାରା କୁମ୍ଭ, ସିଂହ, ମୀନ ଏବଂ କନ୍ୟା ରାଶି ବ୍ୟକ୍ତିବିଶେଷଙ୍କୁ ସତର୍କ ରହିବା ଜରୁରି । କାରଣ ଏହି ପରିବର୍ତ୍ତନ ଦ୍ୱାରା ଚିନ୍ତାଧାରାରେ ପରିବର୍ତ୍ତନ, ଜୀବନରେ ନୂଆ ଦିଗ, କିଛି ତ୍ୟାଗ ସହିତ କିଛି ନୂଆ ମିଳିବାର ଯୋଗ ଅଛି ।
- ରାହୁ ପରିବର୍ତ୍ତନ କୁମ୍ଭ ରାଶି ପାଇଁ ଅଚାନକ ପ୍ରସିଦ୍ଧି, ଅର୍ଥ ଏବଂ ନୂତନ ପରିବର୍ତ୍ତନ ଆଣିପାରେ । ଏହି ସମୟରେ ଭ୍ରମଠୁ ଦୂରରେ ରହିବା ଦରକାର । କୌଣସି ନିଷ୍ପତ୍ତି ବୁଝିବିଚାରି ନିଅନ୍ତୁ ।
- କେତୁଙ୍କ ପରିବର୍ତ୍ତନ ଯୋଗୁଁ ସିଂହ ରାଶି ବ୍ୟକ୍ତି ବିଶେଷ ଅହଂକାର ତ୍ୟାଗ କରିବେ । ସମ୍ପର୍କରେ ଅହଂ ଭାବ ତ୍ୟାଗ କରି ଜୀବନସାଥୀ ସହ ଖୁସିରେ ରହିବେ ।

## ବଦ୍ରିନାଥରେ ଅସରପାଙ୍କୁ ଲାଗି ହୁଏ ଭୋଗ



ଉତ୍ତରାଖଣ୍ଡର ଚାରିଧାମ ଯାତ୍ରାରେ ବଦ୍ରିନାଥ ସାମିଲ ଅଛି । ଏହା ଏକ ପ୍ରାଚୀନ ମନ୍ଦିର । ଏହି ମନ୍ଦିରକୁ ନେଇ ଅନେକ ମାନ୍ୟତା ଓ ପରମ୍ପରା ରହିଛି । ତେବେ ବଦ୍ରିନାଥ ମନ୍ଦିରରେ ଭୋଗ ଲାଗି କରାଯିବା ପୂର୍ବରୁ ଅନେକ ଜୀବଜନ୍ତୁଙ୍କୁ ଭୋଗ ଲାଗି କରାଯାଏ । ଏଥିରେ ଅସରପା ବି ସାମିଲ ଅଛି ।



ପ୍ରତିଦିନ ଭଗବାନ ବଦ୍ରିନାଥଙ୍କୁ ରାଜଭୋଗ ଲାଗି କରାଯାଏ । ହେଲେ ଏହା ପୂର୍ବରୁ ଅସରପାଙ୍କୁ ଭୋଗ ଲାଗି କରାଯାଏ । କୁହାଯାଏ, ବଦ୍ରୀନାଥ ରାଜଭୋଗ ଗ୍ରହଣ କରିବା ପୂର୍ବରୁ ସମସ୍ତ ଜୀବଜନ୍ତୁଙ୍କୁ ତୃପ୍ତ କରାଯାଏ । ଏହି ମାନ୍ୟତାକୁ ଦେଖି ପଶୁ ପକ୍ଷୀଙ୍କ ସହିତ ଅସରପାଙ୍କୁ ବି ଭୋଗ ଲାଗି କରାଯାଏ । ଏଠାରେ ପ୍ରତିଦିନ ଦ୍ୱିପହରରେ ଅସରପାଙ୍କୁ ଅନ୍ନ ଭୋଗ ଲାଗି କରାଯିବାର ପରମ୍ପରା ଅଛି । ଏହାକୁ ତପ୍ତକୁଣ୍ଡ ନିକଟବର୍ତ୍ତୀ ଗରୁଡ଼ କୁଟିରେ ରଖାଯାଏ । ଏହାପରେ ହିଁ ଭଗବାନଙ୍କୁ ଭୋଗ ଲାଗି କରାଯାଏ । କେବଳ ସେତିକି ନୁହେଁ, ଏଠାରେ ଅସରପାଙ୍କ ସମେତ ଗାଈ ଏବଂ ପକ୍ଷୀଙ୍କୁ ମଧ୍ୟ ଭୋଗ ଦିଆଯାଏ । ଏହି ପରମ୍ପରାର ଆରମ୍ଭ ଅଷ୍ଟମ ଶତାବ୍ଦିରେ ଆଦି ଗୁରୁ ଶଙ୍କରାଚାର୍ଯ୍ୟ କରିଥିବା କୁହାଯାଏ ।

## ମହିଳାଙ୍କ ଶୃଙ୍ଗାର ପାଇଁ ନିୟମ

ଶୃଙ୍ଗାର ପ୍ରତ୍ୟେକ ମହିଳାଙ୍କୁ ପସନ୍ଦ । ହେଲେ ହିନ୍ଦୁ ଧର୍ମରେ ଶୃଙ୍ଗାରକୁ ନେଇ କିଛି ନିୟମ ଅଛି । କିଛି ସ୍ଥାନ ତଥା ପରିସ୍ଥିତି ଏଭଳି ଅଛି, ଯେଉଁଠି ମହିଳାଙ୍କୁ ଶୃଙ୍ଗାର କରିବା ମନା ।



କୁହାଯାଏ, ସ୍ୱାମୀ ଯଦି କାମରେ କୌଣସି ଦୂର ସ୍ଥାନକୁ ଯାତ୍ରା କରିଥାନ୍ତି, ସେ ସମୟରେ ପତ୍ନୀଙ୍କୁ ଅଧିକ ଶୃଙ୍ଗାର କରିବା ମନା । ଏହି ସମୟରେ ଯେତିକି ଦରକାର, ସେତିକି ସଜ ହେବା ଉଚିତ । ଏଭଳି ସ୍ଥିତିରେ ଅଧିକ ସଜେଇ ହେବାକୁ ଠିକ୍ ବୋଲି ବିବେଚନା କରାଯାଏ ନାହିଁ । ସେହିପରି ପରିବାରରେ କାହାରି ମୃତ୍ୟୁ ହୋଇଥିଲେ ମହିଳାଙ୍କୁ ଶୃଙ୍ଗାର କରିବା ମନା । ଏପରିକି ଏଭଳି ସ୍ଥିତିରେ ଶୃଙ୍ଗାର ମନୋବିଜ୍ଞାନ ଦୃଷ୍ଟିକୋଣରୁ ବି ଠିକ୍ ନୁହେଁ । ତେଣୁ ମହିଳାଙ୍କୁ ଏହା ଉପରେ ବିଶେଷ ଦୃଷ୍ଟି ଦେବା ଉଚିତ ।

ତେବେ ଋତୁସ୍ରାବ ସମୟରେ ମହିଳାଙ୍କୁ ଶୃଙ୍ଗାର କରିବାକୁ ବାରଣ କରାଯାଏ । ଏହାବାଦ୍ କୌଣସି ସ୍ଥାନକୁ ଶୋକ ବ୍ୟକ୍ତ କରିବାକୁ ଯାଉଥିଲେ, ଏଭଳି ସ୍ଥିତିରେ ଆବଶ୍ୟକତାଠୁ ଅଧିକ ଶୃଙ୍ଗାର କରିବା ଅନୁଚିତ । ଏପରି ସ୍ଥଳେ ମହିଳାଙ୍କ ଅଧିକ ସଜବାଜ ମର୍ଯ୍ୟାଦା ପାଇଁ ଅନୁକୂଳ ହୋଇ ନ ଥାଏ ।

# ପୁଅକୁ ହତ୍ୟାକରି ପୋତିଦେଲେ

■ ମାଟି ଖୋଳି ଶବ ଉଦ୍ଧାର କଲା ପୁଲିସ୍
■ ମା'-ଭଉଣୀ ସମେତ ୯ ଅଟକ

ରେଢ଼ାଖୋଲ/ନାକଟିଦେଉଳ, ୧୮।୫ (ସମିସ): ବଡ଼ ପୁଅକୁ ହତ୍ୟା କରି ବାଡ଼ିପଟେ ପୋତିଦେଲେ। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ଡଇଁଚା ଗ୍ରାମର ଘଣ୍ଟରା ସାହିରେ ୩ ଦିନ ତଳେ ଘଟିଥିବା ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଆଜି ପଦାକୁ ଆସିଛି। ମୃତକ ହେଲେ, ଶେଷଦେବ ପ୍ରଧାନଙ୍କ ବଡ଼ ପୁଅ ବାଦଲ ପ୍ରଧାନ। ରେଢ଼ାଖୋଲ ପୁଲିସ୍ ଆଜି ମାଟି ଖୋଳି ବାଦଲଙ୍କ ଗଳିତ ଶବ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି। ଏହି ଘଟଣାରେ ପୁଲିସ୍ ବାଦଲଙ୍କ ୨ ଭଉଣୀ, ଭାଇ, ମାଆଙ୍କ ସମେତ ମୋଟ ୯ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ୍ ସନ୍ଦେହ କରୁଛି। ସ୍ଥାନୀୟ ଲୋକଙ୍କ ସୂଚନାନୁଯାୟୀ, ପାଖାପାଖି ୩ଦିନ ତଳେ କୌଣସି କଥାକୁ କେନ୍ଦ୍ର କରି ଶେଷଦେବଙ୍କ ପରିବାରରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପରିବାରଲୋକ ବଡ଼ପୁଅ ବାଦଲକୁ ପିଟିପିଟି ହତ୍ୟା କରିଦେଇଥିଲେ। ତେବେ ଧରାପଡ଼ିଯିବା ଭୟରେ ସେମାନେ ରାତାରାତି ବାଡ଼ିପଟେ ଗାତ ଖୋଳି ବାଦଲଙ୍କ ଶବ ପୋତି ଦେଇଥିଲେ। ହଠାତ୍ ବାଦଲ ଗାୟବ ହୋଇଯିବାରୁ ଗାଁ ଲୋକଙ୍କ ସନ୍ଦେହ ହୋଇଥିଲା। ଏ ସଂପର୍କରେ ସେ ପରିବାରଲୋକଙ୍କୁ ପଚରାଉଚରା କରିଥିଲେ ହେଁ ସନ୍ତୋଷଜନକ ଉତ୍ତର ପାଇନଥିଲେ। ତେବେ କିଛି ଗ୍ରାମବାସୀ ଏନେଇ ରେଢ଼ାଖୋଲ ପୁଲିସ୍‌କୁ ଜଣାଇବା ପରେ ପୁଲିସ୍ ଆଜି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ତେବେ ଶେଷଦେବଙ୍କ ବାଡ଼ିପଟେ ଏକ ବଡ଼ ଗାତ ପୋତା ହୋଇଥିବା ଦେଖି ପୁଲିସ୍‌ର ସନ୍ଦେହ ହୋଇଥିଲା। ତେଣୁ ଜେସିବି ସାହାଯ୍ୟରେ ପୁଲିସ୍ ସେଠାରେ ଖୋଳିବାରୁ ବାଦଲଙ୍କ ଗଳିତ ଶବ ମିଳିଥିଲା। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ଥାନାଧିକାରୀ ଚନ୍ଦ୍ରମୋହନ ସିଂ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

## ୟୁଟ୍ୟୁବର୍ ଜ୍ୟୋତି ମାଲ୍‌ହୋତ୍ରାଙ୍କ ଓଡ଼ିଶା ଲିଙ୍କ୍

# ପୁଲିସ ସ୍କାନର୍‌ରେ ପୁରୀର ପ୍ରିୟଙ୍କା

ପୁରୀ, ୧୮।୫(ସମିସ): ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ମହିଳା ୟୁ-ଟ୍ୟୁବର୍ ଜ୍ୟୋତି ମାଲହୋତ୍ରାଙ୍କୁ ହରିଆଣା ପୁଲିସ୍ ଗିରଫ କରିବା ପରେ ନୂଆ ନୂଆ ଗୁମର ଖୋଲିବାରେ ଲାଗିଛି। ଗତକାଲି ଜ୍ୟୋତିଙ୍କର ପୁରୀ ଲିଙ୍କ୍ ସାମ୍ନାକୁ ଆସିଥିବା ବେଳେ ଆଜି ପୁରୀର ଜଣେ ଯୁବତୀଙ୍କ ନାମ ପଦାକୁ ଆସିଛି। ସେ ହେଲେ, କଳାକାଦେବୀ ସାହିର ପ୍ରିୟଙ୍କା ସେନାପତି। ସେ ମଧ୍ୟ ଜଣେ ବ୍ଲଗର୍। ଜ୍ୟୋତିଙ୍କ ସହ ତାଙ୍କର କିପରି ଏବଂ କେବେଠୁ ସମ୍ପର୍କ ସ୍ଥାପନ ହେଲା, ଜ୍ୟୋତି ପୁରୀ ଆସିଥିବା ବେଳେ ପ୍ରିୟଙ୍କା ତାଙ୍କୁ କେଉଁ ସବୁ ସ୍ଥାନ ବୁଲାଇଛନ୍ତି, ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ କିଛି ଗୁପ୍ତ ତଥ୍ୟ ବାହାରକୁ ଯାଇନାହିଁ ତ, ପ୍ରିୟଙ୍କା ପାକିସ୍ତାନ ଯିବା ପଛରେ ଜ୍ୟୋତିଙ୍କର କ'ଣ ଭୂମିକା ଥିଲା? ଏମିତି ଅନେକ ପ୍ରଶ୍ନ ଏବେ ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଛି। ତେବେ ଏହାକୁ ବେଶ୍ ଗମ୍ଭୀରତାର ସହ ନେଇଛି ପୁରୀ ପୁଲିସ। ପ୍ରିୟଙ୍କାଙ୍କୁ ଘଣ୍ଟାଏ ତାଙ୍କ ଘରେ ପଚରାଉଚରା କରାଯାଇଥିବା ବେଳେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି ପୁଲିସ। ଏସ୍‌ପି ବିନୀତ୍ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠିତ ଟିମ୍ ଏହାର ଅନୁସନ୍ଧାନ ଚଳାଇଛନ୍ତି।

ରବିବାର ପୁଲିସ୍ ପ୍ରିୟଙ୍କାଙ୍କ ଘରକୁ ଯାଇ ତାଙ୍କୁ ପଚରାଉଚରା କରିଛି। ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଟାଉନ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ ଓ ସିଂହଦ୍ୱାର ଥାନାଧିକାରୀ ଶ୍ୱେତପଦ୍ମା ଦାଶ ପ୍ରିୟଙ୍କାଙ୍କ ବାସଭବନକୁ ଯାଇ ପ୍ରାୟ ୧ଘଣ୍ଟା ଧରି ତାଙ୍କୁ ଜ୍ୟୋତିଙ୍କ ସହ ତାଙ୍କ ସମ୍ପର୍କ



ବିଷୟରେ ପଚାରିଥିଲେ। ଜ୍ୟୋତିଙ୍କୁ କେମିତି ଜାଣିଲେ, ସାଥୀ ହୋଇ କେଉଁଆଡ଼େ ବୁଲି ଯାଇଛନ୍ତି, ଜ୍ୟୋତିଙ୍କୁ କିଛି ତଥ୍ୟ ପ୍ରଦାନ କରିଛନ୍ତି କି, ତାଙ୍କ ଗତିବିଧି ସନ୍ଦେହଜନକ ତଥା ଗୁପ୍ତଚର ଭଳି ଲାଗୁଥିଲେ କି, ପାକିସ୍ତାନ ଯାଇଥିଲେ କି, ଯଦି ଯାଇଥିଲେ ସେଠି କାହା ସହିତ ବନ୍ଧୁତା ରଖିଥିଲେ କି ଏମିତି ବିଭିନ୍ନ ଦିଗକୁ ନେଇ ପୁଲିସ ପ୍ରିୟଙ୍କାଙ୍କୁ ପଚରାଉଚରା କରିଥିଲା।

ତେବେ ଜ୍ୟୋତି ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରିବା ଅଭିଯୋଗରେ ଗିରଫ ହେବା ଜାଣିବା ପରେ ପ୍ରିୟଙ୍କା ନିଜ ଇନ୍‌ଷ୍ଟାଗ୍ରାମରେ ସ୍ପଷ୍ଟୀକରଣ ଦେଇ ଲେଖିଛନ୍ତି, ୟୁଟ୍ୟୁବ୍ ମାଧ୍ୟମରେ ଜ୍ୟୋତିଙ୍କୁ ଚିହ୍ନିଥିଲି। ତାଙ୍କ ସମ୍ପର୍କରେ ମୁଁ ଏତେ ମାତ୍ରାରେ ଅବଗତ ନଥିଲି। ସେ ପାକିସ୍ତାନ ଗୁପ୍ତଚର ଭାବେ କାମ କରୁଛନ୍ତି ବୋଲି ମୁଁ ଜାଣିଥିଲେ କେବେ ବି ତାଙ୍କ ସହ ଯୋଗାଯୋଗରେ ଆସିନଥାନ୍ତି। ଏସବୁ ଜାଣିବା ପରେ ମୋତେ ମଧ୍ୟ ଆଶ୍ଚର୍ଯ୍ୟ ଲାଗୁଛି। ଯଦି କୌଣସି ତଦନ୍ତକାରୀ ସଂସ୍ଥା ମୋତେ ପ୍ରଶ୍ନ ପଚାରନ୍ତି, ତେବେ ସମ୍ପୂର୍ଣ୍ଣ ସହଯୋଗ କରିବି ବୋଲି କହିଛନ୍ତି ପ୍ରିୟଙ୍କା।

ଅନ୍ୟପକ୍ଷରେ ପ୍ରିୟଙ୍କାଙ୍କ ବାପା ରାଜକିଶୋର କହିଛନ୍ତି, ପୁଲିସକୁ ତଦନ୍ତ ସମ୍ପୂର୍ଣ୍ଣ ସହଯୋଗ କରିବୁ। ଜ୍ୟୋତି ସହ ଝିଅର ବନ୍ଧୁତା ସୋସିଆଲ୍ ମିଡିଆରେ ହୋଇଥିଲା। ଦୁଇଜଣଙ୍କର ବନ୍ଧୁତା ୮/୯ମାସ ପୂର୍ବର। ଝିଅ କାଶ୍ମୀର ଯାଇଥିବା ବେଳେ କିଛି ଭିଡିଓ କରିବା ପାଇଁ ପାକିସ୍ତାନ କରତାରପୁର ମଧ୍ୟ ଯାଇଥିଲା। ସେ ପୁରୀ ଆସିଥିବା ବେଳେ ଝିଅ ତାକୁ ବିଭିନ୍ନ ସ୍ଥାନ ବୁଲାଇବାରେ ସହଯୋଗ କରିଥିଲା। ହେଲେ ଜ୍ୟୋତି ପାକିସ୍ତାନୀ ଗୁପ୍ତଚର ବୋଲି ଜାଣିବା ପରେ ଆଶ୍ଚର୍ଯ୍ୟ ଲଗୁଛି।

■ ଜ୍ୟୋତି ପୁରୀ ଆସି ଶ୍ରୀମନ୍ଦିର, ବେଳାଭୂମି ବୁଲିଥିଲେ
■ ପ୍ରିୟଙ୍କାଙ୍କୁ ଜେରା କଲା ପୁରୀ ପୁଲିସ୍
■ ଦୁହେଁ ପାକିସ୍ତାନ କରତାରପୁର ଯାଇଥିଲେ: ବାପା

ଅନ୍ୟପକ୍ଷରେ ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ଏହାକୁ ଆମେ ଗୁରୁତ୍ୱର ସହ ନେଇଛୁ। ପ୍ରାଥମିକ ଭାବେ ତାଙ୍କୁ ପଚରାଉଚରା କରାଯାଇଛି। ସବୁ ଦିଗକୁ ନେଇ ପଚରାଉଚରା ହୋଇଛି। କେନ୍ଦ୍ର ଓ ରାଜ୍ୟ ତଦନ୍ତକାରୀ ଏଜେନ୍ସିଙ୍କ ସମେତ ହରିଆଣା ପୁଲିସ ସହ ମଧ୍ୟ ଆମେ ଯୋଗାଯୋଗରେ ଅଛୁ। ପ୍ରିୟଙ୍କାଙ୍କୁ ଆଜି ପଚରାଉଚରା କରାଯାଇଛି। କିଛି ସନ୍ଦେହଜନକ କାର୍ଯ୍ୟକଳାପରେ ସେ ସମ୍ପୃକ୍ତ ଅଛନ୍ତି କି ନାହାନ୍ତି, ତାହାର ତଦନ୍ତ ଚାଲିଛି ବୋଲି ଏସ୍‌ପି କହିଛନ୍ତି।

# ନୂଆ ମୁହଁ ଉପରେ ଭକ୍ତଙ୍କ ଭରସା

ଭୁବନେଶ୍ୱର,୧୮।୫(ସମିସ): ଦାୟିତ୍ୱ ନେବାର ପ୍ରାୟ ୩ ମାସ ପରେ ନିଜର ଟିମ୍ ଗଢ଼ିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ପୂର୍ବରୁ ପିସିସି ସଭାପତିମାନେ ନିଜର ବିଶାଳ ଟିମ୍ ଗଠନ କରୁଥିବାବେଳେ ଭକ୍ତ ନିଜର ସହଯୋଗୀଙ୍କ ସଂଖ୍ୟା ୩୦ରେ ସୀମିତ ରଖିଛନ୍ତି। ସେହିପରି ବରିଷ୍ଠ ଓ ଅଭିଜ୍ଞ ନେତାଙ୍କ



ସ୍ଥାନରେ ନୂଆ ଓ ଯୁବ ଚେହେରା ଉପରେ ବେଶୀ ଗୁରୁତ୍ୱ ଦେଇଛନ୍ତି। କଂଗ୍ରେସ ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଥିବାବେଳେ ଭକ୍ତଙ୍କ ଏହି ନିଷ୍ପତ୍ତି ଦଳ ପାଇଁ ଆଶୀର୍ବାଦ ହେବ କି ଅଭିଶାପ ହେବ ତାହା ସମୟ କହିବ। ମାତ୍ର ଭକ୍ତଙ୍କ ନୂଆ ଟିମ୍‌କୁ ନେଇ ଦଳର ଅନେକ ବରିଷ୍ଠ ନେତା ଖୁସି ନ ଥିବା ପରି ମନେ ହେଉଛି।

ପୂର୍ବରୁ ଗଠନ ହୋଇଥିବା ରାଜନୈତିକ ବ୍ୟାପାର କମିଟିରେ ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ନରସିଂହ ମିଶ୍ର, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ମହମ୍ମଦ ମୋକିମଙ୍କ ଭଳି ନେତାଙ୍କୁ ସ୍ଥାନ ମିଳିଛି। ମାତ୍ର ଏହି କମିଟିର କାର୍ଯ୍ୟ ଏଯାଏ କ'ଣ ତାହା ସ୍ପଷ୍ଟ ହୋଇ ନାହିଁ। ପୂର୍ବରୁ ଚିରାଚରିତ ଭାବେ ଆଗଧାଡ଼ି ତଥା ବରିଷ୍ଠ ନେତାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦରେ ଦାୟିତ୍ୱ ମିଳୁଥିଲା। ଏଥର ଅନେକ ନବାଗତ ବିଧାୟକ ସାଂଗଠନିକ ସ୍ତରରେ ନିଯୁକ୍ତି ପାଇଛନ୍ତି। ଭକ୍ତଙ୍କ ଟିମରେ କୌଣସି ତଥାକଥିତ ହେଭିୱେଟ୍‌ଙ୍କୁ ସ୍ଥାନ ମିଳି ନ ଥିବାବେଳେ ରାଜ୍ୟ କଂଗ୍ରେସ ଇତିହାସରେ ପ୍ରଥମଥର ପାଇଁ ପଦାଧିକାରୀଙ୍କ ସଂଖ୍ୟାକୁ ମାତ୍ର ୩୦ ଭିତରେ ସୀମିତ ରଖାଯାଇଛି। ପଦାଧିକାରୀ ଟିମରେ ଅଧିକାଂଶ ନୂଆମୁହଁଙ୍କୁ ସ୍ଥାନ ଦିଆଯିବା ପଛରେ ଭକ୍ତ ଭିନ୍ନ ରଣନୀତି ଆପଣେଇଥିବା କୁହାଯାଉଛି। କଂଗ୍ରେସର

■ ବରିଷ୍ଠ ଓ ଅଭିଜ୍ଞ ନେତାଙ୍କୁ କୋଣଠେସା
■ ସ୍ଥାନ ପାଇଲେ ନାହିଁ ମୋକିମ୍ ଓ ସୋଫିଆ

ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳରୁ ନଜର ହଟାଇ ଦଳକୁ ଏକ ନୂଆରୂପ ଦେବାପାଇଁ ଏଭଳି ପ୍ରୟାସ ହୋଇଥିବା ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି। ଭକ୍ତଙ୍କ ଟିମ୍‌ରେ ୭ ଉପସଭାପତି, ୧୦ ସାଧାରଣ ସମ୍ପାଦକ, ୧୨ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷ ରହିଛନ୍ତି। ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ଓ ସହ-ଅଧ୍ୟକ୍ଷଙ୍କୁ ମିଶାଇଲେ ଏହି ସଂଖ୍ୟା ୩୨ ଛୁଇଁଛି। ଏହା ପୂର୍ବରୁ ଯୁବ ସଭାପତି ଓ ଛାତ୍ର ସଭାପତିଙ୍କୁ ନିଯୁକ୍ତି ମିଳି ସାରିଛି। ମହିଳା ସଭାନେତ୍ରୀ ପଦରେ ନୂଆ ମିନାକ୍ଷୀ ବାହୀନିପତି କାର୍ଯ୍ୟ କରୁଛନ୍ତି ଓ ସେ ଏହି ପଦରେ ରହିବେ କି ନାହିଁ, ତାହା ସମୟ କହିବ।

ପୂର୍ବରୁ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପଦରେ ଅନେକ ବରିଷ୍ଠ ନେତାଙ୍କୁ ନିଯୁକ୍ତି ମିଳିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏଥିପାଇଁ କାହାରି ନାମ ଘୋଷଣା ହୋଇ ନାହିଁ। ଏହି ପରିପ୍ରେକ୍ଷୀରେ ପ୍ରଥମଥର ପାଇଁ ଦଳରେ ୪ ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ନିଯୁକ୍ତି ମିଳିବା ସମ୍ଭାବନା ଥିବା ଚର୍ଚ୍ଚା ହୋଇଛି। ଅନ୍ୟପକ୍ଷରେ ଭକ୍ତଙ୍କ ଏହି ଟିମ୍ ଗଠନ ପରେ ସବୁଠୁ ଅଧିକ ମହମ୍ମଦ ମୋକିମଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କମିଟିରେ ତାଙ୍କୁ ବା ତାଙ୍କ ବିଧାୟିକା ଝିଅଙ୍କୁ ସ୍ଥାନ ନ ମିଳିବା ବିଭିନ୍ନ ମହଲରେ ଭ୍ରୁକୁଞ୍ଚନ ସୃଷ୍ଟି କରିଛି । ନିକଟ ଅତୀତରେ କଟକ ଗସ୍ତ ସମୟରେ ନିଜେ ଭକ୍ତଚରଣ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ ବେଶ୍ ପ୍ରଶଂସା କରିଥିବାରୁ ତାଙ୍କୁ ଦଳ ଓଜନିଆ ପଦ ଦେବ ବୋଲି ଚର୍ଚ୍ଚା ହେଉଥିଲା, ମାତ୍ର ତାଙ୍କୁ ଭକ୍ତଙ୍କ ଟିମ୍‌ରେ ସ୍ଥାନ ନ ଦେବାକୁ ନେଇ ରାଜନୈତିକ ମହଲରେ ଭିନ୍ନ ଆଲୋଚନା ହେଉଛି ।

ଏ ସମ୍ପର୍କରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି ଯେ ପିସିସି ସଭାପତିଙ୍କୁ ଗୋଟିଏ ପାରଦର୍ଶୀ ଟିମ୍ ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ। ପିସିସି ସଭାପତି ଯେଉଁମାନଙ୍କୁ ନେଇ କାମ କରିପାରିବେ, ସେମାନଙ୍କୁ ନେଇ ସେ ଟିମ୍ ଗଠନ କରିଛନ୍ତି। ପୂର୍ବତନ ପିସିସି ସଭାପତିମାନେ ତାଙ୍କ ଅଧୀନରେ ରହିପାରିବେ ନାହିଁ। ସେଥିପାଇଁ ତାଙ୍କୁ ବା ଅନ୍ୟମାନଙ୍କୁ ଟିମ୍‌ରେ ସ୍ଥାନ ଦିଆଯାଇ ନ ଥାଇପାରେ। ପୁନଶ୍ଚ ମହମ୍ମଦ ମୋକିମ ଓ ସୋଫିଆ ଫିର୍‌ଦୋସଙ୍କୁ କୌଣସି ଟିମ୍‌ରେ ରଖାଯାଇ ନ ଥିବା ପ୍ରସଙ୍ଗରେ କେବଳ ପିସିସି ସଭାପତି ହିଁ ଉତ୍ତର ଦେଇ ପାରିବେ ବୋଲି ଜୟଦେବ କହିଛନ୍ତି। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ଭକ୍ତ ବାବୁଙ୍କ ଏହି ଟିମ୍ କଂଗ୍ରେସକୁ ସୁଦୃଢ଼ କରିବ ବୋଲି ଆମେ ଆଶା କରୁଛୁ। ତେବେ ସେ ଯଦି ବୁଦ୍ଧି ବିଚାରି ଟିମ୍ କରିଥିବେ, ତେବେ ଫଳ ଦେବ, ବୁଦ୍ଧି ବିଚାରି କରି ନ ଥିଲେ ଭଲ ଫଳ ଦେବ ନାହିଁ। ତାଙ୍କ ନେତୃତ୍ୱରେ ଯେଉଁ କମିଟି ହୋଇଛି କଂଗ୍ରେସକୁ ଏହା ଆଗକୁ ବଢ଼ାଇବ ବୋଲି ସେ ଆଶା କରୁଥିବା କହିଛନ୍ତି। ଅନ୍ୟପକ୍ଷରେ ବିଧାୟିକା ସୋଫିଆ ଫିରଦୋସ କହିଛନ୍ତି ଯେ ତାଙ୍କୁ କମିଟିରେ ସ୍ଥାନ ମିଳୁ ବା ନ ମିଳୁ, ସେଥିରେ କିଛି ଅସୁବିଧା ନାହିଁ। ସେ ଦଳ ପାଇଁ କାମ କରୁଛନ୍ତି ଓ ଭବିଷ୍ୟତରେ ତାହାକୁ ଜାରି ରଖିବେ ବୋଲି ସୋଫିଆ କହିଛନ୍ତି ।

# ଭୂତଳ ଜଳସ୍ଥିତି ଚିନ୍ତାଜନକ

ଭୁବନେଶ୍ୱର, ୧୮ ।୫(ସମିସ): ରାଜ୍ୟର ଅନେକ ଅଞ୍ଚଳରେ ଭୂତଳ ଜଳସ୍ତର ଚିନ୍ତାଜନକ ଭାବେ ତଳକୁ ଖସୁଛି। କେତେକ ସ୍ଥାନରେ ଗଭୀର ନଳକୂପରୁ ମଧ୍ୟ ପାଣି ବାହାରୁନାହିଁ। ଶିଳ୍ପଠାରୁ ଆରମ୍ଭ କରି ବ୍ୟବସାୟିକ, ଘରୋଇ ବ୍ୟବହାର ପାଇଁ ମନଇଚ୍ଛା ପାଣି ଶୋଷାଯାଉଥିବାରୁ ପରିସ୍ଥିତି ସଙ୍ଗିନ ହେଲାଣି। ରାଜ୍ୟରେ କେଉଁ ଶିଳ୍ପ କେତେ ପାଣି ନେଉଛନ୍ତି, ତା'ର ମଧ୍ୟ ହିସାବ ନାହିଁ। ବିଶେଷକରି ସହରାଞ୍ଚଳ ଗଢ଼ି ଉଠୁଥିବା ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ମନଇଚ୍ଛା ପାଣି ବ୍ୟବହାର ହେଉଛି। ଏସବୁ ରୋକିବା ପାଇଁ ସରକାର ୩ ବର୍ଷ ପୂର୍ବେ ଭୂତଳ ଜଳ ଅଧିନିୟମ କାର୍ଯ୍ୟକାରୀ କରିବେ ବୋଲି ଘୋଷଣା କରିଥିଲେ। ତାହା ଆଜି ପର୍ଯ୍ୟନ୍ତ ହୋଇପାରିଲାନି।

ସେତେବେଳେ କୁହାଯାଇଥିଲା ଯେ, ଭୂଗର୍ଭସ୍ଥ ଜଳ ସମ୍ପର୍କିତ ସମସ୍ତ କାର୍ଯ୍ୟ ତଦାରଖ କରିବାକୁ ଭୂତଳ ଜଳ କର୍ତ୍ତୃପକ୍ଷ ଗଠନ ହେବ। ଏଥିରେ ଜଳସମ୍ପଦ ବିଭାଗ ସଚିବ ଅଧ୍ୟକ୍ଷ ରହିବେ। ଭୂତଳ ଜଳ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଆବାହକ ସଦସ୍ୟ, ଆରଡବ୍ଲ୍ୟୁଏସ୍‌ଏସ୍ ଅଧିକାରୀ, ଆଇଆଇଟି ଏକ୍ସପର୍ଟ ଏହାର ସଦସ୍ୟ ରହିବେ। ଯେଉଁମାନେ ବୋର୍‌ୱେଲ୍ ଖୋଳିବାକୁ ଚାହିଁବେ, ସେମାନେ ଭୂତଳ ଜଳ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବେ। ଏକ ବିଶେଷଜ୍ଞ ଟିମ୍ କ୍ଷେତ୍ର ପରିଦର୍ଶନ କର ଆବେଦନକାରୀ ବୋର୍‌ୱେଲ୍ ଖନନ ପାଇଁ ଯୋଗ୍ୟ କି ନୁହନ୍ତି ତାହା ଯାଞ୍ଚ କରିବ। ଯଦି ସମ୍ପୃକ୍ତ ଅଞ୍ଚଳରେ ପାଇପ୍ ଯୋଗେ ପାନୀୟ ଜଳ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବ, ତେବେ ସେସବୁ ସ୍ଥାନରେ ବୋର୍‌ୱେଲ୍ କିମ୍ବା ଡଗ୍‌ୱେଲ୍ ପାଇଁ ଅନୁମତି ମିଳିବ ନାହିଁ। ତେ ।।ବେ ଯୋଗ୍ୟ ଆବେଦନକାରୀଙ୍କୁ ଏକ ଫି' ଜମା କରିବାକୁ ପଡ଼ିବ। ପ୍ରାଥମିକ ଭାବେ ୩ ବର୍ଷ ପାଇଁ ଅନୁମତି ଦିଆଯିବ।

ସେହିପରି ଘରୋଇ ବ୍ୟବହାର ପାଇଁ ବୋର୍‌ୱେଲ୍ ଖୋଳିସାରିଥିବା ଘର ମାଲିକଙ୍କୁ ମଧ୍ୟ ପଞ୍ଜୀକରଣ କରିବାକୁ ପଡ଼ିବ। ଏଥିପାଇଁ ସେମାନଙ୍କୁ ଏକ ନୋମିନାଲ ଫି' ଦେବାକୁ ହେବ। ରାଜ୍ୟରେ କେତେ ବୋର୍‌ୱେଲ୍ ଅଛି ସେନେଇ ମଧ୍ୟ ସର୍ଭେ କରାଯିବ। ଏହା କରିବା ଦ୍ୱାରା ମନଇଚ୍ଛା ପାଣି ଶୋଷିବାରେ ରୋକ୍ ଲାଗିପାରିବ। ହେଲେ ଏହା କେବଳ ଆଲୋଚନା ଓ ଘୋଷଣାରେ ସୀମିତ ରହିଯାଇଛି। ୩ ବର୍ଷ ହେଲା ଏହାକୁ କାର୍ଯ୍ୟକାରୀ କରିବାରେ ଜଳସମ୍ପଦ ବିଭାଗ ବିଫଳ ହୋଇଛି। ଏଭଳି ସ୍ଥିତି ଜାରି ରହିଲେ, ଆଗକୁ ପରିସ୍ଥିତି ଭୟଙ୍କର ହେବ। ପିଇବା ପାଇଁ ବି ପାଣି ଟୋପେ ମିଳିବନି ବୋଲି ପରିବେଶବିତ୍‌ମାନେ ଚେତାବନୀ ଦେଲେଣି।

■ ଘୋଷଣାରେ ସୀମିତ ଭୂତଳ ଜଳ ଅଧିନିୟମ
■ ମନଇଚ୍ଛା ଶୋଷୁଛନ୍ତି ଶିଳ୍ପ ସଂସ୍ଥା ଓ ବିଲ୍ଡର
■ ରାଜ୍ୟର ୭ ବ୍ଲକ୍‌ରେ ଅଭାବନୀୟ ସ୍ଥିତି

ଉଲ୍ଲେଖଥାଉ କି, ରାଜ୍ୟର ୭ ବ୍ଲକରେ ଭୂତଳ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସ ପାଉଛି। ସେହି ବ୍ଲକ୍‌ଗୁଡିକ ହେଲା ବାହାନଗା, ବାଲିଆପାଳ, କୋରେଇ, ଗରଦପୁର, ବୋଲଗଡ଼, ନୂଆପଡ଼ା, ଭୁବନେଶ୍ୱର। ଏହିସବୁ ବ୍ଲକରେ ଭୂତଳ ଜଳ ୭୦ରୁ ୯୦ ପ୍ରତିଶତ ବ୍ୟବହାର କରାଯାଉଛି। ଏହାଛଡ଼ା ୪୪ଟି ବ୍ଲକରେ ସେମିକ୍ରିଟିକାଲ ସ୍ତରକୁ ଯାଉଥିବା ନେଇ ସତର୍କ କରାଯାଇଛି। ଉକ୍ତ ବ୍ଲକ୍‌ଗୁଡ଼ିକରେ ଯଦି ଭୂତଳ ଜଳ ସଞ୍ଚରଣ ବୃଦ୍ଧି ନ ହୁଏ, ତେବେ ଆଗାମୀ ଦିନରେ ପାଣି ଟୋପାଏ ପାଇଁ ଡହଳବିକଳ ହେବାକୁ ପଡ଼ିବ। ଗ୍ରାଉଣ୍ଡ ୱାଟର୍ ରିସୋର୍ସ ଆସେସ୍‌ମେଣ୍ଟ(ଜିଡବ୍ଲୁଆର୍‌ଏ) ରିପୋର୍ଟ ଅନୁଯାୟୀ ରାଜ୍ୟରେ ୧୮,୯୭,୧୫୦.୫୩ ହେକ୍ଟର ମିଟର ଜଳ ସଞ୍ଚରଣ ହେଉଥିବା ବେଳେ ୧,୫୩,୧୭୩.୧୬ ହେକ୍ଟର ମିଟର ଜଳ ତଳକୁ ଖସୁଛି।

## ରାଜଧାନୀ ପାଇଁ ସତର୍କ ଘଣ୍ଟି

ଲକ୍ଷ୍ମୀସାଗର ଅଞ୍ଚଳରେ ଜଳସ୍ତର ୫ ବର୍ଷ ପୂର୍ବେ ୫.୧୩ ମିଟର ଜଳସ୍ତର ରହିଥିବାବେଳେ ଏବେ ଏହା ଖସି ୪.୦୭ ମିଟର ରହିଛି। ସେହିଭଳି ନୂଆପଲ୍ଲୀ ଅଞ୍ଚଳରେ ୫.୪୧ ମିଟର ଥିବାବେଳେ ଏବେ ୪.୯୪ ମିଟର ରହିଛି। ଚନ୍ଦ୍ରଶେଖରପୁର ଅଞ୍ଚଳରେ ପୂର୍ବରୁ ଜଳସ୍ତର ଭଲ ସ୍ଥିତିରେ ଥିଲା। ଅର୍ଥାତ୍ ୬.୯୦ ମିଟର ଥିବାବେଳେ ଏବେ ହ୍ରାସ ପାଇ ୪.୧୫ ମିଟରକୁ ଖସି ଆସିଛି। ଖଣ୍ଡଗିରି ଅଞ୍ଚଳରେ ଗୁରୁତର ଭାବେ ପାଖାପାଖି ୩ ମିଟର ହ୍ରାସ ପାଇଛି। ଏହାଠାରୁ ଉଦ୍‌ବେଗଜନକ ସ୍ଥାନ ହେଉଛି ସାମନ୍ତରାପୁର। ଏଠି ଜଳସ୍ତର ପ୍ରତିବର୍ଷ ଭୟଙ୍କର ଭାବେ ଖସିବାରେ ଲାଗିଛି। ଏଥିସହ ପୁରୁଣା ଭୁବନେଶ୍ୱର, ରାଜଧାନୀର ୟୁନିଟ୍ ଏରିଆ ଓ ସୁନ୍ଦରପଦା ଅଞ୍ଚଳରେ ଜଳସ୍ତର କିଛି ବର୍ଷ ଧରି ସ୍ଥିର ରହିଥିବାବେଳେ ଗତ ଦୁଇ ବର୍ଷ ହେଲା ହ୍ରାସ ପାଇବାରେ ଲାଗିଛି। ଏବେ ବି ଏହା ନିୟନ୍ତ୍ରଣାଧୀନ ସ୍ଥିତିରେ ଥିବାବେଳେ ଆଗାମୀ ଦିନରେ ହ୍ରାସ ପାଇବାକୁ ଏଡ଼ାଇ ଦିଆଯାଇନପାରେ ବୋଲି କୁହାଯାଉଛି।

## ବଜ୍ରପାତ ମୃତ୍ୟୁ ତତ୍କାଳ ରୋକିପାରିବ କି ତାଳଗଛ

# ଗଛ ବଢୁବଢୁ କୋଡ଼ିଏ ବର୍ଷ

ଭୁବନେଶ୍ୱର,୧୮।୫(ସମିସ): ବଜ୍ରପାତ ମୃତ୍ୟୁ ରୋକିବା ପାଇଁ ତାଳଗଛ ଉପରେ ଭରସା କରିଛନ୍ତି ରାଜ୍ୟ ସରକାର। ଏଥିପାଇଁ ସାରା ରାଜ୍ୟରେ ବ୍ୟାପକ ତାଳ ଗଛ ରୋପଣ ସହ ପୁରୁଣା ତାଳଗଛ କାଟିବା ଉପରେ ରାଜ୍ୟ ବନ ବିଭାଗ ରୋକ୍ ଲଗାଇଛି। ଅନ୍ୟପଟେ ରାଜ୍ୟରେ ଏବେ ତାଳ ଗଛ ଲଗାଇବା ପ୍ରକ୍ରିୟା ଜୋରଦାର ହୋଇଛି। ପୂର୍ବ ବର୍ଷ ୧୯ ଲକ୍ଷ ତାଳଗଛ ଲଗାଯାଇଥିବା ବେଳେ ଏଥର ପୁଣି ୬ କୋଟି ଟଙ୍କା ଖର୍ଚ୍ଚ କରାଯାଇ ତାଳ ଗଛ ଲଗାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏସବୁ ଭିତରେ ପୂର୍ବରୁ ଏହି ଯୋଜନା ଆପଣାଇ ବିଫଳ ହୋଇଥିବା ବାଂଲାଦେଶରେ ଏବେ ବି ବଜ୍ରପାତ ମୃତ୍ୟୁ ଭୟାନକ ଭାବେ ଜାରି ରହିଥିବାରୁ ଓଡ଼ିଶାରେ ଏହା କେତେ ଫଳପ୍ରଦ ହେବ ତାକୁ ନେଇ ପ୍ରଶ୍ନ ଉଠିଛି। କାରଣ ୨୦୧୭ ମସିହାରୁ ବାଂଲାଦେଶ ସରକାର ୧୦ ମିଲିୟନ ତାଳଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ଆଧାରରେ ସେଠାରେ ତାଳ ଗଛ ଲଗାଯାଇଥିଲା। ମାତ୍ର ୮ ବର୍ଷ ମଧ୍ୟରେ ଏହି ସଂଖ୍ୟାରେ ହ୍ରାସ ନ ଘଟିବା ପରେ ଏହାକୁ ସ୍ଥାନୀୟ ସରକାର ଏକ ବିଫଳ ଯୋଜନା ଭାବେ ଘୋଷଣା କରି ନୂତନ ପଦକ୍ଷେପ ନେବାକୁ ଯୋଜନା କରିଛନ୍ତି। ଓଡ଼ିଶାରେ ପ୍ରତିବର୍ଷ ବଜ୍ରପାତ ଯୋଗୁଁ ହାରାହାରି ୩୦୦ ଲୋକ ପ୍ରାଣ ହରାଉଛନ୍ତି। ଏହି ସ୍ଥିତିରେ ସରକାର ଆପଣେଇଥିବା ତାଳଗଛ ଲଗାଇବା ଯୋଜନା ବଜ୍ରପାତ ମୃତ୍ୟୁ ରୋକିପାରିବ କି ନା, ତାକୁ ନେଇ ବଜ୍ରପାତ ଗବେଷଣା ଉପରେ କାର୍ଯ୍ୟ କରୁଥିବା ବୈଜ୍ଞାନିକମାନେ ଚିନ୍ତା ପ୍ରକଟ କରିଛନ୍ତି।

ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ରାଜ୍ୟରେ ଯେତେ ସଂଖ୍ୟକ ତାଳ ଗଛ ରହିଛି, ତାହା ବଜ୍ରପାତ ମୃତ୍ୟୁ ରୋକିବାରେ ବିଫଳ ହୋଇଛି। ଏମିତିକି ରାଜ୍ୟରେ ଖଇରା ଓ ଔପଦାରେ ବ୍ୟାପକ ତାଳ ଗଛ ଥିବା ସତ୍ତ୍ୱେ ସେଠାରେ ମଧ୍ୟ ବଜ୍ରପାତଜନିତ ମୃତ୍ୟୁ ଜାରି ରହିଛି। ଏହା ବ୍ୟତୀତ ଗୋଟିଏ ତାଳଗଛ ନିର୍ଦ୍ଦିଷ୍ଟ ଉଚ୍ଚତା ଓ ସଠିକ୍ ଅବସ୍ଥାକୁ ଆସିବା ପାଇଁ ହେଲେ ୨୦ରୁ୨୫ ବର୍ଷ ଆବଶ୍ୟକ। ତେଣୁ ତତ୍କାଳ ବିପଦରୁ ଜନସାଧାରଣଙ୍କୁ ଉଦ୍ଧାର କରିବା ପାଇଁ ହେଲେ ସରକାରଙ୍କୁ ତୁରନ୍ତ ପଦକ୍ଷେପର ଆବଶ୍ୟକତା ରହିଥିବା ନେଇ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅନ୍ୟ ବିପର୍ଯ୍ୟୟଗୁଡ଼ିକରେ ବିଭିନ୍ନ ରାଜ୍ୟ ତୁଳନାରେ ଓଡ଼ିଶାର ସଫଳତା ବହୁ ଆଗରେ ରହିଛି। ମାତ୍ର ବଜ୍ରପାତଜନିତ ମୃତ୍ୟୁ ରାଜ୍ୟ ପାଇଁ ଲଗାତାର ଭାବେ ଆହ୍ୱାନ ଛିଡ଼ା କରିବାରେ ଲାଗିଛି। ଏହି ସ୍ଥିତିରେ କେବଳ ଜନସଚେତନତା ଓ ସୁରକ୍ଷିତ ରହଣି ଦ୍ୱାରା ହିଁ ବଜ୍ରପାତ ମୃତ୍ୟୁକୁ ରୋକାଯାଇପାରିବ ବୋଲି ବିଶେଷଜ୍ଞମାନେ ଗୁରୁତ୍ୱ ଦେଉଛନ୍ତି।

■ ବାଂଲାଦେଶରେ ବିଫଳ ହୋଇଛି ଯୋଜନା
■ ଜନସଚେତନତା ସୃଷ୍ଟି ହିଁ ଏକମାତ୍ର ବିକଳ୍ପ

ବଜ୍ରପାତ ମୃତ୍ୟୁ ହ୍ରାସ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋରଞ୍ଜନ ମିଶ୍ର କହିଛନ୍ତି ଯେ ମୁଖ୍ୟତଃ ଗଛମୂଳେ ଆଶ୍ରୟନେଇ ଲୋକ ପ୍ରାଣହାନୀର ଶିକାର ହେଉଥିବା ବେଳେ ବିଲରେ ଚାଷ କରୁଥିବା ବେଳେ ମଧ୍ୟ ବହୁ ଲୋକ ବଜ୍ରପାତରେ ପ୍ରାଣ ହରାଉଛନ୍ତି। ତେଣୁ ଏହି ବର୍ଗଙ୍କୁ କିପରି ବଜ୍ରପାତରୁ ସୁରକ୍ଷା ଦିଆଯାଇପାରିବ, ସେନେଇ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଏହା ବ୍ୟତୀତ ବର୍ତ୍ତମାନ ବଜ୍ରପାତଜନିତ ଆକଳନ କେବଳ ଜିଲ୍ଲାୱାରୀ କରାଯାଉଛି। ମାତ୍ର ନିର୍ଦ୍ଦିଷ୍ଟ ଭାବେ କେଉଁ ଅଞ୍ଚଳରେ ବଜ୍ରପାତର ପ୍ରଭାବ



ରହିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଯାହାଦ୍ୱାରା ଲୋକେ ରାଜ୍ୟ ସରକାରଙ୍କ ଆକଳନକୁ ଅଣଦେଖା କରୁଛନ୍ତି। ତେଣୁ ପଞ୍ଚାୟତ କିମ୍ବା ଗ୍ରାମାଞ୍ଚଳୱାରୀ କିପରି ବଜ୍ରପାତକୁ ନେଇ ଆକଳନ ସମ୍ପର୍କରେ ସୂଚନା ଦିଆଯିବା ସେନେଇ ପଦକ୍ଷେପ ନେଲେ ହିଁ ବଜ୍ରପାତ ମୃତ୍ୟୁ ରୋକିବା କ୍ଷେତ୍ରରେ ଫଳପ୍ରଦ ହୋଇପାରିବ ବୋଲି ସେ କହିଛନ୍ତି।

ସୂଚନା ଥାଉ କି, ୨୦୧୭-୧୮ରେ ରାଜ୍ୟରେ ବଜ୍ରପାତରେ ସର୍ବାଧିକ ୪୭୪ ଜଣଙ୍କ ଜୀବନ ଯାଇଥିଲା। ୨୦୨୧ରେ ବଜ୍ରପାତ ଜନିତ ମୃତ୍ୟୁରେ ଓଡ଼ିଶା ଦେଶରେ ଶୀର୍ଷରେ ରହିଥିଲା। ସେହିବର୍ଷ ରାଜ୍ୟରେ ୨୧୩ ଜଣଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିଲା। ସେହିପରି ଚଳିତ ବର୍ଷ ଗୋଟିଏ ଦିନରେ ୧୪ ଜଣଙ୍କ ପ୍ରାଣହାନୀ ହୋଇଥିବା ବେଳେ ୨ ଦିନରେ ୧୯ ଜଣ ଲୋକ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସରକାର ଏହି ମୃତ୍ୟୁ ରୋକିବା ପାଇଁ



ସରକାର କୌଣସି ଠୋସ୍ ପଦକ୍ଷେପ ନ ନେଉଥିବାରୁ ଗ୍ରାମାଞ୍ଚଳରେ ଲୋକଙ୍କ ଚିନ୍ତା ବଢ଼ିଛି। ଅନ୍ୟପଟେ ଗଛ ଲଗାଇବା ପାଇଁ କିପରି ସ୍ଥାନ ନିରୂପଣ କରାଯାଉଛି ଓ କେଉଁ ପଦ୍ଧତି ଆପଣାଯାଉଛି, ତାହା ଜଣାନାହିଁ। ତେଣୁ ସରକାର କେବଳ ତାଳଗଛ ଭରସାରେ ରହିଗଲେ ପୂର୍ବଭଳି ମୃତ୍ୟୁ ସଂଖ୍ୟା ଜାରି ରହିବ ସିନା, ଏହାର ତୁରନ୍ତ ସମାଧାନ ଆଶା କ୍ଷୀଣ ରହିଛି।

## ଅଜଣା ରୋଗ

# ଦୁଇଶହ ପରିବାରର ୫୦୦ ଆକ୍ରାନ୍ତ

### ଧରିପାରୁନାହାନ୍ତି ଡାକ୍ତର, ରକ୍ତ ନମୁନା ପରୀକ୍ଷାରେ ବି ଜଣାପଡୁନି



ପଡ଼ିଆ, ୧୮ ।୫ (ସମିସ): ଗୋଡ଼ହାତ ଫୁଲିବା ସହ ଭୀଷଣ କମ୍ପରେ ଦେହ ଥରୁଛି। ପରେ ହାତ ଆଙ୍ଗୁଳି ଓ ଗୋଡ଼ହାତ ଗଣ୍ଠିଗୁଡ଼ିକ ଯନ୍ତ୍ରଣା ହେଉଛି। ପୁଣି କାହାର ମୁହଁ କଳା ପଡ଼ି ଯାଉଛି ତ କାହାର ଦେହସାରା କୁଣ୍ଡାଇ ହୋଇ ଆବୁ ଭଳି ଫଳି ଯାଉଛି। ଅବସ୍ଥା ଏପରି ହେଉଛି ଯେ ବୟସ୍କମାନେ ଚାଲି ପାରୁନାହାନ୍ତି। କିନ୍ତୁ ଡାକ୍ତରଙ୍କୁ ଦେଖାଇବାଠାରୁ ଆରମ୍ଭ କରି ରକ୍ତ ନମୁନା ପରୀକ୍ଷା କରାଇଲେ ବି କି' ରୋଗ ହୋଇଛି, ତାହା ଧରାପଡୁନି। ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍ ଅଞ୍ଚଳରେ ଏବେ ଏମିତି ଏକ ଅଜଣା ରୋଗ ଆତଙ୍କ ଖେଳାଇଛି। ବର୍ତ୍ତମାନ ସୁଦ୍ଧା ଏଥିରେ ପାଖାପାଖି ୫ଶହରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇ କଳବଳ ହେଉଥିବା ବେଳେ ଧୀରେଧୀରେ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଛୋଟ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏହି ରୋଗର ଶିକାର ହେଉଛନ୍ତି। ମାସେରୁ ଅଧିକ ସମୟ ହେଲା ଲୋକେ ଏଥିରେ ଆକ୍ରାନ୍ତ ହୋଇ ଚାଲିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବି ଚିନ୍ତା ବଢ଼ିଯାଇଛି। ଏହି ରୋଗରେ ପୀଡ଼ିତ ପଡ଼ିଆ ସଦର ମହକୁମା ଖ୍ରୀଷ୍ଟିଆନ୍ ସାହିର କେତେକ ରୋଗୀ ମାଲକାନଗିରି ସଦର ମୁଖ୍ୟ ଚିକିତ୍ସାଳୟକୁ ଯାଇ ରୋଗ ଦେଖାଇ ଔଷଧ ଆଣି ଖାଇଲେ। କିଛି ଘଣ୍ଟା ଯନ୍ତ୍ରଣାରୁ ମୁକ୍ତି ମିଳିଲା। କିନ୍ତୁ ପରେ ଅବସ୍ଥା ଯାହାକୁ ସେୟା। ମେଷାକ ରବି ମାଦ୍ରୀ, ନାଗଲୁ ସେନ୍ତାଆମ୍ମା, ନାଗଲୁ ମଞ୍ଜୁ, ସୁଧାଲ ଜୟ ରାଜୁ, ବତୀନ ଜୟରାଜୁଙ୍କ ପରିବାର ଭଳି ୨ଶହ ପରିବାରର ୫ ଶହ ଲୋକେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଯନ୍ତ୍ରଣା ଅଧିକ ହେବାରୁ କିଛି ରୋଗୀ ପଡ଼ୋଶୀ ରାଜ୍ୟର ଘରୋଇ ଡାକ୍ତରଖାନାକୁ ଯାଉଥିବା ଜଣାଯାଇଛି।

୩ ମାସ ତଳେ ଲୋକଙ୍କ ଶରୀରରେ ଏଭଳି ଲକ୍ଷଣ ଦେଖାଦେଇଥିଲା। ସେତେବେଳେ ଚିକିତ୍ସା ଦ୍ୱାରା ଏହା ଠିକ୍ ହୋଇଯାଇଥିଲା। ଏବେ ଲୋକଙ୍କ ମଧ୍ୟରେ ପୂର୍ବାପେକ୍ଷା ଭିନ୍ନ ଲକ୍ଷଣ ଦେଖିବାକୁ ମିଳିଛି। ଦାୟିତ୍ୱରେ ଥିବା ଡାକ୍ତର ରାଜନାରାୟଣ ସିଂଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ରକ୍ତ ନମୁନା ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର ଲବ୍ରୋରେଟୋରିରୁ ଟିମ୍ ଆସି ସାରିଲେଣି। ଚିକିତ୍ସା ପାଇଁ ଟିମ୍ ପହଞ୍ଚି ଆରମ୍ଭ କରିବେ।

# ଅସରାଏ ବର୍ଷାରେ ଫାଟିଲା ନୂତନ ନଦୀ ବନ୍ଧ

ଅସ୍ତରଙ୍ଗ,୧୮।୫(ସମିସ):



ନଦୀ ବନ୍ଧ ସୁରକ୍ଷା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରିବା ସହିତ ବିଭିନ୍ନ ସ୍ଥାନରେ ଅନେକ ଯୋଜନାକୁ ନଦୀ ବନ୍ଧ ସହିତ ଅନ୍ତର୍ଭୁକ୍ତ କରି ଏହି କାର୍ଯ୍ୟକୁ ଜଳପ୍ରକଳ୍ପ ବିଭାଗ ମାଧ୍ୟମରେ ଟେଣ୍ଡର କରି କିଛି ଠିକାସଂସ୍ଥାକୁ ପ୍ରଦାନ କରିଥା'ନ୍ତି। ମାତ୍ର ପ୍ରକୃତରେ ଉକ୍ତ ଠିକାସଂସ୍ଥା ଏହି କାର୍ଯ୍ୟକୁ ସଠିକ୍ ଭାବେ କରୁଛି କି ନାହିଁ ତାହାକୁ ବିଭାଗ ତଦାରଖ କରେନାହିଁ। ଯଦି ବିଭାଗ ଉକ୍ତ କାର୍ଯ୍ୟକୁ ସଠିକ୍ ଭାବେ ତଦାରଖ କରିଥା'ନ୍ତା, ତାହେଲେ ଆଜି ଅସ୍ତରଙ୍ଗ ବ୍ଲକ୍ ବଳଭଦ୍ରପୁରରୁ ସହନ ପର୍ଯ୍ୟନ୍ତ ହୋଇଥିବା ନଦୀ ବନ୍ଧ ଅସରାଏ ଅଦିନିଆ ବର୍ଷାରେ ଫାଟି ଆଁ କରି ନ ଥା'ନ୍ତା। ବଳଭଦ୍ରପୁରରୁ ସଅନ ପର୍ଯ୍ୟନ୍ତ ପାଖାପାଖି ୨ କିଲୋମିଟର ବନ୍ଧ ଯାହା ମାତ୍ର ୧ମାସ ତଳେ ନିର୍ମାଣ କରାଯାଇଥିଲା। ମାତ୍ର ଶନିବାର ରାତିରେ କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷା ଯୋଗୁଁ ଏଭଳି ଅବସ୍ଥା ସାମ୍ନାକୁ ଆସିଛି। ଯାହା ଏହି ନଦୀ ବନ୍ଧର ମାନ ଏବଂ ଏହା କେତେ ସୁରକ୍ଷିତ ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ହାରାହାରି ୫୦ ଲକ୍ଷ ଟଙ୍କାର କାମ। ନଦୀ ବନ୍ଧରେ ପଥର ସୋଲିଙ୍ଗ୍ ସହ ନାଲି ମୋରମ୍ ପକାଯାଇ ଏହି ବନ୍ଧ ନିର୍ମାଣ କରାଯାଇଛି।

ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ଏହି ଅଞ୍ଚଳ ଏକ ଲୁଣା ମୃତ୍ତିକାଯୁକ୍ତ। ବନ୍ଧ କାର୍ଯ୍ୟ ହେବାବେଳେ ଠିକାସଂସ୍ଥା ଏହି ଅଞ୍ଚଳରୁ ପଙ୍କୁଆ ଲୁଣା ମାଟି ଉଠାଇ ଏହି ବନ୍ଧ ନିର୍ମାଣ କରିଛନ୍ତି। ଯେତିକି ଉଚ୍ଚତାରେ ନାଲି ମୋରମ୍ ପଡ଼ିବା କଥା ସେତିକି ଉଚ୍ଚତାରୁ କମ୍ ବ୍ୟବଧାନରେ ଏହି ମାଟି ପଡ଼ିଛି। ଯେଉଁ ପଥର ସୋଲିଙ୍ଗ୍ କରାଯାଇଛି ଏହା ୨ ନମ୍ବର ଆଉ ଧଳା ପଥର ୭୦% ଲଗାଯାଇଛି। ଯାହା ଆଖିକୁ ସୁନ୍ଦର ହୋଇପାରେ; ମାତ୍ର ମୂଳଦୁଆ ସମ୍ପୂର୍ଣ୍ଣ ନିମ୍ନମାନର। ଫଳରେ ନିର୍ମାଣ ହୋଇଥିବା ଏହି ବନ୍ଧ ଅଦିନିଆ ବର୍ଷାରେ ଫାଟି ଆଁ କରିବା ସହିତ ବନ୍ଧ ସଂଯୋଗୀକରଣ ପିଲାର ମଧ ଭାଙ୍ଗିଯାଇଛି। ଅସ୍ତରଙ୍ଗ ଉପକୂଳ ଅଞ୍ଚଳ ଏକ ପ୍ରାକୃତିକ ଦୁର୍ବିପାକ ବା ସୁନାମୀ ପ୍ରପୀଡ଼ିତ ଅଞ୍ଚଳ ବୋଲି ଘୋଷଣା ହୋଇଛି। ପ୍ରତ୍ୟେକ ବର୍ଷ ଏହି ଅଞ୍ଚଳରେ ସାମୁଦ୍ରିକ ବାତ୍ୟା ବନ୍ୟା ହୋଇ ସାଧାରଣ ଲୋକଙ୍କ ଧନ ଜୀବନକୁ ନଷ୍ଟ କରେ। ସେଥିପାଇଁ ଲୋକଙ୍କୁ ସୁରକ୍ଷା ଦେବାଲାଗି ସରକାର ନଦୀ ବନ୍ଧ ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ଅର୍ଥ ଅଟକଳ କରୁଛନ୍ତି। ମାତ୍ର ଠିକାଦାର ଓ ବିଭାଗର ସଲାସୁତରା ପାଇଁ ସାମ୍ନାକୁ ଆସିଛି ଏହି ଅନ୍ଧାରୁଆ କାମର ନଗ୍ନ ଦୃଶ୍ୟ। ଏଥିରୁ ସ୍ପଷ୍ଟ ଜଣାପଡୁଛି, ସରକାରଙ୍କ ଅର୍ଥକୁ କିପରି ବିଭାଗ ଓ ଠିକାସଂସ୍ଥା ହରିଲୁଟ୍ କରୁଛନ୍ତି, ବଳଭଦ୍ରପୁରରୁ ସଅନ ପର୍ଯ୍ୟନ୍ତ ଏହି ରାସ୍ତା ଆଜି ପ୍ରମାଣିତ କରୁଛି। ଏହି ନିମ୍ନମାନର କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ସହିତ ଭିଜିଲାନ୍ସ ତଦନ୍ତ ଲାଗି ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି।

**ଠିକାଦାର ଓ ବିଭାଗର ସଲାସୁତରାର ନଗ୍ନ ଦୃଶ୍ୟ**

● ସିବିଏସ୍ଇ ଦଶମ ଓ ଦ୍ୱାଦଶ ପରୀକ୍ଷା

## ପୁରୀ ଜିଲ୍ଲା ଟପ୍ପର ସୋହନ ଓ ସିଦ୍ଧାର୍ଥଙ୍କୁ ସମ୍ବର୍ଦ୍ଧନା



ପିପିଲି,୧୮।୫(ସମିସ): ସିବିଏସଇ ଦଶମ, ଦ୍ୱାଦଶ ପରୀକ୍ଷାରେ ପୁରୀ ଜିଲ୍ଲା ଟପର ତଥା ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲର ଦୁଇ ଛାତ୍ର ସୋହନ ଓ ସିଦ୍ଧାର୍ଥଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପିପିଲି ନିଜିଗଡ଼ କୁରୁଖିସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲର ଦୁଇ ଛାତ୍ର ସୋହନ ୯୮.୮ ପ୍ରତିଶତ ଓ ସିଦ୍ଧାର୍ଥ ୯୬ ପ୍ରତିଶତ ମାର୍କ ରଖି ପୁରୀ ଜିଲ୍ଲା ଟପ୍ପର ହୋଇ ସ୍କୁଲର ଗୌରବ ରଖିଛନ୍ତି। ସ୍କୁଲର ପ୍ରିନ୍ସପାଲ ଲକ୍ଷ୍ମୀ ନାରାୟଣ ଦାଶ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ସ୍କୁଲର ମେଣ୍ଟର ତପନି ଅଙ୍ଗର ଓ ଆଡମିନ ଅଫିସର ଏନ୍ ସାହୁ ଉଭୟଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ସଫଳତା ନେଇ ଟପ୍ପର ଛାତ୍ର ସିଦ୍ଧାର୍ଥଙ୍କ ବାପା ପି. ବିରବି କୁମାର ଓ ମାଆ ମାଧବୀ ପାଲଙ୍କ ଏବଂ ସୋହନଙ୍କ ବାପା ପ୍ରକାଶ ପ୍ରଧାନ ଓ ମାଆ କଲ୍ୟାଣୀ ପ୍ରଧାନ ଖୁସି ବ୍ୟକ୍ତ କରିଛନ୍ତି।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପାଇଁ ଜମିଦାନ କଲେ ବ୍ୟବସାୟୀ



ଚାରିଛକ,୧୮।୫(ସମିସ): ଚାରିଛକ ନିକଟସ୍ଥ ମାଧବସ୍ଥିତ ନିରାଶ୍ରୟ ସେବାଶ୍ରମ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରି ସ୍ଥାନୀୟ ଅଞ୍ଚଳରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଛି। ଉକ୍ତ ଅନୁଷ୍ଠାନ ଉପରେ ଖୁସି ହୋଇ ଚାରିଛକ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ ବାବାଜୀ ସାହୁଙ୍କ ସୁପୁତ୍ର କୃଷ୍ଣଚନ୍ଦ୍ର ସାହୁ, ବିଷ୍ଣୁ ଚରଣ ସାହୁ, ସୁକନ୍ୟା ମୀନତି ସାହୁ ଓ ନିର୍ମଳା ସାହୁଙ୍କ ନାମରେ ମାଧବ ସଦାଦାସ ତୋଟା ନିକଟରେ ଥିବା ଏକ ଜମିକୁ ନିରାଶ୍ରୟ ସେବାଶ୍ରମକୁ ପ୍ରଦାନ କରିଛନ୍ତି। ନିରାଶ୍ରୟ ସେବାଶ୍ରମକୁ ଜମିଦାନ କରିଥିବାରୁ ଅନୁଷ୍ଠାନ ଉପଦେଷ୍ଟା ଅରୁଣ କୁମାର ସ୍ୱାଇଁ, ଲକ୍ଷ୍ମୀଧର ବେହେରା, ଆଦିତ୍ୟ ପାଣି, ସଭାପତି ମାନସ ରଞ୍ଜନ ପାଢ଼ୀ, ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, ଉପସଭାପତି ଜୟକୃଷ୍ଣ ସାହୁ, ଆଇନଜୀବୀ ଶୁଭ୍ରଜିତ୍ ମହାନ୍ତି, ବୈରାଗୀ ସାହୁ, ପ୍ରମୋଦ ସାହୁ, କବୀନ୍ଦ୍ର ନାୟକ, ସତ୍ୟଭୂଷଣ ନାୟକ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ତ୍ରିନାଥ ବେହେରା, ଉମେଶ ଚନ୍ଦ୍ର ସାହୁ, ସୁଭାଶିଷ ସାହୁ, ନାରାୟଣ ପ୍ରସାଦ, ବିଶ୍ୱନାଥ ସାହୁ, ଗୋକୁଳାନନ୍ଦ ବେହେରା, କାଙ୍ଗାଳୀ ଚରଣ ସ୍ୱାଇଁ, ନବୀନା ସାହୁ, ସୂର୍ଯ୍ୟକାନ୍ତ ସାହୁ, ଚିତ୍ତରଞ୍ଜନ ସାହୁ, ଟୁକୁନା ସ୍ୱାଇଁ, ଦୀପକ ପ୍ରଧାନ, ରାଜକିଶୋର ବେହେରା, ବେଣୁଧର ବିଶ୍ୱାଳ, ମନୋଜ ମାଣିକ, ପର୍ଶୁରାମ ସାହୁ, ବିକ୍ରମ ସାହୁ ପ୍ରମୁଖ ସଦସ୍ୟ ଜମିଦାତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

■ ଘରୋଇ ଶିକ୍ଷାନୁଷ୍ଠାନରୁ ଲକ୍ଷାଧିକ ଟଙ୍କା ଆତ୍ମସାତ୍

## ପୂର୍ବତନ ପ୍ରଧାନଶିକ୍ଷକଙ୍କୁ ଗିରଫ ଦାବିକଲା ସ୍କୁଲ୍ ପରିଚାଳନା କମିଟି

ପିପିଲି,୧୮।୫(ସମିସ): ବାଣୀ ବିଦ୍ୟାମନ୍ଦିରରୁ ଜାଲିଆତି କରି ଲକ୍ଷାଧିକ ଟଙ୍କା ଠକି ନେଇଥିବା ପ୍ରଧାନଶିକ୍ଷକଙ୍କ ବିରୋଧରେ ସାମ୍ବାଦିକ ସମ୍ମିଳନୀ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଘରୋଇ ଶିକ୍ଷାନୁଷ୍ଠାନ କମିଟି। ରବିବାର ପିପିଲି ଜଇଶପାଟଣାସ୍ଥିତ ବାଣୀ ବିଦ୍ୟାମନ୍ଦିରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପ୍ରଧାନଶିକ୍ଷକ ଗିରିଶ ଚନ୍ଦ୍ର ସ୍ୱାଇଁଙ୍କ ନାମରେ ଜାଲିଆତି ଓ ସାଢ଼େ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଭଳି ସଙ୍ଗିନ୍ ଅଭିଯୋଗ ହୋଇଛି। ୨୦୦୫ରୁ ଜଇଶପାଟଣାଠାରେ ଆରମ୍ଭ ହୋଇଥିବା ବାଣୀ ବିଦ୍ୟାମନ୍ଦିର ଶିକ୍ଷାନୁଷ୍ଠାନରେ ନିକଟସ୍ଥ ଜଗନ୍ନାଥପୁର ଗ୍ରାମର ଗିରିଶ ଚନ୍ଦ୍ର ସ୍ୱାଇଁ ୨୦୧୭ରୁ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ନେଇଥିଲେ। କମିଟିକୁ ବିଦ୍ୟାଳୟ ଆୟବ୍ୟୟର ହିସାବ ଦୀର୍ଘ ବର୍ଷ ହେବ ଅନ୍ଧାରରେ ରଖି ଠକାମୀର ସାମ୍ରାଜ୍ୟ ଆରମ୍ଭ କରିଥିଲେ ପ୍ରଧାନଶିକ୍ଷକ ଗିରିଶ ବୋଲି ରବିବାର ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛି ଶିକ୍ଷାନୁଷ୍ଠାନ ପରିଚାଳନା କମିଟି।

ଚଳିତ ବର୍ଷ ବିଦ୍ୟାଳୟର ବାର୍ଷିକ ଉତ୍ସବ ପରେ ଅଚାନକ ନିଜର ବ୍ୟକ୍ତିଗତ କାରଣ ଦର୍ଶାଇ ହ୍ୱାଟ୍ସଆପ୍‌ରେ ଇସ୍ତଫା ପତ୍ର ଦେଇ ଛାତ୍ରଛାତ୍ରୀଙ୍କ ପରୀକ୍ଷା ସମୟରେ ବିଦ୍ୟାଳୟରେ ଅନୁପସ୍ଥିତ ରହିବା ସମସ୍ତ କମିଟି ସଦସ୍ୟଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା। ହିସାବ ମାଗିବାରୁ ବିଭ୍ରାନ୍ତିକର ମନ୍ତବ୍ୟ ଦେଇ କମିଟିକୁ ଭୂଆଁ ବୁଲାଉଥିବାବେଳେ ଅନେକ ଅଭିଭାବକଙ୍କୁ ମିଥ୍ୟା ପ୍ରଲୋଭନ ଦେଇଥିବା ଅଭିଯୋଗ ହୋଇଛି। ଦୀର୍ଘ ୭ ବର୍ଷ ଦାୟିତ୍ୱ ମଧ୍ୟରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦରମାରେ ଠକେଇ କରିବା, କୋମଳମତି ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷାଦାନଠାରୁ ନିଜକୁ ଦୂରେଇ ରଖିବା, ବିଦ୍ୟାଳୟର ୭ ବର୍ଷର ବକେୟା ଅର୍ଥ ୬ ଲକ୍ଷ ୭୪ ହଜାର ଟଙ୍କାକୁ ଆତ୍ମସାତ୍ କରିଦେବା ଭଳି ସଙ୍ଗିନ ଅଭିଯୋଗ ପୂର୍ବତନ ପ୍ରଧାନଶିକ୍ଷକ ଗିରିଶ ଚନ୍ଦ୍ର ସ୍ୱାଇଁଙ୍କ ନାଁରେ ହୋଇଛି। ଅଭିଯୋଗକୁ ଭିତ୍ତିକରି କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପିପିଲି ଥାନାରେ ୨୮୩/୨୫ରେ ଏକ ମାମଲା ରୁଜୁ ହୋଇଥିବାବେଳେ ଶ୍ରୀ ସ୍ୱାଇଁଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଗିରଫ ଦାବି କରିଛି ବିଦ୍ୟାଳୟ ପରିଚାଳନା କମିଟି। ଏହି ସାମ୍ବାଦିକ ସମ୍ମିଳନୀରେ ସ୍କୁଲ ପରିଚାଳନା କମିଟି ସଭାପତି ଅର୍ଜୁନ ମହାରଣା, ସମ୍ପାଦକ ନିର୍ମଳ ଚନ୍ଦ୍ର ପାଢ଼ୀ, ସହସମ୍ପାଦକ ସୁରେନ୍ଦ୍ର ରାଉତଙ୍କ ସହ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କ ଦ୍ୱାରା ବିଜୟ ଉତ୍ସବ ପାଳିତ



ପିପିଲି,୧୮।୫(ସମିସ): ଉତ୍ତରାରେ ବରିଷ୍ଠ ନାଗରିକଙ୍କ ଦ୍ୱାରା ଭାରତର ବିଜୟ ଉତ୍ସବ ପାଳିତ ହୋଇଯାଇଛି। ଉତ୍ତରା ଛକରେ ଭାରତୀୟ ସେନାର ସାହସ ବଳିଦାନ ଏବଂ ଭାରତର ସାମରିକ ଶକ୍ତିର ବିଜୟ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ପ୍ରଥମେ ଜାତୀୟ ସଙ୍ଗୀତ ଗାନ ପରେ ଯୁଦ୍ଧରେ ସହିଦ ହୋଇଥିବା ସେନାମାନଙ୍କ ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଭାପତି ଡ. ଅମରେନ୍ଦ୍ର ନାଥ ମହାନ୍ତି ଉଦ୍‌ବୋଧନ ମାଧ୍ୟମରେ ବିଜୟ ଦିବସର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ସେ ବରିଷ୍ଠ ନାଗରିକଙ୍କ ଭୂମିକା ଓ ତାଙ୍କ ପାଖରୁ ଯୁବପିଢ଼ି ପାଇଁ ଐତିହ୍ୟ ଓ ଜାତୀୟ ଗର୍ବ ସଂରକ୍ଷଣ କରିବା ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଶେଷରେ ମଞ୍ଚର ସଭ୍ୟବୃନ୍ଦ ଯୁଦ୍ଧବୀର ଓ ସହିଦଙ୍କ ପରିବାର ସଦସ୍ୟଙ୍କୁ ସର୍ବଦା ଋଣୀ ଓ ସ୍ମରଣୀୟ ବୋଲି ପ୍ରତିଜ୍ଞା କରିଥିଲେ। ସମ୍ପାଦକ ବେଣୁଧର ନାୟକ ଧନ୍ୟବାଦ ଦେଇଥିଲେ।

## ନିମାପଡ଼ା ସହିଦ୍ ସ୍ମୃତି ସଂସଦ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ନିମାପଡ଼ା,୧୮।୫(ସମିସ): ଯବାନଙ୍କ ଉଦ୍ଦେଶ୍ୟରେ ପୁରୀ ଜିଲ୍ଲା ନିମାପଡ଼ାରେ ନିମାପଡ଼ା ସହିଦ୍ ସ୍ମୃତି ସଂସଦ ଦ୍ୱାରା ଆୟୋଜିତ ଏକ ବିଶାଳ ତ୍ରିରଙ୍ଗା ଯାତ୍ରାକୁ ଉଦ୍‌ଘାଟନ କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ସଂସଦର ସଭାପତି ସମୀର ରଞ୍ଜନ ଦାଶ। କଶ୍ମୀରର ପହଲ୍‌ଗାମ୍‌ରେ ଯେପରି ଧର୍ମ ପଚାରି ୨୬ ଜଣ ପର୍ଯ୍ୟଟକଙ୍କୁ ପରିବାର ସମ୍ମୁଖରେ ହତ୍ୟା କରାଗଲା, ତାହା ବିଶ୍ୱରେ ପ୍ରଥମ। ଏହାର ପ୍ରତିଶୋଧରେ ଗତ ୬ ତାରିଖ ବିଳମ୍ବିତ ରାତିରେ ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ୯ଟି ଆତଙ୍କବାଦୀ ଶିବିର ଉପରେ ଭାରତୀୟ ସେନା ଏୟାରଷ୍ଟ୍ରାଇକ୍ କରି ଏହାକୁ ଧୂଳିସାତ୍ କରିଦେଲା। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଅଧ୍ୟାପକ ଜଗତ ପ୍ରସାଦ ସବୁତ୍ କହିଲେ, ଭାରତୀୟ ସେନାର ଏହି ଅଘୋଷିତ ଯୁଦ୍ଧ କେବଳ ପାକିସ୍ତାନ ନୁହେଁ, ଆମେରିକାକୁ ମଧ୍ୟ ଏକ ଶିକ୍ଷା ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂସଦର ସମ୍ପାଦକ ଡ. ବେଣୁଧର ସେନାପତି, ସଦସ୍ୟ ରାମଚନ୍ଦ୍ର ସାହୁ, ଦୟାନିଧି ସାହୁ, ଅଭିରାମ ମଲ୍ଲିକ, ଜିବାନାନନ୍ଦ ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସୟା ମହାନ୍ତି, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଖଟୋଇ, ଅଶୋକ ସାହୁ, ସନାତନ ପ୍ରଧାନ, ମୋହିନୀ ଜେନା, କୁନି ସାହୁ, ଅଜୟ ସ୍ୱାଇଁ ଆଦି ଯୋଗଦେଇ ଭାରତୀୟ ଯବାନମାନଙ୍କ ପରାକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ।

## ସମାଜସେବୀଙ୍କ ଶ୍ରାଦ୍ଧବାର୍ଷିକୀରେ ରୋଗୀଙ୍କୁ ଫଳ ବଣ୍ଟନ



ଚାରିଛକ,୧୮।୫(ସମିସ): ଚାରିଛକସ୍ଥିତ ଭୋଦର ପଞ୍ଚାୟତ ଓରପଟ ବେହେରା ସାହିର ବିଶିଷ୍ଟ ସମାଜସେବୀ ତଥା ରାଜନେତା ସ୍ୱର୍ଗତ ଉପେନ୍ଦ୍ର ବେହେରାଙ୍କ ତ୍ରୟୋଦଶ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ସୁଧିର ରଞ୍ଜନ ଦାଶ, ଅଜୟ ସ୍ୱାଇଁ, ଡାକ୍ତର ଅଭିନନ୍ଦନ ମହାପାତ୍ର, ଡାକ୍ତର ଆଦିତ୍ୟ ଖାଡ଼େଙ୍ଗା, ଭୋଦର ଗ୍ରାମ ପଞ୍ଚାୟତ ସରପଞ୍ଚ ଚାରୁଲତା ବେହେରା, ନାଏବ ସରପଞ୍ଚ ସୁଧାଂଶୁ ପ୍ରଧାନ, ପୂର୍ବତନ ସମିତିସଭ୍ୟ ମହେନ୍ଦ୍ର କୁମାର ନାୟକ, ଚାରିଛକ ସାମ୍ବାଦିକ ସଂଘର ସଭାପତି ପ୍ରଫୁଲ୍ଲ କୁମାର କର, ସମ୍ପାଦକ ବସନ୍ତ ଦାସ, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ନିରାଶ୍ରୟ ସେବାଶ୍ରମର ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, କୃଷକ ନେତା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ବିଜେପିର ବରିଷ୍ଠ ନେତା ବ୍ରଜମୋହନ ଦାସ, ସମାଜସେବୀ ସୁରେନ୍ଦ୍ର ନାୟକ, କ୍ଷୀରୋଦ ନାୟକ, ପ୍ରଶାନ୍ତ ବେହେରା, କାର୍ତ୍ତିକ ପଲତା, ରାମଚନ୍ଦ୍ର ଜେନା, ଚିତ୍ତରଞ୍ଜନ ଜେନା, ଲିପୁନ ବେହେରା, ସବିତା ସିହ୍ନା ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ବାସଭବନରେ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ପରେ ଗୀତାପାଠ, ହୋମଯଜ୍ଞ ଓ ପୂଜାପାଠ କରାଯାଇଥିଲା।


## ନୃତ୍ୟାଳୟାର ବୈଶାଖୀ ଉତ୍ସବ




ନିମାପଡ଼ା,୧୮।୫(ସମିସ): ନିମାପଡ଼ାର ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀର ୧୬ତମ ବାର୍ଷିକ ଉତ୍ସବ 'ବୈଶାଖୀ' ପାଳିତ ହୋଇଯାଇଛି। ସ୍ଥାନୀୟ ମୁକ୍ତାକାଶ ମଞ୍ଚରେ କୁନିକୁନି କଳାକାରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୁଗ୍ଧକର ହୋଇଥିଲା। ନିମାପଡ଼ା ପ୍ରେସକ୍ଲବ ଓ ଟାଉନ କ୍ଲବର ସଭାପତି ଅକ୍ଷୟ ବେହେରା ଏବଂ ସଂଗୀତ ନାଟକ ଏକାଡେମୀ ସମ୍ମାନିତ ଗୁରୁ ଜୟକୃଷ୍ଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟରେ ଝୁମିଥିଲେ ଦର୍ଶକ। ଶେଷରେ ନୃତ୍ୟାଭିନୟ ମାଣିକ ପାଟଣା ଦହି ଅତ୍ୟନ୍ତ ଆଦୃତ ହେବାସହ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଓଡ଼ିଶୀ ନୃତ୍ୟ କଳାକୁ ଖାଲି ରାଜ୍ୟ ନୁହେଁ ଦେଶବିଦେଶରେ ଆଦୃତ କରାଇବା ଏବଂ କଳାକାରଙ୍କୁ ପ୍ରୋତ୍ସାହିତ କରିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି ନିର୍ଦ୍ଦେଶକ ବିଷ୍ଣୁ ଚରଣ ସାସମଲ। ଏହି ଅବସରରେ ନିମାପଡ଼ାରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ଇଂ. ହେମାମାଳିନୀ ପତିଙ୍କୁ ନୃତ୍ୟାଳୟା ସମ୍ମାନ ଏବଂ ଜଗତସିଂହପୁର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଶଶାଙ୍କ ଶେଖର ନାୟକଙ୍କୁ ଗୁରୁ ଗଙ୍ଗାଧର ପ୍ରଧାନ ସମ୍ମାନରେ ସମ୍ମାନିତ କରା ଯାଇଥିଲା। ଅନୁଷ୍ଠାନର ସହ ନିର୍ଦ୍ଦେଶକ ସୁଦେଷ୍ଣା ପ୍ରଧାନ, ଗୁରୁ ରାଜକିଶୋର ଜେନା, ଇତିଶ୍ରୀ ରାୟ, କୃଷ୍ଣପ୍ରିୟା ବେହେରା, ସ୍ୱର୍ଣ୍ଣପ୍ରଭା ଖଟୋଇ, ପାୟଲ ଦାସ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ନିରଞ୍ଜନ ପଲତା ଏବଂ ପ୍ରଜ୍ଞା ପରିମିତା ନାୟକ।

▶ ବାଙ୍ଗୁରିଗାଁ ବଜାରରେ ଅଚଳ ମୋବାଇଲ୍ ଟାୱର

## ଭୁଶୁଡ଼ିବା ଆଶଙ୍କା; ଲୋକେ ଭୟଭୀତ



ବାଙ୍ଗୁରିଗାଁ,୧୮।୫(ସମିସ): କାକଟପୁର ବ୍ଲକ ବାଙ୍ଗୁରିଗାଁ ମେଡିକାଲ ଛକ ନିକଟରେ କଳଙ୍କି ହୋଇ ଏକ ଅଚଳ ମୋବାଇଲ ଟାୱର ବିପଦପୂର୍ଣ୍ଣ ଅବସ୍ଥାରେ ଠିଆ ହୋଇଛି। ଟାୱରଟି ଏକ ମୋବାଇଲ କମ୍ପାନୀର ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ୨୦୦୯ ମସିହାରେ ଉକ୍ତ କମ୍ପାନୀ ମାଧବ ସାହୁ, ବାଙ୍ଗୁରିଗାଁଙ୍କ ନାମରେ ଚୁକ୍ତିନାମା କରି ତାଙ୍କ ଯାଗାରେ ଟାୱର ନିର୍ମାଣ କରିଥିଲା। ୨୦୨୧ମସିହାରେ ଏହାର ଅବଧି ସରିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟାୱାରଟି ଅଚଳ ଅବସ୍ଥାରେ ପଡ଼ିରହିଛି। ଟାୱାରର ତଳଅଂଶ କଳଙ୍କି ଖାଇ ନଷ୍ଟ ହୋଇଗଲାଣି। କେତେବେଳେ ତାହା ଭାଙ୍ଗି ପଡ଼ିବ ସେଥିପାଇଁ ଲୋକେ କାଳ ବୈଶାଖୀ ସତର୍କ ସୂଚନା ପାଇ ଆତଙ୍କିତ। ଏହି ଟାୱାର ଚାରିପଟେ ଜନବସତି ଥିବାରୁ ଯଦି କେବେ ଭାଙ୍ଗି ପଡ଼େ ଏହା ବଡ଼ଧରଣର ଦୁର୍ଘଟଣା ଘଟିବାକୁ ଯାଉଛି ବୋଲି ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ଏହି ଅଞ୍ଚଳ ସମୁଦ୍ର ପାଶ୍ୱର୍ ଅଞ୍ଚଳ ହୋଇଥିବାରୁ କଳଙ୍କି ଲାଗିବା ସାଧାରଣ କଥା। କମ୍ପାନୀ ଚୁକ୍ତିନାମା ସରିଯାଇଥିବାରୁ ଏହାର ରକ୍ଷଣାବେକ୍ଷଣ ଦୂରର କଥା, ଗତ ଫାଇଲିନିରେ ତାର କିଛି ଅଂଶ ଭାଙ୍ଗି ଆଜି ପର୍ଯ୍ୟନ୍ତ ପଡ଼ିରହିଛି। ବିପଦ ସଂକୁଳ ଅବସ୍ଥାରେ ଥିବା ଅଚଳ ଟାୱାରକୁ ଉଠାଇ ନେବା ପାଇଁ ଜମି ମାଲିକ ମାଧବ ସାହୁଙ୍କ ପୁତ୍ର ରଞ୍ଜନ ସାହୁ କମ୍ପାନୀର ଉଚ୍ଚ ଅଧିକାରୀଙ୍କୁ ବାରମ୍ବାର ନିବେଦନ କରିବା ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ ଶୁଣୁ ନଥିବା ଅଭିଯୋଗ କରିଛନ୍ତି। ବାଙ୍ଗୁରିଗାଁ ସମୁଦ୍ର ନିକଟବର୍ତ୍ତୀ ଅଞ୍ଚଳ ହୋଇଥିବାରୁ, ଏଠାରେ ବାତ୍ୟା, କାଳବୈଶାଖୀର ଭୟ ରହିଥାଏ। ଏହାକୁ ଦୃଷ୍ଟିରେ ରଖି ଟାୱାରକୁ ଉଠାଇ ନେବାପାଇଁ ସରପଞ୍ଚ ଜିଟିଏଲ କର୍ତ୍ତୃପକ୍ଷଙ୍କୁ ଅଗଷ୍ଟ ମାସରେ ଚିଠି ଲେଖିଥିଲେ ମଧ୍ୟ ଅଦ୍ୟାବଧି ଉଠା ଯାଉ ନାହିଁ। ଏଣୁ ଏହି ଅଚଳ ଟାୱରକୁ ଉଠାଇ ନେବାପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାପାଇଁ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବିଭାଗୀୟ ଯନ୍ତ୍ରୀ ଓ ମନ୍ତ୍ରୀଙ୍କୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

## ୩୦ବର୍ଷ ପରେ ଅବସର ନେଲେ ପାଚିକା



ଅସ୍ତରଙ୍ଗ,୧୮।୫(ସମିସ): ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗର ଦୁଇ ନମ୍ବର ଅଙ୍ଗନବାଡ଼ି କେନ୍ଦ୍ରର ପାଚିକା ମୃଷି ବେୱା ୩୦ ବର୍ଷ ଚାକିରୀ କରିସାରିବା ପରେ ୧୪ତାରିଖ ଦିନ ଅବସର ନେଇଛନ୍ତି। ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ସ୍ଥାନୀୟ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ୱାର୍ଡ ସଭ୍ୟ ତଥା ସମାଜସେବି ମନୋଜ ବିଶ୍ୱାଳ, ମାଆ ଲକ୍ଷ୍ମୀ କ୍ଲବ ସଭାପତି ତରୁଣ ତପନ ସ୍ୱାଇଁ ଏବଂ ସମସ୍ତ କେନ୍ଦ୍ରର କର୍ମୀ, ସହାୟିକା, ଆଶା କର୍ମୀ, ଯାଞ୍ଚ କମିଟି ସଦସ୍ୟ, ମାତୃ କମିଟି ସଦସ୍ୟ, ଏସ୍ଏଚ୍ଜି ଗ୍ରୁପ ସଦସ୍ୟାମାନେ ଉପସ୍ଥିତ ରହି ସମ୍ବର୍ଦ୍ଧନା ଦେଇଥିଲେ।

## ଘର ଭିତରୁ ବାଇକ୍ ଚୋରି

ନୟାହାଟ,୧୮।୫(ସମିସ): ନୟାହାଟ ଅଞ୍ଚଳରେ ବାଇକ୍ ଚୋରି ବୃଦ୍ଧି ପାଉଥିବାବେଳେ ଗତ ଶନିବାର ବିଳମ୍ବିତ ରାତିରେ ସୁଯାଗଡ଼ ବସ୍ତିରୁ ଏକ ହୁଣ୍ଡା ଆକ୍ଟିଭା ସ୍କୁଟି ଚୋରି ହୋଇଥିବା ନେଇ ଫିରୋଜା ବିବି ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛନ୍ତି। ଗତ ସପ୍ତାହେ ମଧ୍ୟରେ ତିନିଟି ଗାଡ଼ି ଚୋରି ଘଟଣା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। କିନ୍ତୁ ଅଦ୍ୟାବଧି କାହାରିକୁ ଗିରଫ କରାଯାଇନାହିଁ। ଫାଣ୍ଡି ଅଧିକାରୀ କହିଛନ୍ତି, ପାଟ୍ରୋଲିଂ ପାଇଁ ଆମ ନିକଟରେ ପିସିଆର୍ ବାଇକ୍ ଓ ଭ୍ୟାନ୍ ନାହିଁ। ତେଣୁ ଚୋରମାନଙ୍କୁ ବିନା ଗାଡ଼ିରେ ଧରିବା ସମ୍ଭବ ହେଉନାହିଁ।

**ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ କବିତା ଆସର**

## 'କବିତା ହେଉଛି ସମାଜର ଶ୍ରେଷ୍ଠ ଦିଗ୍‌ଦର୍ଶକ'




ଡେଲାଙ୍ଗ,୧୮।୫(ସମିସ): ସତ୍ୟବାଦୀ ସାହିତ୍ୟ ସଂସଦ ପକ୍ଷରୁ ଡେଲାଙ୍ଗ ହାଟ ବଜାରସ୍ଥିତ ବାବା ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଏବଂ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଖୋର୍ଦ୍ଧା କଣ୍ଟାମାଳ ଅଞ୍ଚଳର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରାଜକିଶୋର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ, ସମ୍ମାନିତ ଅତିଥି ଭାବେ ପୁରୀ ପ୍ରିୟପତ୍ର ପତ୍ରିକାର ସମ୍ପାଦକ ବିପିନ ଦଳାଇ, ବୈଷ୍ଣବ ରବି ଦାସ ପ୍ରମୁଖ ଯୋଗଦେଇ ଭାରତୀୟ ଶାସ୍ତ୍ର ଓ ନୀତିଗଳ୍ପ ମାଧ୍ୟମରେ ଭାରତୀୟ ସଂସ୍କୃତିରେ ପିତାମାତା ହିଁ ପ୍ରତିଟି ମଣିଷର ପ୍ରଥମ ଦେବତା ଓ ତାଙ୍କ ଆଶୀର୍ବାଦରୁ ସନ୍ତାନସନ୍ତତିମାନେ ଭବିଷ୍ୟତରେ ସଫଳ ହୋଇ ସମାଜରେ ପ୍ରତିଷ୍ଠିତ ହୁଅନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ସତ୍ୟବାଦୀ ସାହିତ୍ୟ ସଂସଦର ସମ୍ପାଦକ ପ୍ରଭାତ କୁମାର ସେଠୀ ସ୍ୱାଗତ ଭାଷଣ ଦେବା ସହିତ ପ୍ରତିବର୍ଷ ପ୍ରତିଭାଧାରୀ କବି, ସାହିତ୍ୟିକ, ସମାଜସେବୀ, ଶିକ୍ଷାବିତ୍ ଏବଂ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି କବିତା ଆସରରେ ପୁରୀ, ଖୋର୍ଦ୍ଧା, କଟକ, ବାଙ୍କୀ, ନିମାପଡ଼ା, ଜଟଣୀ, ସତ୍ୟବାଦୀ, କଣାସ, ମାଲକାନଗିରି ଆଦି ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ କବି ଏବଂ କବୟିତ୍ରୀମାନେ ଯୋଗଦେଇ ସ୍ୱରଚିତ କବିତାପାଠ କରିଥିଲେ। ସଭା ପ୍ରାରମ୍ଭରୁ ଜମ୍ମୁ-କଶ୍ମୀର ରାଜ୍ୟର ପହଲ୍‌ଗାମ୍‌ଠାରେ ମୃତକ ପର୍ଯ୍ୟଟକ ଓ ସଂସଦର ସମ୍ପାଦକ ଶ୍ରୀ ସେଠୀଙ୍କ ପିତା ସତ୍ୟବାଦୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବିପ୍ଳବୀ କବି ତଥା ଶିକ୍ଷକ ଅଜୟ କୁମାର ବଳିୟାରସିଂହ, ଉପସ୍ଥାପକ ବିପିନ ବେହେରା, ସୁନାମଧନ୍ୟା ସଂଯୋଜିକା ଜ୍ୟୋତ୍ସ୍ନାମୟୀ ସ୍ୱାଇଁ କବିତା ଆସରକୁ ସଂଯୋଜନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ବରିଷ୍ଠ ଶିକ୍ଷକ ରମେଶ ଚନ୍ଦ୍ର ବଳବନ୍ତରାୟଙ୍କୁ ଶିକ୍ଷକ ଗୌରବ, ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଂସ୍କୃତିପ୍ରେମୀ ଶିକ୍ଷକ ଶ୍ରୀ ସାହୁଙ୍କୁ ଶିକ୍ଷକ ରତ୍ନ, ସାମ୍ବାଦିକ ରାଜକିଶୋର ସ୍ୱାଇଁଙ୍କୁ ସାମ୍ବାଦିକ ଗୌରବ ସମ୍ମାନରେ ସମ୍ମାନିତ କରାଯିବା ସହିତ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥିମାନଙ୍କୁ ମଞ୍ଚ ଉପରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାବେଶରେ ଗୀତିକାର ନାରାୟଣ ମନୋହାରୀ, ପଦ୍ମାଳୟା ମହାପାତ୍ର, ଗଙ୍ଗାଧର ଓଝା, ଶରତ ରାଉତ, ପ୍ରହ୍ଲାଦ ଛାଟୋଇ, ସସ୍ମିତା ଗ୍ରହାଚାର୍ଯ୍ୟ, ଚନ୍ଦ୍ରଶେଖର ସେଠୀ, ଦିବ୍ୟଲୋଚନ ଭାରିବଲ, ସମାଜସେବୀ ପ୍ରଫୁଲ୍ଲ ମିଶ୍ର, ଗାନ୍ଧୀବାଣୀ ପ୍ରଚାରକ ଅନାମ ମଲ୍ଲିକ, ବ୍ୟଙ୍ଗ କବି ଶ୍ରୀମାନ୍ ଗବା, କାଶୀନାଥ ମହାପାତ୍ର ପ୍ରମୁଖଙ୍କ ସମେତ ୫୦ ଜଣ କବି କବୟିତ୍ରୀ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ପ୍ରଦୀପ ସେଠୀ ଧନ୍ୟବାଦ ଦେଇଥିଲେ।

# ଶ୍ରୀକ୍ଷେତ୍ର ସିଟି

୧୮/୫/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୯୯,୮୭୯/- | ସୁନା: ୦୬.୩୫୦ ଗ୍ରାମ୍ | ରୁପା: ୧୪୭.୭୦୦ ଗ୍ରାମ୍



● ନରେନ୍ଦ୍ର ବାଣ ବିସ୍ଫୋରଣକୁ ବର୍ଷେ

## ଫିଟିଲାନି ବର୍ଣ୍ଣ ୟୁନିଟ୍‌ର ଭାଗ୍ୟ

ପୁରୀ,୧୮।୫(ସମିସ): ଚାଲିଛି ବାହାର ଚନ୍ଦନ ଯାତ୍ରା। ପଞ୍ଚ ମହାଦେବଙ୍କ ସହ ନରେନ୍ଦ୍ରରେ ଜଳକ୍ରୀଡ଼ା କରୁଛନ୍ତି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା। ସୋମବାର ଭଉଁରୀ ଯାତ୍ରା। ହେଲେ ଏହି ଭଉଁରୀ ଯାତ୍ରା କଥା ଶୁଣିଲେ ପୁରୀବାସୀଙ୍କ ମନରେ ଛନକା ପଶେ। ଆଖି ଆଗରେ ନାଚିଯାଏ ଗତବର୍ଷ ଚନ୍ଦନ ଯାତ୍ରାର ଅନ୍ତିମ ଦିବସର ସେହି ଦୁଃଖଦ ଘଟଣାର ଚିତ୍ର। ସେହି ରାତି ପୁରୀ ପାଇଁ ଥିଲା ଏକ କାଳ ରାତି। ଆଜି ବି ପ୍ରିୟଜନଙ୍କୁ ହରାଇଥିବା ପରିବାର ବର୍ଗଙ୍କ ଆଖିରୁ ଲୁହ ଶୁଖିନି। ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରୀ ଯାତ୍ରା ଚାଲୁଥିବାବେଳେ କୂଳରେ ଘଟିଥିଲା ଭୟାନକ ବାଣ ବିସ୍ଫୋରଣ। ଏହି ବାଣ ବିସ୍ଫୋରଣରେ ୧୭ ଜଣଙ୍କ ଅକାଳ ବିୟୋଗ ଘଟିଥିବାବେଳେ ପ୍ରାୟ ୫୦ ଜଣ ଆହତ ହୋଇଥିଲେ। ଏହି ଘଟଣାକୁ ସୋମବାର ବର୍ଷେ ବିତୁଥିବାବେଳେ ପୁରୀରେ ସ୍ୱତନ୍ତ୍ର ଭାବେ ବର୍ଣ୍ଣ ୟୁନିଟ୍ କାର୍ଯ୍ୟକ୍ଷମ ହେଲା ନାହିଁ। ତାରିଖ ଅନୁସାରେ ଦେଖିଲେ ସେଦିନ ଥିଲା ୨୦୨୪ ମେ' ୨୯। ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ଥିଲା ଅନ୍ତିମ ଦିବସ। ରାତିରେ ମହାପ୍ରଭୁ ନରେନ୍ଦ୍ରରେ ୨୧ ଘେରା ଚାପ ଖେଳୁଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ଘଟିଥିଲା ଅଘଟଣ। ନରେନ୍ଦ୍ର ପୁଷ୍କରିଣୀର ଚତୁଃପାର୍ଶ୍ୱରେ ହଜାର ହଜାର ଶ୍ରଦ୍ଧାଳୁ ବସି ଠାକୁରଙ୍କ ଚାପ ଖେଳ ଦେଖୁଥିଲେ। ଏହି ସମୟରେ ଦେବୀଘାଟ ପଟେ ହଠାତ୍ ଭୟଙ୍କର ଭାବେ ବାଣ ଫୁଟିଥିଲା। ଏତେ ସଂଖ୍ୟାରେ ବାଣ ଗୋଟିଏ ଜାଗାରେ ଫୁଟିଥିଲା ଯେ ନିଆଁ ପିଣ୍ଡୁଳା ଭଳି ଝୁଲ ବହୁ ଉଚ୍ଚକୁ ଉଠିଥିଲା। ଠାକୁରଙ୍କ ଚାପ ଦେଖୁଥିବା ଭକ୍ତମାନେ ପୋଡ଼ି ଯାଇଥିଲେ। ଜୀବନ ବଞ୍ଚାଇବାକୁ କେତେଜଣ ନରେନ୍ଦ୍ର ପୁଷ୍କରିଣୀକୁ ମଧ୍ୟ ଡେଇଁପଡ଼ିଥିଲେ। ଆହତଙ୍କ ଶରୀର ଏମିତି ପୋଡ଼ି ଯାଇଥିଲା ଯେ, ଦେଖିବା ବି କଷ୍ଟକର ହୋଇପଡ଼ିଥିଲା। ସଙ୍ଗେ ସଙ୍ଗେ ସେମାନଙ୍କୁ ଆମ୍ବୁଲାନ୍ସରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। କିନ୍ତୁ ଗୁରୁତରଙ୍କ ଅବସ୍ଥା ଏପରି ଥିଲା ଯେ, ସେମାନଙ୍କୁ ତୁରନ୍ତ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଆଗପଛ ହୋଇ ୧୭ ଜଣଙ୍କ ଜୀବନ ଚାଲିଯାଇଥିଲା।

ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଭାବେ ବର୍ଣ୍ଣ ୟୁନିଟ୍ ନ ଥିବାରୁ ମୃତ୍ୟୁ ସଂଖ୍ୟା ଏତେ ହେଲା ବୋଲି ସେତେବେଳେ ସମସ୍ତଙ୍କ ମୁହଁରୁ ଏହା ଶୁଣିବାକୁ ମିଳିଥିଲା। ସଂସଦରେ ମଧ୍ୟ ଏହି ପ୍ରସଙ୍ଗ ଉଠିଥିବାବେଳେ ଏହାପରେ ବର୍ଣ୍ଣ ୟୁନିଟ୍ ପ୍ରତିଷ୍ଠା ଦେଇ ବାରମ୍ବାର ଦାବି ଉଠିଛି। ସବୁଠି ମିଳିଛି ଆଶ୍ୱାସନା। ହେଲେ ଇତିମଧ୍ୟରେ ବର୍ଷେ ବିତିଯାଇଥିଲେ ମଧ୍ୟ ବର୍ଣ୍ଣ ୟୁନିଟ୍ ସେହି ଭାଷଣବାଜିରେ ରହିଯାଇଛି ବୋଲି କହିଛନ୍ତି ବୁଦ୍ଧିଜୀବୀ।

ଆଜି ଶ୍ରୀକ୍ଷେତ୍ର ଭଉଁରୀ

# ନରେନ୍ଦ୍ରରେ ୨୧ ଘେରା ଚାପ ଖେଳିବେ ମହାପ୍ରଭୁ



ପୁରୀ,୧୮।୫(ସମିସ): ସୋମବାର ଶ୍ରୀକ୍ଷେତ୍ର ଭଉଁରୀ। ଏଥିଲାଗି ପ୍ରସ୍ତୁତି ଶେଷ ହୋଇଛି। ମହାପ୍ରଭୁ ଭଉଁରୀ ଯାତରେ ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ଚାପ ଖେଳିବେ। ମହାପ୍ରଭୁଙ୍କର ଏହି ନିଆରା ଜଳକ୍ରୀଡ଼ା ଦେଖିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ସମ୍ଭାବନା ରହିଛି। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମୋଟ୍ ୬ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ସେହିପରି ସ୍ୱତନ୍ତ୍ର ଟ୍ରାଫିକ୍ ଆଡ୍‌ଭାଇଜରୀ ମଧ୍ୟ ଜାରି ହୋଇଛି।

### ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜଗିବେ ୬ ପ୍ଲାଟୁନ୍ ଫୋର୍ସ

ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା। ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମକୃଷ୍ଣ ଏବଂ ପଞ୍ଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଚାପରେ ପ୍ରତ୍ୟହ ଜଳକ୍ରୀଡ଼ା କରୁଛନ୍ତି। ଚନ୍ଦନ ଯାତ୍ରାର ୨୦ତମ ଦିବସରେ ଭଉଁରୀ ଯାତ ହୋଇଥାଏ। ବାହାର ଚନ୍ଦନ ଯାତ୍ରାରେ ପ୍ରତ୍ୟହ ମହାପ୍ରଭୁ ଦିନ ଚାପରେ ଗୋଟିଏ ଘେରା ଏବଂ ରାତ୍ର ଚାପରେ ତିନିଘେରା ପରିକ୍ରମା କରିଥା'ନ୍ତି। କିନ୍ତୁ ଭଉଁରୀରେ ରାତ୍ର ଚାପରେ ମହାପ୍ରଭୁ ନରେନ୍ଦ୍ରରେ ୨୧ ଘେରା ନୌବିହାର କରିଥା'ନ୍ତି। ୨୧ ଦିନରେ ହଳଦୀ ପାଣି ନୀତି ସମ୍ପନ୍ନ ହୁଏ। ଏହିଦିନ କେବଳ ଦିନ ଚାପ ଅନୁଷ୍ଠିତ ହୋଇଥାଏ। ଅପରପେକ୍ଷ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭଉଁରୀ ଯାତ୍ରା ଲାଗି ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ପ୍ରାତଃ ୩ଟାରେ ଶ୍ରୀମନ୍ଦିରର ଦ୍ୱାରଫିଟା ଯିବ। ଭୋର୍ ୪ଟାରେ ମଙ୍ଗଳ ଆଳତି ସମ୍ପନ୍ନ ହେବ। ଏହାପରେ ଅନ୍ୟାନ୍ୟ ନୀତି ବଢ଼ି ସକାଳ ସାଢ଼େ ୯ଟାରେ ରଥ ଆଜ୍ଞାମାଳ ବିଜେ ହେବ। ଅପରାହ୍ଣ ୨ଟାରେ ମହାପ୍ରଭୁ ଚନ୍ଦନ ଯାତ୍ରା ଲାଗି ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବେ।

ଅନ୍ୟପକ୍ଷରେ ଭଉଁରୀ ଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ପୁଲିସ ପକ୍ଷରୁ ଗାଡ଼ି ଚଳାଚଳକୁ ନେଇ ସ୍ୱତନ୍ତ୍ର ଟ୍ରାଫିକ୍ ଆଡ୍‌ଭାଇଜରୀ ପ୍ରସ୍ତୁତ କରାଯାଇଛି। ମାର୍କେଟ ଛକରୁ ଭାୟା ନରେନ୍ଦ୍ରକୋଣ ଦେଇ ରାୟବାହାଦୂର ଲେନ୍ ପ୍ରସ୍ଥାନ ରାସ୍ତା, ନରେନ୍ଦ୍ରକୋଣରୁ ଶୌଚାଳୟ ଛକ, ଶୌଚାଳୟ ଛକରୁ ଦେବୀଘାଟ ଛକ, ବଡ଼ଦାଣ୍ଡପଟୁ ମାଜେଣା ଲେନ୍ ଏବଂ ଅକ୍ଷୟ ପାତ୍ର ଲେନ୍‌କୁ ନୋ ଭେଇକ୍ଲି ଜୋନ୍ କରାଯାଇଛି। ମଙ୍ଗଳାଘାଟପଟୁ ଆସୁଥିବା ସମସ୍ତ ଯାନ ଦେବୀଘାଟ ଛକରୁ ଭାୟା ଜଟିଆବାବା ଛକ ଦେଇ କୁମ୍ଭାରପଡ଼ାକୁ ଯିବ। ସେହିପରି ମାର୍କେଟ୍ ଛକଆଡ଼ୁ ଆସୁଥିବା ଗାଡ଼ି ଜେବିପିସି ଓ ମ୍ୟୁନିସିପାଲିଟି ପାର୍କିଂରେ ରହିବ। ମଙ୍ଗଳାଘାଟ ପଟୁ ଆସୁଥିବା ଗାଡ଼ି ବିଶ୍ୱେଶ୍ୱରୀ ଛକ ଆଡ଼କୁ ଶ୍ରୀସେତୁ ବ୍ରିଜ୍ ତଳେ ପାର୍କିଂ କରିବେ।

ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୬ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ୨ ଜଣ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକ୍ଟର, ୨୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୪ ଜଣ ହାବିଲ୍‌ଦାର, ୩୭ ଜଣ ଏପିଆର୍, ୫୮ ଜଣ ହୋମ୍‌ଗାର୍ଡଙ୍କୁ ନିୟୋଜିତ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

'ପିଙ୍କ୍ ହେଲ୍ପ ଡେସ୍କ'ର ଶୁଭାରମ୍ଭ

## ମହିଳା ଭକ୍ତଙ୍କୁ ମିଳିବ ସୁରକ୍ଷା ଓ ସୁବିଧା




ପୁରୀ,୧୮।୫(ସମିସ): ଶ୍ରୀମନ୍ଦିରକୁ ଆସୁଥିବା ମହିଳା ଭକ୍ତଙ୍କୁ ସୁରକ୍ଷା ଦେବା ଏବଂ ସେମାନଙ୍କୁ ବିଭିନ୍ନ ସୁବିଧା ଉପଲବ୍ଧ କରାଇବା ଲାଗି ପୁରୀ ପୁଲିସ ଭିନ୍ନ ପଦକ୍ଷେପ ନେଇଛି। ଏହି ଲକ୍ଷ୍ୟରେ ରବିବାର ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟରେ ଖୋଲାଯାଇଛି ପିଙ୍କ୍ ହେଲ୍ପ ଡେସ୍କ। ଏହାକୁ ଏସ୍‌ପି ବିନୀତ୍ ଅଗ୍ରୱାଲ ଶୁଭାରମ୍ଭ କରିଛନ୍ତି। ଏହା ମାଧ୍ୟମରେ ମହିଳା ଭକ୍ତଙ୍କ ସୁରକ୍ଷା ସୁନିଶ୍ଚିତ ହେବା ସହିତ ସେମାନଙ୍କୁ ସ୍ନେହଭରା ସନ୍ଦେଶ ଦେବାରେ ଏହା ବେଶ୍ ସହାୟତା ହେବ ବୋଲି ଏସ୍‌ପି ଆଶାବ୍ୟକ୍ତ କରିଛନ୍ତି। ପିଙ୍କ୍ ହେଲ୍ପ ଡେସ୍କରେ ମହିଳା ଭକ୍ତମାନେ ସେମାନଙ୍କର କୌଣସି ସମସ୍ୟା ବା ଅଭିଯୋଗ ଉପସ୍ଥାପନ କରିପାରିବେ। ପୁଲିସ ଯଥାଶୀଘ୍ର ଏହାର ସମାଧାନ ପାଇଁ ସେହିଠାରୁ ହିଁ ଉଦ୍ୟମ କରିବ। ଏହାଦ୍ୱାରା ମହିଳା ଭକ୍ତମାନେ ଏକ ଭଲ ଅନୁଭୂତି ନେଇ ପୁରୀରୁ ଫେରିବେ ବୋଲି ଲକ୍ଷ୍ୟ ରଖିଛି ପୁଲିସ। ଭାରତର ଚାରିଧାମ ମଧ୍ୟରୁ କେବଳ ପୁରୀ ଧାମରେ ଏଭଳି ଏକ ଡେସ୍କ ଖୋଲାଯାଇଛି। ଏସ୍‌ପି ଶ୍ରୀ ଅଗ୍ରୱାଲ ପିଙ୍କ୍ ହେଲ୍ପ ଡେସ୍କକୁ ସକ୍ରିୟ କାର୍ଯ୍ୟକ୍ଷମ କରିବା ପାଇଁ ୬ ମହିଳା କନେଷ୍ଟବଳଙ୍କୁ ନିଯୁକ୍ତ କରିଛନ୍ତି। ଏମାନେ ମହିଳା ଭକ୍ତଙ୍କୁ ସୂଚନା, ଦିଗ୍‌ଦର୍ଶନ, ତତ୍କାଳ ସହାୟତା ପ୍ରଦାନ ସହିତ ସେମାନଙ୍କ ଅଭିଯୋଗ ଓ ପ୍ରତିକ୍ରିୟା ସଂଗ୍ରହ କରିବେ। ଯଦି କୌଣସି ମହିଳା ଅସୁବିଧାରେ ପଡ଼ିଥିବେ ତାଙ୍କୁ କିପରି ସହଯୋଗ ମିଳିପାରିବ ସେ ବାବଦରେ ଅଧିକାରୀଙ୍କ ସହ ଯୋଗାଯୋଗ କରିବେ। ସେମାନଙ୍କର ମନ୍ଦିର ଭିତରେ କିମ୍ବା ବାହାରେ ଯଦି କୌଣସି ସାମଗ୍ରୀ ହଜିଗଲା କିମ୍ବା କୌଣସି ଜାଗାରେ ଠକେଇର ଶିକାର ହେଲେ ତେବେ ହେଲ୍ପ ଡେସ୍କରେ ଅଭିଯୋଗ କରିପାରିବେ। ସେହିଠାରୁ ନିର୍ଦ୍ଦିଷ୍ଟ ଥାନାକୁ ଯୋଗାଯୋଗ କରାଯାଇ ମହିଳା ଭକ୍ତଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ। ପୁଲିସର ଏଭଳି ଏକ ମହତ୍ ଉଦ୍ଦେଶ୍ୟକୁ ସମସ୍ତେ ସାଧୁବାଦ ଜଣାଇଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଏସ୍‌ପିଙ୍କ ସହ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଓ ସିଂହଦ୍ୱାର ଥାନା ଅଧିକାରୀ ଶ୍ୱେତପଦ୍ମା ଦାଶ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

## ଜୁନ୍ ୧୬ରୁ ବେଳାଭୂମିରେ କୃଷି ଓ ଲୋକମେଳା

ପୁରୀ,୧୮।୫(ସମିସ): ଆସନ୍ତା ଜୁନ୍ ୧୬ରୁ ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ଆରମ୍ଭ ହେବ ପାଞ୍ଚଦିନ ବ୍ୟାପୀ ୨୩ତମ ଲୋକମେଳା ଓ ୧୬ତମ କୃଷିମେଳା। ଲୋକମେଳାରେ ଭାରତର ୨୦ ରାଜ୍ୟରୁ ପ୍ରାୟ ୬୦୦ ଲୋକନୃତ୍ୟ ଶିଳ୍ପୀ ଯୋଗ ଦେଉଥିବା ବେଳେ ଭାରତ ସରକାର ଓ ରାଜ୍ୟ ସରକାରଙ୍କ କୃଷି, ମତ୍ସ୍ୟ ଓ ପଶୁପାଳନ, ପାଣିପାଗ ବିଭାଗ କୃଷିମେଳାରେ ଯୋଗଦେବେ। ଏହି ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେବେ ବୋଲି ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ରବିବାର ବୀର ହରେକୃଷ୍ଣପୁର ବିରଜାଇ ପୀଠରେ ଅନୁଷ୍ଠିତ ପ୍ରସ୍ତୁତି କମିଟିରେ ଘୋଷଣା କରିଛନ୍ତି ସଭାପତି ଡ. ହରେକୃଷ୍ଣ ଶତପଥୀ, ମୁଖ୍ୟ ଉପଦେଷ୍ଟା ତଥା ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ସମ୍ପାଦକ ରାଜେଶ କୁମାର ମହାନ୍ତି। ଏହି କମିଟିରେ ବିଜେପି ଜିଲ୍ଲା ସଭାପତି ଡ.

**ଯୋଗଦେବେ ୨୦ ରାଜ୍ୟର ୬୦୦ କଳାକାର**



ଦେବେନ୍ଦ୍ର ନାଥ ତରେଇ, ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରର ନିର୍ଦ୍ଦେଶକ ପ୍ରସନ୍ନ କୁମାର ଦାସ, ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ମାଧବ ଚନ୍ଦ୍ର ପୂଜାପଣ୍ଡା, ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ବଦ୍ରି ମିଶ୍ର, ମନୋଜ ରଥ, ଭରତ ନାୟକ, ଭକ୍ତ ଚରଣ ଦାସ, ବିଦ୍ରୋହ ସିଂ, ଜୟନ୍ତ କୁମାର ଦାଶ, ଡ. ଭାସ୍କର ମିଶ୍ର, ଡ. ପ୍ରଦ୍ୟୁମ୍ନ ସାଥୁଆ, ହୁଲାଶ ଚନ୍ଦ୍ର ଜେନା, ପ୍ରଧାନ ଧୀରେନ୍ଦ୍ର ରାୟ, ବିନୋଦ ପ୍ରଧାନ, ନାରାୟଣ ପାତ୍ର, ସତ୍ୟବ୍ରତ ଦାସ, ସୌମ୍ୟରଞ୍ଜନ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଯୋଗଦେଇ ପ୍ରସ୍ତୁତିର ରୂପରେଖ ନିର୍ଦ୍ଧାରଣ କରିଥିଲେ। ଏଥିରେ ଧନ୍ୟବାଦ ଦେଇଥିଲେ ଶ୍ୟାମପ୍ରକାଶ ସେନାପତି। ପାଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶର ଲକ୍ଷାଧିକ ଦର୍ଶକ ସମବେତ ହେବାର ସମ୍ଭାବନା ଥିବାରୁ ଏହାର ସଫଳ ରୂପାୟଣ ଓ ଶୃଙ୍ଖଳିତ କରିବା ପାଇଁ ଖୁବ୍‌ଶୀଘ୍ର ଜିଲ୍ଲା ପ୍ରଶାସନ ସହ ଏକ ବୈଠକ କରାଯିବ। ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ରାଜ୍ୟର କଳାକାରମାନେ ବେଳାଭୂମି ସଫେଇ କରିବେ ବୋଲି ଅନୁଷ୍ଠାନର ସମ୍ପାଦକ ରାଜେଶ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

ଶ୍ରୀମନ୍ଦିର ଜମିକୁ ନେଇ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ମହାପ୍ରଭୁଙ୍କ ସମ୍ପତ୍ତି ସୁରକ୍ଷା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବଦ୍ଧପରିକର

ପୁରୀ,୧୮।୫(ସମିସ): ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତି ସମ୍ପର୍କିତ ଏକ ମାମଲାରେ ଶ୍ରୀମନ୍ଦିର ପ୍ରଶାସନ ସପକ୍ଷରେ ରାୟ ଦେଇଛନ୍ତି ହାଇକୋର୍ଟ। ଖୋର୍ଦ୍ଧା ଜିଲ୍ଲା ଜଟଣୀ ତହସିଲ କନ୍ତିଆ ମୌଜାର ବହୁମୂଲ୍ୟ ୧୫ ଏକର ଜମିକୁ ନେଇ ନିର୍ଦ୍ଦିଷ୍ଟ ଏକ ସଂସ୍ଥା ପକ୍ଷରୁ ଦାଏର ଏହି ମାମଲାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରିଭ୍ୟୁ ପିଟିସନ ଦାଖଲ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ବଳିଷ୍ଠ ଯୁକ୍ତି ବାଢ଼ିଥିବା ବେଳେ ନିଜେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଅଦାଲତରେ ହାଜର ହୋଇ ମହାପ୍ରଭୁଙ୍କ ଭୂ ସମ୍ପତ୍ତିର ସ୍ୱାର୍ଥ ରକ୍ଷା ପାଇଁ ପକ୍ଷ ରଖିଥିଲେ। ଆଡଭୋକେଟ୍ ଆନନ୍ଦ ଚନ୍ଦ୍ର ସ୍ୱାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମାମଲାର ପରିଚାଳନା କରୁଥିଲେ। କୌଣସି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବା ଅନୁଷ୍ଠାନର ଲୋଲୁପ ଦୃଷ୍ଟିକୁ ବରଦାସ୍ତ କରାଯିବ ନାହିଁ। ଶ୍ରୀମନ୍ଦିର ଭୂସମ୍ପତ୍ତି ଗୁଡିକର କମ୍ପ୍ୟୁଟରୀକରଣ ସହ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ରାଜ୍ୟ ସରକାରଙ୍କ ସମାନ ନୀତି (ୟୁନିଫର୍ମ ପଲିସି) ଓ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ ଅନୁଯାୟୀ ସମସ୍ତ ଜମିର ସୁରକ୍ଷା କରାଯିବ। ଏହି ମାମଲାରେ କୋର୍ଟ ଦେଇଥିବା ନିର୍ଦ୍ଦେଶ ଆଗାମୀ ଦିନରେ ଶ୍ରୀମନ୍ଦିରର ଭୂସମ୍ପତ୍ତି ପରିଚାଳନା କ୍ଷେତ୍ରରେ ଏକ ମାର୍ଗଦର୍ଶକ ସାଜିବ ଏବଂ ଏହାକୁ କଡାକଡି ଭାବେ ଅନୁପାଳନ କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ବଦ୍ଧପରିକର ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

## ସିଂହଦ୍ୱାରରେ ସେଣ୍ଟ ଜନ୍ ଆମ୍ବୁଲାନ୍ସ ସେବା

ପୁରୀ,୧୮।୫(ସମିସ): ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ପାନୀୟଜଳ, ଦହିପାଣି ବାଣ୍ଟିବା ପାଇଁ ଅଣ୍ଟା ଭିଡ଼ିଥିଲା ସେଣ୍ଟଜନ୍ ଆମ୍ବୁଲାନ୍ସ। ଗତ ପଣା ସଂକ୍ରାନ୍ତିଠାରୁ ଆମ୍ବୁଲାନ୍ସର ବ୍ରିଗେଡ୍ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସ୍ୱେଚ୍ଛାକୃତ ଭାବେ ଶ୍ରଦ୍ଧାଳୁଙ୍କୁ ଜଳଛତ୍ର, ଦହି ସର୍ବତ ଓ ଟଙ୍କତୋରାଣି ବଣ୍ଟନ କାର୍ଯ୍ୟ କରିଆସୁଛନ୍ତି। ଅନେକ ସମୟରେ ଭକ୍ତମାନେ ଧାଡ଼ି ଦର୍ଶନରେ ଅପେକ୍ଷା କରିଥିବାବେଳେ ସେମାନଙ୍କୁ ଏହି ଜଳସେବା ପ୍ରଦାନ କରାଯାଉଛି। ଏତଦ୍‌ବ୍ୟତୀତ ଅନେକ ସମୟରେ ବରିଷ୍ଠ ନାଗରିକ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ତା' ଉପରେ ଧ୍ୟାନ ଦେଇଛନ୍ତି ଆମ୍ବୁଲାନ୍ସର ବିଗ୍ରେଡ୍। ସେଣ୍ଟ ଜନ୍ ଆମ୍ବୁଲାନ୍ସର ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ଅନୁସାରେ ମହାପ୍ରଭୁଙ୍କ ଭକ୍ତମାନଙ୍କୁ ସେବା ଯୋଗାଇ ଆମେ ନିଜକୁ ଧନ୍ୟ ମନେ କରିଛୁ। ଭକ୍ତମାନଙ୍କର ଶୋଷ ମେଣ୍ଟାଇବା ପାଇଁ ଚେଷ୍ଟା କରିଛୁ।

ସେଣ୍ଟ ଜନ୍ ଆମ୍ବୁଲାନ୍ସର ସଭାପତି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଏହି ଜଳ ସେବା ପ୍ରଦାନ କରାଯାଉଛି। ଏହି ଜଳ ବଣ୍ଟନରେ ବ୍ରିଗେଡ୍ ମଧୁମିତା ମହାପାତ୍ର, ଜଗନ୍ନାଥ ଆମ୍ବୁଲାନ୍ସର କମାଣ୍ଡର ଲାଲା ଅନନ୍ତ ସିଂ, ଅଜୟକୃଷ୍ଣ ଦାସ, ବିଜୟଲକ୍ଷ୍ମୀ ଦାସ, ଜୟନ୍ତୀ ମହାପାତ୍ର, ନିରଞ୍ଜନ ମହାପାତ୍ର, ରଞ୍ଜନ ଅଗ୍ରୱାଲ, ମିଶନ ଓଡ଼ିଶା ଆମ୍ବୁଲାନ୍ସର ସବ୍ୟସାଚୀ ସେନାପତି, ଅଜୟ ପ୍ରଧାନ, ଜ୍ୟୋତିର୍ମୟୀ ଦାଶ, ରାଜଲକ୍ଷ୍ମୀ ବେହେରା, ରୋଜାଲିନ୍ ସାହୁ, ଯଯାତୀ କେଶରୀ, ପ୍ରଶାନ୍ତ ଭୋଇ, କିଶୋର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲାପାଳ, ପୁରୀ ଏସ୍‌ପି ଏହି ଜଳବଣ୍ଟନ କାର୍ଯ୍ୟକ୍ରକୁ ଭୂରି ଭୂରି ପ୍ରଶଂସା କରିଛନ୍ତି।


## ଦିବ୍ୟଜ୍ୟୋତି କନିଷ୍ଠ ଜାତୀୟ ସାଂସ୍କୃତିକ ବୃତ୍ତି ପାଇଁ ମନୋନୀତ



ପୁରୀ,୧୮।୫(ସମିସ): ପୁରୀ ଜିଲ୍ଲା କପିଳେଶ୍ୱରପୁର ଗ୍ରାମର ଗୋପାଳ ଚନ୍ଦ୍ର କର ଏବଂ ସସ୍ମିତା ମିଶ୍ରଙ୍କ ପୁତ୍ର ଦିବ୍ୟଜ୍ୟୋତି କରଙ୍କୁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ୨୦୨୪/୨୫ ବର୍ଷ ପାଇଁ ସିସିଆର୍‌ଟି କନିଷ୍ଠ ଜାତୀୟ ସାଂସ୍କୃତିକ ବୃତ୍ତି ପାଇଁ ମନୋନୀତ କରାଯାଇଛି। ଓଡ଼ିଶୀ ସଙ୍ଗୀତ ଗୁରୁ ପ୍ରକାଶ କୁମାର ରଥ, ଗୁରୁ ତାପସ କୁମାର ନାୟକ ଏବଂ ମର୍ଦ୍ଦଳ ଗୁରୁ ଜଗନ୍ନାଥ ମିଶ୍ରଙ୍କ ମାର୍ଗଦର୍ଶନରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଶିଖୁଛନ୍ତି। ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ୭ମ ଶ୍ରେଣୀରେ ଅଧ୍ୟୟନ କରିବା ସହିତ ଶ୍ରୀକ୍ଷେତ୍ରର ପ୍ରାଚୀନ ସଙ୍ଗୀତ ଅନୁଷ୍ଠାନ ଲିଙ୍ଗରାଜ କଳା ନିକେତନରେ ଶିକ୍ଷା ଗ୍ରହଣ କରୁଛନ୍ତି। ଭବିଷ୍ୟତରେ ସେ ଜଣେ ପ୍ରସିଦ୍ଧ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ହେବାକୁ ଇଚ୍ଛା ରଖିଛନ୍ତି। ସେ ବୃତ୍ତି ପାଇଁ ମନୋନୀତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

ରଥଖଳାରୁ...

## ଆଜି ଚକଡେରା



ପୁରୀ,୧୮।୫(ସମିସ): ସୋମବାର ଶ୍ରୀକ୍ଷେତ୍ର ଭଉଁରୀ। ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ତିନିରଥର ୬ଟି ନାହାକା ଚକ ଡେରା ଯିବାର ବିଧି ରହିଛି। ଏଥିଲାଗି ରଥଖଳାରେ ଆବଶ୍ୟକ ଚକ ଓ ଅଖ ପ୍ରସ୍ତୁତ ହୋଇଥିବା ବେଳେ ରଥ ନିର୍ମାଣକାରୀ ସେବକ ଏହି ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ରଥ ଆଜ୍ଞାମାଳ ଆସି ଲାଗି ହେବା ପରେ ଚକ ଡେରାଯିବ। ରବିବାର ତୁମ୍ବ ବିନ୍ଧ କାରିଗରଙ୍କ ଦ୍ୱାରା ଅଖ ବିନ୍ଧ ପରେ ତିନିରଥର ମହାରଣା ସେବକମାନେ ସିଙ୍ଗଡ଼ାରେ ପଇ ରଖି ମାପ ଚିହ୍ନ ପ୍ରକାରେ ସାଲ କାର୍ଯ୍ୟ ଶେଷ କରିଥିଲେ। ମଧ୍ୟାହ୍ନ ବିରତି ପରେ ତିନି ରଥର ମହାରଣା ସେବକମାନେ ୩ଟି ଚକ ପାଇଁ ୧୨ଟି ଲେଖାଏଁ ପଇ ବିନ୍ଧ ଶେଷ କରିଥିଲେ। ଏହାପରେ ପ୍ରତ୍ୟେକ ରଥର ତିନିଟି ଲେଖାଏଁ ସିଙ୍ଗଡ଼ାରେ ପଇ ସଂଯୋଗ ଶେଷ ହୋଇ ସେଥିରେ କିଳା ବାଡ଼ିଆ ବା ବିଲେଇ ବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। ଏହାପରେ ପଇ କଳସା ଜାରି ରହିଛି। ରଥଖଳାରେ ସ୍ଥାନାଭାବ ଯୋଗୁଁ ଅଧିକ ଚକ ନିର୍ମାଣ କରି ରଖିବା ସମ୍ଭବ ହେଉନାହିଁ। ତେଣୁ ପରମ୍ପରା ଅନୁସାରେ ସୋମବାର ଭଉଁରୀ ତିଥିରେ ଚକ ଅଖ ଡେରା ନୀତି ପରେ ନିର୍ମାଣ ସରିଥିବା ଚକଗୁଡ଼ିକୁ ବିଧିମତେ ବାହାରକୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଅଣାଯିବ।

ଏଥିସହ ରବିବାର ସୁଦ୍ଧା ତିନି ରଥର ସମସ୍ତ ସାଲ ଗୁଜ, ତିଖଗୁଜ, ଜଳଯନ୍ତ୍ର, କୁତୁକା, ଓରା ଏବଂ ଗୋଟିଏ ଲେଖାଏଁ ସିଂହାସନ ନିର୍ମାଣ ସହ ସେଥିରେ ତିନିଥାକିଆ ରାହା କଟା ଶେଷ କରିଛନ୍ତି। ଏଥିସହ ପ୍ରତ୍ୟେକ ରଥର ଗୋଟିଏ ଗୋଟିଏ ପ୍ରଭା ଅପ୍‌ସରା ଚଉପଟ କାର୍ଯ୍ୟ ଶେଷ ହୋଇଛି। ଏହା ଶ୍ରୀବିଗ୍ରହଙ୍କ ଆସ୍ଥାନ ପଛ ପାର୍ଶ୍ୱରେ ଠାକୁରଙ୍କ ପ୍ରଭା ଫିଟିଂ ପାଇଁ ରଖାଯିବ। ସେହିପରି ରୂପକାର ସେବକମାନେ ତିନି ରଥର ୧୧ଟି ଲେଖାଏଁ ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଥିବା ସହ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ କରୁଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନିରଥର ଆବଶ୍ୟକ ପଦାରି, ତୁମ୍ବ ବଳା, ଦଶ ଏଗାରଟି ଚକ ପାଇଁ ଆବଶ୍ୟକ ଅରକଣ୍ଟା ନିର୍ମାଣ ଶେଷ କରି ଚକା ଡେରା ନୀତି ପାଇଁ ଅନୁକୂଳ ପଦାରି ଚାବି ନିର୍ମାଣ ଶେଷ କରିଛନ୍ତି।



ରଥଖଳାରେ ପହଞ୍ଚିଲା ୪୦ ଫୁଟିଆ କାଠ

ସକାଳ
THE SAKALA

# ସମ୍ପାଦକୀୟ



ପତି-ପତ୍ନୀ ଉଭୟେ ଉଭୟଙ୍କର ସମର୍ଥକ ଓ ଉତ୍ତମ ବନ୍ଧୁ ହେବା ଉଚିତ ।
-ସୁଧା ମୂର୍ତ୍ତି

## ଯୁଦ୍ଧବିରାମ (ନିଃ)ଆଶା!

ସୁଖର ଖବର ଯେ ଯୁଦ୍ଧଲିପ୍ତ ଦୁଇ ରାଷ୍ଟ୍ର ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ପାଇଁ ରାଜିନାମା ସ୍ୱାକ୍ଷର ହୋଇଛି । ତୁର୍କୀର ଇସ୍ତାନାବୁଲ୍ ଡୋଲମାବାହେ ରାଜପ୍ରାସାଦରେ ଦୁଇରାଷ୍ଟ୍ରର ଉଚ୍ଚସ୍ତରୀୟ ସରକାରୀ ଅଧିକାରୀଙ୍କ ମଧ୍ୟରେ ଦୁଇଘଣ୍ଟା ଧରି ହୋଇଥିବା ଆଲୋଚନା ପରେ ଉଭୟ ଦେଶ ପ୍ରାଥମିକ ପର୍ଯ୍ୟାୟରେ ୧ ହଜାର ଲେଖାଏଁ ଯୁଦ୍ଧବନ୍ଦୀଙ୍କୁ ହସ୍ତାନ୍ତର କରିବେ ବୋଲି ସମ୍ମତ ହୋଇଛନ୍ତି । ଯୁଦ୍ଧବିରାମ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳି ନଥିଲେ ମଧ୍ୟ ତିନିବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଯୁଦ୍ଧଲିପ୍ତ ଦୁଇ ରାଷ୍ଟ୍ର ମଧ୍ୟରେ ତୃତୀୟ ପକ୍ଷ ବା ମଧ୍ୟସ୍ଥିଙ୍କ ବିନା ପ୍ରତ୍ୟକ୍ଷ ଆଲୋଚନା ହେବା ଏକ ଶୁଭସୂଚନା । ହୁଏତ ଏହା ଭବିଷ୍ୟତରେ ଯୁଦ୍ଧବିରାମ ସମ୍ଭାବନା ସୃଷ୍ଟି କରିପାରେ ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଯୁଦ୍ଧବିରାମ ଉଦ୍ୟମ ବିଫଳ ହେବା ପରେ ଦୁଇ ପ୍ରତିପକ୍ଷ ହଠାତ୍ ଏଭଳି ସକାରାତ୍ମକ ପଦକ୍ଷେପ ନେବା ନିଶ୍ଚିତ ବିସ୍ମୟକର ହେଲେ ମଧ୍ୟ ବିଶ୍ୱହିତ ପାଇଁ ଆଶ୍ୱସ୍ତିକର । କେତେକ ରଣନୀତି ବିଶାରଦଙ୍କ ମତରେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ରୁଷ-ୟୁକ୍ରେନ୍‌କୁ ପ୍ରଭାବିତ କରିଥାଇପାରେ । ବିଶ୍ୱରେ ନିଜକୁ ଶାନ୍ତିଦୂତ ଭାବେ ଉପସ୍ଥାପନ କରିବାର ପ୍ରଚେଷ୍ଟା କରୁଥିବା ଡୋନାଲ୍ଡ ଟ୍ରମ୍ପଙ୍କ ଭୂମିକା ଓ ଉଦ୍ୟମକୁ ଗୌଣ କରିବା ପାଇଁ ଉଭୟ ଦେଶର ଏହା ଚତୁର ରଣକୌଶଳ ବୋଲି ହେଉଥିବା ଆଲୋଚନାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ । କିନ୍ତୁ ଟ୍ରମ୍ପଙ୍କ ଉଚ୍ଚାକାଂକ୍ଷାକୁ ଭଣ୍ଡୁର କରିବାର ସଫଳତା ତୁଳନାରେ ଦୁଇ ଦେଶ ଶାନ୍ତିପଥଗାମୀ ହୋଇ ଯୁଦ୍ଧ କ୍ଷୟକ୍ଷତିରୁ ଉଭୟ ଦେଶର ନାଗରିକଙ୍କୁ ସୁରକ୍ଷା ଦେବା ବଡ଼ କଥା, ଯାହାର କିଞ୍ଚିତ ସମ୍ଭାବନା ବିଷୟରେ ୟୁକ୍ରେନ୍ ଅଧିକାରୀ ରୁସ୍ତମ୍ ୟୁମେରୋଭ ଏବଂ ରୁଷ ପ୍ରତିପକ୍ଷ ଭ୍ଲାଦିମିର ମେଡିନ୍‌ସ୍କିଙ୍କ ବକ୍ତବ୍ୟରୁ ଆଭାସ ମିଳୁଛି । ଯୁଦ୍ଧବିରାମ ସମ୍ଭାବନାକୁ ଉଭୟ ପକ୍ଷ ଅସ୍ୱୀକାର କରି ନଥିଲେ ମଧ୍ୟ ଏହାର ଶେଷ ନିଷ୍ପତ୍ତି ପାଇଁ ଉଭୟ ଦେଶର ରାଷ୍ଟ୍ରମୁଖ୍ୟ ଭେଟିବା ଉଚିତ ବୋଲି ମତ ଦେଇଛନ୍ତି । ଅର୍ଥାତ୍ ଯୁଦ୍ଧବିରାମ ସମ୍ଭାବନା ଏବେ ମଧ୍ୟ ଦୋଛକିରେ ରହିଛି ।



ଦୁଇଦେଶର ନାଗରିକଙ୍କ ସମେତ ବିଶ୍ୱବାସୀ ଆଶା କରିବେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କିଙ୍କ ମଧ୍ୟରେ ଆଲୋଚନା ସକାରାତ୍ମକ ହୋଇ ଖୁବ୍‌ଶୀଘ୍ର ଯୁଦ୍ଧବିରାମ ଘୋଷଣା ହେଉ । କିନ୍ତୁ ଯୁଦ୍ଧ ପଛରେ ଥିବା ମୂଳ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ କୁହୁଳୁଥିବା ଧୂଆଁ ତଳୁ ପୁଣି ଯୁଦ୍ଧାଗ୍ନି ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ । କାରଣ ନିଜ ନାମ ଗୋପନ ରଖିବା ସର୍ତ୍ତରେ ୟୁକ୍ରେନ୍‌ର ଜଣେ ଉଚ୍ଚ ପଦାଧିକାରୀ ରଏଟର ସମ୍ବାଦ ସରବରାହ ସଂସ୍ଥାକୁ ଦେଇଥିବା ସୂଚନା ଅନୁଯାୟୀ ଯୁଦ୍ଧବିରାମ ପାଇଁ ରୁଷିଆ ଦାବି କରୁଥିବା ଅଞ୍ଚଳରୁ ୟୁକ୍ରେନ୍‌କୁ ହଟିଯିବାକୁ ପୁଟିନ୍ ସର୍ତ୍ତ ଆରୋପ କରୁଛନ୍ତି, ଯାହା ୟୁକ୍ରେନ୍ ପକ୍ଷରେ ଗ୍ରହଣୀୟ ହେବା ସହଜ ନୁହେଁ । ୟୁକ୍ରେନ୍ ଚାହୁଁଛି ସର୍ତ୍ତବିହୀନ ସଚ୍ଚୋଟ ଓ ସ୍ପଷ୍ଟ ଯୁଦ୍ଧବିରତି । ଆହୁରି ମଧ୍ୟ ଉଭୟପକ୍ଷ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ କରିବାକୁ ସମ୍ମତ ହେବାର ମାତ୍ର କିଛିଘଣ୍ଟା ପରେ ରୁଷ୍‌ର ଡ୍ରୋନ୍ ଆକ୍ରମଣରେ ୯ ଜଣ ବସ୍‌ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ୟୁକ୍ରେନ୍ ଅଭିଯୋଗ କରିଛି । ଏହା ଦ୍ୱିପାକ୍ଷିକ ଆଲୋଚନା ଓ ବିଶ୍ୱାସକୁ ଭଣ୍ଡୁର କରିପାରେ ।

ଗତ କିଛି ସପ୍ତାହର ଘଟଣାବଳୀକୁ ନିରେଖି ଦେଖିଲେ ବିଶ୍ୱ ଭୂ-ରାଜନୀତିରେ ସମ୍ପ୍ରତି ମଧ୍ୟସ୍ଥି ଓ ଶାନ୍ତିଦୂତ ଭାବେ ନିଜକୁ ଉପସ୍ଥାପନ କରିବାର ଏକ ନୂଆ ଧାରା ଆରମ୍ଭ ହୋଇଯାଇଥିବା ଜଣାପଡୁଛି । ବିଡ଼ମ୍ବନା ହେଉଛି, ସମରବିଳାସୀ ରାଷ୍ଟ୍ରମାନେ ହିଁ ଏଭଳି ଶାନ୍ତିଦୂତ ଭାବେ ନିଜର ପରିଚୟ ସୃଷ୍ଟି କରିବାକୁ ଆଗ୍ରାହାନ୍ୱିତ ହୋଇପଡୁଛନ୍ତି । ତେଣୁ ଶାନ୍ତି ବାର୍ତ୍ତା ଓ ଯୁଦ୍ଧବିରାମର ମହତ୍ ଲକ୍ଷ୍ୟ ମୂଳରୁ ହିଁ ଭଣ୍ଡୁର ହୋଇଯାଉଛି । ରୁଷ-ୟୁକ୍ରେନ୍ ଯୁଦ୍ଧ ପଛରେ ଆମେରିକାର ପ୍ରଚ୍ଛନ୍ନ ଭୂମିକା ଏବଂ କାରଣମାନ ଅଛପା ନୁହେଁ, ଅଥଚ ସେହି ରାଷ୍ଟ୍ର ହିଁ ଶାନ୍ତିଦୂତ ହେବାକୁ ଆଗ୍ରହୀ । ଗୋଟିଏ ପଟେ ଭାରତକୁ ବନ୍ଧୁତ୍ୱର ହାତ ବଢ଼ାଇ ଅନ୍ୟ ହାତରେ ପାକିସ୍ତାନକୁ ଆର୍ଥିକ, ବାଣିଜ୍ୟିକ ସହାୟତା ଅଜାଡ଼ି ଦେଇ ସେହି ଦୁଷ୍ଟରାଷ୍ଟ୍ରର କୂଟନୈତିକ ମନୋବଳ ବଢ଼ାଉଥିବା ଆମେରିକା ଭାରତ-ପାକିସ୍ତାନ ଅସ୍ତ୍ରବିରତିର ଶ୍ରେୟ ନେବାକୁ ଆତୁର ଏବଂ କାଶ୍ମୀର ସମସ୍ୟାରେ ମଧ୍ୟସ୍ଥତା କରିବାକୁ ତତ୍ପର । ଏକବିଂଶ ଶତାବ୍ଦୀରେ ବିସ୍ତାରବାଦୀ ଆଭିମୁଖ୍ୟ ପାଇଁ ଜଣାଶୁଣା ଚୀନ୍ ଏବଂ ଯୁଦ୍ଧରତ ପୁଟିନ୍ ଭାରତ-ପାକିସ୍ତାନ ସଂଯମ ରକ୍ଷା କରିବା ପାଇଁ ପରାମର୍ଶ ଦେବାରେ ଅବହେଳା କରୁନାହାନ୍ତି । ଭାରତର 'ଅପରେସନ୍ ସିନ୍ଦୂର'ରେ ପାକିସ୍ତାନକୁ ସାମରିକ ସହାୟତା ଦେଇଥିବା ତୁର୍କୀର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶାନ୍ତିକାମୀ ହେବାକୁ ରୁଷ ଓ ୟୁକ୍ରେନ୍‌କୁ ପରାମର୍ଶ ଦେଇଛନ୍ତି ।

ପ୍ରତିପତ୍ତିଲୋଭୀ ଜିଦ୍‌ଖୋର ରାଷ୍ଟ୍ରମୁଖ୍ୟମାନେ ହୁଏତ ଆସନ୍ତାକାଲି ଯୁଦ୍ଧବିରାମ କିମ୍ବା ଯୁଦ୍ଧ ସମାପ୍ତି ପାଇଁ ନିଃସର୍ତ୍ତ ଘୋଷଣା କରିପାରନ୍ତି । ସେଥିରେ କାହାର ଜୟ କିମ୍ବା ପରାଜୟ ହେବ ତାହା ଭିନ୍ନ କଥା । କିନ୍ତୁ ଏହି ଅହର ଲଢ଼େଇରେ ଦୁଇଦେଶର ଭିତ୍ତିଭୂମି ଓ ନାଗରିକଙ୍କ ଯେଉଁ କ୍ଷୟକ୍ଷତି ହେଲା, ଉତ୍ତର ପିଢ଼ିର ଭବିଷ୍ୟତ ଯେଉଁ ଅନ୍ଧକାର ଭିତରକୁ ଚାଲିଗଲା, ତାହାର ଭରଣା ହେବ କେମିତି? ବିଶେଷଜ୍ଞଙ୍କ ମତରେ ସମଗ୍ର ବିଶ୍ୱର ମିଳିତ ଉଦ୍ୟମ ସତ୍ତ୍ୱେ ଯୁଦ୍ଧବିଧ୍ୱସ୍ତ ୟୁକ୍ରେନ୍‌ର ଭିତ୍ତିଭୂମି ପୁନରୁଦ୍ଧାର ପାଇଁ ଅତିକମ୍‌ରେ ୧୦ ବର୍ଷ ଆବଶ୍ୟକ । ଆର୍ଥିକ କ୍ଷୟକ୍ଷତି ଭରଣାଯୋଗ୍ୟ ନୁହେଁ । ତେଣୁ ଏଭଳି ପରିସ୍ଥିତିରେ ଯୁଦ୍ଧ ଅପରାଧୀ ବାସ୍ତବରେ କିଏ? ସେମାନଙ୍କ ବିରୋଧରେ ଦଣ୍ଡବିଧାନ କ୍ଷମତା ମିଳିତ ଜାତିସଂଘର ଅଛି କି? ଏଭଳି ପ୍ରଶ୍ନର ସନ୍ତୋଷଜନକ ଦୀର୍ଘସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଏବଂ ସମରବିଳାସୀ ରାଷ୍ଟ୍ରମାନଙ୍କର ଚରିତ୍ରରେ ସୁଧାର ନ ଆସିବା ଯାଏଁ ରୁଷ-ୟୁକ୍ରେନ୍, ଭାରତ-ପାକିସ୍ତାନ, ଇସ୍ରାଏଲ୍-ପାଲେଷ୍ଟାଇନ୍ ବିବାଦ, ଉତ୍ତେଜନା ଓ ଯୁଦ୍ଧବିରାମର ସାମାନ୍ୟତମ ଆଶାର ଝଲକ ଦିଶୁନାହିଁ ।

# ବନ ବାସ୍ତବତା

**ଡ.ପ୍ରଫୁଲ୍ଲ କୁମାର ସାହୁ**

ଆମ ବସ୍ତୁବାଦୀ ଜୀବନଶୈଳୀ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛି ଉଦ୍ଭିଦ ଜଗତ ବା ସବୁଜିମା । ପୃଥିବୀରେ ବାର୍ଷିକ ଲୋପ ପାଇବାରେ ଲାଗିଛି ହାରାହାରି ପ୍ରାୟ ଦଶନିୟୁତ ହେକ୍ଟର ଅରଣ୍ୟ । ଏକଥା ସତ୍ୟ ଯେ ସାମାଜିକ ବିକାଶ ପାଇଁ ବୃକ୍ଷ ବଳିପଡ଼ିବା ପ୍ରକ୍ରିୟା ଜାରି ରହିଛି ସଭ୍ୟତା ଆରମ୍ଭରୁ । ଆଦିମ କାଳରେ ମଣିଷ ଯେତେବେଳେ ଧାତୁର ବ୍ୟବହାର ଜାଣି ନଥିଲା ଏବଂ ବୃକ୍ଷଚ୍ଛେଦନ ପାଇଁ ଯନ୍ତ୍ର ତିଆରି କରି ନଥିଲା, ସେତେବେଳେ ସେ ନିଆଁ ସାହାଯ୍ୟରେ ଜଙ୍ଗଲକୁ ପୋଡ଼ି ଆରମ୍ଭ କରିଥିଲା କୃଷିକାର୍ଯ୍ୟ । ସେତେବେଳେ କିନ୍ତୁ ମଣିଷକୁ ଗ୍ରାସ କରି ନ ଥିଲା ଅତ୍ୟଧିକ ଭୋଗଲାଳସା । ଯେତିକି ଆବଶ୍ୟକ, ପ୍ରକୃତିଠାରୁ ସେତିକି ସଂଗ୍ରହ କରି ସେ ବଞ୍ଚୁଥିଲା ଏକ ସୁନ୍ଦର ଓ ସନ୍ତୁଳିତ ପୃଥିବୀରେ । ବିଶେଷ କରି ମାଟିରୁ ବାହାରି ଜଳ ଓ ତାପ ପାଇଁ ଆକାଶ ଆଡ଼କୁ ବିସ୍ତାରିତ ହୋଇଥିବା ବୃକ୍ଷ ଭିତରେ ସେ ଆବିଷ୍କାର କରିଥିଲା ବିଶ୍ୱ ପ୍ରକୃତିର ମୌଳିକ ପ୍ରତ୍ୟୟ ।

ବୃକ୍ଷ ନିଜ ମଥାରେ ରୌଦ୍ର ତାପ ଶହେ, ଅଥଚ ଆଶ୍ରିତ ପଥିକକୁ ପ୍ରଦାନ କରେ ଶୀତଳ ଛାୟା । ଫଳ ପୁଷ୍ପଠାରୁ ଆରମ୍ଭ କରି ଡାଳ, ପତ୍ର ଓ ଛାଲି ଯାଏଁ ବୃକ୍ଷ କେବଳ ଦେଇ ଚାଲେ ପର-ଆପଣାର ଭେଦାଭେଦ ନରଖି । ତା'ର ମୂଳ ଛେଦନ କରୁଥିବା କାଠୁରିଆକୁ ବି ସେ ପ୍ରଦାନ କରେ ଫଳ, ପୁଷ୍ପ ଓ ଛାୟା । ଏପରିକି ଚନ୍ଦନ ତରୁକୁ କର୍ତ୍ତନ କରୁଥିବା କୁଠାର ବି ନିଜେ ସୁରଭିତ ହୋଇଯାଏ ଚନ୍ଦନ ଗନ୍ଧରେ । ବୃକ୍ଷର ଏହି ସହିଷ୍ଣୁତା ଗୁଣରେ ଅଭିଭୂତ ହୋଇ ଏ ଦେଶର ମୁନିଋଷିମାନେ ଉଚ୍ଚାରଣ କରିଥିଲେ 'ସବୁଜ ବନାନୀ ପ୍ଳାବନ ମନ୍ତ୍ର' । ବୃକ୍ଷକୁ 'ଦେବସଦନ' ବୋଲି ଅଭିହିତ କରି ଉପାସନା କରିଥିଲେ, ଯାହା ଲିପିବଦ୍ଧ ହୋଇ ରହିଛି ଆମ ଶାସ୍ତ୍ରପୁରାଣମାନଙ୍କରେ । ଏହି ଶାସ୍ତ୍ରବାଣୀରେ ଅନୁପ୍ରାଣିତ ହୋଇ ପର୍ଯ୍ୟାପ୍ତ ପରିମାଣର ବୃକ୍ଷରୋପଣ କରୁଥିଲେ ଆମ ପୂର୍ବଜମାନେ । ଏବେ ବିକାଶ ନାମରେ ରାସ୍ତା କଡ଼ରୁ ଯେଉଁ ମହାଦ୍ରୁମ ସବୁକୁ ଡ୍ରୋଜର ଲଗାଇ ଉତ୍‌ପାଟନ କରାଯାଉଛି, ତା'କୁ ସେମାନେ ଦିନେ ରୋପଣ କରିଥିଲେ ଅତି ଶ୍ରଦ୍ଧା ଓ ଯତ୍ନରେ । ଗାଁ ମୁଣ୍ଡରେ ବର ଓସ୍ତ ଗଛ ଲଗେଇ ପୂଜା କରୁଥିଲେ ଏବଂ ରୌଦ୍ରଦଗ୍ଧ ବୈଶାଖ ମାସରେ ସେ ଗଛମୂଳରେ ପାଣି ଢାଳୁଥିଲେ ଧର୍ମ ଅର୍ଜନ ପାଇଁ । ବୃକ୍ଷ ଦେବତାଙ୍କୁ ପୂଜା ଅର୍ଘ୍ୟ ବାଢ଼ିବାର ସେ ପ୍ରବଣତା ଆଜି ଆଉ କ'ଣ ଆମ ଭିତରେ ଅଛି?

ମଣିଷର ସ୍ଥିତି, ଉନ୍ନତି ଓ ଆଧ୍ୟାତ୍ମିକତା ସହ ବୃକ୍ଷ ଅଙ୍ଗାଙ୍ଗୀଭାବେ ଜଡ଼ିତ । ପ୍ରାଣ ସଂଚାର ପାଇଁ ପ୍ରଶ୍ୱାସରେ ବାୟୁଠାରୁ ଆରମ୍ଭ କରି ଖାଦ୍ୟ, ବସ୍ତ୍ର ଆଦି ପ୍ରତ୍ୟେକ କ୍ଷେତ୍ରରେ ବୃକ୍ଷର ଅବଦାନ ଅତୁଳନୀୟ । ମଣିଷ ପାଇଁ ବୃକ୍ଷର ସବୁଠାରୁ ବଡ଼ ଅବଦାନ ଅମ୍ଳଜାନ । ଚିକିତ୍ସାଳୟରେ ତିନୋଟି ସିଲିଣ୍ଡରରେ ଥିବା ଅମ୍ଳଜାନ ଜଣେ ବ୍ୟକ୍ତିର ଦୈନିକ ଶ୍ୱାସକ୍ରିୟା ପାଇଁ ଆବଶ୍ୟକ । ଗୋଟିଏ ସିଲିଣ୍ଡରର ବଜାର ମୂଲ୍ୟ ପାଖାପାଖି ଆଠ ଶହ ଟଙ୍କା । ଅର୍ଥାତ୍ ଜଣେ ବ୍ୟକ୍ତି ଦୈନିକ ୨୪୦୦ ଟଙ୍କାର ଅମ୍ଳଜାନ ଗ୍ରହଣ କରେ, ଯାହାକୁ ଉତ୍ପାଦନ କରନ୍ତି ଦୁଇଟି ୩୨ ଫୁଟ ଉଚ୍ଚତା ବିଶିଷ୍ଟ ଗଛ । ଆମେରିକାର କୃଷି ମନ୍ତ୍ରଣାଳୟ ରିପୋର୍ଟ(୨୦୧୫) ଅନୁଯାୟୀ ଏକ ଏକର ପରିମିତ ଭୂମିରେ ଥିବା ବୃକ୍ଷରାଜି ବା ଅରଣ୍ୟ ପାଞ୍ଚଟନ୍ ସବୁଜଗୃହ ବାଷ୍ପ ଅଙ୍ଗାରକାମ୍ଳ ଶୋଷଣ କରେ ଏବଂ ଚାରି ଟନ୍ ଅମ୍ଳଜାନ ନିର୍ଗମନ କରେ, ଯାହା ଅଠର ଜଣ ଲୋକଙ୍କ ଶ୍ୱାସକ୍ରିୟା ପାଇଁ ଯଥେଷ୍ଟ । ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନର ବୃହତ୍ ଉତ୍ସ ହେଉଛି ଅରଣ୍ୟ ।

ପରିବେଶ ବିଜ୍ଞାନୀଙ୍କ ମତରେ ଘଞ୍ଚ ଜଙ୍ଗଲ ଥିବା ଅଞ୍ଚଳର ବାୟୁମଣ୍ଡଳରେ କେବଳ ଅଧିକ ଅମ୍ଳଜାନ ନୁହେଁ, ଏଥିସହିତ ଥାଏ ବିଭିନ୍ନ ବୃକ୍ଷର ଫୁଲ, ପତ୍ର ଓ କଢ଼ରୁ ଝରୁଥିବା ସୂକ୍ଷ୍ମାତିସୂକ୍ଷ୍ମ ତୈଳ, ମଧୁକଣିକା ଓ ସୁଗନ୍ଧ । ତା'ର ସଂସ୍ପର୍ଶରେ ଆସିବା ଦ୍ୱାରା ସୁଦୃଢ଼ ହୁଏ ଆମ ଶରୀରର ପ୍ରତିରକ୍ଷା ବ୍ୟବସ୍ଥା । ଶାନ୍ତ ହୁଏ ସ୍ନାୟବିକ ଉତ୍ତେଜନା । ଦ୍ରୁତ ଅମ୍ଳଜାନ ସଂଶ୍ଳେଷଣ ଯୋଗୁଁ ଶରୀରର ଯାନ୍ତ୍ରିକ ପ୍ରକ୍ରିୟା ପାଇଁ ମିଳିଯାଏ ଆବଶ୍ୟକ ପୋଷଣ । ଫଳରେ କ୍ରିୟାଶୀଳ ହୋଇ ଉଠନ୍ତି ମରି ମରି ଯାଉଥିବା ମସ୍ତିଷ୍କର କୋଷିକା । ଆମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଏହା ହିଁ ଅରଣ୍ୟର ଏକ ସ୍ୱୟଂକ୍ରିୟ ସୁରକ୍ଷା ବ୍ୟବସ୍ଥା । ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ରିପୋର୍ଟ ଅନୁଯାୟୀ ଦୁନିଆର ପ୍ରାୟ ଏକ ହଜାର ନିୟୁତ ଲୋକ ମାନସିକ ବ୍ୟାଧିର ଶିକାର, ଯାହା ଫଳରେ ଗଭୀର ଭାବେ ପ୍ରଭାବିତ ହେଉଛି ପ୍ରତ୍ୟକ ଦେଶର ଅର୍ଥନୀତି । ମନସ୍ତତ୍ତ୍ୱବିତଙ୍କ ମତରେ ଏଥିରୁ ମୁକୁଳିବା ପାଇଁ ଆବଶ୍ୟକ ଅରଣ୍ୟ ସ୍ନାନ । ଶ୍ରୀମା କହିଥିଲେ, 'ଏକ ବିଶାଳ ବୃକ୍ଷ ଛାୟାରେ କେହି ଯଦି ଆଶ୍ରୟ ଗ୍ରହଣ କରେ ସେ ମର୍ମେମର୍ମେ ଏହା ଅନୁଭବ କରି ପାରିବ ଯେ ବୃକ୍ଷଟିର ଶାଖାପ୍ରଶାଖା ଆଉ ପ୍ରତ୍ୟକଟି ପତ୍ରରୁ ଶୀତଳତା ଝରିଆସି ତାକୁ ସ୍ପର୍ଶ କରୁଛି ଏବଂ ତା'ର ଅଶାନ୍ତ ଉତ୍ତପ୍ତ ମନରେ ଭରିଦେଉଛି ଅକଳ୍ପନୀୟ ଶାନ୍ତି ।' ଏହି କାରଣରୁ ଆମ ମୁନିଋଷିମାନେ ଅରଣ୍ୟରେ ବାସ କରିବାକୁ ପସନ୍ଦ କରୁଥିଲେ ଏବଂ ସେଠାରେ ଦୀର୍ଘାୟୁ ଓ ପ୍ରଜ୍ଞାବାନ ହେବା ସହିତ ସୁସ୍ଥ ଓ ସତେଜ୍ ରହୁଥିଲେ ଶେଷ ପର୍ଯ୍ୟନ୍ତ ।

ସଭ୍ୟତା ଆରମ୍ଭରୁ ଜଙ୍ଗଲ ହୋଇଛି ଖାଦ୍ୟର ପ୍ରଧାନ ଉତ୍ସ । ଏବେ ବି ଜଙ୍ଗଲରେ ଓ ତା'ର ଆଖପାଖରେ ରହୁଥିବା ଲୋକଙ୍କ ଖାଦ୍ୟ ଆବଶ୍ୟକତାର ପଚାଶ ଭାଗ ସଂଗୃହୀତ ହେଉଛି ଜଙ୍ଗଲରୁ । ଜଙ୍ଗଲ କ୍ଷୟ ହେବା ଦ୍ୱାରା ଉଜୁଡ଼ି ଯାଉଛି ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳୀ । ଆମର ଭୁଲିଯିବା ଉଚିତ ନୁହେଁ ଯେ ପଶୁପକ୍ଷୀଙ୍କ ସୁନ୍ଦର ଦୁନିଆକୁ ନଷ୍ଟ କରିଦେବା ଅର୍ଥ ଖାଲି ଜୈବ ବିବଧତାର ଅବକ୍ଷୟ ନୁହେଁ, ଏଥି ସହିତ ଯୋଡ଼ି ହୋଇରହିଛି ମାନବ ସମାଜ ବିଲୁପ୍ତିର ପୂର୍ବାଭାସ । ଅର୍ଥାତ୍ ଜଙ୍ଗଲ କେବଳ ସମ୍ପଦ ନୁହେଁ, ଏହା ଜୀବ ଜଗତର ଜୀବନ ନାଟିକା । ଯେଉଁ ସୂର୍ଯ୍ୟାଲୋକକୁ ଆମେ ଜୀବନର ମୂଳପିଣ୍ଡ ବୋଲି କହୁ, ସେଇ ମୂଳପିଣ୍ଡର ପିଣ୍ଡ ହେଉଛି ସବୁଜିମା । ଅଥଚ ତା'ର ବିନୀତ ଦାନ ପ୍ରତି ଆଉ ପ୍ରକାଶ ପାଉନି ଆମ ଆମାର କୃତଜ୍ଞତା । ବୃକ୍ଷ ଛେଦନ କଥା ଭାବିବା ମାତ୍ରେ ପ୍ରାଣରେ ଜାଗିଉଠୁନି ଏକ ଜୀବନ୍ତ ସତ୍ତାକୁ ହତ୍ୟା କରିବାର ଅପରାଧବୋଧ । ସେଥିପାଇଁ ଉପକୂଳ ଲୁଣା ଜଙ୍ଗଲଠାରୁ ପର୍ବତ ଶିଖର ଯାଏଁ ସବୁ ଜଙ୍ଗଲ ଏବେ ଅବକ୍ଷୟମୁଖୀ ।

ଏକ ଆନ୍ତର୍ଜାତିକ ଅଧ୍ୟୟନ ଅନୁଯାୟୀ ଭାରତରେ ଥିବା ବିଭିନ୍ନ ଜଙ୍ଗଲରେ ୧୭ ହଜାର ୫୧୦ କିସମର ଗଛ ଏବେ ବିଲୁପ୍ତ ଅବସ୍ଥାରେ । ତଥ୍ୟ କହେ ଗତ ୫୦ ବର୍ଷ ମଧ୍ୟରେ ସର୍ବାଧିକ ପ୍ରଜାତିର ଗଛ ବିଲୁପ୍ତି ହୋଇଛି ଏବଂ ଏଭଳି ଜଙ୍ଗଲ କ୍ଷୟର ତିନୋଟି ମୁଖ୍ୟ କାରଣ ହେଉଛି ବାତ୍ୟା, ବନାଗ୍ନି ଓ ବିକାଶ । ପ୍ରକୃତିର ଭାରସାମ୍ୟ ରଖିବାରେ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ କ୍ରିୟାର ଏକ ପ୍ରତିକ୍ରିୟା ତ ସଂସାରର ନିୟମ । ଏଣୁ ଜଙ୍ଗଲ ଲୋପ ପାଇଲେ ପ୍ରକୃତି ଉପରେ ତା'ର ପ୍ରଭାବ ପଡ଼ିବା ସ୍ୱାଭାବିକ । ଅର୍ଥାତ୍ ଜଙ୍ଗଲ କ୍ଷୟ ଜନିତ ପ୍ରତିକ୍ରିୟା ସ୍ୱରୂପ ସନ୍ତୁଳନ ହରାଉଛି ପରିବେଶ, ବଦଳୁଛି ଜଳବାୟୁ । ଘନ ଘନ ସୃଷ୍ଟି ହେଉଛି ପ୍ରାକୃତିକ ବିପର୍ଯ୍ୟୟ । ପରିବେଶ ଉତ୍ତପ୍ତୀକରଣ ଓ ଜଳବାୟୁ ପରିବର୍ତ୍ତନ ଘଟି ଉପକୂଳରେ ସୃଷ୍ଟି ହେଉଛି ବାତ୍ୟା ।

ଓଡ଼ିଶା ପରିପ୍ରେକ୍ଷୀରେ ବିଚାର କଲେ ୧୯୯୯ ମହାବାତ୍ୟା ହେଉ କି ଫନି କିମ୍ବା ଫାଇଲିନ୍ ହେଉ, ସେଥିରେ ଧରାଶାୟୀ ହୋଇଛି ଲକ୍ଷଲକ୍ଷ ଗଛ । ସରକାରୀ ତଥ୍ୟ କହେ କେବଳ ଫାଇଲିନ୍ ବାତ୍ୟାରେ ଉପକୂଳ ଓଡ଼ିଶାରେ ନଷ୍ଟ ହୋଇଛି ଛୋଟବଡ଼ ପ୍ରାୟ ଛବିଶ ଲକ୍ଷ ଗଛ । ୨୦୨୧ ମସିହାରେ ବନାଗ୍ନି ବିଭୀଷିକାକୁ ନେଇ ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା ଓଡ଼ିଶା । ଚଳିତବର୍ଷ ବନାଗ୍ନି ବିଭୀଷିକାରେ ଓଡ଼ିଶା ବି ଥିଲା ସବା ଆଗରେ । 'ଗ୍ଲୋବାଲ ଫରେଷ୍ଟ ୱାଚ' ନାମକ ବିଶ୍ୱସ୍ତରୀୟ ଅନୁଷ୍ଠାନର ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୧୮୦ ବର୍ଗ କିମି ଜଙ୍ଗଲ ଧ୍ୱଂସ ହୋଇ ସାରିଛି ବନାଗ୍ନି ବିଭୀଷିକାରେ ।

ଗତ ଦଶ ବର୍ଷ ମଧ୍ୟରେ ରାଜ୍ୟରୁ ୧ କୋଟି ୮୫ ଲକ୍ଷ ଗଛ କଟାଯାଇଛି କେବଳ କେବଳ ସଡ଼କ ସଂପ୍ରସାରଣ ପାଇଁ । ତା'ର ଭରଣା ପାଇଁ ପର୍ଯ୍ୟାପ୍ତ ଚାରାରୋପଣ ହୋଇଛି ବୋଲି କର୍ତ୍ତୃପକ୍ଷ କହିଥିଲେ ବି ସେଥିରୁ କେତେ ଗଛ ବଞ୍ଚିଚି ତା'ର ହିସାବ ସରକାରଙ୍କ ପାଖରେ ନାହିଁ । କହିବା ବାହୁଲ୍ୟ ଯେ ମନୁଷ୍ୟ ତିଆରି ଜଙ୍ଗଲ ଅପେକ୍ଷା ପ୍ରାକୃତିକ ଜଙ୍ଗଲ ଜଳବାୟୁ ପରିବର୍ତ୍ତନ ଏବଂ ଜୈବବିବିଧତା କ୍ଷେତ୍ରରେ ଯଥେଷ୍ଟ ଅଧିକ ଉପକାରୀ । କୃତ୍ରିମ ବନୀକରଣର ଆବଶ୍ୟକତା ରହିଛି, କିନ୍ତୁ ପ୍ରାକୃତିକ ଜଙ୍ଗଲର ସୁରକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ବିକାଶ ଯୋଜନାବଦ୍ଧ ଭାବରେ ହେବା ଉଚିତ୍ । ରାଜଧାନୀର ବିକାଶ ହୋଇଛି ସତ, ହେଲେ ସେ ସବୁଜିମା କାହିଁ ? ଏକଦା ଆମ୍ବ ଗଛରେ ପରିପୂର୍ଣ୍ଣ ଥିଲା ବୋଲି ତା'କୁ କୁହାଯାଉଥିଲା ଏକାମ୍ର ନଗରୀ । କୁଆଡ଼େ ଗଲା ସେ ବିଶାଳକାୟ ଆମ୍ବଗଛମାନ? ଜଙ୍ଗଲ ବିଭାଗ କହେ ଗୋଟିଏ ଗଛ କାଟିଲେ ୧୦ ଟି ଗଛ ଲାଗିବ । କିନ୍ତୁ ଗୋଟେ ମହାଦ୍ରୁମ ବଦଳରେ ଯେଉଁ ଗଛ ଲାଗୁଛି ତାହା ଫଳ ପୁଷ୍ପ ଧାରଣ କରିବ କେତେ ବର୍ଷ ପରେ?

ଏ ସବୁ ସତ୍ତ୍ୱେ ବି ପରିବେଶକୁ ପୁନଃ ସବୁଜିମାରେ ଭରିଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଜଣେ ଜଣେ ସବୁଜ ସୈନିକ ଭାବି ଜଙ୍ଗଲ ସୁରକ୍ଷା ତଥା ଗଛ ଲଗେଇବା ଦିଗରେ ତତ୍ପର ହେବା ଉଚିତ୍ । ଏ କ୍ଷେତ୍ରରେ ପରିବେଶ ବିଜ୍ଞାନୀ ଓ ସାହିତ୍ୟିକଙ୍କର ଭୂମିକା ଅଧିକ । ବିଜ୍ଞାନ ତଥ୍ୟ ଦିଏ ଏବଂ ତା'କୁ ଆଧାର କରି ସାହିତ୍ୟ ସୃଷ୍ଟି କରେ ଆବେଗ । ତେଣୁ ପରିବେଶ ବିଜ୍ଞାନୀମାନେ ଯେଉଁ ତଥ୍ୟ ଓ ସତ୍ୟ ଉଦ୍‌ଘାଟନ କରୁଛନ୍ତି, ସାହିତ୍ୟିକମାନେ ତା'କୁ ହୃଦୟସ୍ପର୍ଶୀ ଭାଷାରେ ପରିବେଷଣ କରିବା ଆବଶ୍ୟକ । ସେମାନେ ମନେରଖିବା ଦରକାର ସାହିତ୍ୟକୁ ଚିତ୍ତାକର୍ଷକ କରିଛି ପ୍ରାକୃତିକ ଶୋଭା । ସବୁଜ ସୁନ୍ଦର ପରିବେଶ ବିନା ମଣିଷ ହୃଦୟରୁ ଝରେନି କବିତାର ଧାରା । ତେଣୁ ସେମାନଙ୍କ ପାଇଁ ଏବେ ଏକ ବଡ଼ ଆହ୍ୱାନ ହୋଇ ଉଭା ହୋଇଛି ପରିବେଶ ସୁରକ୍ଷା । ମାତ୍ର ବିଡ଼ମ୍ବନାର ବିଷୟ ଏବେ ଯେମିତି ଥୋକେ ନକଲି ପରିବେଶବିତ୍ ଗଛ ଲଗେଇବା ଆଳରେ ଫଟୋ ଉଠେଇ ଆତ୍ମପ୍ରଚାର କରୁଛନ୍ତି, ସେମିତି ଦଳେ ତଥାକଥିତ ସାହିତ୍ୟିକ ମାତିଛନ୍ତି । ସେମାନେ ବୁଝନ୍ତନି ପରିବେଶ ସୁରକ୍ଷାର ତାତ୍ପର୍ଯ୍ୟ । ତେଣୁ ଅସଲ ଦାୟିତ୍ୱ ତାଙ୍କରି କାନ୍ଧରେ ରହିଛି, ଯେଉଁମାନଙ୍କ ଲେଖିବା ପଛରେ ରହିଛି ଜନମଙ୍ଗଳ ଭାବନା ।

ଭଦ୍ରକ, ମୋ: ୬୩୭୧୬୪୨୪୬୪

# ଶିକ୍ଷିତ ଦାଦନ: ଏକ ବେଦନା

**ଆର୍.ରାହୁଲ୍ କୁମାର୍**

ବର୍ତ୍ତମାନ ସମୟର ଏକ ମାର୍ମିକ ସତ୍ୟ ଶିକ୍ଷିତ ଦାଦନ । ଯେଉଁଠି ଶିକ୍ଷା ହେଉଛି ଉନ୍ନତିର ପଥ, ତାହା ଆଜି ଦୁଃଖର ଅନ୍ୟ ଏକ ଅନୁଭବ ପାଲଟିଛି । ଓଡ଼ିଶାର ଅନେକ ଯୁବକଯୁବତୀ, ଯେଉଁମାନେ ଉଚ୍ଚଶିକ୍ଷା ଗ୍ରହଣ କରି ଆଶା ଓ ସ୍ୱପ୍ନ ସହ ଆଗକୁ ବଢ଼ିଛନ୍ତି, ସେମାନେ ଆଜି ଅନ୍ୟ ରାଜ୍ୟରେ ଦାଦନ ଶ୍ରମିକ ଭଳି କାମ କରିବାକୁ ବାଧ୍ୟ ହେଉଛନ୍ତି । ଏହି ଦୁଃଖଦ ଅବସ୍ଥା କେବଳ ରୋଜଗାର ଅଭାବ ନୁହେଁ, ବରଂ ଶିକ୍ଷା ବ୍ୟବସ୍ଥା, ନୀତି ଓ ବୃହତ୍ତର ସାମାଜିକ ଦୃଷ୍ଟିଭଙ୍ଗୀର ଏକ ଅନୁପାତ ଛିଡ଼ା ହୋଇଛି । ଏହି ଲେଖା ମାଧ୍ୟମରେ ଆମେ ଏହି ନୂଆ ବେଦନାର ଗଭୀରତାକୁ ଅନୁଭବ କରିବାକୁ ଚେଷ୍ଟା କରିଛୁ, ଯେଉଁଠି ଶିକ୍ଷିତ ହେବା ସତ୍ତ୍ୱେ ମେହନତିଆ ଜୀବନ ହେଉଛି ଗତିର ସମାପ୍ତି ।

ସେହିମାନଙ୍କୁ ଶିକ୍ଷିତ ଦାଦନ କୁହାଯାଇପାରେ, ଯେଉଁମାନେ ପାଠ ତ ଅନେକ ପଢ଼ିଛନ୍ତି, କିନ୍ତୁ ଓଡ଼ିଶା ବାହାର ରାଜ୍ୟରେ ଯାଇ କେଇ ହଜାର ଟଙ୍କାରେ ଖଟୁଛନ୍ତି । କୁହାଯାଉଥିଲା ଓଡ଼ିଶାରେ ନିଯୁକ୍ତି ନାହିଁ ବୋଲି ଲୋକେ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଥିଲେ । କିନ୍ତୁ ବର୍ତ୍ତମାନ ପାଠ ପଢ଼ି ସାରିଲେ ମଧ୍ୟ ପିଲାଙ୍କ ବାସ୍ତବ ଚକ୍ଷୁ ଖୋଲୁ ନାହିଁ । ଏମାନଙ୍କ ଡିଗ୍ରୀର ଅନ୍ତିମ ବର୍ଷରେ ପ୍ଲେସମେଣ୍ଟ ଚାକିରି କରିଦେବା ନାଁରେ ସୁଟ୍ ବୁଟ୍ ଟାଇ ପିନ୍ଧାଇ ଏମାନଙ୍କୁ ଛୋଟିଆ ମୋଟିଆ କାମ ଧରେଇ ଦେଇ ବିଦା କରି ଦିଆଯାଉଛି ସୁରତ, ପୁନା, ଚେନ୍ନାଇ, ମୁମ୍ବାଇ ଭଳିଆ ସହରକୁ! ସେଠାରେ ଏମାନେ ପାଠ ପଢ଼ି ମଧ୍ୟ ବେଠି ଖଟିଲା ପରି କୋଉ କମ୍ପାନୀକୁ ନିଜର ବହୁମୂଲ୍ୟ ସମୟ ଦେଉଛନ୍ତି ଆଉ ପ୍ରତିବଦଳରେ ସେମାନେ ଧରେଇ ଦିଅନ୍ତି କେଇ ହଜାରେ ଟଙ୍କା ।

ଘରର ସ୍ୱପ୍ନକୁ ସାକାର କରିବା ପାଇଁ ଯାଉଥିବା ଛାତ୍ରଟିଏ ବୁଢ଼ୀଆଣି ଜାଲରେ ଛନ୍ଦି ହେଲା ପରି ବିଭିନ୍ନ ରାଜିନାମା ସ୍ୱାକ୍ଷର ମାଧ୍ୟମରେ ଜୀବନ ତମାମ ଶଢ଼ି ହୁଏ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ । ସବୁଠାରୁ ବଡ଼କଥା ହେଲା ସରକାରୀଠାରୁ ଆରମ୍ଭ କରି ବିଭିନ୍ନ ବେସରକାରୀ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନମାନଙ୍କରେ ତାଲିମ୍ ଓ ନିଯୁକ୍ତି ନାଁ ରେ ବସିଥିବା କିଛି ବାବୁଙ୍କ ସହ କମ୍ପାନୀ ଅଧିକାରୀଙ୍କ ସଲାସୁତୁରା ହୋଇଯିବା ପରେ ଶ୍ରମିକ କାମ କରେଇବା ପାଇଁ ଧରି ନିଅନ୍ତି ଆମ ଓଡ଼ିଶାର ବହୁ ମେଧାବୀଙ୍କୁ । ଛାତ୍ରମାନଙ୍କୁ ମାନବଧିକାର ଆଉ ବିଭିନ୍ନ ସାମାଜିକ ବିଷୟରେ ଜ୍ଞାନ ପ୍ରଦାନ କରା ଯାଉ ନଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି । ସେମାନେ ଯନ୍ତ୍ର ପରି ଖଟି ମଧ୍ୟ ସେଥିରୁ ଓହରି ପାରୁନାହାନ୍ତି ।

ଏକଦା ଡ. ବି ଆର ଆମ୍ବେଦକର କହିଥିଲେ ଯେ ଜଣେ ଶିକ୍ଷିତ ହିଁ ଏକ ଶିକ୍ଷିତ ସମାଜ ଗଢ଼ିପାରେ । ଏଇଠି କିନ୍ତୁ ଦେଖିବାକୁ ମିଳେ କିଛି ଓଲଟା । ଏଇଠି ଶିକ୍ଷିତ ହିଁ ଷଡ଼ଯନ୍ତ୍ର ରଚନା କରନ୍ତି ଆଉ ସେଥିରେ ଫସି ଯାଆନ୍ତି ନିରୀହ ଛାତ୍ରଛାତ୍ରୀମାନେ । ଏମାନଙ୍କୁ ବାସ୍ତବ ଶିକ୍ଷାରୁ ଦୂରେଇ ରଖିବା ଆଉ ନିଯୁକ୍ତିର ଲୋଭ ଦେଖାଇବା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ରର ଅଂଶବିଶେଷ ପାଲଟିଯାଏ । ଜଣାଇ ଦିଆଯାଏନି ତୁମେ ପାଠ ପଢ଼ି ଆଇ ଏ ଏସ ହୁଅ, ପୁଲିସ୍ ହୁଅ, ସେନାବାହିନୀରେ ଯୋଗ ଦେଇ ଦେଶର ସେବା କର କି ନେତୃତ୍ୱ ନେଇ ରାଜ୍ୟରେ ବିକାଶ କର । ସେମାନଙ୍କୁ ମଧ୍ୟ କୁହାଯାଏନି ବିଭିନ୍ନ ପରୀକ୍ଷା ପାଇଁ ପ୍ରସ୍ତୁତି କରି ଆମ ରାଷ୍ଟ୍ର ନିର୍ମାଣରେ ଭାଗିଦାର ହୁଅ । କେବଳ ଏମାନଙ୍କୁ ଶିଖାଇ ଦିଆଯାଏ ତୁମେ ବେଠି ଖଟ ଓ ଚାକିରି କର । ଉଦ୍ୟୋଗୀ ହେବା ତ ଦୂରର କଥା ସେମାନଙ୍କୁ ଏତେ ଦୁର୍ବଳ କରେଇ ଦିଆ ଯାଇଥାଏ ଯେ ସେମାନେ ନିଜର ସକ୍ଷମତା ପାଇଁ ମଧ୍ୟ କଥା କହି ପାରନ୍ତି ନାହିଁ । ଶିକ୍ଷାର ବାସ୍ତବ ଅର୍ଥ ବୁଝିଲା ବେଳକୁ ହେଇ ଯାଇଥାଏ ଅନେକ ବିଳମ୍ବ । କିଛିଜଣ ବାଧ୍ୟ ହୁଅନ୍ତି ଦାଦନ ହେବାକୁ । ଘରର ଦାୟିତ୍ୱ, ଭଉଣୀର ବାହାଘର, ପରିବାରର ବୟସ୍କଙ୍କ ଔଷଧ - ଏମିତି ଅନେକ ଖର୍ଚ୍ଚରେ ବୁଡ଼ି ଶିକ୍ଷିତ ଯୁବକଟିଏ ଜାଣିଶୁଣି ବାଛିନିଏ ଦାଦନ ଖଟିବାକୁ । ଆମ ଓଡ଼ିଶାରେ ଖଣି ପାଣିର ଅଭାବ ନାହିଁ । ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଗଣ୍ଡାକୁ ଗଣ୍ଡା । କିନ୍ତୁ ଶିଳ୍ପ ଖୋଲୁ ନାହିଁ । ଯଦି ଗୋଟେ କମ୍ପାନୀ ଆସିଲା ତେବେ ତା'କୁ ନେଇ ମଧ୍ୟ ରାଜନୀତିର ଅଙ୍କକଷା ଥମୁନି । ତେଣୁ ଏହି ବ୍ୟବସ୍ଥାରେ ଅନେକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସାମିଲ୍ ଅଛନ୍ତି ।

ଶିକ୍ଷିତ ଦାଦନର ଏହି ଯନ୍ତ୍ରଣା ତଳେ ଚିତ୍କାର କରୁଛି ଯୁବପିଢ଼ି, ଯାହା ଶିକ୍ଷା ନାଁରେ କେବଳ ଶୂନ୍ୟସମ୍ମାନ ଓ ନିରାଶା ସୃଷ୍ଟି କରୁଛି । ଏହାର ସମାଧାନ ପାଇଁ ଦରକାର ଏକ ବାସ୍ତବିକ ନୀତି, ଶକ୍ତିଶାଳୀ ଶିକ୍ଷା ଏବଂ ଉଦ୍ୟୋଗ ସୃଷ୍ଟି ପ୍ରତି ପ୍ରାମାଣିକ ପଦକ୍ଷେପ । ଯାହାକୁ ଚାହିଁ ବସିଛନ୍ତି ଅନେକ ଓଡ଼ିଆ ପୁଅଝିଅ, ଯେଉଁମାନେ ଏବେ ବି ଶିକୁଳିରେ ବେଡ଼ି ପକେଇ ଶିକ୍ଷିତ ଦାଦନର ସଂଜ୍ଞା ନିଭାଉଛନ୍ତି ।

ଭୁବନେଶ୍ୱର, ମୋ: ୬୩୭୨୮୨୪୭୬୯

# ଆମ ବୃକ୍ଷଲତା ଆମ ଜୀବନ

## ନରକୋଳି

### ପ୍ରକୃତି-ପରିବେଶ

**ସୌଭାଗ୍ୟସୁନ୍ଦର**

ଆମ୍ଳିକ ଅମ୍ଳୀୟ ସ୍ୱାଦ ପାଇଁ ନରକୋଳି ଭାରତରେ ବହୁଳ ଆଦୃତ । ଏହା ସମଗ୍ର ଏସିଆ, କ୍ୟୁବା, ହାଇତି, ତ୍ରିନିଦାଦ ଆଦି କାରିବିଆନ ଅଞ୍ଚଳ, ମଧ୍ୟ ଓ ଦକ୍ଷିଣ ଆମେରିକାରେ ଦେଖାଯାଉଥିବା ଏକ ଉଷ୍ଣମଣ୍ଡଳୀୟ ଓ ଉପଉଷ୍ଣମଣ୍ଡଳୀୟ ଜାତୀୟ ଉଦ୍ଭିଦ । ଏହାକୁ ମଳୟ ଦ୍ୱୀପପୁଞ୍ଜ ଓ ମାଡାଗାସ୍କରର ମୂଳଜାତ ଉଦ୍ଭିଦ ବୋଲି ମଧ୍ୟ କୁହାଯାଏ ।

୨ ରୁ ୯ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରୁଥିବା ଏହି କ୍ଷୁଦ୍ର ଗଛ ବହୁଶାଖା ବିଶିଷ୍ଟ । ଶାଖାଗୁଡ଼ିକର ଅଗ୍ରଭାଗରେ ଅନେକ ଡିମ୍ବାକାର ପତ୍ର ଥାଏ, ଯାହାର ଲମ୍ବା ୨ ରୁ-୮ ସେମି । ଏହାର ଉପର ପାର୍ଶ୍ୱ ସବୁଜ-ମସୃଣ ଏବଂ ତଳପାର୍ଶ୍ୱ ନୀଳ-ସବୁଜ । ପେଣ୍ଟା ହୋଇ ଫୁଟୁଥିବା ଗୋଲାପୀ ରଙ୍ଗର ଫୁଲଗୁଡ଼ିକ ୫ ରୁ ୧୨ ସେମି ଲମ୍ବା । ସାଧାରଣତଃ ଏପ୍ରିଲ-ମେ' ମାସ ମଧ୍ୟରେ ଫୁଲ ଫୁଟିଥାଏ । ଫଳଗୁଡ଼ିକ ଅଁଳାକୋଳି ଭଳି ଗୋଲାକାର, ଆକାରରେ ଛୋଟ ଏବଂ ପୃଷ୍ଠରେ ଅଙ୍ଗାବଙ୍ଗା ବା ଭଙ୍ଗା ଥାଏ । ଏଗୁଡ଼ିକ ଫିକା ହଳଦିଆ କିମ୍ବା ଧଳା, ଚିକ୍କଣ ମହମ ଭଳି, ରସାଳ ଏବଂ ଖଟା । ଫଳର ଚୋପା ମାଂସଳ, ଦୃଢ଼, କେନ୍ଦ୍ରସ୍ଥଳରେ ଏକ କଠିନ ପଥର ଭଳି ଟାଣ ବିହନ ରହିଥାଏ ।

ସୌନ୍ଦର୍ଯ୍ୟତା ଏବଂ ଖାଦ୍ୟ, ଔଷଧୀୟ ଗୁଣ ଯୋଗୁଁ ନରକୋଳି ଗଛର ଚାଷ ମଧ୍ୟ କରାଯାଏ । ଗଛଟି ବିଭିନ୍ନ ପ୍ରକାରର ମାଟିରେ ବଢ଼ୁଥିଲେ ମଧ୍ୟ ଆର୍ଦ୍ର, ଉତ୍ତମ ଜଳ ନିଷ୍କାସନ ହୋଇଥିବା, ଉର୍ବର ଦୋରସା ମାଟିରେ ଭଲ ବଢ଼େ । କାଣ୍ଡରୁ କଲମି ଏବଂ ବିହନ ମାଧ୍ୟମରେ ସହଜରେ ଏହାର ବିସ୍ତାର କରାଯାଇପାରିବ, ଯାହା ଚାରି ବର୍ଷ ମଧ୍ୟରେ ଫଳ ଦେଇପାରେ । ଏଫିଡ୍ସ, ସ୍ପାଇଡର ମାଇଟ୍ସ ଓ ମିଲିବଗ୍ସ ପ୍ରତି ନଜର ରଖାଯିବା ଉଚିତ । ମୁଖ୍ୟତଃ ଜାନୁଆରୀ ମାସରେ ଫଳ ଅମଳ କରାଯାଏ ।

ପତ୍ରକୁ ବାଟି ସାଇଟିକା, ଲମ୍ବାଗୋ, ବାତ, କର୍କଟ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଏ । ପତ୍ରର ରସାଳ ପ୍ରକୃତି ହେତୁ, ଗନୋରିଆ କ୍ଷେତ୍ରରେ ଏହାକୁ ମାଲିସ ଭାବରେ ଗ୍ରହଣ କରାଯାଏ । ଭାରତରେ ଫଳକୁ ରକ୍ତବର୍ଦ୍ଧକ ଭାବରେ ଖିଆଯାଏ ଏବଂ ପିଲାମାନଙ୍କୁ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଦିଆଯାଇଥାଏ । କୋଷ୍ଠକାଠିନ୍ୟ, ଚର୍ମ ରୋଗ, ଅଜୀର୍ଣ୍ଣ, ଶ୍ୱାସରୋଗ, ହାଡ଼ ଓ ମୁଣ୍ଡବିନ୍ଧା ଏବଂ ଫୁସଫୁସ୍ ରୋଗ ଚିକିତ୍ସା ପାଇଁ ବ୍ୟବହାର କରାଯାଏ । ରସକୁ ଇମେଟିକ୍ ବା ବାନ୍ତିକାରକ, ଯକୃତ ଟନିକ ଏବଂ ଶୁଦ୍ଧକାରୀ କାର୍ଯ୍ୟକଳାପ ସହିତ ଚିହ୍ନିତ କରାଯାଏ । ଏହାର ଛାଲିକୁ ନଡ଼ିଆ ତେଲ ସହିତ ଗରମ କରି ପାଦ ଏବଂ ହାତ ଫାଟିବା ସ୍ଥାନରେ ଲେପନ କରାଯାଏ ।

ନରକୋଳିରେ ୪-ହାଇଡ୍ରୋକ୍ସିବେଞ୍ଜୋଇକ୍ ଏସିଡ୍, କାଫିକ୍ ଏସିଡ୍, ଆଡେନୋସାଇନ୍, କ୍ୟାମ୍ପଫେରୋଲ୍ ଏବଂ ହାଇପୋଗାଲିକ୍ ଏସିଡ୍, କ୍ୟାଲସିୟମ୍, ଲୌହ ଧାତୁ, ପ୍ରଚୁର ପରିମାଣରେ ଭିଟାମିନ୍ ସି ରହିଥାଏ । ତେବେ ବେଳେ ବେଳେ ସତର୍କ ରହିବା ଉଚିତ, କାରଣ ଏହାର ମୂଳର ଛାଲିର ରସରେ ସାପୋନିନ୍, ଗାଲିକ୍ ଏସିଡ୍, ଟାନିନ୍ ଏବଂ ଏକ ସ୍ଫଟିକ ପଦାର୍ଥ ଥାଏ, ଯାହା ଅପରାଧିକ ବିଷକ୍ରିୟାରେ ବ୍ୟବହୃତ ହୋଇଥିବା ଜଣାପଡେ । ବାଂଲାଦେଶ, ଭାରତ ଓ ଇଣ୍ଡୋନେସିଆରେ ଏହାର ରନ୍ଧା ପତ୍ର ଖିଆଯାଏ । ଫଳକୁ ତାଜା ଖିଆଯାଉଥିବା ବେଳେ ଏହାକୁ ଚିନିରେ ମିଠା କିମ୍ବା ଲୁଣରେ ଆଚାର କରାଯାଇ ଚଟଣି, ସ୍ୱାଦ କିମ୍ବା ସଂରକ୍ଷଣରେ ବ୍ୟବହାର କରାଯାଏ । ଫିଲିପାଇନ୍ସ, ମାଲେସିଆ ଓ ଥାଇଲ୍ୟାଣ୍ଡରେ ଏହାକୁ ଥଣ୍ଡାପାନୀୟ ଭାବେ ଏବଂ ଏଥିରୁ ଭିନେଗାର ତିଆରି କରିବା ସହିତ କଞ୍ଚା ଖିଆଯାଏ । ଏଥିରୁ ସିରପ୍, ଜାମ୍, ରସ ପ୍ରସ୍ତୁ କରି ସଂରକ୍ଷିତ ରଖାଯାଏ । ଏହାର କାଠ ଦୃଢ଼ ଓ ସ୍ଥାୟୀ । ଯଦି ସଠିକ୍ ଭାବରେ ପ୍ରକ୍ରିୟାକରଣ କରାଯାଏ ତେବେ ଏଥିରୁ ବାସନକୁସନ ଭଳି ଛୋଟ ଛୋଟ ଜିନିଷ ତିଆରି କରିବା ପାଇଁ ବ୍ୟବହାର କରାଯାଇପାରିବ । ଭାରତରେ ମୂଳର ଛାଲି କେତେକ ସମୟରେ ରଙ୍ଗ କରିବା ଉପାଦାନ ଭାବରେ ବ୍ୟବହୃତ ହୁଏ ।

ନରକୋଳି, ଯାହା ପୂର୍ବରୁ ଗାଁ ମାନଙ୍କରେ ପ୍ରଚୁର ପରିମାଣରେ ଦେଖାଯାଉଥିଲା, ଏବେ କିଛି ଅନାବନା ସ୍ଥାନ ଏବଂ ଚାଷ କରାଯାଇଥିବା ଔଷଧୀୟ ଉଦ୍ୟାନରେ ସୀମିତ । ତେଣୁ ଏହା ଏକ ବିରଳ ଅଣ-ବର୍ଣ୍ଣିତ ଉଦ୍ଭିଦ ପାଲଟିଛି । ସମୟ ଆସିଛି ଯେ ନରକୋଳି ଭଳି ବିଭିନ୍ନ ଉଦ୍ଭିଦ ଜାତିକୁ ବ୍ୟକ୍ତିଗତ ଉଦ୍ୟାନ, ସହରାଞ୍ଚଳ ପାର୍କ ଏବଂ ଗ୍ରାମ୍ୟ ଗୋଷ୍ଠୀ ଜଙ୍ଗଲ ସହିତ ଗ୍ରାମାଞ୍ଚଳ ମନ୍ଦିର ପ୍ରାଙ୍ଗଣରେ ଲଗାଯିବା ଉଚିତ ।

ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ; ୨ ଗିରଫ

ଖୋର୍ଦ୍ଧା/ବାଲୁଗାଁ,୧୮।୫(ସମିସ): ରବିବାର ୧୬ନଂ ଜାତୀୟ ରାଜପଥ ସୁନାଖଳା ଓଭରବ୍ରିଜ୍ ନିକଟରେ ବାଲୁଗାଁ ଅବକାରୀ ପୁଲିସ ଚଢ଼ଉ କରି ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫଦ୍ୱୟ ହେଲେ,



କେନ୍ଦୁଝର ବାଂଶପାଣିରେ ରହୁଥିବା ବିହାର ରସାଲପୁରର ଫିରୋଜ୍ ଖାନ୍ (୩୩) ଏବଂ ବୌଦ୍ଧର ସୁଶାନ୍ତ ମେଣ୍ଡଲି (୨୪)। ଅନ୍ୟ ଦୁଇ ଅଭିଯୁକ୍ତ ଗଞ୍ଜେଇ ଫୋପାଡ଼ି ଗାଡ଼ି ସହ ଫେରାର୍ ହୋଇଯାଇଥିବା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ବୌଦ୍ଧରୁ ଭୁବନେଶ୍ୱର ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଟିମ୍ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଛପି ରହିଥିଲେ। ଭୋର୍ ପ୍ରାୟ ୫ଟାରେ ସୁନାଖଳା ଛକ ନିକଟରେ ୩ଟି ଗାଡ଼ି ଅଟକାଇବା ବେଳେ ଘଟଣାସ୍ଥଳରୁ ଦୁଇଟି କାର୍‌ର ଡ୍ରାଇଭର ୨୫ କେଜି ଲେଖାଏଁ ହୋଇଥିବା ପ୍ୟାକେଟ୍ ଫିଙ୍ଗି ଫେରାର୍ ହୋଇଯାଇଥିଲେ। କିନ୍ତୁ ପଛରେ ଆସୁଥିବା ଆଉ ଏକ ପିକ୍-ଅପ୍ ଭ୍ୟାନ୍‌କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୧୫୦ପ୍ୟାକେଟ୍ ଗଞ୍ଜେଇ ଜବତ ହୋଇଥିଲା। ଏହି

**■ ବୌଦ୍ଧରୁ ଭୁବନେଶ୍ୱର ଚାଲାଣ ହେଉଥିଲା**
**■ ଗାଡ଼ି ସହ ଖସିଗଲେ ଆଉ ୨**

ଘଟଣାରେ ଫିରୋଜ ଓ ସୁଶାନ୍ତଙ୍କୁ ଗିରଫ କରିଥିଲା ଅବକାରୀ ଟିମ୍। ଫିରୋଜ୍ ମୁଖ୍ୟ ଅଭିଯୁକ୍ତ ହୋଇଥିବା ବେଳେ ସୁଶାନ୍ତ ବୌଦ୍ଧର ବିଭିନ୍ନ ସ୍ଥାନରୁ ଚାଷୀଙ୍କଠାରୁ ଗଞ୍ଜେଇ ସଂଗ୍ରହ କରି ଆଣୁଥିଲା। ଉଭୟ ଗଞ୍ଜେଇ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସମୁଦାୟ ୨କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଥିବା ବେଳେ ଏହାର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଅନ୍ୟ ଦୁଇ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି। ଏନେଇ ବାଲୁଗାଁ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଶ୍ରୀମତୀ ତ୍ରିପାଠୀ କହିଛନ୍ତି।

# ନିଯୁକ୍ତିଭିତ୍ତିକ ଶିକ୍ଷା ପ୍ରତି ବଢୁଛି ଆଗ୍ରହ

ଭୁବନେଶ୍ୱର,୧୮।୫(ସମିସ): ବିଏଡ୍ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ। ମୋଟ୍ ସିଟ୍ ତୁଳନାରେ ପ୍ରାୟ ୩୦ରୁ ୫୦ ଗୁଣ ଆବେଦନ ହେଉଛି। ପ୍ରତିବର୍ଷ ପ୍ରବେଶିକା ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟା ମଧ ବଢୁଛି। ଅପରପକ୍ଷରେ ଉଚ୍ଚଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ ପରିମାଣରେ ଉତ୍ସାହ ଦେଖାଯାଉନାହିଁ। ସ୍ନାତକୋତ୍ତର ପଢ଼ିବା ପାଇଁ ସିପିଇଟି ପରୀକ୍ଷା ଦେବାକୁ ପୂର୍ବାପେକ୍ଷା ଆବେଦନ କମୁଛି। ବିଇଡି ପରି ନିଯୁକ୍ତିଭିତ୍ତିକ ଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢୁଥିବାବେଳେ ଉଚ୍ଚଶିକ୍ଷା ପାଇଁ ଆବେଦନ କମୁଛି।

ବିଏଡ୍ ନାମଲେଖା ପାଇଁ ସମୁଦାୟ ୩୧ଟି ଶିକ୍ଷାନୁଷ୍ଠାନରେ ୨୭୫୦ସିଟ୍ ରହିଛି। ଚଳିତ ଶିକ୍ଷା ବର୍ଷରେ ୧ଲକ୍ଷ ୨୯ହଜାର ୭୧୨ ଜଣ ବିଇଡି ପ୍ରବେଶିକା ପରୀକ୍ଷା ଦେବାକୁ ଆବେଦନ କରିଛନ୍ତି। ଅର୍ଥାତ୍ ସମୁଦାୟ ସିଟ୍‌ର ପ୍ରାୟ ୪୭ ଗୁଣାରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଆବେଦନକାରୀଙ୍କ ମଧ୍ୟରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ସଂଖ୍ୟା ଢେର ଅଧିକ। ଚଳିତ ଥର ୪୩ ହଜାର ୬୧୨ ଜଣ ଛାତ୍ର ଆବେଦନ କରିଥିବାବେଳେ ଏହାର ପ୍ରାୟ ଦୁଇଗୁଣା ଅର୍ଥାତ୍ ୮୬ ହଜାର ୯୩ଜଣ ଛାତ୍ରୀ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଛନ୍ତି। ସେହିପରି କେବଳ ବିଇଡି ପାଇଁ ୧ଲକ୍ଷ ୨୬ ହଜାର ୧୨୫ ଜଣ ଆବେଦନ କରିଥିବା ବେଳେ ବିଏଚ୍‌ଇଡି ପାଇଁ ୧୯୩୬ ଓ ଏମ୍‌ଇଡି ପାଇଁ ୧୬୫୧ ଜଣ ଆବେଦନ କରିଛନ୍ତି। ଗତ ଶିକ୍ଷାବର୍ଷ ତୁଳନାରେ ମଧ ଚଳିତବର୍ଷ ଆବେଦନ ସଂଖ୍ୟା ବହୁ ଅଧିକ। ୨୦୨୪-୨୫ ଶିକ୍ଷାବର୍ଷରେ ସମୁଦାୟ ୯୫ ହଜାର ୧୧୨ ପିଲା ଆବେଦନ

**■ ବିଏଡ୍ ପାଇଁ ୪୭ ଗୁଣା ଆବେଦନ**
**■ ସ୍ନାତକୋତ୍ତର ପାଇଁ କ୍ରମାଗତ କମୁଛି ଆବେଦନ ସଂଖ୍ୟା**

କରିଥିଲେ; ଯାହା ସମୁଦାୟ ସିଟ୍‌ର ପ୍ରାୟ ୩୪ ଗୁଣ। ଚଳିତଥର ପ୍ରାୟ ୩୪ହଜାର ୬୦୦ ଅଧିକ ପିଲା ଆବେଦନ କରିବାରୁ ଏହା ୪୭ଗୁଣାରେ ପହଞ୍ଚିଛି।

ଅନୁରୂପ ଭାବେ ସ୍ନାତକୋତ୍ତର ପଢ଼ିବା ପାଇଁ ପିଲାଙ୍କ ମଧ୍ୟରେ ସମ ପରିମାଣରେ ଆଗ୍ରହ ନାହିଁ। ଗତବର୍ଷ ୧୧୩ଟି ଶିକ୍ଷାନୁଷ୍ଠାନରେ ୨୮ ହଜାର ୯୨୬ଟି ସିଟ୍ ଥିବାବେଳେ ଚଳିତ ବର୍ଷ ୮୦୬ଟି ସିଟ୍ ବଢ଼ି ସମୁଦାୟ ସିଟ୍ ସଂଖ୍ୟା ୨୯ହଜାର ୭୩୨ରେ ପହଞ୍ଚିଛି। ହେଲେ ପୂର୍ବାପେକ୍ଷା ଆବେଦନ ସଂଖ୍ୟା କମିଛି। ୨୦୨୩ରେ ୬୯ହଜାର ୭୦୫ଜଣ ଆବେଦନ କରିଥିଲେ। ୨୦୨୪ରେ ପ୍ରାୟ ୬ହଜାର ଆବେଦନ କମି ୬୩ହଜାର ୧୫୦ରେ ପହଞ୍ଚିଥିଲା। ଚଳିତଥର ଏଥିରେ ଆଉ ହଜାରେ ଆବେଦନ କମି ଆବେଦନ ସଂଖ୍ୟା ୬୨ହଜାର ୩୨୧ରେ ପହଞ୍ଚିଛି। ଚଳିତ ବର୍ଷ ଆବେଦନକାରୀଙ୍କ ମଧ୍ୟରେ ୪୩ହଜାର ୧୪୭ଜଣ ଛାତ୍ରୀ ଥିବାବେଳେ ୧୯ ହଜାର ୧୧୯ ଜଣ ଛାତ୍ର ରହିଛନ୍ତି।

ଗୋଟିଏ ପଟେ ବିଇଡି ପରି ନିଯୁକ୍ତି ଭିତ୍ତିକ ଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ବଢୁଥିବାବେଳେ ଉଚ୍ଚଶିକ୍ଷା ପାଇଁ ଉତ୍ସାହ କମୁଛି। ଶିକ୍ଷାବିତଙ୍କ କହିବା କଥା, ବିଇଡି ପାଠ୍ୟକ୍ରମ ସାରିବା ପରେ ଶିକ୍ଷକ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି ହେଉଛି। ରାଜ୍ୟରେ ବହୁ ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ନିଯୁକ୍ତି ସୁଯୋଗ ମଧ ଅଧିକ ରହୁଛି। ଅପରପକ୍ଷରେ ସ୍ନାତକୋତ୍ତର ପରେ ଅଧ୍ୟାପକ ହେବାକୁ ଅଧିକ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡୁଛି। ପୁଣି ଯେଉଁ ପିଲାମାନେ ନିଯୁକ୍ତି ପରୀକ୍ଷା ଦେବେ ସେମାନେ ସ୍ନାତକ ପରେ ପ୍ରସ୍ତୁତି କରିବାକୁ ପସନ୍ଦ କରୁଥିବାରୁ ସ୍ନାତକୋତ୍ତରରେ ଆବେଦନ ସଂଖ୍ୟା କ୍ରମାଗତ ଭାବେ କମୁଛି।

**■ ମୁଦୁଲି ଦ୍ୱାର ନିକଟକରେ ଖଙ୍କାର**

# ମହାପ୍ରଭୁଙ୍କ ହେଲା ବଡ଼ ମହାସ୍ନାନ

ପୁରୀ,୧୮।୫(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ମୁଦୁଲି ଦ୍ୱାର ନିକଟରେ ଖଙ୍କାର ପଡ଼ିଥିବାରୁ ଏହି ବଡ଼ ମହାସ୍ନାନ କରାଯାଇଛି। ତେବେ ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତି ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ରବିବାର ଭୋର୍ ୫ଟା ୪୫ରେ ଦ୍ୱାର ଫିଟାଯାଇଥିଲା। ୬ଟା ୩୫ରେ ମଙ୍ଗଳଆଳତି ହୋଇଥିଲା। ମଇଲମ, ତଡ଼ପଲାଗି ପରେ ସକାଳ ୭ଟା ୫୦ରେ ଅବକାଶ ପୂଜା ବଢ଼ିଥିଲା। ଏହି ସମୟରେ ମୁଦୁଲି ଦ୍ୱାର ନିକଟରେ ଖଙ୍କାର ପଡ଼ିଥିବା ଦେଖିବାକୁ ମିଳିଥିଲା। ସେହିଠାରେ ନୀତି ଅଟକା ଯାଇ ମହାସ୍ନାନ ବିଧି ଆରମ୍ଭ ହୋଇଥିଲା। ରତ୍ନ ସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ପୂଜାପଣ୍ଡା ସେବକମାନେ ସକାଳ ୯ଟାରେ ମହାସ୍ନାନ ପୂଜା କରିଥିଲେ। ୯ଟା ୫ରେ ମହାସ୍ନାନ ପୂଜା ବଢ଼ିବା ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ଏହି ମହାସ୍ନାନ ପାଇଁ ପ୍ରାୟ ଦେଢ଼ଘଣ୍ଟାରୁ ଊର୍ଦ୍ଧ୍ୱ ନୀତିକାନ୍ତି ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟାନ୍ୟ ନୀତିକୁ ମଧ ପ୍ରଭାବିତ କରିଥିଲା।

# ଧରା ହେଲା ନକଲି ସବ୍‌ଇନ୍ସପେକ୍ଟର୍

ଅନୁଗୋଳ/ବଅଁରପାଳ,୧୮।୫(ସମିସ): ଅନୁଗୋଳ ଜିଲ୍ଲା ସଦର ଥାନା ଅଞ୍ଚଳରୁ ପୁଲିସ ଜଣେ ନକଲି ସବଇନ୍ସପେକ୍ଟରଙ୍କୁ ଗିରଫ କରିଛି। ସେ ହେଲେ, ଛେଳିଆପଡ଼ା ଗ୍ରାମର ବ୍ରଜବନ୍ଧୁ ନାଥଙ୍କ ପୁଅ ଅରକ୍ଷିତ ନାଥ(୩୮)। ତେବେ ତାଙ୍କ ସହଯୋଗୀ ତଥା ନକଲି କନଷ୍ଟେବଲ କାଙ୍ଗୁଲା ନୂଆତିଅର ସାହିର ଅରକ୍ଷିତ ସେଠୀଙ୍କ ପୁଅ ଅମର ସେଠୀ (୨୦) ଫେରାର ହୋଇଯାଇଛନ୍ତି। ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି। ଏ ଦୁହେଁ ମିଶି ମହୀଧରପୁର ଫାଣ୍ଡି ଅଧୀନରେ



**■ ମଦ ଦୋକାନରୁ ବଟି ମାଗୁଥିଲେ**
**■ ହେଲମେଟ୍ ଯାଞ୍ଚ ଆଳରେ ଟଙ୍କା ନେଉଥିଲେ**
**■ ଖସିଗଲେ ନକଲି କନଷ୍ଟେବଲ**

ଥିବା ଏକ ମଦ ଦୋକନରୁ ପ୍ରଥମେ ୫ ହଜାର ଟଙ୍କା ବଟି ମାଗିଥିଲେ। ମଦ ଦୋକାନ କର୍ମଚାରୀ ତାଙ୍କୁ ପ୍ରଥମେ ୩ହଜାର ଟଙ୍କା ଦେଇଥିଲେ ଓ ପରେ ବାକି ୨ ହଜାର ଟଙ୍କା ଦେବେ ବୋଲି କହିଥିଲେ। ପରେ ଦୁହେଁ ମହୀଧରପୁର-ଛେଳିଆପଡ଼ା ରାସ୍ତାର ବିଭିନ୍ନ ନିଛାଟିଆ ସ୍ଥାନରେ ଦୁଇଚକିଆ ଯାନ ଅଟକାଇ ହେଲମେଟ୍, ଡ୍ରାଇଭିଂ ଲାଇସେନ୍ସ, ଇନ୍ସ୍ୟୁରାନ୍ସ ଇତ୍ୟାଦି ଯାଞ୍ଚ କରିଥିଲେ। ଲୋକେ ହେଲମେଟ୍ ପିନ୍ଧି ନ ଥିବାରୁ ସେମାନଙ୍କଠାରୁ ୫୦୦ ଓ ୧୦୦୦ ଲେଖାଏଁ ଆଦାୟ କରିଥିଲେ। ତେବେ ଏହି ଅଞ୍ଚଳର କେତେକ ସଚେତନ ନାଗରିକଙ୍କ ମନରେ ଏ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ସେମାନେ ଅନୁଗୋଳ ସଦର ଥାନା ଓ ବଅଁରପାଳ ଥାନାକୁ ଖବର ଦେଇଥିଲେ। ଉଭୟ ଥାନା ପୁଲିସ ଘଟଣାସ୍ଥଳକୁ ଆସିଥିଲେ। ପୁଲିସ ଗାଡ଼ି ଦେଖି ନକଲି କନଷ୍ଟେବଲ ଅମର ଫେରାର ହୋଇଯାଇଥିଲେ। କିନ୍ତୁ ଅରକ୍ଷିତଙ୍କୁ ପୁଲିସ ମାଡ଼ିବସିଥିଲା। ଉଭୟଙ୍କୁ ପଚରାଉଚରା କରାଯାଉଥିବା ମହୀଧରପୁର ଫାଣ୍ଡି ଅଧିକାରୀ ମାନସ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ପୋଖରୀରେ ବୁଡ଼ି ଜଣେ ମୃତ

କାମାକ୍ଷାନଗର, ୧୮।୫ (ସମିସ): କଙ୍କଡ଼ାହାଡ଼ ବ୍ଲକ୍ ମହାବିରୋଡ୍ ଥାନା ଅନ୍ତର୍ଗତ ଗଡ଼ପଳାଶୁଣି ଗାଁରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗ୍ରାମର ଯୁଧିଷ୍ଠିର ବେହେରା (୪୮)। ରବିବାର ସକାଳେ ଯୁଧିଷ୍ଠିର ଗ୍ରାମ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ପରିବାରଲୋକ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କ ପତ୍ତା ପାଇନଥିଲେ। ତେବେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। କଙ୍କଡ଼ାହାଡ଼ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଥାନା ଅଧିକାରୀ କାଶୀନାଥ ହାଁସଦା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ୍ ତଦନ୍ତ କରୁଛି।

**■ କାଳ ହେଲା ସେଲ୍‌ଫି**

# ନଦୀକୁ ଖସି ଛାତ୍ର ମୃତ

ରାଉରକେଲା,୧୮।୫(ସମିସ): ସେଲ୍‌ଫି ନେବା ଜଣେ ଛାତ୍ରଙ୍କ ପାଇଁ କାଳ ହୋଇଛି। ସେଲ୍‌ଫି ନେବା ବେଳେ କୋଏଲ ନଦୀକୁ ଖସି ଜୀବନ ଯାଇଛି। ରବିବାର ଏଭଳି ଘଟଣା ଛେଣ୍ଡ ଥାନା ଅନ୍ତର୍ଗତ ପ୍ରଧାନପାଲି ଓଭରବ୍ରିଜଠାରେ ଘଟିଛି। ମୃତକ ହେଲେ, ସ୍ୱାଧୀନ ଓରାମ (୧୯)। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ୍ ସୂଚନାନୁଯାୟୀ, ସ୍ୱାଧୀନ ୩ଜଣ ସାଙ୍ଗ ପିଣ୍ଟୁ ବଞ୍ଚଲ୍ (୧୯), ମଧୁସୂଦନପାଲିର ତରୁଣ ଦାସ (୧୮) ଓ ସେକ୍ଟର -୨୧ ଅଞ୍ଚଳର ରୁଦ୍ରାକ୍ଷ ଛୁରା (୧୭)ଙ୍କ ସହ ପ୍ରଧାନପାଲି ବ୍ରିଜ୍‌ରେ ଥିବା ସେଲ୍‌ଫି ପଏଣ୍ଟକୁ ଯାଇଥିଲେ। ସେଠାରେ ସେଲ୍‌ଫି ନେବା ବେଳେ ଅସାବଧାନତାବଶତଃ ସ୍ୱାଧୀନ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ୪ଜଣ ସାଙ୍ଗ ସହରର ଏକ ଆଇଟିଆଇର ଛାତ୍ର ହୋଇଥିବା ବେଳେ ସ୍ୱାଧୀନ ଓ ପିଣ୍ଟୁ ଉକ୍ତ ଅନୁଷ୍ଠାନର ହଷ୍ଟେଲରେ ରହୁଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

**ତୁର୍କୀ, ଚୀନ୍ ଓ ଅଜରବୈଜାନ୍ ସାମଗ୍ରୀକୁ ଓଡ଼ିଶାରେ ବର୍ଜନ**

# ବ୍ୟବସାୟୀ ମହାସଂଘର ବିକ୍ରି କଟକଣା

ଭୁବନେଶ୍ୱର,୧୮।୫(ସମିସ): ଭାରତ-ପାକ୍ ଯୁଦ୍ଧ ସମୟରେ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ ଜଣାଇଥିଲା ତୁର୍କୀ। ସେହିଭଳି ଚୀନ୍ ଓ ଅଜରବୈଜାନ୍ ଭିତିରିଆ ପାକିସ୍ତାନ ସପକ୍ଷରେ ଥିଲେ। ତେଣୁ, ଏସବୁ ଦେଶର ସାମଗ୍ରୀକୁ ଭାରତରେ ସଂପୂର୍ଣ୍ଣ ରୂପେ ବର୍ଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ମଧ ଏହି ଦେଶର ସାମଗ୍ରୀ ବିକ୍ରି ଉପରେ ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ରୋକ୍ ଲଗାଇଛି। ତୁର୍କୀରୁ ଆସୁଥିବା ଡାଲି ଜାତୀୟ ସାମଗ୍ରୀ, ସେଓ, ସିମେଣ୍ଟ୍ ଆଦି ସାମଗ୍ରୀ ବନ୍ଦ କରିବାକୁ ବ୍ୟବସାୟୀ ମହାସଂଘ ନିଷ୍ପତ୍ତି ନେଇଛି। ସେହିପରି ଚୀନ୍‌ର ସାମଗ୍ରୀକୁ ମଧ ଓଡ଼ିଶାରେ ବ୍ୟାନ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ଦିଲ୍ଲୀରେ ମହାସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏପରି ନିଷ୍ପତ୍ତି ନିଆଯାଇଛି।

ସେହିଭଳି ଅନଲାଇନ୍ ଓ କର୍ପୋରେଟ୍ ହାଉସ୍‌କୁ ସରକାରଙ୍କ ସମର୍ଥନ ବିରୋଧରେ କଠୋର୍ ହୋଇଛି

**ଅନ୍‌ଲାଇନ୍ ଓ କର୍ପୋରେଟ୍ ସଂସ୍ଥା ଜିନିଷରେ ବି ରୋକ୍**

ମହାସଂଘ। ସ୍ୱଦେଶୀ ଜାଗରଣ ମଞ୍ଚ ସହ ମିଶି ଅନଲାଇନ୍ ସାମଗ୍ରୀ ବିକ୍ରିକୁ ବିରୋଧ କରିବାକୁ ନିଷ୍ପତ୍ତି ହୋଇଛି। ଅନଲାଇନ୍‌ରେ ଯେଉଁ କମ୍ପାନୀ ନିଜ ସାମଗ୍ରୀକୁ କମ ଦରରେ ବିକ୍ରି କରୁଛନ୍ତି, ଖୋଲା ବଜାରରେ ବ୍ୟବସାୟୀଙ୍କଠାରୁ ଅଧିକ ଦର ନେଉଛନ୍ତି, ସେମାନଙ୍କ ସାମଗ୍ରୀକୁ ବ୍ୟାନ୍ କରାଯିବ। କୌଣସି ଅଫଲାଇନ୍ ଦୋକାନରେ ସଂପୃକ୍ତ କମ୍ପାନୀର ସାମଗ୍ରୀ ବିକ୍ରି କରିପାରିବେନି ବ୍ୟବସାୟୀ। ଏପରିକି, ଅନଲାଇନ୍‌ରେ ବିଭିନ୍ନ ବ୍ୟାଙ୍କଗୁଡ଼ିକ ବିଭିନ୍ନ ସମଗ୍ରୀଗୁଡ଼ିକରେ ଅତିରିକ୍ତ ଲାଭ ଅଫର୍ ମାଧ୍ୟମରେ ଦେଉଛନ୍ତି। ତେଣୁ ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକୁ ମଧ ବୟକଟ୍ କରିବାକୁ ନିଷ୍ପତ୍ତି ନେଇଛି ବ୍ୟବସାୟୀ ମହାସଂଘ। ସାମଗ୍ରୀ ବିକ୍ରିର ୧୪ ପ୍ରତିଶତ ଅନଲାଇନ୍ ବ୍ୟବସାୟ ମାଧ୍ୟମରେ ହେଉଥିବାବେଳେ ଅଫଲାଇନ୍‌ରେ ୮୬ପ୍ରତିଶତ ବିକ୍ରି ହେଉଛି। କର୍ପୋରେଟ୍ ହାଉସ୍ ଓ ଅନଲାଇନ୍ ବ୍ୟବସ୍ଥାକୁ ସମର୍ଥନ ଜଣାଇ ସରକାର ରାଜ୍ୟର ବ୍ୟବସାୟୀଙ୍କୁ ହଇରାଣ କରୁଥିବାରୁ ବ୍ୟବସାୟୀମାନେ ଏଭଳି କଠୋର୍ ନିଷ୍ପତ୍ତି ନେଉଛନ୍ତି ବୋଲି ମହାସଂଘର ମହାସଚିବ ସୁଧାକର ପଣ୍ଡା ଗଣମାଧ୍ୟମକୁ ବିବୃତ୍ତି ଦେଇ କହିଛନ୍ତି।


**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

Contact

**GADHWAL GROUP**

**M.: 9437015112**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୮ ଶିଶୁଙ୍କ ସମେତ...

ହରାଇଥିଲେ। ଦମକଳ ବିଭାଗ ଅନୁଯାୟୀ ୬ଟା୩୦ରେ ନିଆଁ ଲାଗିଥିବା ସୂଚନା ମିଳିଥିଲା। ଏହା ପରେ ୧୧ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ଅନେକ ଲୋକଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ୧୦ ଜଣଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଦୀର୍ଘ ଦୁଇ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାର ପ୍ରତି ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ଘୋଷଣା କରିଛନ୍ତି।

### କେନ୍ଦ୍ରକୁ 'ସୁପ୍ରିମ'...

ନିମନ୍ତେ ୨୦୧୭ରେ କେନ୍ଦ୍ର ସରକାର ଅଧିସୂଚନା ଜାରି କରିଥିଲେ। ପରବର୍ତ୍ତୀ ସମୟରେ ୨୦୨୧ ମସିହାରେ ଏଥିପାଇଁ ଏକ ମେମୋରାଣ୍ଡମ୍ ଅଣା ଯାଇଥିଲା। ମାତ୍ର ୨୦୦୬ରେ ପରିବେଶ ପ୍ରଭାବ ଆକଳନ ବିଜ୍ଞପ୍ତି ଉଲ୍ଲଂଘନ କରିଥିବା ସଂସ୍ଥାକୁ ଆଶ୍ୱସ୍ତି ଦେବା ପାଇଁ ୧୫ ବର୍ଷ ପରେ ସ୍ମାରକପତ୍ର ଜାରି କରାଯିବା ଆଦୌ ଗ୍ରହଣୀୟ ନୁହେଁ। ଯେହେତୁ ଏହି ସଂସ୍ଥାଗୁଡ଼ିକ ପରିବେଶ ପ୍ରଭାବ ଆକଳନ ସଂକ୍ରାନ୍ତ ବିଜ୍ଞପ୍ତି ସମ୍ପର୍କରେ ଜ୍ଞାତ ଥିବା ସାତ୍ତ୍ୱେ ଏହାକୁ ଅବଜ୍ଞା କରିଛନ୍ତି, ତେଣୁ ସେମାନେ ଆଶ୍ୱସ୍ତି ପାଇବା ନିମନ୍ତେ ହକଦାର ନୁହନ୍ତି। ଏହି ଆଇନ ଉଲ୍ଲଂଘନ କରି ସେମାନେ କେବଳ ଘୋର ବେଆଇନ କାର୍ଯ୍ୟ କରିନାହାନ୍ତି, ବରଂ ସମାଜ ବିରୋଧୀ କାର୍ଯ୍ୟ କରିଛନ୍ତି। ତେଣୁ ପୂର୍ବ ପରିବେଶ ମଞ୍ଜୁରୀ ସର୍ତ୍ତକୁ କଠୋରଭାବରେ ଲାଗୁ କରାଯିବା ଉଚିତ୍। ପରିବେଶ ସଂକ୍ରାନ୍ତ ଓ ପରିବେଶ ଆଇନ ଉଲ୍ଲଂଘନ ସଂକ୍ରାନ୍ତ ମାମଲାଗୁଡ଼ିକରେ ଅଦାଲତ ଆଦୌ ନରମ ମନୋଭାବ ପୋଷଣ କରିପାରିବେ ନାହିଁ। ଏହା ସାମ୍ବିଧାନିକ ଅଦାଲତଗୁଡ଼ିକର ଦାୟିତ୍ୱ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପରିବେଶ ମଞ୍ଜୁରୀ ଆଇନ ଉଲ୍ଲଂଘନ କରି ଦୀର୍ଘବର୍ଷ ଧରି କାର୍ଯ୍ୟ ଚଳାଇଥିବା ଖଣି ଓ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକୁ କ୍ଷମା ନ କରିବା ପାଇଁ 'ବନ ଶକ୍ତି' ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ ଓ ସରକାରୀ ଆଇନକୁ ଜାଣିଶୁଣି ଉଲ୍ଲଂଘନ କରିଥିବା ଏହି କମ୍ପାନୀ ଓ ସଂସ୍ଥାଗୁଡ଼ିକୁ କ୍ଷମା କରିବା ପାଇଁ କେନ୍ଦ୍ର ସରକାରଙ୍କ ଯୋଜନାକୁ ସମ୍ପୃକ୍ତ ସଂସ୍ଥା ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୭ ମାର୍ଚ୍ଚ ମାସରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଏହି କ୍ଷମା ଯୋଜନା ୬ ମାସ ପାଇଁ ବଳବତ୍ତର ରହିବ ବୋଲି କୁହାଯାଇଥିଲା। ମାତ୍ର ଏହି ଅବଧି ପରେ ମଧ ଅନେକ ଖଣି ଓ ପ୍ରକଳ୍ପକୁ ମଧ ଅନୁଗୃହୀତ କରାଯାଇଥିବା ଅଭିଯୋଗ ହୋଇଥିଲା।

ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ଯଥାର୍ଥ ବୋଲି ସରକାରୀ ଓକିଲ ଯୁକ୍ତି ବାଢ଼ିଥିଲେ ହେଁ ଅଦାଲତ ତାହାକୁ ଗ୍ରହଣ କରିନାହାନ୍ତି। ୨୦୧୭ରେ କେନ୍ଦ୍ର ସରକାରଙ୍କ ଅଧିସୂଚନା କେବଳ ୧୪ ମାର୍ଚ୍ଚ ୨୦୧୭ ସୁଦ୍ଧା ଉଲ୍ଲଂଘନ ମାମଲାଗୁଡ଼ିକ ଉପରେ ପର୍ଯ୍ୟବେଶିତ ଥିଲା। ଏହା ପରେ ଯେଉଁ ସଂସ୍ଥାଗୁଡ଼ିକ ଆଇନ ଉଲ୍ଲଂଘନ କରିଛନ୍ତି, ସେମାନଙ୍କୁ କ୍ଷମା କରାଯାଇ ପାରିବ ନାହିଁ କିମ୍ବା ଏକ୍ସ ଫ୍ୟାକ୍ଟୋ ବା ପୂର୍ବୋବ୍ୟାପୀ ପରିବେଶ ମଞ୍ଜୁରୀ ଦିଆଯିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

### କୁଖ୍ୟାତ ଆତଙ୍କୀ...

ଲଗାତାର ତିନି ବର୍ଷ ମଧ୍ୟରେ ଭାରତରେ ହୋଇଥିବା ଏହିସବୁ ଆକ୍ରମଣ ଘଟଣାରେ ଅନେକ ଲୋକ ନିହତ ହୋଇଥିଲେ। ସୈଫୁଲ୍ଲା ବିନୋଦ କୁମାର ନାମରେ ବହୁ ଦିନ ଧରି ନେପାଳରେ ରହି ଲସ୍କର-ଇ-ତୋଏବା ମଡ୍ୟୁଲ ପରିଚାଳନା କରୁଥିଲା। ସେଠାରେ ସେ ଜଣେ ନେପାଳୀ ମହିଳାଙ୍କୁ ମଧ ବିବାହ କରିଥିଲା। ଭାରତରେ ମୁଖ୍ୟତଃ ଲସ୍କରର ଆତଙ୍କବାଦ କାର୍ଯ୍ୟକଳାପ ପାଇଁ କ୍ୟାଡର ଏବଂ ଆର୍ଥିକ ସହାୟତା ଯୋଗାଇବା ନେଇ ସେ କାର୍ଯ୍ୟ କରୁଥିଲା। ସେ ନେପାଳ ଦେଇ ଲସ୍କର ଆତଙ୍କବାଦୀଙ୍କୁ ଭାରତ ପଠାଉଥିଲା। ତେବେ କିଛି ଦିନ ତଳେ ସେ ନେପାଳରୁ ନିଜ ଠିକଣା ବଦଳାଇ ପାକିସ୍ତାନ ଚାଲି ଆସି ସିନ୍ଧ ପ୍ରଦେଶରେ ଜମାତ୍-ଉଦ୍-ଦାୱା ଆତଙ୍କବାଦୀ ସଂଗଠନ ପାଇଁ କାର୍ଯ୍ୟ କରୁଥିଲା ବୋଲି ଜଣାପଡ଼ିଛି। ତାକୁ ପ୍ରଶାସନ ସୁରକ୍ଷା ଯୋଗାଇ ଦେଇଥିଲା।

### ଉତ୍ତେଜନା ବଢାଇଲେ...

ଦୃଷ୍ଟିରେ ରଖି ଆଇଏମଏଫ ପାକିସ୍ତାନ ପାଇଁ ୧୧ଟି ନୂତନ ସର୍ତ୍ତ ଲାଗୁ କରିଥିବା ବିଭିନ୍ନ ଗଣମାଧ୍ୟମ ରିପୋର୍ଟରେ ଖବର ପ୍ରକାଶ ପାଇଛି। ପାକିସ୍ତାନ ଉପରେ ଲାଗୁ ହୋଇଥିବା ନୂତନ ସର୍ତ୍ତଗୁଡ଼ିକ ମଧ୍ୟରେ ଶେହବାଜ ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଥିବା ୧୭,୬୦୦ ଟ୍ରିଲିୟନ ଟଙ୍କାର ବଜେଟ,ବିଦ୍ୟୁତ୍ ବିଲ୍ ଉପରେ ଋଣ ପରିଶୋଧ ସରଚାର୍ଜ ବୃଦ୍ଧି ଏବଂ ତିନି ବର୍ଷରୁ ପୁରୁଣା କାର ଆମଦାନୀ ଉପରେ ପ୍ରତିବନ୍ଧକ ଉଠାଇବା ଅନ୍ତର୍ଭୁକ୍ତ ରହିଛି। ପାକିସ୍ତାନ ସରକାର ତାଙ୍କ ବଜେଟରେ ପ୍ରତିରକ୍ଷା ବିଭାଗ ପାଇଁ ଅହେତୁକ ଭାବେ ବ୍ୟୟ ବରାଦ ବୃଦ୍ଧି କରିଛନ୍ତି। ଆସନ୍ତାବର୍ଷ ପାଇଁ ପ୍ରତିରକ୍ଷା ବଜେଟ୍ ୨.୪୧୪ ଟ୍ରିଲିୟନ ଟଙ୍କା ରଖାଯାଇଥିଲା ବେଳେ ଗତ ବଜେଟ ତୁଳନାରେ ଏହା ୨୫୨ ବିଲିୟନ ଡଲାର ଅଧିକ ରହିଛି। ଭାରତ ସହ ଉତ୍ତେଜନା ବୃଦ୍ଧି ପାଉଥିବାରୁ ପାକିସ୍ତାନ ସରକାର ଜାଣିଶୁଣି ପ୍ରତିରକ୍ଷା ବଜେଟ୍ ବୃଦ୍ଧି କରିଛନ୍ତି। କିନ୍ତୁ ଏହାଦ୍ୱାରା ପାକିସ୍ତାନର ସ୍ଥିତି ଆହୁରି ଖରାପ ହେବ ବୋଲି ଆଇଏମଏଫ ସୁଚାଇ ଦେଇଛି। ପାକିସ୍ତାନ ନିଜର ଆର୍ଥିକ ସ୍ଥିତିରେ ଆଣିବା ଲାଗି ଆଇଏମଏଫ ଠାରୁ ଋଣ ଗ୍ରହଣ କରୁଛି। କିନ୍ତୁ ଆର୍ଥିକ ଏବଂ ବଜାର ସ୍ଥିତିକୁ ଦୃଷ୍ଟି ନଦେଇ ସରକାର ବଜେଟ୍ ପ୍ରସ୍ତୁତ କରିବା ଏବଂ ଅନ୍ୟ କ୍ଷେତ୍ରଗୁଡିକରେ ରିଆତି ହ୍ରାସ ନ କରିଲେ ସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିବ ବୋଲି ଆଇଏମଏଫ କହିଛି।

### ୨୦୦/୦...

ବିଜୟୀ ହେବା ସହ ଏହି ରେକର୍ଡ କରିଛି। ପୂର୍ବରୁ କୌଣସି ୱିକେଟ୍ ନ ହରାଇ ସର୍ବାଧିକ ରନ ଚେଜ୍ କରିବାର ରେକର୍ଡ କୋଲକାତା ନାଇଟ୍ ରାଇଡର୍ସ ନାମରେ ରହିଥିଲା। ଆଇପିଏଲ୍‌ର ୨୦୧୭ ସଂସ୍କରଣରେ ସେହି ସମୟରେ ଖେଳୁଥିବା ଗୁଜରାଟ ଲାୟନ୍ସ ପକ୍ଷରୁ ଧାର୍ଯ୍ୟ ୧୮୪ ରନର ଲକ୍ଷ୍ୟକୁ କୋଲକାତା ୩୧ ବଲ୍ ବଳକା ଥାଇ ୧୦ୱିକେଟରେ ଜିତିଥିଲା। ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଗୁଜରାଟର ଦୁଇ ଓପନର୍ ସାଇ ସୁଦର୍ଶନ ୧୦୮ ଓ ଅଧିନାୟକ ଗିଲ୍ ୯୩ ରନ କରି ଅପରାଜିତ ରହିଥିଲେ। ଚଳିତ ସିଜନରେ ପ୍ରଥମ ଦଳ ଭାବେ ଗୁଜରାଟ ୧୦ ୱିକେଟ୍‌ରେ ମ୍ୟାଚ୍ ବିଜୟୀ ହୋଇଛି। ଗୁଜରାଟର ଏହା ମଧ ସର୍ବାଧିକ ରନ୍ ଚେଜ୍।

ଆଇପିଏଲ୍‌ରେ ୧୦୦ତମ ଶତକ: ଅପରପକ୍ଷରେ ଏହି ମ୍ୟାଚ୍‌ରେ ସାଇ ସୁଦର୍ଶନ ହାସଲ କରିଥିବା ଶତକ ଆଇପିଏଲ୍ ଇତିହାସର ୧୦୦ତମ ଶତକୀୟ ପାଳି ହୋଇଛି। ୨୦୦୮ରେ ଆଇପିଏଲ୍‌ର ଉଦ୍‌ଘାଟନୀ ସଂସ୍କରଣର ପ୍ରଥମ ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସର ବ୍ରେଣ୍ଡନ ମ୍ୟାକ୍‌କୁଲାମ ୧୫୮ ରନ୍ କରି ପ୍ରଥମ ଶତକ ହାସଲ କରିଥିଲେ। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ସେ ଏହି ଶତକ ହାସଲ କରିଥିଲେ। ଆଇପିଏଲର ଇତିହାସରେ ବିରାଟ କୋହଲି ସର୍ବାଧିକ ୮ଟି, ଜୋଶ ବଟ୍ଲର ୭ଟି, କ୍ରିସ୍ ଗେଲ ୬ଟି ଓ ଲୋକେଶ ରାହୁଲ ୫ଟି ଶତକ ହାସଲ କରିଛନ୍ତି। ରାହୁଲ ଏକମାତ୍ର ଖେଳାଳି ଭାବେ ୩ଟି ଫ୍ରାଞ୍ଚାଇଜ୍ ପଞ୍ଜାବ, ଲକ୍ଷ୍ନୌ ଓ ଦିଲ୍ଲୀ ପକ୍ଷରୁ ଖେଳି ଶତକ ହାସଲ କରିଛନ୍ତି।

### କାଠଯୋଡ଼ିରେ ବୁଡ଼ିଗଲେ...

ଅନ୍ୟ ୨ କର୍ମଚାରୀ ଭୋଜିଭାତ କରିଥିଲେ। ଭୋଜି ଶେଷ ହେବା ପରେ କାଠଯୋଡ଼ି ନଦୀକୂଳକୁ ଗୋଧାଇବାକୁ ଯାଇଥିଲେ। ସେଠାରେ ପହଞ୍ଚି ନିଜନିଜ ଭିତରେ ସନ୍ତରଣ ପ୍ରତିଯୋଗିତା କରିଥିଲେ। କିନ୍ତୁ ୪ ସାଙ୍ଗଙ୍କ ମଧ୍ୟରୁ କାହାରିକୁ ପହଁରା ଜଣାନଥିଲା। ପ୍ରଥମେ ରୁତିକେଶ ନଦୀ ମଧ୍ୟକୁ ଡେଇଁ କୂଳରେ ପହଁରିବାକୁ ଚେଷ୍ଟା କରିଥିଲେ। ତାଙ୍କ ସହ ରତିକ୍ ମଧ କୂଳକୁ ଯାଇ ପହଁରିଥିଲେ। ତେବେ କିଛି ସମୟ ମଧ୍ୟରେ ୨ବନ୍ଧୁ କୂଳରୁ ମଝିକୁ ଚାଲି ଯାଇଥିଲେ। ପହଁରା ଜଣାନଥିବାରୁ ରତିକ୍ ପାଣିର ପ୍ରଖର ସୁଅରେ ଭାସି ଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ରୁତିକେଶ ନଦୀ ମଝିକୁ ଚାଲିଯାଇଥିଲେ। କିନ୍ତୁ, ଦୁର୍ଭାଗ୍ୟକୁ ୨ଜଣ ନଦୀରେ ବୁଡ଼ି ଯାଇଥିଲେ। କୂଳରେ ଥିବା ୨ବନ୍ଧୁ ପ୍ରଥମେ ଫେଜ୍-୨ ଥାନା ଓ ପରେ ବିଡ଼ାନାସୀ ଫାୟାର୍ ଷ୍ଟେସନ୍‌କୁ ଫୋନ୍ କରି ଘଟଣା ବିଷୟରେ ଅବଗତ କରାଇଥିଲେ। ଘଟଣାସ୍ଥଳରେ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅଧଘଣ୍ଟା ଭିତରେ ରୁତିକେଶଙ୍କ ମୃତଦେହ ଠାବ କରାଯାଇଥିଲା। ପରେ ତାଙ୍କ ଶବକୁ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲ ପଠାଯାଇଥିଲା। ଅନ୍ୟପକ୍ଷରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରତିକ୍‌ଙ୍କ ପତ୍ତା ମିଳିନଥିଲା। ଅନ୍ଧାର ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରଖାଯାଇଛି।

ଏ ସମ୍ପର୍କରେ ବିଡ଼ାନାସୀ ଅଗ୍ନିଶମ କେନ୍ଦ୍ରର ଫାୟାର୍ ଅଫିସର୍ ପୁଲକ୍ ଲେଙ୍କାଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାସ୍ଥଳରେ ପାଣିର ପ୍ରଖର ସ୍ରୋତ ରହିଥିଲା। ଦୁଇ ଇଞ୍ଜିନିୟର୍ ଆଦୌ ପହଁରା ନଜାଣି ନଦୀଗର୍ଭକୁ ଲମ୍ଫ ମାରିଥିଲେ। ତେଣୁ, ଏହି ଅଘଟଣ ଘଟିଛି।

### ଭୁବନେଶ୍ୱରରେ ଖୋଲିବ...

ତଥ୍ୟ ପାକିସ୍ତାନକୁ ଦେଉଥିଲେ। ତେଣୁ ଓଡ଼ିଶାରେ ଏନ୍‌ଆଇଏ ଅଫିସ୍ ରହିବା ଜରୁରୀ ହୋଇ ପଡ଼ିଥିଲା। କାରଣ ଏଠାରେ କୌଣସି ଦେଶ ବିରୋଧୀ ଅପରାଧ ଘଟିଲେ ଦିଲ୍ଲୀ ଏବଂ କଲିକତାରୁ ଏନ୍‌ଆଇଏ ଟିମ୍ ଓଡ଼ିଶା ଆସୁଥିଲେ। ସେତ ବେଳକୁ ତଦନ୍ତରେ ବିଳମ୍ବ ହେବା ସହ ପ୍ରମାଣ ନଷ୍ଟ ହେବାର ସମ୍ଭାବନା ରହିଥିଲା। ତେଣୁ ଏସବୁ ନଜରକୁ ନେଇ ଓଡ଼ିଶାରେ ଏନ୍‌ଆଇଏ ଅଫିସ ନିହାତି ଆବଶ୍ୟକ ଥିଲା।

ସୂଚନାଯୋଗ୍ୟ ।।ଯେ ଜାତୀୟ ତଦନ୍ତ ସଂସ୍ଥା ହେଉଛି ଭାରତର କେନ୍ଦ୍ରୀୟ ଆତଙ୍କବାଦ ବିରୋଧୀ ଆଇନ ପ୍ରବର୍ତ୍ତନ ସଂସ୍ଥା, ଯାହା ୨୦୦୮ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହାର ପ୍ରାଥମିକ ଭୂମିକା ହେଉଛି ଆତଙ୍କବାଦ ସହିତ ଜଡିତ ଅପରାଧ ଏବଂ ଜାତୀୟ ସୁରକ୍ଷା ଏବଂ ସାର୍ବଭୌମତ୍ୱକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ବିଷୟଗୁଡ଼ିକର ତଦନ୍ତ ଏବଂ ବିଚାର କରିବା। ଏନ୍‌ଆଇଏ ମଧ ଆତଙ୍କବାଦୀ ନେଟୱର୍କଗୁଡ଼ିକୁ ଭାଙ୍ଗିବା ଉପରେ ଲକ୍ଷ୍ୟ ରଖିଥାଏ। ଏନ୍‌ଆଇଏ'ର ସାରା ଭାରତରେ ୧୯ଟି ଶାଖା କାର୍ଯ୍ୟାଳୟ ଅଛି। ଏହାର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ରହିଛି। ଦେଶର ବିଭିନ୍ନ ଅଞ୍ଚଳରେ ଆତଙ୍କବାଦ ବିପଦକୁ ମୁକାବିଲା କରିବା ପାଇଁ ଏହି ଶାଖା କାର୍ଯ୍ୟାଳୟଗୁଡ଼ିକ ରଣନୀତିକ ଭାବରେ ଅବସ୍ଥିତ। ହାଇଦ୍ରାବାଦ, ଗୁଆହାଟୀ, କୋଚି, ଲକ୍ଷ୍ନୌ, ମୁମ୍ବାଇ, କୋଲକାତା, ରାୟପୁର, ଜମ୍ମୁ, ଚଣ୍ଡିଗଡ଼, ରାଞ୍ଚି, ଚେନ୍ନାଇ, ଇମ୍ଫାଲ, ବେଙ୍ଗାଲୁରୁ, ପାଟନା, ଜୟପୁର, ଭୋପାଳ ଏବଂ ଅହମ୍ମଦାବାଦ ଏନ୍‌ଆଇଏ ଶାଖା କାର୍ଯ୍ୟାଳୟ ରହିଛି।


**AFFIDAVIT**

By affidavit I, Pratima Sahoo aged about 42 years, W/o - Chakradhar Sahoo, Vill: Dudurkote Manapur, P.O.: Dudurkote, P.S.: Balimi, Dist.: Dhenkanal, ODISHA, 759020 declare that my real name is Pratima Sahoo which is mentioned in my Aadhar but I had opened a LIC policy at Angul Branch bearing the Policy No - 588457061 in where my name is wrongly mentioned as "Sasmita Sahu" instead of "Pratima Sahoo". Both are one and same person.

**AFFIDAVIT**

By virtue of an affidavit sworn before the Executive Magistrate, Tangi, Dist: Khordha CF No: 739 dated 15/05/2025, I **Puspalata Pradhan**, W/o Manas Ranjan Pradhan resident of Village At - Balipatpur, Po- Bhusandpur, Ps- Tangi, Dist- Khordha, Odisha, Pin- 752021 declare that I have changed my name from **PUSPALATA PANSINGHA** to **PUSPALATA PRADHAN**. Henceforth, she shall be known as **PUSPALATA PRADHAN** for all purposes.

**Sd- PUSPALATA PRADHAN**

**NOTICE**

By virtue of an affidavit sworn before In the Court Of Sri Kabiraj Sethi (ORS) Executive Magistrate, Nuagaon, dated 17.05.2025 I Golakha Bihari Jani, Address At-Ambajhari, PO/PS- Nuagaon, Dist-Nayagarh, Odisha, Pin-752083 declare that I have changed my name from Golak Bihari Jani to Golakha Bihari Jani. Henceforth, I shall be known as Golakha Bihari Jani for all purposes.

**AFFIDAVIT**

I, Rakesh Agarwalla, S/O Gobind Prasad Agarwalla, R/O Ward No-11, At/po: Karanjia, Dist: Mayurbhanj, Odisha- 757037 shall henceforth be known as Rakesh Kumar Agarwalla vide an affidavit sworn before The Notary Public at Karanjia court on 20/01/2025. That Rakesh Kumar Agarwalla and Rakesh Agarwalla all are the same and one identical person.

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated 16/05/2025. I, **Harit Suman S Nag**, formerly known as Harit Suman Nag, S/O Suresh Nag, permanent resident of At- Brahmani Tarang, P.O. Jhartarang, P.S. Brahmani Tarang, Dist- Sundargarh, Odisha, Pin No. 769004 affirm that I have changed my name from **Harit Suman Nag To Harit Suman S Nag**. Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Harit Suman S Nag.**

**Harit Suman S Nag**

## ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ବଲାଙ୍ଗୀ ପାର୍କକୁ ଅଣଦେଖା

# ପାର୍କିଂ ସ୍ଥାନରେ ଜଳୁନି ଲାଇଟ୍; ଶୌଚାଳୟରେ ତାଲା

- ରହୁନାହାନ୍ତି ସୁରକ୍ଷା କର୍ମଚାରୀ
- କିଓସ୍କୋରେ ଆସୁନି ପିଇବା ପାଣି
- ଦୃଷ୍ଟି ପକାଉନି ପୌର ପରିଷଦ



**ନୟାଗଡ଼,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ତଥା ସଦର ମହକୁମାରେ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ଉଭା ହୋଇଛି ବଲାଙ୍ଗୀ ପାର୍କ। ଏହି ପାର୍କକୁ ବିଶ୍ୱସ୍ତରୀୟ କରିବା ପାଇଁ ପରିକଳ୍ପନା କରାଯାଇଥିଲା। ଏବେ ପୌର ପରିଷଦଠାରୁ ଆରମ୍ଭ କରି ବିଭିନ୍ନ ବିଭାଗ ଦ୍ୱାରା ବଲାଙ୍ଗୀ ପାର୍କରେ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟକୁ ବନ୍ଦ କରାଯାଇଛି। ରାଜନୈତିକ ଆକ୍ରୋଶ ନା ପ୍ରଶାସନିକ ଅବହେଳା ତାହା ବୁଝାପଡୁନାହିଁ। ଏଭଳି ସ୍ଥିତିରେ ବଲାଙ୍ଗୀ ପାର୍କରେ ପୌର ପରିଷଦ ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ କରାଯାଇଥିବା ମୌଳିକ ସୁବିଧାଗୁଡ଼ିକ ବନ୍ଦ ହେବା ଭଳି ସ୍ଥିତି ଉପୁଜିଛି। ବଲାଙ୍ଗୀ ପାର୍କ ନୟାଗଡ଼ବାସୀଙ୍କ ଭାବାବେଗ ସହ ଜଡ଼ିତ ହୋଇଥିବାବେଳେ ଛୁଟି ଦିନଗୁଡ଼ିକରେ ବ୍ୟାପକ ଜନଗହଳି ଦେଖିବାକୁ ମିଳୁଛି। ପ୍ରତ୍ୟେକ ରବିବାର ବଲାଙ୍ଗୀ ପାର୍କରେ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହେଉଛି। ଏତେ ପରିମାଣର ଗହଳି ହେଉଥିଲେ ମଧ୍ୟ ଆବଶ୍ୟକ ସୁବିଧା ନ ପାଇ ଅନେକ ଲୋକ ପୌର ପରିଷଦକୁ ନିନ୍ଦା କରିଛନ୍ତି। ଉକ୍ତ ପାର୍କ ଭିତରେ ରହିଥିବା ଶୌଚାଳୟରେ ତାଲା ଝୁଲୁଥିବାବେଳେ ପାର୍କ ଭିତରର ଅନେକ ସ୍ଥାନରେ ଲାଇଟ୍ ଜଳୁ ନ ଥିବା ଦେଖାଯାଇଛି। ଫଳରେ ଅନେକ ଲୋକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗେଟ୍ ତଥା ପାର୍କ ଭିତରେ ପୌର ପରିଷଦ ପକ୍ଷରୁ ସୁରକ୍ଷା କର୍ମଚାରୀ ନିଯୁକ୍ତ ହୋଇଥିଲେ ମଧ୍ୟ କାହାକୁ ସେଠାରେ ଦେଖିବାକୁ ମିଳୁନାହିଁ। ପାର୍କ ଭିତରେ ସିକ୍ୟୁରିଟି ବ୍ୟବସ୍ଥା ବଢ଼ାଇବା ପାଇଁ ମଧ୍ୟ ଦାବି ହେଉଛି।

ପାର୍କ ବାହାର ଓ ଭିତରେ ରହିଥିବା କିଓସ୍କୋଗୁଡ଼ିକରୁ ପାଣି ବାହାରୁ ନ ଥିବାରୁ ପାନୀୟଜଳ ପାଇଁ ପାର୍କ ବୁଲିବାକୁ ଆସୁଥିବା ଲୋକେ ହଇରାଣ ହେଉଛନ୍ତି। ଶିଶୁଙ୍କୁ ନେଇ ପାର୍କ ଆସୁଥିବା ଲୋକେ ସବୁଠାରୁ ଅଧିକ ସମସ୍ୟା ଭୋଗୁଛନ୍ତି। ଏହି ପାର୍କ ବୁଲିବାକୁ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଆସୁଛନ୍ତି। ବିଗତ ଦିନରେ କିଛି ବିଦେଶୀ ପର୍ଯ୍ୟଟକ ମଧ୍ୟ ପାର୍କ ବୁଲିବାକୁ ଆସିଥିଲେ। ନିର୍ବାଚନ ପରଠାରୁ ବର୍ତ୍ତମାନ ଏହି ପାର୍କର ଉନ୍ନତିମୂଳକ କାର୍ଯ୍ୟ ଆଦୌ କରାଯାଉନାହିଁ। ନୂତନ କାମ ହେଉ ନ ଥିବାବେଳେ ଅଧାରୁ ଅଧିକ ଅଧପନ୍ତରିଆ କାମ ବି ହୋଇପାରୁନାହିଁ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ୨୪୦ ଫୁଟ୍ ଉଚ୍ଚର ଆକର୍ଷଣୀୟ ଜଳପ୍ରପାତ ନିର୍ମାଣ କରାଯାଇଛି। ବିଜୁଳି ସଂଯୋଗ ଦିଆଯାଇ ନ ଥିବାରୁ ଏହା ମଧ୍ୟ ଚାଲୁ ହୋଇପାରୁ ନାହିଁ। ପାର୍କରେ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ରାଜନୈତିକ ଆକ୍ରୋଶ ବଲାଙ୍ଗୀ ପାର୍କ ପାଇଁ କାଳ ସଦୃଶ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ପରିକଳ୍ପନାରେ ନିର୍ମାଣ ହେଉଥିବା ବିଶ୍ୱସ୍ତରୀୟ ବଲାଙ୍ଗୀ ପାର୍କ ଏବେ ଦୁର୍ଦ୍ଦଶା ଭିତରକୁ ଗତି କରୁଛି। ପୌରନିର୍ବାହୀ ଅଧିକାରୀଙ୍କ ଅଣଦେଖା, ପୌର ପରିଷଦ କାଉନ୍ସିଲରଙ୍କ ନିରବଦ୍ରଷ୍ଟା ନୀତି ବଲାଙ୍ଗୀ ପାର୍କକୁ ସମସ୍ୟା ଭିତରକୁ ଠେଲି ଦେଉଥିବା ଆଲୋଚନା ହେଉଛି।

## ଉଦ୍ଧାର କୁଟୁରାର ମୃତ୍ୟୁ

**ଓଡ଼ଗାଁ,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ କୁରାଳ ଚଣ୍ଡୀଛକ ନିକଟରୁ ଏକ ଆହତ କୁଟୁରାକୁ ଗ୍ରାମବାସୀ ଉଦ୍ଧାର କରିଥିବାବେଳେ ଚିକିତ୍ସିତ ଅବସ୍ଥାରେ କୁଟୁରାଟିର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରବିବାର ସକାଳେ ଶିକାରୀ ଭୟ ଅଥବା ଅତ୍ୟଧିକ ଉତ୍ତାପ ବୃଦ୍ଧି କାରଣରୁ ଜଳ ଅନ୍ୱେଷଣରେ ଏକ କୁଟୁରା ଗାଁ ରାସ୍ତା ଦେଇ ଚଣ୍ଡୀଛକକୁ ଚାଲି ଆସିଥିଲା। ଏହି ସମୟରେ କିଛି କୁକୁର ଏକାଠି ହୋଇ କୁଟୁରାଟିକୁ ଆକ୍ରମଣ କରୁଥିବାବେଳେ ଗ୍ରାମବାସୀ ମିଳିତ ଭାବେ ତାକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରିଥିଲେ। ଗୁରୁତର ଆହତ କୁଟୁରାଟିର ମୃତ୍ୟୁ ହୋଇଥିଲା। ଗ୍ରାମବାସୀମାନେ ଘଟଣା ସମ୍ପର୍କରେ ବନ ବିଭାଗକୁ ଖବର ଦେବାପରେ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତ କୁଟୁରାକୁ ଜବତ କରି କାର୍ଯ୍ୟାଳୟକୁ ଆଣିଥିଲେ। ବ୍ୟବଚ୍ଛେଦ ପରେ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ତାକୁ ପୋତି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକ ସୂଚନା ଦେଇଛନ୍ତି।

## ପତ୍ନୀ ହତ୍ୟା ଅଭିଯୋଗରେ ସ୍ୱାମୀ ଅଟକ

**ଭାପୁର,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବିଜିପୁର ପଞ୍ଚାୟତ ଶୁକପୋଖରୀ ଗ୍ରାମରେ ଜଣେ ବିବାହିତ ମହିଳା ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକଙ୍କ ଭିଣୋଇ ପ୍ରଭାତ ବେହେରାଙ୍କ ଅଭିଯୋଗ କ୍ରମେ ସ୍ୱାମୀ ଥାନାରେ ଅଟକ ଅଛନ୍ତି। ଶୁକପୋଖରୀ ଗ୍ରାମର ବେଣୁଧର ପରିଡ଼ାଙ୍କ ବଡ଼ପୁଅ ବିବେକାନନ୍ଦ ପରିଡ଼ା ୪ ବର୍ଷ ପୂର୍ବେ ଖୋର୍ଦ୍ଧା ଜିଲ୍ଲା ବାଘମାରୀ ଥାନା ନୀଳକଣ୍ଠପୁର ଗ୍ରାମର ଅର୍ଜୁନ ରାଉତଙ୍କ ଝିଅ ପାର୍ବତୀ (ଖୁସି) ରାଉତଙ୍କୁ ବିବାହ କରିଥିଲେ। ଉଭୟଙ୍କର ଦୁଇଟି ଦୁଇ ବର୍ଷର ଯାଆଁଳା ଝିଅ ଅଛନ୍ତି। ପାରିବାରିକ କଳହରୁ ଶନିବାର ଅପରାହ୍ଣରେ ଘର ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଅପରପକ୍ଷରେ ଏହା ଏକ ହତ୍ୟା ବୋଲି ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଖବରପାଇ ପୁଲିସ ଶବ ଜବତ କରି ଏକ ମାମଲା ରୁଜୁ କରି ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ରବିବାର ଅପରାହ୍ଣରେ ଶୁକପୋଖରୀ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରବିବାର ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ଓ ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ ଶୁକପୋଖରୀରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

## ସାମ୍ବାଦିକ ସଂଘ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

**ଖଣ୍ଡପଡ଼ା,୧୮।୫(ସମିସ):** ଖଣ୍ଡପଡ଼ା ସାମ୍ବାଦିକ ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରବିବାର ପୂର୍ବାହ୍ଣରେ ଖଣ୍ଡପଡ଼ା ରାଜବାଟୀସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରକୁ କଟକ ଅର୍ବାନ୍ ହସ୍ପିଟାଲ ଡ. ମହମ୍ମଦ ଜାଭେଦ ଉଦ୍‌ଘାଟନ କରିଥିଲେ। ପିଏଚ୍‌ଡି ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରା ଅତିଥି ଭାବେ ଯୋଗଦେଇଥିବା ବେଳେ ସାମ୍ବାଦିକ ସଂଘ ପକ୍ଷରୁ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହରାଞ୍ଚଳର ୪୦ ବର୍ଷରୁ ଊର୍ଦ୍ଧ୍ୱ ୧୭୫ ଜଣ ମହିଳା ଓ ପୁରୁଷ ଶିବିରରେ ଯୋଗଦେଇଥିବା ବେଳେ ଶତାଧିକ ଲୋକଙ୍କର ଚକ୍ଷୁ ପରୀକ୍ଷା କରାଯାଇ ସେମାନଙ୍କୁ ଅର୍ବାନ ହସ୍ପିଟାଲ ପକ୍ଷରୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା। ସେହିଭଳି ଅବଶିଷ୍ଟ ଲୋକଙ୍କର ମଧୁମେହ, ଦନ୍ତ ପରୀକ୍ଷା ଓ ରକ୍ତଚାପ ପରୀକ୍ଷା କରାଯାଇଥିଲା। ଏତଦ୍‌ବ୍ୟତୀତ ୧୦ ଜଣ ମହିଳା ଓ ପୁରୁଷଙ୍କ ମୋତିଆବିନ୍ଦୁ ଅପରେସନ ନିମନ୍ତେ ଶିବିରରୁ କଟକ ଅର୍ବାନ ହସ୍ପିଟାଲ ନିଆଯାଇଛି। ରବିବାର ସନ୍ଧ୍ୟାରେ ସେମାନଙ୍କ ଚକ୍ଷୁ ଅପରେସନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଜଣାଯାଇଛି। ଅର୍ବାନ ହସ୍ପିଟାଲ ପକ୍ଷରୁ ସହଯୋଗୀ ଭାବେ ପିଙ୍କୁ ବେହୁରା, ନୟାଗଡ଼ ଜିଲ୍ଲା ସଂଯୋଜିକା କନକଲତା ପ୍ରଧାନ, ବ୍ଲକ୍ ସଂଯୋଜକ ଶ୍ରୀଚନ୍ଦନ ରଣା, କ୍ୟାମ୍ପ ସଂଯୋଜିକା ହାରାମଣୀ ଜେନା, କାମଦେବ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାର୍ ଆସୋସିଏସନ ସମ୍ପାଦକ ବିକ୍ରମ କେଶରୀ ଦେଓ, ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ ସମ୍ପାଦକ ଭବାନୀ ଶଙ୍କର ସିଂହ ସାମନ୍ତ ଓ ଖଣ୍ଡପଡ଼ା ସାମ୍ବାଦିକ ସଂଘ ସମ୍ପାଦକ ସରୋଜ କୁମାର ଚୌଧୁରୀଙ୍କ




ସମେତ ବିନୋଦ ମହାପାତ୍ର, ଶାନ୍ତି ଶେଖର ରଥ, ସତ୍ୟନାରାୟଣ ସୁର ଜଗଦ୍ଦେବ, ଭବାନୀ ଶଙ୍କର ମହାନ୍ତି, ନିଗମାନନ୍ଦ ଦାଶ, ସନ୍ତୋଷ ସାହୁ, ଜନ୍ମେଜୟ ଦଳେଇ, ଚିତ୍ତରଞ୍ଜନ ଦାସ, ସଂଗ୍ରାମ କେଶରୀ ଦେଓ, କନକଲତା ପ୍ରଧାନ, ଶିବ ନାରାୟଣ ଦାସ, ସଦାଶିବ ପାତ୍ର, ଶରତ ରାଉତ, ମାନସ ସେଠୀ, ଶଙ୍କର୍ଷଣ ସ୍ୱାଇଁ, ତପନ ଦାଶ, ପ୍ରଭାତ ପଶାୟତ ପ୍ରମୁଖ ସାମ୍ବାଦିକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

## ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

**ଓଡ଼ଗାଁ,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରାବରା ଗୋଡ଼ିସାହିର ଅଭିଯୁକ୍ତ କାହ୍ନୁ ସାମଲ ଜଣେ ମହିଳାଙ୍କୁ ଟଣାଓଟରା କରିଥିବା ଅଭିଯୋଗରେ ଓଡ଼ଗାଁ ପୁଲିସ୍ ଶନିବାର କାହ୍ନୁକୁ ଗିରଫ କରିଥିବାବେଳେ ରବିବାର କୋର୍ଟ ଚାଲାଣ କରିଛି। ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ମର୍ଦ୍ଦରାଜପୁରର ଜନୈକା ମହିଳା ଗତ ୫ ତାରିଖ ସକାଳ ୬ଟା ବେଳେ ରାଇସ୍ ମିଲ୍ ସାମ୍ନାରେ ଥିବା ପୋଖରୀକୁ ଗାଧୋଉଥିବାବେଳେ ଏହି ସମୟରେ କାହ୍ନୁ ପୋଖରୀର ଅପର ପାଶ୍ୱର୍ରେ ଥାଇ ମହିଳାଙ୍କୁ ଅଶୋଭନୀୟ ଇଙ୍ଗିତ କରିଥିଲେ। ମହିଳା ଜଣକ ଏହାର ପ୍ରତିବାଦ କରିବାରୁ କାହ୍ନୁ ତାଙ୍କୁ ଟଣାଓଟରା କରୁଥିବାବେଳେ ମହିଳା ଜଣକ ତାଙ୍କୁ ଆଘାତ ଦେବାରୁ କାହ୍ନୁ ସେଠାରୁ ଚାଲିଯାଇଥିଲା। ଏ ନେଇ ମହିଳା ଜଣକ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଓଡ଼ଗାଁ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ।

## ଚୋରି ବାଇକ୍ ପୋଖରୀରୁ ଉଦ୍ଧାର

**ଭାପୁର,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଭାପୁର ପଞ୍ଚାୟତ ମହୁଲିଆ ଗ୍ରାମର ସୁରେଶ ପ୍ରଧାନଙ୍କ ଦାଣ୍ଡ ଦୁଆରେ ଥୁଆ ହୋଇଥିବା ପଲ୍‌ସର ବାଇକ୍ ଶୁକ୍ରବାର ରାତିରେ ଚୋରି ହୋଇଯାଇଥିଲା। ଏ ନେଇ ଭାପୁର ଫାଣ୍ଡିରେ ସେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ସୁଶାନ୍ତ ସାହୁ ତଦନ୍ତ କରି ରବିବାର ଗାଁ ନିକଟରେ ଥିବା ଲେଣ୍ଡି ପୋଖରୀରୁ ଉକ୍ତ ବାଇକ୍‌କୁ ଉଦ୍ଧାର କରିଛନ୍ତି। କିନ୍ତୁ ଚୋରକୁ ପୁଲିସ ଖୋଜୁଥିବା ଜଣାପଡ଼ିଛି।

## ଅଧାରେ ଅଟକିଛି ବିଶ୍ରାମ କକ୍ଷ ନିର୍ମାଣ କାର୍ଯ୍ୟ

**ଖଣ୍ଡପଡ଼ା,୧୮।୫(ସମିସ):** ଖଣ୍ଡପଡ଼ା ସହରର ବାଇପାସ୍ ରାସ୍ତା ପାଶ୍ୱର୍ସ୍ଥିତ ମା' ବାଉରୀ ଠାକୁରାଣୀଙ୍କ ପୀଠ ପରିସରରେ ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଯୋଜନା ଜରିଆରେ ନିର୍ମାଣାଧୀନ ବିଶ୍ରାମ କକ୍ଷ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ବିଶ୍ରାମ କକ୍ଷର ଉପର ଟିଣ ଛପର କାର୍ଯ୍ୟ ଶେଷ ହୋଇଥିବାବେଳେ ତଳ ଚଟାଣ କାର୍ଯ୍ୟ ବାକିଥିବା ଜଣାପଡ଼ିଛି। ଏଥିପ୍ରତି ଏନ୍‌ଏସି କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି। ବର୍ଷତମାମ ମା' ବାଉରୀ ଠାକୁରାଣୀଙ୍କ ମନ୍ଦିର ପରିସରରେ ଭୋଜିଭାତ, ବିବାହ ବ୍ରତ ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେଉଥିବାବେଳେ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବା ଏହି ବିଶ୍ରାମ କକ୍ଷଟି ଜନସାଧାରଣଙ୍କ ସେବାରେ ଲାଗୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଥାଉ କି, ତତ୍କାଳୀନ ରାଜ୍ୟ ସରକାରଙ୍କ ସମୟରେ ମୁକ୍ତା ଯୋଜନାରେ ଉକ୍ତ ବିଶ୍ରାମ କକ୍ଷ ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ ହେଁ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ମୁକ୍ତା ଯୋଜନା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ଫଳରେ ନିର୍ମାଣାଧୀନ ବିଶ୍ରାମ କକ୍ଷ ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏଥିପ୍ରତି ଏନ୍‌ଏସି ଅଧକ୍ଷା ଓ ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି।



### ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ

## ଦୁର୍ଲଭ ତାଳପତ୍ର ପୋଥି ସଂଗ୍ରହ



**ନୟାଗଡ଼,୧୮।୫(ସମିସ):** ରବିବାର ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ଅବସରରେ ଦୁରୁଦୁରା ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ଅନୁଷ୍ଠାନର ଯୁବ ସଂଗ୍ରାହକ ସଞ୍ଜୟ କୁମାର ସାହୁ ବିଭିନ୍ନ ସ୍ଥାନରୁ ଦୁର୍ଲଭ ଜିନିଷ ସଂଗ୍ରହ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ ରଥଙ୍କ ନେତୃତ୍ୱରେ ପଲ୍ଲୀଶାସନ ଗ୍ରାମରୁ ରାମଚନ୍ଦ୍ର ମିଶ୍ର, ରମେଶ ରଥଙ୍କ ବାସଭବନରୁ ପୁରାତନ ରେଡିଓ, କ୍ୟାମେରା, ପେଟ୍ରୋମାକ୍ସ ଲାଇଟ୍, କାଠ ନିର୍ମିତ ପୁରାତନ କଳାକୃତି ସାମଗ୍ରୀ ସଂଗୃହିତ ହୋଇଥିବା ଜଣାପଡ଼ିଛି। ନୟାଗଡ଼ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସୋହମ୍ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଯୁବ ସ୍ୱେଚ୍ଛାସେବୀ କାମାକ୍ଷା ପ୍ରସାଦ ଦାସଙ୍କ ବାସଭବନରୁ ସଂସ୍କୃତ ଏବଂ ଓଡ଼ିଆ ଲିପି ଆୟୁର୍ବେଦ ଚିକିତ୍ସା ଦୁର୍ଲ୍ଲଭ ତାଳପତ୍ର ପୋଥି ୬ ଖଣ୍ଡ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ଅନୁଷ୍ଠାନକୁ ସ୍ୱେଚ୍ଛାକୃତ ଭାବେ ପ୍ରଦାନ କରିଛନ୍ତି। ସମାନ୍ତରାଳ ଭାବେ ନୟାଗଡ଼ ମାସିକ ପତ୍ରିକା ସମ୍ବାଦ ପରମ୍ପରା ସମ୍ପାଦକ ନିର୍ମଳ ଶୂରଦେଓ ଅନୁଷ୍ଠାନକୁ ୨୦୦ ପୁସ୍ତକ ଦେଇ ଗାଁର ଯୁବକଯୁବତୀଙ୍କୁ ପାଠାଗାର ପ୍ରତି ଆକୃଷ୍ଟ କରିବା ସହ ପାଠକପାଠିକାଙ୍କୁ ମୂଳ ଲକ୍ଷ୍ୟକୁ ଆଧାର କରି ଗୁରୁତ୍ୱ ଦିଆଯାଇଛି ବୋଲି ଶୂରଦେଓ ମତପ୍ରକାଶ କରିଛନ୍ତି। ଅନୁଷ୍ଠାନକୁ ବିଭିନ୍ନ ବ୍ୟକ୍ତିବିଶେଷ ସ୍ୱେଚ୍ଛାକୃତ ପ୍ରଦାନ କରିଥିବାରୁ ଅନୁଷ୍ଠାନ ପକ୍ଷରୁ ସଂଗ୍ରାହକ ସଞ୍ଜୟ କୁମାର ସାହୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## କ୍ରିୟାନୁଷ୍ଠାନ କମିଟି ବୈଠକ // ବ୍ଲକ୍ ମାନ୍ୟତା ପାଇଁ ଜୋର୍‌ଦାର୍ ଦାବି

**ଶରଣକୁଳ,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଶରଣକୁଳ ପଞ୍ଚାୟତ ପରିସରରେ ରବିବାର ଶରଣକୁଳ ବ୍ଲକ୍ ମାନ୍ୟତା ଦାବିରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶରଣକୁଳ ବ୍ଲକ୍ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମଦନ ମୋହନ ନନ୍ଦ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ବରିଷ୍ଠ ସମବାୟବିତ୍ ସନ୍ୟାସୀ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଚିନ୍ମୟୀ ଦାଶ, ସରପଞ୍ଚ ମୀନାକ୍ଷୀ ପ୍ରସାଦ ସାହୁ, ସମାଜସେବୀ ଲିଙ୍କନ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ୧୫ଟି ପଞ୍ଚାୟତର ସମସ୍ତ ଗ୍ରାମରୁ ମୁଖିଆମାନେ ସାମିଲ ହୋଇଥିଲେ। ଶରଣକୁଳକୁ ବ୍ଲକ୍ ମାନ୍ୟତା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ବ୍ଲକ୍ ପାଇଁ ଜୋର୍‌ଦାର ଦାବି ଉପସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି। ଶରଣକୁଳ ଅଞ୍ଚଳକୁ ବ୍ଲକ୍ ଘୋଷଣା ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ଶରଣକୁଳରେ ମହାବିଦ୍ୟାଳୟ, ଥାନା, ଏସ୍‌ଡିପିଓ ଅଫିସ, ଜଳସମ୍ପଦ ବିଭାଗ ସବ୍‌ଡିଭିଜନ ରହିଛି। ଏହା ସହିତ ବନାଞ୍ଚଳ କାର୍ଯ୍ୟାଳୟଠାରୁ ଆରମ୍ଭ କରି ୪ଟି ବ୍ୟାଙ୍କ ଓ ୪ଟି ଉଚ୍ଚ ବିଦ୍ୟାଳୟ ରହିଛି। ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ତଥା ଐତିହାସିକ ଲଡୁବାବାଙ୍କ ପୀଠସ୍ଥଳୀ ହୋଇଥିବାବେଳେ ନୟାଗଡ଼ ଗଞ୍ଜାମ ଜିଲ୍ଲାର ଏହା ମଧ୍ୟବର୍ତ୍ତୀ ଅଞ୍ଚଳ ଏବଂ ଗମନାଗମନ କ୍ଷେତ୍ରରେ ଶରଣକୁଳ ମୁଖ୍ୟ ସ୍ଥାନ ଅଟେ। ଯାହାକୁ ଭିତ୍ତିକରି ବ୍ଲକ୍ ମାନ୍ୟତା ପାଇଁ ଶରଣକୁଳ ସମସ୍ତ ପ୍ରକାର ଯୋଗ୍ୟତା ରଖୁଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ୧୫ଟି ପଞ୍ଚାୟତ ଜନପ୍ରତିନିଧିଙ୍କ ସହ ଶରଣକୁଳର ବହୁ ଜନସାଧାରଣ ସାମିଲ ହୋଇଥିଲେ।



## ପରିଚାଳନା ଅବ୍ୟବସ୍ଥାରେ ଜିଲ୍ଲା ରକ୍ତ ଭଣ୍ଡାର




- ରକ୍ତ ଅଭାବ ସୃଷ୍ଟି କରିଛି ସାଂଘାତିକ ସ୍ଥିତି
- ୨ ୟୁନିଟ୍ ଷ୍ଟକ୍‌ରେ ଚାଲୁଛି ସ୍ୱାସ୍ଥ୍ୟସେବା

**ନୟାଗଡ଼,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରହିଥିବା ଜିଲ୍ଲା ରକ୍ତ ଭଣ୍ଡାର ଏବେ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ମୁଖ୍ୟତଃ ପରିଚାଳନା ଅବ୍ୟବସ୍ଥା ପାଇଁ ଜିଲ୍ଲା ରକ୍ତ ଭଣ୍ଡାର ରକ୍ତଶୂନ୍ୟ ଅବସ୍ଥାକୁ ଚାଲିଯାଉଛି। କୌଣସି ସଂଗଠନ ସହ ଯୋଗାଯୋଗ କରାଯାଉ ନ ଥିବା, ରକ୍ତ ସଂଗ୍ରହ କ୍ୟାମ୍ପ ଆୟୋଜନ ନେଇ ସଚେତନତା କରାଯାଉ ନ ଥିବା ଯୋଗୁଁ ସାଂଘାତିକ ସ୍ଥିତି ସୃଷ୍ଟି କରୁଛି। ସାଧାରଣ ରୋଗୀମାନେ ରକ୍ତ ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବାବେଳେ ଦଲାଲଙ୍କ ଜରିଆରେ ହାତଗୁଞ୍ଜା ଦେଲେ ରକ୍ତ ମିଳୁଛି। ରକ୍ତ ଭଣ୍ଡାର ପରିଚାଳନା ବୈଠକ ବସୁ ନ ଥିବା ଏହାର ଅନ୍ୟତମ କାରଣ ବୋଲି ଆଲୋଚନା ହେଉଛି। ଦୀର୍ଘବର୍ଷ ଧରି ରକ୍ତ ଭଣ୍ଡାରରେ ଆସ୍ଥାନ ଜମାଇଥିବା ଅନେକ କର୍ମଚାରୀଙ୍କ ପାଇଁ ରୋଗୀ ଏବଂ ରୋଗୀ ସମ୍ପର୍କୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଜିଲ୍ଲା ରକ୍ତ ଭଣ୍ଡାରରେ ଗତ କିଛିଦିନ ହେବ ଲାଗି ରହିଥିବା ରକ୍ତ ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ରବିବାର ସନ୍ଧ୍ୟା ୫ଟା ବେଳକୁ ନୟାଗଡ଼ ଜିଲ୍ଲା ରକ୍ତ ଭଣ୍ଡାରରେ ମାତ୍ର ୨ ୟୁନିଟ୍ ରକ୍ତ ଗଚ୍ଛିତ ଥିବା ସୂଚନା ମିଳିଛି। ଏ' ନେଗେଟିଭ୍ ବ୍ଲଡ୍ ୧ଟି ଏବଂ ବି' ନେଗେଟିଭ୍ ବ୍ଲଡ୍ ୧ଟି ରହିଥିବା ଦେଖାଯାଇଛି। ଦଲାଲମାନେ ରକ୍ତ ଗୋଟିଏ ୟୁନିଟ୍ ପାଇଁ ୩ହଜାର ଟଙ୍କା ଦାବି କରୁଛନ୍ତି। ସେହିଭଳି ପ୍ରତି ବଦଳରେ ରକ୍ତ ନେବାକୁ ଇଚ୍ଛା କରୁଥିବା ରୋଗୀ ତଥା ତାଙ୍କ ସମ୍ପର୍କୀୟଙ୍କୁ ଟେଷ୍ଟିଂ ବାହାନା କରି କିଛି କର୍ମଚାରୀ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ରକ୍ତ ୧ ୟୁନିଟ୍ ପିଛା ୧ହଜାରରୁ ୧୫ଶହ ଟଙ୍କା ପର୍ଯ୍ୟନ୍ତ କର୍ମଚାରୀମାନେ ଆଦାୟ କରୁଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲାରେ ବିଗତ ବର୍ଷମାନଙ୍କରେ ବିଭିନ୍ନ ଅନୁଷ୍ଠାନ ରକ୍ତଦାନ ଶିବିର ଆୟୋଜନ କରି ବର୍ଷକୁ ୬ ହଜାର ୟୁନିଟ୍‌ରେ ପହଞ୍ଚାଇଥିବା ବେଳେ ଏବେ ସେଥିରେ ୫୦ ପ୍ରତିଶତ ହ୍ରାସ ଘଟିଛି। ଅନୁଷ୍ଠାନଗୁଡ଼ିକ ଶିବିର ଆୟୋଜନ କରୁନଥିବା ବେଳେ ରକ୍ତ ଭଣ୍ଡାର ଅବ୍ୟବସ୍ଥା ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ହୋଇଛି। ରୋଗୀଙ୍କୁ ରକ୍ତ ନାଁରେ ଶୋଷଣ କରାଯିବାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ଦାଶଙ୍କୁ ପଚାରିବାରେ, ତୁରନ୍ତ ଏନେଇ ପଦକ୍ଷେପ ନେବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

### କୋମଣ୍ଡ ମାଙ୍କଡ଼ା ଖଣିରେ ଚଢ଼ଉ

# ଟ୍ରାକ୍ଟର, ମିନିଟ୍ରକ୍, ପାୱାରଟିଲର, ବାଇକ୍ ଜବତ






**ଓଡ଼ଗାଁ,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ପୁଲିସ କୋମଣ୍ଡ ମାଙ୍କଡ଼ା ପଥର ଖଣିରେ ଶନିବାର ବିଳମ୍ବିତ ରାତିରେ ଅଚାନକ ଚଢ଼ଉବେଳେ ଓଡ଼ଗାଁ ପୁଲିସ ୨ ମାଙ୍କଡ଼ା ବୋଝେଇ ଟ୍ରାକ୍ଟର, ୨ଟି ଟାଟା ମିନି ଟ୍ରକ୍ ଏବଂ ଗୋଟିଏ ପଥର କଟିଙ୍ଗ୍ ପାୱାରଟିଲର ଜବତ କରିଛନ୍ତି। ପଥର ମାଫିଆମାନେ ପାଟ୍ରୋଲିଂ ପାଇଁ ବ୍ୟବହାର କରୁଥିବା ଦୁଇ ବାଇକ୍ ମଧ୍ୟ ଜବତ କରାଯିବା ସହ ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କୋମଣ୍ଡ ଗାଁର ସୁଶାନ୍ତ ପାତ୍ର। ଓଡ଼ଗାଁ ପୁଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ସୁଶାନ୍ତ ପାତ୍ରଙ୍କୁ ଥାନାରୁ ଜାମିନ୍ ମିଳିଛି। ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀଙ୍କ ନିର୍ଦ୍ଦେଶରେ ଓଡ଼ଗାଁ ତହସିଲ୍‌ଦାର ଜି. ଶ୍ରୀନୁ, ଶରଣକୁଳ ଭାରପ୍ରାପ୍ତ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଆଦର୍ଶ ଥାନା ଆଇଆଇସି ଅଭୟ ବେହେରା, ଏସ୍‌ଆଇ ଚକ୍ରଧର ସିଂ ସ୍ଥାନୀୟ ପୁଲିସ କର୍ମଚାରୀ ଓ ଜିଲ୍ଲା ହେଡ୍‌କ୍ୱାର୍ଟର ପୁଲିସ ସହିତ ମିଶି ଯୋଜନା ପ୍ରସ୍ତୁତ କରିଥିଲେ। ପ୍ରଥମେ ଗୋଟିଏ ଦଳ ଯାଇ ଖଣି ଅଞ୍ଚଳ ବୁଲି ଆସିବା ପରେ ଖଣି ମାଫିଆ ପଥରକଟା ଆରମ୍ଭ କରିଥିଲେ। ସେମାନେ ଜାଣି ନ ଥିଲେ ପୁନର୍ବାର ଚଢ଼ଉ ହେବ। ପ୍ରାୟ ୧ ଘଣ୍ଟା ପରେ ସଶସ୍ତ୍ର ପୁଲିସ୍ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲେ। ଶତାଧିକ ବର୍ଷ ଧରି ଏହି କୋମଣ୍ଡ ଅଞ୍ଚଳରେ ଥିବା ମାଙ୍କଡ଼ା ପଥର ଖଣିରୁ ପଥର ଉତ୍ତୋଳନ କରାଯାଇ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି। ବହୁ ପୁରାତନ ଘର ଓ ମନ୍ଦିର ଏହି ପଥରେ ନିର୍ମିତ ହୋଇଛି। ଖଣି ନିଲାମ ହୁଏ। ନିଲାମ ନେଇଥିବା ଅଧିକୃତ ବ୍ୟକ୍ତିବିଶେଷ ପଥର ବିକ୍ରି କରନ୍ତି। ପଥର ଚୋରିକୁ ଢାଲ କରିବା ପାଇଁ ୧ ଏକର ନିଲାମ ନେଇ ନିର୍ଦ୍ଧାରିତ ସମୟ ମଧ୍ୟରେ ବେଆଇନ ଭାବେ ୨ ଏକର ପରିମିତ ସ୍ଥାନରୁ ପଥର ଉତ୍ତୋଳନ କରିଥା'ନ୍ତି। ଯେବେଠାରୁ ପଥର ଉତ୍ତୋଳନ କରିବା ପାଇଁ ଖଣି ବିଭାଗର ଅନୁମତି ଆବଶ୍ୟକ ପଡ଼ିଲା ଏବଂ ସରକାର ପରିବର୍ତ୍ତନ ହେଲା ସେବେଠାରୁ ବେଆଇନ ପଥର ଖଣି ପରିଚାଳନା ପାଇଁ ବିବାଦ ସୃଷ୍ଟି ହୋଇଛି।

### ଶାସକ ଦଳର ଶକ୍ତି ପରୀକ୍ଷା

ଓଡ଼ଗାଁ କୋମଣ୍ଡ ଅଞ୍ଚଳରେ ଦୀର୍ଘଦିନ ତଳୁ ମାଙ୍କଡ଼ା ଖଣି ବେଆଇନ ଭାବେ ଚାଲିଆସୁଛି। ବିଗତ ଦିନରେ କୋମଣ୍ଡ ଆର୍‌ଆଇ ଏଥିପାଇଁ ନିଲମ୍ବିତ ହୋଇଥିବାବେଳେ ଜଣେ ତହସିଲ୍‌ଦାରଙ୍କ ବଦଳି ହୋଇଥିଲା। ତଥାପି ମଧ୍ୟ ବେଆଇନ ମାଙ୍କଡ଼ା ଖଣି ଚାଲୁଥିଲା। ଏବେ ପୁଲିସ ଚଢ଼ଉକୁ ନେଇ ଶାସକ ଦଳର ୨ ଗୋଷ୍ଠୀଙ୍କ ମଧ୍ୟରେ ଏହା ଶକ୍ତି ପରୀକ୍ଷା ବୋଲି ଆଲୋଚନା ହେଉଛି। ଦଳର ନୟାଗଡ଼ ଜିଲ୍ଲା ଶୀର୍ଷ ନେତୃତ୍ୱ ଖଣି ଚଳାଇବାକୁ ଅଭୟ ବର ପ୍ରଦାନ କରିଥିବାବେଳେ ଶନିବାର ରାତିରେ ପୁଲିସର ଖଣି ଚଢ଼ଉ କରି ମାଙ୍କଡ଼ା ବୋଝେଇ ଟ୍ରାକ୍ଟର, ମିନିଟ୍ରକ୍, ପାୱାରଟିଲର ସହିତ ବାଇକ୍ ଜବତ କରିଛନ୍ତି। ରଣପୁର ବିଧାୟିକା ଶନିବାର ରାତିରେ ଓଡ଼ଗାଁ ଥାନା ପରିଦର୍ଶନରେ ଆସିଥିବା ଏବଂ ଏହାପରେ ପଥର ଖଣି ଚଢ଼ଉ ଏକ ସଂଯୋଗ ନା ବିଲେଇ ହାବୁଡ଼ରେ ଶିକା ଛିଡ଼ିବା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ବିଜେପି ନେତାଙ୍କ ଗୋଷ୍ଠୀ ବିବାଦ ଭିତରେ ଖଣି ମାଫିଆମାନେ ଏବେ ସନ୍ଦିହାନ ଅବସ୍ଥାରେ ରହିଛନ୍ତି।

# ନକଲି ପାଣି ପାଉଚ୍ ପ୍ଲାଣ୍ଟରେ ଚଢ଼ଉ; ୧୦ ହଜାର ଜରିମାନା

ବାଲୁଗାଁ,୧୮।୫(ସମିସ): ଅଞ୍ଚଳରେ ବେଆଇନ ଭାବେ ପାଉଚ୍ ପାଣି ପ୍ଲାଣ୍ଟ ବସାଇ ବଜାରରେ ଖୁଲମ୍‌ଖୁଲା ଭାବେ ନକଲି ପାଣି ପାଉଚ୍ ବିକ୍ରି କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିବାବେଳେ ନାମକୁ ମାତ୍ର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଛୋଟମୋଟ ଜରିମାନା ଆଦାୟ କରି ଚୁପ୍ ବସି ଯାଉଥିବା ନେଇ ଅଭିଯୋଗ ହେଉଛି। ଏପରିସ୍ଥଳେ ନାଚୁଣୀ ଥାନା ଅନ୍ତର୍ଗତ ଗୋରଡ଼ାଝରୀ ଗ୍ରାମରେ ଥିବା ନକଲି ପାଣି ପାଉଚ୍ ପ୍ଲାଣ୍ଟ ଉପରେ ଟାଙ୍ଗୀ ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ଚଢ଼ଉ କରି ବିପୁଳ ପରିମାଣର ନକଲି ପାଣି ପାଉଚ୍ ସବୁ ନଷ୍ଟ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ସୂଚନା ମିଳିଛି। ଗୋରଡ଼ାଝରି ଗ୍ରାମରେ ଥିବା ବେନାମୀ ପାଣି ପାଉଚ୍ ପ୍ଲାଣ୍ଟ ଉପରେ ଖାଦ୍ୟ ସୁରକ୍ଷା ଅଧିକାରୀ ଦେବାଶିଷ ବଳଙ୍କ ସମେତ ୩ ଜଣ କର୍ମଚାରୀ ଚଢ଼ଉରେ ସାମିଲ୍ ହୋଇଥିଲେ। ହେଲେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଏହି ବଢ଼ଉ ଧର୍ମକୁ ଆଖିଠାର ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ମୁତାବକ, ବାଲୁଗାଁ, ବାଣପୁର, କୁହୁଡ଼ି, ସୋରଣ, ନାଚୁଣୀ, ଟାଙ୍ଗୀ, ଚାନ୍ଦପୁର, କାଲୁପଡ଼ା ଓ ଚଣ୍ଡେଶ୍ୱର ଆଦି ଅଞ୍ଚଳର ବିଭିନ୍ନ ସ୍ଥାନରେ ମାଲ ମାଲ ନକଲି ପାଣି ପ୍ୟାକ୍ଟ୍ରି କରି ବଜାରର ବିଭିନ୍ନ ଦୋକାନକୁ ବିକ୍ରି ପାଇଁ ପଠାଯାଉଛି। ଫଳରେ ବର୍ଷ ତମାମ ଖୁଲମ୍‌ଖୁଲା ଭାବେ ବିଭିନ୍ନ ଦୋକାନରେ ନକଲି ପାଣି ପାଉଚ୍ ଓ ବୋତଲ ସ୍ୱଳ୍ପ ମୂଲ୍ୟରେ ବିକ୍ରି ହେଉଛି। ବର୍ଷତମାମ ଜନସାଧାରଣ ଏହି ନକଲି ପାଣି ପାଉଚ୍ ଓ ବୋତଲ କିଣି ଏହି ପାଣି ପିଉଥିବାବେଳେ ଲୋକେ ବିଭିନ୍ନ ପେଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ନଜିର୍ ରହିଛି। ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଦାୟିତ୍ୱ ହେଲା ମଝିରେ ମଝିରେ ବଜାରରେ ମିଳୁଥିବା ପାଣିର ମାନ ପରୀକ୍ଷା କରିବା କଥା। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଦ୍ୟ ସୁରକ୍ଷା ଅଧିକାରୀ ଭାବେ ଦେବାଶିଷ ବଳ ନିଯୁକ୍ତି ପାଇଛନ୍ତି। ହେଲେ ସେ ସଠିକ୍ ଭାବେ ତାଙ୍କର ଦାୟିତ୍ୱ ନିର୍ବାହ କରୁ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବଜାରରେ ରାସ୍ତା ପାଶ୍ୱର୍ରେ ମାଳମାଳ ଜଳଖିଆ ଦୋକାନ, ହୋଟେଲ, ଫାଷ୍ଟଫୁଡ୍ ଦୋକାନ, ବେକେରୀ, ପାନ ଦୋକାନରେ ଖୁଲମ୍‌ଖୁଲା ଭାବେ ଅବାଧରେ ନକଲି ପାଣି ପାଉଚ୍, ବୋତଲ ଓ ନକଲି ଥଣ୍ଡାପାନୀୟ ବିକ୍ରି ହେଉଥିବା ସହ ନିମ୍ନମାନର ଖାଦ୍ୟ ମଧ୍ୟ ବିକ୍ରି ହେଉଛି। ଟାଙ୍ଗୀରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଥିଲେ ମଧ୍ୟ କୌଣସି ତଦାରଖ ହେଉ ନ ଥିବାବେଳେ ଯଦି କୌଣସି ସମୟରେ ଚଢ଼ଉ କରାଯାଉଛି ସ୍ୱଳ୍ପ ଅର୍ଥ ଜରିମାନା କରୁଥିବା ଅଭିଯୋଗ ହେଉଛି। ଖାଦ୍ୟ ସୁରକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏହି ଅଞ୍ଚଳରେ ବ୍ୟାପକ ଭାବେ ବଢ଼ଉ କରି ବେନାମୀ କାରବାର କରୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଏନ୍‌ଏଚ୍ ପାଲଟିଛି ଗଞ୍ଜେଇ ମାଫିଆଙ୍କ ଗଳାବାଟ

ଖୋର୍ଦ୍ଧା,୧୮।୫(ସମିସ)

ଗଞ୍ଜେଇ ମାଫିଆଙ୍କ ଲାଗି ଗଳାରାସ୍ତା ପାଲଟିଛି ଜାତୀୟ ରାଜପଥ। ଦୈନିକ ଦିନ ଓ ରାତିରେ ଅବକାରୀ ଓ ପୁଲିସକୁ ଚକ୍‌ମା ଦେଇ ବିଭିନ୍ନ ଫନ୍ଦିରେ ମାଫିଆମାନେ ଗଞ୍ଜେଇ ଚାଲାଣ କରୁଛନ୍ତି। ବୌଦ୍ଧ, କନ୍ଧମାଳ, ଫୁଲବାଣୀ, ସୋନପୁର ଭଳି ଜିଲ୍ଲାରୁ ବିପୁଳ ପରିମାଣରେ ଚୋରା ଗଞ୍ଜେଇ ଆସି ଖୋର୍ଦ୍ଧାରେ ମଧ୍ୟ ରହୁଛି। ଏପରିକି ଏଠାରୁ ଗଞ୍ଜେଇ ଓ ଭାଙ୍ଗ ଜାତୀୟ ରାଜପଥ ଦେଇ କଟକ, ପୁରୀ, ଭୁବନେଶ୍ୱର ପ୍ରମୁଖ ଅଞ୍ଚଳକୁ ମାଫିଆମାନେ ଚାଲାଣ କରି ବେଶ୍ ଲାଭବାନ ହେଉଥିବାବେଳେ ଏଥିରେ କଲେଜ ପଢୁଆ ଛାତ୍ରଙ୍କୁ

- ୬ ମାସରେ ଜବତ ହେଲାଣି ସାଢ଼େ ୧୧ କ୍ୱିଣ୍ଟାଲ; ୨୨ ଗିରଫ
- ଗାଁ ଗାଁରେ, କଳିଗନ୍ଦିରେ ମିଳୁଛି ପ୍ରଚୁର ଗଞ୍ଜେଇ ପୁଡ଼ିଆ

ଅର୍ଥ ପ୍ରଲୋଭନ ଦେଖାଇ ତାଙ୍କ ଜରିଆରେ ବେପାର ଜମାଇଥିବା କୁହାଯାଉଛି। ଅବକାରୀ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇଥିବାବେଳେ ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଅବକାରୀ ଟିମ୍ ଚଢ଼ଉ ଆରମ୍ଭ କରିଛି। ୬ ମାସ ଭିତରେ ଅବକାରୀ ଟିମ୍ ଜାତୀୟ ରାଜପଥ ସମେତ ଏହା ନିକଟ ବିଭିନ୍ନ ସ୍ଥାନରେ ଚଢ଼ଉ କରି ପ୍ରାୟ ୧୦ କ୍ୱିଣ୍ଟାଲ ୯୨ କେଜି ଗଞ୍ଜେଇ ଜବତ କରିଥିବାବେଳେ ବହୁ ପୁରୁଷ ଓ



ମହିଳା ବେପାରୀଙ୍କୁ ଗିରଫ କରିଛି। ସେହିପରି ୨୦୨୩-୨୪ରେ ୨୬ଟି ମାମଲାରେ ୩୬୬.୪୫ କେଜି ଏବଂ ୨୦୨୪-୨୫ରେ ୩୩ଟି ମାମଲାରେ ୧୮୯୩.୯ କେଜି ଗଞ୍ଜେଇ ଜବତ ହୋଇଥିବା ଅବକାରୀ ଅଧୀକ୍ଷକ ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଏତେ ଧରପଗଡ଼ ପରେ ବି କମୁନି ବେପାରୀଙ୍କ ସଂଖ୍ୟା। ବରଂ ବେଳକୁ ବେଳ ପ୍ରତି ଛକ ଓ ନିଛାଟିଆ ସ୍ଥାନମାନଙ୍କରେ ନିଶାଡ଼ିଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଖୋର୍ଦ୍ଧା ସହର ଏବଂ ଏହାର ଗ୍ରାମାଞ୍ଚଳର ପ୍ରତି ଛକ, ଗଳି ଆଦି ସ୍ଥାନମାନଙ୍କରେ ଥିବା ଦୋକାନଗୁଡ଼ିକରେ ଏବେ ଛତୁ ଫୁଟିଲା ଭଳି ଗଞ୍ଜେଇ ପୁଡ଼ିଆ ମିଳୁଛି।

ମିଳିଥିବା ସୂଚନା ଅନୁସାରେ, ଗତ ନଭେମ୍ବର ୧୪ରେ ବାଜପୁର ରୋଡ୍‌ରୁ ଅବକାରୀ ପୁଲିସ ୨୨ କେଜି ଗଞ୍ଜେଇ ଜବତ କରିବା ସହ ଜଣକୁ ଗିରଫ କରିଥିଲା। ଉକ୍ତ ମାସ ୨୧ ତାରିଖରେ ଭାଲିଆବାଡ଼ିରୁ ୩୦ କେଜି ଜବତ କରିବା ସହ ଜଣକୁ ଗିରଫ କରିଥିଲା। ୨୯ରେ ଏନ୍‌ଏଚ୍ ୫୭ର ତରତୁଆ ନିକଟରୁ ଏକ ବସ୍‌ରୁ ୭ କେଜି ଗଞ୍ଜେଇ ସହ ମହିଳା ବେପାରୀଙ୍କୁ ଗିରଫ କରିଥିଲା। ଡିସେମ୍ବର ୧୧ରେ ଏନ୍‌ଏଚ୍-୧୬ର ପାରିନୂଆଗାଁ ଛକରୁ ଜଣେ ବେପାରୀକୁ ଗିରଫ କରିବା ସହ ତା'ଠାରୁ ସାଢ଼େ ୧୧ କେଜି ଜବତ କରିଥିଲା। ଉକ୍ତ ମାସ ୨୧ ତାରିଖରେ ଏନ୍‌ଏଚ୍-୧୬ର ବାଲୁଗାଁ ସରନଇ ଛକ ନିକଟରୁ ୨ଜଣ ମହିଳାଙ୍କ ସମେତ ୩ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ଅବକାରୀ ଟିମ୍ କାବୁ କରିଥିଲା। ତାଙ୍କଠାରୁ ୨୬ କେଜି ଜବତ କରିଥିଲା। ଗତ ଜାନୁଆରୀ ୧୦ରେ ୫୭ନଂ ଜାତୀୟ ରାଜପଥର ଜାଗୁଲେଇପାଟଣା ଛକ ନିକଟରୁ ୫୦କେଜି ଗଞ୍ଜେଇ ଓ ଏକ କାର୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଥିଲା। ଏହାର ଦୁଇଦିନ ପରେ ଅର୍ଥାତ୍ ୧୨ ତାରିଖରେ ଏନ୍‌ଏଚ୍-୧୬ର ବରୁଣେଇ ଓଭରବ୍ରିଜ୍ ଉପରୁ ଏକ ଗଞ୍ଜେଇ ବୋଝେଇ କାର୍‌ରୁ ୧ କ୍ୱିଣ୍ଟାଲ ୫୨ କେଜି ଜବତ କରିଥିଲା। ୧୩ ତାରିଖରେ ଟାଙ୍ଗୀ ରେଞ୍ଜ ନିରାକାରପୁର ଅଞ୍ଚଳରୁ ୪ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା। ୨୩ରେ ଏନ୍‌ଏଚ୍-୧୬ର ନାଚୁଣୀ ଓଭରବ୍ରିଜ୍ ଉପରୁ ୪୫ କେଜି ଗଞ୍ଜେଇ ସମେତ ଏକ କାର୍ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେହିପରି ଗୋଟିଏ ଦିନରେ ଏନ୍‌ଏଚ୍-୫୭ର ତରତୁଆ ନିକଟରେ ଚଢ଼ଉ କରି ୨୩ କେଜି ଗଞ୍ଜେଇ ଭର୍ତ୍ତି କାର୍ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଥିଲା। ଏପ୍ରିଲ୍ ୧୧ରେ ମୁକୁନ୍ଦପ୍ରସାଦ ଅଞ୍ଚଳରୁ ୩୦୮ କେଜି ଭାଙ୍ଗ ଏବଂ ୩୦ ତାରିଖରେ ଦେଢ଼କେଜି ଜବତ କରି ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିଥିଲା। ଚଳିତ ମାସ ୧ ତାରିଖରେ ୧୦କେଜି ଜବତ କରିବା ସହ ୩ ମହିଳା ଗିରଫ ହୋଇଥିଲେ। ୫ରେ ୪ କେଜି ଗଞ୍ଜେଇ ସହ ପୁରୁଷ ଓ ମହିଳା ୨ଜଣ ଗିରଫ ହେଲେ। ରବିବାର ପୁଣି ଏନ୍‌ଏଚ୍-୧୬ର ସୁନାଖଳାଠାରୁ ୨ କ୍ୱିଣ୍ଟାଲ ଗଞ୍ଜେଇ ସମେତ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି।

ସେହିପରି ନୂଆ ବସ୍‌ଷ୍ଟାଣ୍ଡଠାରୁ ଜଣେ ଗଞ୍ଜେଇ ବେପାରୀକୁ ଅବକାରୀ ପୁଲିସ ଗିରଫ କରିଛି। ତା'ଠାରୁ ୫କେଜି ଗଞ୍ଜେଇ ଜବତ କରିଛି। ଗିରଫ ଜଣକ ହେଲେ କନ୍ଧମାଳ ଜିଲ୍ଲା କିଲରଘାଟର ବାଳକୃଷ୍ଣ ମଲ୍ଲିକ (୨୮)। ସକାଳେ ବସ୍‌ରୁ ଓହ୍ଲାଇ ଗଞ୍ଜେଇ ଧରି କାହାକୁ ଅପେକ୍ଷା କରିଥିବାବେଳେ ଅବକାରୀ ଟିମ୍ ତାକୁ କାବୁ କରିଥିଲେ। ଏନେଇ ଏକ ମାମଲା ରୁଜୁ କରାଯାଇ ତାକୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି। ଏତେ ପରେ ବି ଥମୁନି ଏ ନିଶା ବେପାର। ତେଣୁ ନିଶା କାରବାର ଲୋପ୍ କରାଯିବା ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଓଡ଼ିଶୀ ନୃତ୍ୟଶିଳ୍ପୀ ପାଇଁ ଜାତୀୟ ମେଧାବୃତ୍ତି ଗୌରବ ଅର୍ଜିଲେ ସାଇସୌମ୍ୟକାନ୍ତ



ବୋଲଗଡ଼,୧୮।୫(ସମିସ): ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଅନ୍ତର୍ନିହିତ ପ୍ରତିଭା ନିଜ ଇଚ୍ଛାଶକ୍ତି ବଳରେ ପ୍ରଦର୍ଶିତ ହୋଇଥାଏ। ଏଭଳି ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରତିଭା ଭାବେ ପିଲା ଦିନରୁ ଦେଖିବାକୁ ମିଳିଛି ସାଇ ସୌମ୍ୟକାନ୍ତଙ୍କଠାରେ। ସେ ମାତ୍ର ୧୩ ବର୍ଷ ବୟସରେ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ସାଂସ୍କୃତିକ ସମ୍ବଳ ଏବଂ ପ୍ରଶିକ୍ଷଣ କେନ୍ଦ୍ର (ସିସିଆର୍‌ଟି) ପକ୍ଷରୁ ଜାତୀୟ ମେଧାବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ତାଙ୍କ ବାପା ତପନ କୁମାର କହିଛନ୍ତି। ତାଙ୍କ ମାଆ ସନ୍ଧ୍ୟାରାଣୀ ପାଣି ସ୍ଥାନୀୟ ବ୍ଲକ୍ କଲାଙ୍ଗ ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟରତ ଅଛନ୍ତି। ବୋଲଗଡ଼ ବଂଶୀଧର ସଂଗୀତ ମହାବିଦ୍ୟାଳୟରେ ସେ ପ୍ରଥମେ ଓଡ଼ିଶୀ ଶିକ୍ଷା ଆରମ୍ଭ କରିଥିଲେ। ସୌମ୍ୟକାନ୍ତ ସମ୍ପ୍ରତି ରାଜସୁନାଖଳାସ୍ଥିତ ନୃତ୍ୟପ୍ରଣାମ ଅନୁଷ୍ଠାନର ଗୁରୁ ଲିମା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୃତ୍ୟ ଶିକ୍ଷା କରିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ସେ ବହୁ ପୁରସ୍କାର ଓ ସମ୍ମାନ ଲାଭକରି ଉଚ୍ଚପ୍ରଶଂସିତ ହୋଇଛନ୍ତି। ସିସିଆର୍‌ଟି ପକ୍ଷରୁ ପାରମ୍ପରିକ ସଂଗୀତ, ନୃତ୍ୟ, ନାଟକ ଆଦି ସହିତ ଚିତ୍ରକଳା, ସ୍ଥାପତ୍ୟ, ହସ୍ତକଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରତିଭାସମ୍ପନ୍ନ ୧୦ରୁ ୧୪ ବର୍ଷ ବୟସର ବାଳକ ବାଳିକାମାନଙ୍କୁ ପ୍ରଦର୍ଶନ ଭିତ୍ତିରେ ମନୋନୀତ କରାଯାଇ ସେମାନଙ୍କ ପ୍ରତିଭା ବିକାଶ ପାଇଁ ମାସିକ ବୃତ୍ତି ପ୍ରଦାନ କରାଯାଇଥାଏ। ଚଳିତ ଥର ଓଡ଼ିଶୀ ନୃତ୍ୟରେ ଚୟନ ପ୍ରତିଭାମାନଙ୍କ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ସାଇ ସୌମ୍ୟକାନ୍ତ ଜାତୀୟ ମେଧାବୃତ୍ତି ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ କଳାକାର ଅବିନାଶ ସୁବୁଦ୍ଧିଙ୍କ ସମେତ ସ୍ଥାନୀୟ ଅଞ୍ଚଳରୁ ଅନେକ କଳାକାର ଓ ବ୍ୟକ୍ତିବିଶେଷ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଖଣି ମାଫିଆଙ୍କ ଉପରେ ଶାସକ ଦଳ ନେତାଙ୍କ ଆଶୀର୍ବାଦ !

ଖୋର୍ଦ୍ଧା,୧୮।୫(ସମିସ): ଖୋର୍ଦ୍ଧାର ଶ୍ରୀମନ୍ଦିର ପ୍ରଶାସନ ଜମି, ସରକାରୀ ଗୋଚର ଜମି ଓ କାଜୁ ଜଙ୍ଗଲ ଉପରେ ପଥର ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍(ଏନ୍‌ଜିଟି) ଙ୍କ ଛାଟ ସତ୍ତ୍ୱେ ଚାଲିଛି ବେଆଇନ ଖଣି ଖନନ। ରାଜ୍ୟରେ ବେଆଇନ ଖଣି ଖନନକୁ ବରଦାସ୍ତ କରାଯିବନି ବୋଲି ଖୋଦ୍ ସରକାର ଡିଣ୍ଡିମ ପିଟୁଥିବାବେଳେ ଖୋର୍ଦ୍ଧାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବଢ଼ି ଚାଲିଥିବା ଚୋରା ଖଣି ଖନନ ପଛରେ ଶାସକ ଦଳର କିଛି ନେତା ଓ କର୍ମୀଙ୍କର ହାତ ରହିଥିବା ଚର୍ଚ୍ଚା ହେଉଛି। ଏନେଇ ସରକାରଙ୍କ ସ୍ୱଚ୍ଛତା ଓ ବିଶ୍ୱସନୀୟତା ଉପରେ ଅଙ୍ଗୁଳି ଉଠାଇଛନ୍ତି ସାଧାରଣ ଜନତା। ଦୈନିକ ଶହ ଶହ ପଥର ଓ ମୋରମ୍ ଟ୍ରିପ୍ ରାଜ୍ୟର ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଖବର ଅନୁସାରେ, ଦୈନିକ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ପଥର ଓ ମୋରମ୍ ଚାଲାଣ ହେଉଥିବା ଜଣାପଡ଼ିଛି। ଖୋର୍ଦ୍ଧା ସମେତ ଟାଙ୍ଗୀ, ବୋଲଗଡ଼, ବେଗୁନିଆ ଓ ଜଟଣୀ ତହସିଲ୍‌ର ବହୁ ଅଞ୍ଚଳରୁ ବେଆଇନ ଚୋରା ଚାଲାଣ ଚାଲିଛି। ଜନୈକ ପ୍ରଭାବଶାଳୀ ରାଜନେତାଙ୍କ ଛତ୍ରଛାୟା ତଳେ ଏକାଧିକ ନେତା ଓ କର୍ମୀ ଏବେ ଖୁଲମ୍‌ଖୁଲା ଭାବେ ସ୍ପଷ୍ଟ ଦିବାଲୋକରେ ପଥର ଏବଂ ମୋରମ୍ ଚୋରାଚାଲାଣରେ ମାତିଛନ୍ତି। ପୁଲିସ ଏବଂ ପ୍ରଶାସନକୁ ହାତବାରିସି କରି କେତେଜଣ ଶାସକଦଳର କର୍ମୀ ଓ ନେତା ଏବେ ଖଣି ମାଫିଆ ସାଜିଛନ୍ତି। ଏମାନଙ୍କ ଇଙ୍ଗିତରେ ଖୋର୍ଦ୍ଧାର ବିଭିନ୍ନ ସ୍ଥାନରୁ ପଥର ଓ ମୋରମ୍ ଚୋରା ଚାଲାଣ ଚାଲିଛି। ଏ ସଂକ୍ରାନ୍ତରେ ପୁଲିସ ଓ ଖଣି ବିଭାଗ ନିକଟରେ ଖବର ଥିଲେ ସୁଦ୍ଧା ଜାଣିଶୁଣି ସେମାନେ ନିରବ ସାଜିଛନ୍ତି।

ସୂଚନା ଅନୁସାରେ, ଖୋର୍ଦ୍ଧା ସହର ଉପକଣ୍ଠ ଗଡ଼ନିଆଳ, ପୁଟନିଆଳ, ଅରାଙ୍ଗ, ପିତାପଲ୍ଲୀ, ନିଜିଗଡ଼ ତାପଙ୍ଗ, କାଇପଦର, ଅଣ୍ଡା, ବାଜପୁର, ଦେଉଳଟାଙ୍ଗୀ, ବଡ଼ପୋଖରିଆ ପ୍ରଭୃତି ଅଞ୍ଚଳରେ ଚାଲିଛି ଚୋରା ଖଣି। ପୁଟନିଆଳ, ଅରାଙ୍ଗ, ପିତାପଲ୍ଲୀ ପ୍ରଭୃତି ଅଞ୍ଚଳରୁ ବେଆଇନ ଭାବେ ନିଜକୁ ଆଗଧାଡ଼ିର ଜଣେ ନେତା କହି ବୁଲୁଥିବା ଜନୈକ କର୍ମୀ ଶାସକ ଦଳର ସ୍ଥାନୀୟ ଦୁଇ ପ୍ରଭାବଶାଳୀ ନେତାଙ୍କ ନାଁ ନେଇ ଖୁଲମ୍‌ଖୁଲା ଭାବେ ପଥର ଓ ମୋରମ୍ ଚୋରା ଚାଲାଣ କରୁଛନ୍ତି। ପିତାପଲ୍ଲୀଠାରୁ ଚିଙ୍ଗୁଡ଼ିଝର ପର୍ଯ୍ୟନ୍ତ ଚାଲିଥିବା ୫୭ନଂ ଜାତୀୟ ରାଜପଥ ବାଇପାସ୍ ରାସ୍ତାରେ ଏହି ବେଆଇନ ମୋରମ୍ ପକାଯାଉଥିବା ଚର୍ଚ୍ଚା ହେଉଛି।

**କାହା ଇଙ୍ଗିତରେ ଚାଲୁଛି ବେଆଇନ ଖଣି; ନୀରବଦ୍ରଷ୍ଟା ପ୍ରଶାସନ**

ଗୋଟେପଟେ ଏହି ରାସ୍ତା ନିର୍ମାଣ ପାଇଁ କୌଣସି ସରକାରୀ ଖଣିରୁ ମୋରମ୍ ଉଠାଇବା ପାଇଁ ଲିଜ୍ ଦିଆଯାଇ ନ ଥିବା ଖୋଦ୍ ଖଣି ବିଭାଗ ସ୍ପଷ୍ଟ କରୁଥିବାବେଳେ କାହା ପ୍ରୋତ୍ସାନରେ ଶହ ଶହ ଟ୍ରିପ୍ ମୋରମ୍ ଏଠାରେ ପକାଯାଉଛି ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଏ ସେ ନେତା ! କାହା ଇଙ୍ଗିତ ବା ଛତ୍ରଛାୟା ତଳେ ଚାଲିଛି ଏହି ବେଆଇନ କାରବାର। ତାହାକୁ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନିକଟରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ କମିଟି ଶରଧାପୁର ଏବଂ ଟାଙ୍ଗୀରେ ଚଢ଼ଉ କରି ୫୦ରୁ ଊର୍ଦ୍ଧ୍ୱ ଗାଡ଼ି, ମେସିନ ଜବତ କରିଥିବାବେଳେ ୧୦ ଜଣଙ୍କୁ ଗିରଫ କରିଥିଲେ। ଖୋର୍ଦ୍ଧା ଜିଲ୍ଲାରେ ବେଆଇନ ଖଣି ଖନନକୁ ପ୍ରୋତ୍ସାହନ ଦିଆଯିବ ନାହିଁ। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖୋଦ୍ ଏସ୍‌ପି ସାଗରିକା ନାଥ ସୂଚନା ଦେଇଥିଲେ। ଏହି ବେଆଇନ ଖଣି ଖନନ ପଛରେ ଶାସକ ଦଳର କେତେଜଣ ନେତାଙ୍କ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଥିବାବେଳେ ପୁଲିସ ଓ ପ୍ରଶାସନ ଜାଣିଶୁଣି ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଆଲୋଚନା ହେଉଛି।

ଏକ ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ନନ୍ଦପୁରଠାରୁ ତାପଙ୍ଗ ଗଡ଼ ପର୍ଯ୍ୟନ୍ତ ଚାଲିଥିବା ବେଆଇନ ଖଣି ଖନନ ପଛରେ ଶାସକ ଦଳ ନେତାଙ୍କ ହାତ ରହିଥିବା ଚର୍ଚ୍ଚା ହେଉଛି। ଦୈନିକ ଶହ ଶହ ଟ୍ରକ୍ ପଥର ମୋରମ୍ ଚୋରା ଚାଲାଣ ଅଭିଯୋଗ ସତ୍ତ୍ୱେ ପୁଲିସ ନିରବ ସାଜିଛି ବୋଲି ଆଲୋଚନା ହେଉଛି। ଯେଉଁମାନେ ଖଣି ଖନନକୁ ବିରୋଧ କରୁଛନ୍ତି, ସେମାନଙ୍କୁ ଭଡ଼ାଟିଆ ଗୁଣ୍ଡା ଓ ବାଉନ୍ସର ଲଗାଇ ଭୟଭୀତ କରାଯାଉଥିବା ଅଭିଯୋଗ ହେଉଛି। ସଦର ଥାନାଠାରୁ ମାତ୍ର କେଇ ମିଟର ଦୂରରେ ବେଆଇନ ଚୋରା ଚାଲାଣ ଚାଲିଥିବାବେଳେ ପୁଲିସ କିପରି କିଛି ଜାଣିପାରୁନି ସେ ନେଇ ପୁଲିସର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶାସକ ଦଳର ପ୍ରଭାବଶାଳୀ ନେତାଙ୍କ ଛତ୍ରଛାୟା ତଳେ ରହିଥିବାରୁ ପୁଲିସ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ଭୟ କରୁଥିବା କୁହାଯାଉଛି। ପ୍ରକାଶ ଥାଉକି, ନିକଟରେ ଖୋର୍ଦ୍ଧା ଆଦର୍ଶ ଥାନା ଗଡ଼ନିଆଳ ଦିଗରୁ ବେଆଇନ ମୋରମ୍ ଚାଲାଣ କରୁଥିବା ୪ଟି ମୋରମ୍ ବୋଝେଇ ହାଇୱାକୁ ପୁଲିସ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଥିଲା। ଏହି ଚୋରା ଚାଲାଣ ପଛରେ ସ୍ଥାନୀୟ ଅଞ୍ଚଳର ଜଣେ କୁଜି ନେତାଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହେଉଛି।

# କମାଗୁରୁ ପଞ୍ଚାୟତରେ ପାନୀୟଜଳ ଯୋଗାଣ

ନିରାକାରପୁର,୧୮।୫(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କମାଗୁରୁ ପଞ୍ଚାୟତରେ ପଞ୍ଚାୟତ ତରଫରୁ ଟ୍ୟାଙ୍କର୍ ମାଧ୍ୟମରେ ପାନୀୟଜଳ ଯୋଗାଣର ଶୁଭାରମ୍ଭ ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ କୂଅ ଓ ପୋଖରୀ ଶୁଖିବାକୁ ଲାଗିଲାଣି। ବିଶୁଦ୍ଧ ପାନୀୟଜଳ ଲୋକ ନ ପାଇ ପାଣି ଟୋପାଏ ପାଇଁ ଡହଳବିକଳ ହେଉଥିବାବେଳେ ପଞ୍ଚାୟତ ତରଫରୁ ଟ୍ୟାଙ୍କର୍ ମାଧ୍ୟମରେ ଭ୍ରାମ୍ୟମାଣ ପାନୀୟଜଳ ଯୋଗାଣକୁ ସରପଞ୍ଚ ସୁନିତା ଚମ୍ପତି ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଆଶୁତୋଷ ମହାପାତ୍ର, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ଦାମ୍ବଳ, ୱାର୍ଡ ମେମ୍ବର ରୁଶାନ୍ତ ବାରିକ, ସୁଜାତା ବେହେରା, ସମାଜସେବୀ କୁଳମଣି ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପରିତ୍ୟକ୍ତ ପୋଖରୀ; ପୁନରୁଦ୍ଧାର ହେଉନି



ବେଗୁନିଆ,୧୮।୫(ସମିସ): ବେଗୁନିଆ ବ୍ଲକ୍ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ଦୁଇଟି ପୋଖରୀ ପୁନରୁଦ୍ଧାର ନ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ସୂଚନା ଅନୁଯାୟୀ, କୋଲୁହାପାଟଣା, ନରସିଂହପୁର ଓ କୁଶପଲ୍ଲା ମୌଜାର ସ୍ଥାନୀୟ ଲୋକମାନେ ମାଟିଗାଡ଼ିଆ ଓ ବାରିପୋଖରୀର ପାଣିକୁ ଶୌଚ ଓ ସ୍ନାନ କରିବା ପାଇଁ ବ୍ୟବହାର ହେଉଥିବାବେଳେ ପୁନରୁଦ୍ଧାର ହୋଇ ନ ପାରି ଅନାବନା ଗୁଳ୍ମଲତା ସହ ଅପରିଷ୍କାର ପରିବେଶ ସୃଷ୍ଟି ହୋଇଛି। ଏହି ଗ୍ରାମର ଜନସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଗଲେ ୧ହଜାରରୁ ଊର୍ଦ୍ଧ୍ୱ ହେବ ଜଣାପଡ଼ିଛି। ଗ୍ରୀଷ୍ମ ଦିନରେ ପୋଖରୀଗୁଡ଼ିକ ଶୁଖିଯିବା ସହ ଅପରିଷ୍କାର ଜଳ ମଧ୍ୟରେ ଜନସାଧାରଣ ଦୈନନ୍ଦିନ ପୋଖରୀକୁ ବ୍ୟବହାର କରି ଚର୍ମଜନିତ ରୋଗ କାଛୁ ଓ କୁଣ୍ଡିଆ ରୋଗରେ ପୀଡ଼ିତ ହୋଇ ପ୍ରତ୍ୟହ ଚିକିତ୍ସିତ ହେଉଥିବାରୁ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଏପରିକି ଗୃହପାଳିତ ପଶୁପକ୍ଷୀମାନେ ତୃଷ୍ଣା ନିବାରଣ ପାଇଁ ପୋଖରୀ ଉପରେ ମଧ୍ୟ ନିର୍ଭର କରିଥା'ନ୍ତି। ତେବେ ଏହାକୁ ପୁନରୁଦ୍ଧାର ନାମରେ ପୂର୍ବରୁ କେତେବେଳେ କେମିତି ଅନୁଦାନ ଅର୍ଥରାଶିରୁ ନାମକୁ ମାତ୍ର ଖର୍ଚ୍ଚ କରାଯାଇ ହଡ଼ପ ହୋଇଛି ବୋଲି ସଚେତନ ନାଗରିକମାନେ କହିଛନ୍ତି। ଏହି ଦୁଇଟି ପୋଖରୀର ପୁନରୁଦ୍ଧାର କାର୍ଯ୍ୟ କରିବା ପାଇଁ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

**ଜଳୁନି ଏଲ୍‌ଇଡି ଲାଇଟ୍**

# ଜାତୀୟ ରାଜପଥ ଉପରେ ଅନ୍ଧାର

ବେଗୁନିଆ,୧୮।୫(ସମିସ)



ଖୋର୍ଦ୍ଧା- ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ବଜାରରେ ଜଳୁନି ଏଲ୍‌ଇଡି ଲାଇଟ୍। ଫଳରେ ଏଠାରେ ଘନ ଅନ୍ଧକାର ରାଜୁତି କରୁଛି। ଲୋକମାନେ ସଞ୍ଜ ହେଲେ ଜନଗହଳିପୂର୍ଣ୍ଣ ବଜାରରେ ମଧ୍ୟ ଯାତାୟାତ କରିବାକୁ ଭୟ କରୁଛନ୍ତି। ଠିକାଦାରୀ ସଂସ୍ଥା ପକ୍ଷରୁ ଆଲୋକୀକରଣ ପାଇଁ ଖୁଣ୍ଟ ପୋତି ଦେଇ ଛାଡ଼ିଦେଇଛି। କିନ୍ତୁ ଏଥିପ୍ରତି ତାଗିଦ୍ କରିବାକୁ କେହି ନାହାନ୍ତି। ପ୍ରଶାସନ ମଧ୍ୟ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି। ଖୁଣ୍ଟ ପୋତାକୁ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ଏଲ୍‌ଇଡି ଲାଇଟ୍ ଲାଗିପାରୁନି। ଏହାରି ମଧ୍ୟରେ କେତୋଟି ଖୁଣ୍ଟ ବର୍ଷା ପବନରେ ଉପୁଡ଼ି ରାସ୍ତା ଉପରେ ପଡ଼ିରହିଛି। ତେବେ ରାସ୍ତାରେ ପ୍ରତ୍ୟେକ ଦିନ ରାଜପଥ ଉପରେ ଛୋଟ ବଡ଼ ଦୁର୍ଘଟଣା ସାଙ୍ଗକୁ ଚୋରି, ଡକାୟତି, ରାହାଜାନୀ ଓ ଛିନ୍‌ତାଇ ସହ ଅସାମାଜିକ କାର୍ଯ୍ୟକଳାପ ପାଇଁ ଖୋରାକ୍ ଯୋଗାଇବାରେ ଲାଗିଛି।

ଏପରିକି ରାସ୍ତାରେ ଖୁଣ୍ଟଗୁଡ଼ିକ କମ୍ ଗଭୀରତାରେ ପୋତା ହୋଇଥିବା ଯୋଗୁଁ ବର୍ଷା ଓ ପବନରେ ୨/୩ଟି ଉପୁଡ଼ି ପଡ଼ିଥିବାର ଅଭିଯୋଗକାରୀମାନେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ରାସ୍ତାର ଆଲୋକୀକରଣ ପାଇଁ

- କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ
- ଲୋକ ଅଦାଲତ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ନୋଟିସ
- ବର୍ଷା ପବନରେ ଖୁଣ୍ଟ ଉପୁଡ଼ି ରାସ୍ତା ଉପରେ ପଡ଼ିଛି




ବ୍ୟବହୃତ ହୋଇଥିବା କେବୁଲ୍ ଲାଇନ୍ ଉପରକୁ ମଧ୍ୟ ସମସ୍ତଙ୍କ ଦୃଷ୍ଟିଗୋଚର ହେଉଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ସଂଖ୍ୟାରେ ଲଘୁ ଓ ଭାରୀଯାନ, ଯାତ୍ରୀବାହୀ ବସ୍ ଓ ପଥଚାରୀମାନେ ଯାତାୟାତ କରିଥାନ୍ତି। ଏଥିରେ ଜାତୀୟ ରାଜପଥ ବିଭାଗର ଅଧିକାରୀଙ୍କ ତଦାରଖ ଅଭାବରୁ ଏଭଳି କାର୍ଯ୍ୟ ହୋଇଛି ବୋଲି ସମାଜସେବୀ ଆଲୋକ ପଣ୍ଡା, ମଧୁସୂଦନ ସୁବୁଦ୍ଧି, କୟୁମ୍ ଖାଁ, ସାମ୍ବାଦିକ ଗଣେଶ୍ୱର ମହାପାତ୍ର ଓ ବିଜୟ କେତନ ପଣ୍ଡାଙ୍କ ସମେତ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଆଲୋକୀକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ନେଇ ସମାଜସେବୀ ସନ୍ତୋଷ କୁମାର ପଣ୍ଡା ଲୋକ ଅଦାଲତଙ୍କ ଆଶ୍ରୟ ନେଇଥିଲେ। ଏହି ଅଭିଯୋଗକୁ ଲୋକ ଅଦାଲତ ଗୁରୁତ୍ୱର ସହ ବିଚାର କରି ବିଭାଗୀୟ ଅଧିକାରୀଙ୍କୁ ନୋଟିସ୍ ମାଧ୍ୟମରେ ଆସନ୍ତା ଜୁନ୍ ୨୫ ତାରିଖରେ ହାଜର୍ ହେବା ପାଇଁ ନିର୍ଦ୍ଦେଶ କରିଛନ୍ତି। ଏତଦ୍‌ବ୍ୟତୀତ ବେଗୁନିଆ ବଜାରରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ୬ମାସରୁ ଊର୍ଦ୍ଧ୍ୱ ହେବ ରାତିରେ ଏଲ୍‌ଇଡି ଲାଇଟ୍ କେତେକ ଜଳୁ ନ ଥିବାରୁ ଘନ ଅନ୍ଧାର ମଧ୍ୟ ରାଜୁତି କରିବାରେ ଲାଗିଛି।

# ଦ୍ରୁତଗାମୀ ଟ୍ରେନ୍ ରହଣୀ ଓ ବିଭିନ୍ନ ଦାବି ପୂରଣ ପାଇଁ ବୈଠକ



ନିରାକାରପୁର,୧୮।୫(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳ ଷ୍ଟେସନରେ ଦ୍ରୁତଗାମୀ ଟ୍ରେନ୍ ରହଣୀ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ରେଳ ବିଭାଗ ଦୃଷ୍ଟି ଆକର୍ଷଣ କରିବା ପାଇଁ ରବିବାର ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ତରଫରୁ ଏକ ବୈଠକ ଷ୍ଟେସନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ନେତା ତଥା ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ଉପଦେଷ୍ଟା ବିପିନ କୁମାର ଜୟସିଂହ, ଆବାହକ ପ୍ରସାଦ କୁମାର ଦାସ, ଯୁବନେତା ବିଧୁ ଭୂଷଣ ମହାରଣା, ସାମାଜିକ କର୍ମୀ ରମାନାଥ ଦାଶ ଓ ରାମଦୟା ପରିଷଦ ଉପସଭାପତି ସତ୍ୟବାଦୀ ବଳବନ୍ତରାୟ ପ୍ରମୁଖ ସରକାରଙ୍କ ବିଭାଗୀୟ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ସାଂସଦଙ୍କୁ ନିଜ ଦାବି ଦ୍ରୁତଗାମୀ ଟ୍ରେନ୍ ରହଣୀ ସହ ଅନ୍ୟ ସମସ୍ୟା ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇ ଉଦ୍ୟମର ସଫଳ ରୂପାୟଣ ହୋଇପାରିବ ସେଥିପାଇଁ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ। ଏହି କମିଟିରେ ସଭାପତି ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକ, ବିଧୁ ଭୂଷଣ ମହାରଣା, ବିଜୟ ଜୟସିଂହ, ମାନସ ଚନ୍ଦ୍ର ପଟ୍ଟନାୟକ, ରାମନାରାୟଣ ଦାଶ, ହିମାଂଶୁ ଭୂଷଣ ଚମ୍ପତିରାୟ, ରମାନାଥ ଦାଶ, ଉମେଶ ଚନ୍ଦ୍ର ମିଶ୍ର, ବଳରାମ ରାଉତରାୟ, ପ୍ରସାଦ ଦାସ, ସତ୍ୟବାଦୀ ବଳବନ୍ତରାୟ, କପିଳେଶ୍ୱର ସିଂହ ଓ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ପ୍ରମୁଖଙ୍କୁ ଚୟନ କରାଯାଇଛି। ବୈଠକରେ ବହୁ ସଂଖ୍ୟାରେ ସଭ୍ୟ ଉପସ୍ଥିତ ରହି ଟ୍ରେନ୍ ଯାତ୍ରୀମାନଙ୍କୁ ଟିକଟ୍ କରି ରେଳ ଯାତ୍ରା କରିବାକୁ ସଚେତନ କରିବା ସହିତ ଷ୍ଟେସନ ପ୍ଲାଟ୍‌ଫର୍ମ ଉପରେ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ କିଛି ଅସାମାଜିକ ବ୍ୟକ୍ତି ବସି ନିଶାଦ୍ରବ୍ୟ ସେବନକୁ ନିନ୍ଦା କରାଯିବା ସହିତ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରେଳବାଇ ପୁଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା।

# ଇସ୍ରୋର ୧୦୧ତମ ଉତ୍କ୍ଷେପଣ ବିଫଳ



ପିଏସ୍‌ଏଲ୍‌ଭି ସି-୬୧ ଅଭିଯାନର ତୃତୀୟ ପର୍ଯ୍ୟାୟରେ ତ୍ରୁଟି

ଶ୍ରୀହରିକୋଟା, ୧୮।୫ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ରବିବାର ସକାଳ ୫ଟା ୫୯ରେ ନିଜର ୧୦୧ ତମ ଅଭିଯାନ ଉତ୍କ୍ଷେପଣ କରିଛି। ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ସ୍ପେସ ସେଣ୍ଟରରୁ ପିଏସଏଲ୍‌ଭି-ସି୬୧ ଉପଗ୍ରହ ଇଓଏସ-୦୯ ଆର୍ଥ ଅବଜରଭେସନ ରକେଟ୍‌କୁ ନେଇ ମହାକାଶକୁ ଯାଇଛି। କିନ୍ତୁ ଏହା ତୃତୀୟ ପର୍ଯ୍ୟାୟରେ ପ୍ରବେଶ କରିବା ପରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ଏଥିଯୋଗୁଁ ଇଓଏସ୍-୦୯ ଉପଗ୍ରହ ନିର୍ଦ୍ଧାରିତ କକ୍ଷପଥରେ ପହଞ୍ଚି ପାରିନାହିଁ। ଏହା ପଥଚ୍ୟୁତ ହେବାରୁ ୧୦୧ ତମ ଅଭିଯାନ ବିଫଳ ହୋଇଯାଇଛି। ଇସ୍ରୋ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହାର ଯାଞ୍ଚ କରିବା ପାଇଁ ଏକ କମିଟି ଗଠନ କରାଯାଇଛି।

ଅଭିଯାନର ବିଫଳତା ସମ୍ପର୍କରେ ଇସ୍ରୋ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇ ନାହିଁ। ଇସ୍ରୋ ମୁଖ୍ୟ ଭି ନାରାୟଣଙ୍କ ଅନୁଯାୟୀ ଦ୍ୱିତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ସବୁ କିଛି ଠିକ୍ ଥିଲା। ତୃତୀୟ ପର୍ଯ୍ୟାୟରେ ମୋଟର ମଧ୍ୟ ଭଲ ଭାବେ ଷ୍ଟାର୍ଟ ହୋଇଥିଲା। କିନ୍ତୁ ଏହା କାର୍ଯ୍ୟାରମ୍ଭ କରିବା ପରେ ଯାନ୍ତ୍ରିକ ତ୍ରୁଟି ଥିବା ଦେଖିବାକୁ ମିଳିଥିଲା। ଟେଲିମିଟ୍ରି ତଥ୍ୟ ଭୁଲ୍ ଥିବା ଜଣା ପଡ଼ିଥିଲା। ଏହି ଉପଗ୍ରହକୁ ସନ୍ ସିଙ୍କ୍ରୋନସ ପୋଲାର ଅର୍ବିଟ (ଏସଏସ୍‌ପିଓ)ରେ ଅବସ୍ଥାପିତ କରାଯିବାର ଥିଲା। ଇସ୍ରୋର ଭରସାଯୋଗ୍ୟ ପିଏସ୍‌ଏଲ୍‌ଭି ରକେଟରେ ପଠା ଯାଇଥିବା ୧୬୯୬.୨୪ କେଜିର ଉପଗ୍ରହ ଇସ୍ରୋର ପୃଥିବୀ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମର ପ୍ରମୁଖ ଅଂଶ ଥିଲା। କୃଷି, ଜଙ୍ଗଲ ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ଏହା ହାଇ-ରିଜୋଲ୍ୟୁସନ ବିଶିଷ୍ଟ ଫଟୋ ପଠାଇ ଥାଆନ୍ତା।

ଅଣ-ବିଜେପି ଶାସିତ ୮ ମୁଖ୍ୟମନ୍ତ୍ରୀଙ୍କୁ ଷ୍ଟାଲିନଙ୍କ ଚିଠି

# ରାଷ୍ଟ୍ରପତିଙ୍କ ପ୍ରସ୍ତାବ ବିରୋଧରେ ଏକାଠି ହେବାକୁ ଆହ୍ୱାନ



ଚେନ୍ନଇ, ୧୮।୫ (ଏଜେନ୍ସି): ରାଜ୍ୟପାଳ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ମାମଲା ଥମିବାର ନା ଧରୁନି। ତାମିଲନାଡୁ ମାମଲାରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇ ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିମନ୍ତେ ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିଥିଲେ। ତାମିଲନାଡୁ ବିଧାନସଭା ଦ୍ୱାରା ପାରିତ ସମସ୍ତ ବିଲ୍‌କୁ ରାଜ୍ୟପାଳଙ୍କ ବିନା ଅନୁମତିରେ ମଞ୍ଜୁରୀ ଦେଇଥିଲେ। ତେବେ ସୁପ୍ରିମକୋର୍ଟଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରୁ ବିରୋଧ କରାଯାଇଥିଲା। ଏହା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କୁ ଚିଠି ଲେଖିଥିଲେ ଏବଂ ସମୟସୀମା ଧାର୍ଯ୍ୟ କରିବା ନେଇ ପ୍ରଶ୍ନ ଉଠାଇ ଥିଲେ। ସୁପ୍ରିମକୋର୍ଟଙ୍କୁ ୧୪ଟି ପ୍ରଶ୍ନ ପଚାରି ଥିଲେ। ଆଉ ଏବେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଅଣ-ବିଜେପି ଶାସିତ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସେ ରବିବାର ପଶ୍ଚିମବଙ୍ଗ, କର୍ଣ୍ଣାଟକ, ହିମାଚଳ ପ୍ରଦେଶ, ତେଲଙ୍ଗାନା, କେରଳ, ଝାଡ଼ଖଣ୍ଡ, ପଞ୍ଜାବ ଏବଂ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ରାଷ୍ଟ୍ରପତିଙ୍କ ଆଭିମୁଖ୍ୟ ବିରୋଧରେ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି।

ଷ୍ଟାଲିନ କହିଛନ୍ତି ଯେ ବିଜେପି ନେତୃତ୍ୱାଧୀନ ସୁପ୍ରିମକୋର୍ଟଙ୍କ ରାୟକୁ ଅକାମୀ କରିବାକୁ ଚାହୁଁଛି। କାରଣ ଏହାକୁ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ଭାବେ ନିଆଯାଇପାରେ। ଏହାକୁ ରୋକିବାକୁ ବିଜେପି ଷଡ଼ଯନ୍ତ୍ର କରୁଛି। ଏଥିପାଇଁ ପ୍ରଥମେ ରାଷ୍ଟ୍ରପତିଙ୍କ ଦ୍ୱାରା ସୁପ୍ରିମକୋର୍ଟଙ୍କୁ ଜବାବ ମଗାଯାଇଛି। ଏହା ବିଜେପିର ଭୟାନକ ରୂପକୁ ଦର୍ଶାଉଛି। ଯେଉଁ ମାମଲାରେ କୋର୍ଟ ନିଷ୍ପତ୍ତି ଦେଇସାରିଛନ୍ତି ସେହି ମାମଲାରେ ପରାମର୍ଶ ଦେବାର ଅଧିକାରକୁ ବ୍ୟବହାର କରାଯାଇପାରିବ ନାହିଁ। ତେଣୁ ରାଷ୍ଟ୍ରପତିଙ୍କ ଦ୍ୱାରା ସୁପ୍ରିମକୋର୍ଟଙ୍କୁ ମଗା ଯାଇଥିବା ଜବାବକୁ ବିରୋଧ କରିବା ପାଇଁ ମୁଖ୍ୟମନ୍ତ୍ରୀମାନଙ୍କୁ ଷ୍ଟାଲିନ ଅନୁରୋଧ କରିଛନ୍ତି। ଏହି ପ୍ରସ୍ତାବରେ କୋର୍ଟରେ ନିଜ ପକ୍ଷ ରଖିବା ଉଚିତ ବୋଲି କହିଛନ୍ତି। ସମ୍ବିଧାନର ମୂଳଢ଼ାଞ୍ଚାର ରକ୍ଷା କରିବା ପାଇଁ ଏକ ମୋର୍ଚ୍ଚା ଗଠନ ହେବା ଉଚିତ। ତେଣୁ ଏହି ପ୍ରସଙ୍ଗରେ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀମାନଙ୍କୁ ଷ୍ଟାଲିନ ନିବେଦନ କରିଛନ୍ତି।

● ୟୁକ୍ରେନ ବିରୋଧରେ ରୁଷିଆର ଷ୍ଟାରୱାର୍

# ବିଭିନ୍ନ ସହର ଉପରେ ୨୭୩ ଡ୍ରୋନ୍ ଆକ୍ରମଣ

କିଭ୍ ,୧୮।୫(ଏଜେନ୍ସି): ଗୋଟିଏ ପଟେ ଯୁଦ୍ଧ ବନ୍ଦ ପାଇଁ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ବିଭିନ୍ନ ସ୍ତରରେ ଆଲୋଚନା ଚାଲିଛି। କିନ୍ତୁ ଅନ୍ୟପଟେ ଉଭୟ ଦେଶ ମଧ୍ୟରେ ଆକ୍ରମଣ-ପ୍ରତି ଆକ୍ରମଣ ବନ୍ଦ ହୋଇ ନାହିଁ। ଦୁଇ ଦିନ ତଳେ ପ୍ରଥମଥର ପାଇଁ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନା ହୋଇଥିଲା। ଏହାବ୍ୟତୀତ ଖୁବଶୀଘ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଟିନଙ୍କ ସହ ଫୋନରେ ଆଲୋଚନା କରିବାକୁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। କିନ୍ତୁ ଏହା ମଧ୍ୟରେ ରୁଷିଆ ରବିବାର ପ୍ରତ୍ୟୁଷରେ ୟୁକ୍ରେନ ଉପରେ ଜୋରଦାର ଆକ୍ରମଣ କରିଛି। ୟୁକ୍ରେନର ବିଭିନ୍ନ ସହର ଉପରେ ରୁଷ ସେନା ଏକାସଙ୍ଗରେ ୨୭୩ ଡ୍ରୋନ ଆକ୍ରମଣ କରିଛି। ଯାହାକି ଉଭୟ ଦେଶ ମଧ୍ୟରେ ଗତ ଯୁଦ୍ଧ ଇତିହାସରେ ସବୁଠାରୁ ବଡ଼ ଆକ୍ରମଣ ବୋଲି କୁହାଯାଇଛି। ଏହି ଆକ୍ରମଣରେ ଦୋନେସ୍କ ଅଞ୍ଚଳ ସମେତ ବହୁ ସହର ଦୋହଲି ଯାଇଛି। ରୁଷର ଏଭଳି ଘନ ଘନ ଆକ୍ରମଣ ୟୁକ୍ରେନର ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ସମସ୍ୟା ସୃଷ୍ଟି କରିଥିଲା ବେଳେ ସାଧାରଣ ନାଗରିକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ୟୁକ୍ରେନର ବାୟୁସେନା ପକ୍ଷରୁ କୁହାଯାଇଛି ଯେ ରୁଷ ରାତାରାତି ମୋଟ ୨୭୩ଟି ବିସ୍ଫୋରକ ଡ୍ରୋନ୍ ଏବଂ ଅନ୍ୟ ଅସ୍ତ୍ର ମାଡ଼ କରିଛି, ଯାହା ଯୁଦ୍ଧ ଆରମ୍ଭ ହେବା ପରଠାରୁ ଗୋଟିଏ ରାତିରେ ସବୁଠାରୁ ବଡ଼ ଡ୍ରୋନ୍ ଆକ୍ରମଣ।

## ପୋଲ ସହ ଜାହାଜ ଧକ୍କା; ୨ ମୃତ

ୱାଶିଂଟନ, ୧୮।୫ (ଏଜେନ୍ସି): ଆମେରିକାର ଇଷ୍ଟ ନଦୀରେ ବଡ଼ ଅଘଟଣ ଘଟିଛି। ଶନିବାର ରାତି ୮ଟା୩୦ରେ ମେକ୍ସିକୋ ନୌସେନାର ପ୍ରଶିକ୍ଷଣ ଜାହାଜ କୁଆଉତେମୋକ ଏହି ନଦୀ ଉପରେ ନିର୍ମିତ ବ୍ରୁକଲିନ ବ୍ରିଜ ସହ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ୧୯ ଜଣ ଆହତ ହୋଇଛନ୍ତି। ଜାହାଜଟି ଯିବାକୁ ପ୍ରୟାସ କରୁଥିବା ବେଳେ ଏହାର ୨ଟି ଟାୱାର ପୋଲ ସହ ମାଡ଼ ହୋଇଥିଲା। ଏହା ଭାଙ୍ଗି ତଳେ ଥିବା ଯାତ୍ରୀଙ୍କ ଉପରେ ପଡ଼ିଥିଲା। ଏଥିଯୋଗୁଁ ବିଦ୍ୟୁତ ଯୋଗାଣ ମଧ୍ୟ ବନ୍ଦ ହୋଇ ଯାଇଥିଲା। ଅନ୍ଧାରରେ ଲୋକେ ଜୀବନ ବିକଳରେ ଏଣେତେଣେ ଦୌଡିବାରେ ଲାଗିଥିଲେ। ଏହି ଜାହାଜରେ କ୍ରୁ ସଦସ୍ୟଙ୍କ ସମେତ ୨୭୭ ଯାତ୍ରୀ ଥିଲେ। ବ୍ରୋକଲିନ ପୋଲର ଉଚ୍ଚତା ୧୨୭ ଫୁଟ ଥିଲା। କିନ୍ତୁ ଜାହାଜରେ ଥିବା ଟାୱାରର ଉଚ୍ଚତା ୧୫୮ ରହିଥିଲା। ଏଥିପାଇଁ ଦୁର୍ଘଟଣା ଘଟିଥିଲା।

## ଟ୍ରମ୍ପଙ୍କ ପରାମର୍ଶଦାତା ବୋର୍ଡରେ ଦୁଇ ପୂର୍ବତନ ଆତଙ୍କବାଦୀ !

ନୂଆଦିଲ୍ଲୀ,୧୮।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରାମର୍ଶଦାତା ବୋର୍ଡରେ ଦୁଇ ପୂର୍ବତନ ଆତଙ୍କବାଦୀ ସଦସ୍ୟ ରହିଥିବା ଖବର ଏବେ ସାମ୍ନାକୁ ଆସିବା ପରେ ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି ହୋଇଛି। ହ୍ୱାଇଟ୍ ହାଉସ ପରାମର୍ଶଦାତା ବୋର୍ଡରେ ଏମିତି ଦୁଇ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି, ଯେଉଁମାନଙ୍କର ଅତୀତରେ ଆତଙ୍କବାଦ ସହିତ ସମ୍ପର୍କ ରହିଥିବା କଥା ଏକ ଆମେରିକୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ଏହି ଦୁଇ ଜଣଙ୍କ ମଧ୍ୟରୁ ଜଣେ ପାଲେଷ୍ଟାଇନ ହମାସ ସଂଗଠନ ସହିତ ପୂର୍ବରୁ ସଂପୃକ୍ତ ରହିଥିଲା ବେଳେ ଅନ୍ୟ ଜଣେ ଲସ୍କର ଆତଙ୍କବାଦୀ ସଂଗଠନରେ ତାଲିମ ନେଇଥିବା ଉଲ୍ଲେଖ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଆତଙ୍କବାଦ ମାମଲାରେ ପୂର୍ବରୁ ଅଭିଯୁକ୍ତ ରହିଥିବା ଇସମାଇଲ୍ ରୋୟର ଏବଂ କାଲିଫର୍ନିଆର ଜାୟତୁନା କଲେଜର ସହ-ପ୍ରତିଷ୍ଠାତା ଶେଖ୍ ହମଜା ୟୁସୁଫ୍‌ଙ୍କୁ ହ୍ୱାଇଟ୍ ହାଉସ୍ ପରାମର୍ଶଦାତା ବୋର୍ଡରେ ସାମିଲ କରାଯାଇଛି। ଟ୍ରମ୍ପ ପ୍ରଶାସନର ଏଭଳି ନିଯୁକ୍ତି ପ୍ରକ୍ରିୟା ଗଭୀର ଚିନ୍ତା ସୃଷ୍ଟି କରିଛି ବୋଲି ସାମ୍ବାଦିକ ଲୌରା ଲୁମର ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ରୋୟରଙ୍କ ବିରୋଧରେ ୨୦୦୮ ମୁମ୍ବାଇ ଆକ୍ରମଣ ସହିତ କାଶ୍ମୀରରେ ଭାରତୀୟ ସେନା ଠିକଣା ଉପରେ ଗୁଳିମାଡ଼ ଏବଂ ଆତଙ୍କବାଦ ପ୍ରଚାର କରିବା ନେଇ ଅଭିଯୋଗ ରହିଛି। ସେହିପରି ୟୁସୁଫ ହମାସ ସମେତ ଅନ୍ୟ କିଛି ଆତଙ୍କବାଦୀ ସଂଗଠନ ସହିତ ଲିଙ୍କରେ ରହିଥିବା ଅଭିଯୋଗ ରହିଛି। ଭାରତର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଦ୍ୱାରା ତାଙ୍କୁ ଅଭିଯୁକ୍ତ କରାଯାଇଛି।

## ହସିନାଙ୍କ ଭୂମିକାରେ ଅଭିନୟ କରି ନୁସ୍‌ରତ୍ ଗିରଫ

ଢାକା,୧୮।୫(ଏଜେନ୍ସି): ବାଂଲାଦେଶର ଲୋକପ୍ରିୟ ଅଭିନେତ୍ରୀ ନୁସ୍‌ରତ୍ ଫରିହାଙ୍କୁ ଢାକା ପୁଲିସ ରବିବାର ବିମାନ ବନ୍ଦରରୁ ଗିରଫ କରିଛି। ଗତବର୍ଷ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଶାସନକାଳରେ ସାରା ଦେଶରେ ଚାଲିଥିବା ବିକ୍ଷୋଭ ସମୟରେ ଏକ ହତ୍ୟା ଉଦ୍ୟମ ଘଟଣାରେ ନୁସରତଙ୍କ ସଂପୃକ୍ତିକୁ ନେଇ ପୁଲିସ ତାଙ୍କୁ ଗିରଫ କରିଛି ବୋଲି ଢାକା ଟ୍ରିବ୍ୟୁନ ପକ୍ଷରୁ କୁହାଯାଇଛି। କିନ୍ତୁ ତାଙ୍କୁ ଗିରଫ କରାଯିବାର ପ୍ରକୃତ କାରଣ ଅନ୍ୟ କିଛି ରହିଛି ବୋଲି ବିଭିନ୍ନ ମହଲରେ ଅନ୍ୟ କେତେକ ଗଣମାଧ୍ୟମ ପ୍ରକାଶ କରିଛନ୍ତି। ଶେଖ ମୁଜିବୁର ରହମନଙ୍କ ଜୀବନ ଚରିତ୍ରକୁ ନେଇ ପ୍ରସ୍ତୁତ କରାଯାଇଥିବା 'ମୁଜିବ : ଦି ମେକିଂ ଅଫ୍ ଏ ନେସନ୍' ଚଳଚିତ୍ରରେ ନୁସରତ୍ ଶେଖ ହସିନାଙ୍କ ଭୂମିକାରେ ଅଭିନୟ କରିଥିବାରୁ ତାଙ୍କୁ ପୁଲିସ ଗିରଫ କରିଥିବା କୁହାଯାଇଛି।



# ୟୁଟ୍ୟୁବର୍ ଜ୍ୟୋତି ମାଲ୍‌ହୋତ୍ରାଙ୍କ ଖୋଲୁଛି ଗୁମର



ହିସାର, ୧୮।୫ (ଏଜେନ୍ସି): ନାମ ଜ୍ୟୋତି ପାଇଥିଲେ, କିନ୍ତୁ ଦେଶକୁ ଅନ୍ଧକାରରେ ରଖି ଶତ୍ରୁ ପାଇଁ କାମ କରୁଥିଲେ। ବାରମ୍ବାର ପାକିସ୍ତାନ, ଚୀନ ଆଦି ଗସ୍ତରେ ଯାଇ ଗୁପ୍ତ ସୂଚନା ଦେଉଥିଲେ। ଏଭଳି ଦେଶ ବିରୋଧୀ କାର୍ଯ୍ୟ କରି ଧରା ପଡ଼ିଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ପହଲଗାମ ଆକ୍ରମଣ ପୂର୍ବରୁ ସେ ପାକିସ୍ତାନ ଯାଇଥିଲେ। ତାଙ୍କୁ ପାକିସ୍ତାନ ନିଜ ସମ୍ପତ୍ତି ଭଳି ବ୍ୟବହାର କରୁଥିଲା। ଜ୍ୟୋତି ପାଇଁ ପାକିସ୍ତାନ ପ୍ରାୟୋଜିତ କାର୍ଯ୍ୟକ୍ରମ ଧାର୍ଯ୍ୟ କରୁଥିଲା ବୋଲି ହରିଆଣା ହିସାରର ଏସ୍‌ପି ଶଶାଙ୍କ କୁମାର ସାୱନ କହିଛନ୍ତି। ଭାରତରୁ ବାହାର କରାଯାଇଥିବା ପାକିସ୍ତାନ ଅଧିକାରୀ ଦାନିଶ ସହ ଜ୍ୟୋତିଙ୍କ ଘନିଷ୍ଠ ସମ୍ବନ୍ଧ ଥିଲା। ସେ ନିଜ ୟୁଟ୍ୟୁବ ଚ୍ୟାନେଲ 'ଟ୍ରାଭେଲ ୱିଥ ଜୋ'ରେ ଅପଲୋଡ କରିଥିବା ଭିଡିଓରୁ ଏହି ସୂଚନା ମିଳିଛି। ଜେରା ସମୟରେ ଜ୍ୟୋତି ମଧ୍ୟ ଏହା ସ୍ୱଷ୍ଟ କରିଛି।

ଶଶାଙ୍କ କୁମାର କହିଛନ୍ତି ଯେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକରୁ ମିଳିଥିବା ସୂଚନା ଆଧାରରେ ଜ୍ୟୋତିଙ୍କୁ ଗିରଫ କରାଯାଇଛି। ସେ ପାକିସ୍ତାନର ଗୁଇନ୍ଦା ଏଜେନ୍ସି ଆଇଏସଆଇ ସହିତ ଯୋଗାଯୋଗରେ ଥିଲେ। ଏବେ ପୁଲିସ ତାଙ୍କ ବ୍ୟାଙ୍କ ଆକାଉଣ୍ଟ, ମୋବାଇଲ୍ ଏବଂ ଲାପଟପ୍ ଯାଞ୍ଚ କରୁଛି। ସେ ନିଜ ଆୟ ତୁଳନାରେ ଅଧିକ ବ୍ୟୟ କରୁଥିଲେ। ଏହି ମାମଲାରେ ସୋସିଆଲ ମିଡିଆରେ ସକ୍ରିୟ ଥିବା ଅନ୍ୟ କିଛି ଲୋକଙ୍କୁ ମଧ୍ୟ ତଦନ୍ତ କରାଯାଉଛି। ଏହା ମଧ୍ୟରେ ଜ୍ୟୋତି ଏବଂ ଓଡ଼ିଶାର ୟୁଟ୍ୟୁବର ପ୍ରିୟଙ୍କା ସେନାପତିଙ୍କ ମଧ୍ୟରେ ଲିଙ୍କ୍ ଥିବା ଜଣାପଡ଼ିଛି। ଏହା ପରେ ପୁଲିସ ପ୍ରିୟଙ୍କାଙ୍କ ଘରକୁ ଯାଇ ତାଙ୍କୁ ପଚରାଉଚରା କରିଥିଲା। ୨୦୨୪ ସେପ୍ଟେମ୍ବରରେ ପ୍ରିୟଙ୍କାଙ୍କୁ ଭେଟିବା ପାଇଁ ଜ୍ୟୋତି ପୁରୀ ଆସିଥିଲେ।

### ପହଲଗାମ ଆକ୍ରମଣ ପୂର୍ବରୁ ଯାଇଥିଲେ ପାକିସ୍ତାନ

### ଭାରତ ତଡ଼ିଥିବା ପାକିସ୍ତାନୀ ଅଧିକାରୀଙ୍କ ସହ ସମ୍ପର୍କ

ତେବେ ପ୍ରିୟଙ୍କାଙ୍କ ବାପା କହିଛନ୍ତି ଯେ ତାଙ୍କ ଝିଅ ୟୁଟ୍ୟୁବ୍ ମାଧ୍ୟମରେ ଜ୍ୟୋତି ସହ ବନ୍ଧୁତା କରିଥିଲା।

ସେହିପରି ଗତ ବର୍ଷ ମାର୍ଚ୍ଚ ୨୩ ତାରିଖରେ ଜ୍ୟୋତି ପାକିସ୍ତାନ ଯାଇଥିଲେ। ସେଠାରେ ପାକିସ୍ତାନର ଜାତୀୟ ଦିବସରେ ଦୂତାବାସରେ ଅନୁଷ୍ଠିତ ଇଫତାର ପାର୍ଟିରେ ଯୋଗ ଦେଇଥିଲେ। ସେ ଏହାର ଭିଡିଓ ନିଜ ଚ୍ୟାନେଲରେ ଅପଲୋଡ୍ କରିଥିଲେ। ପାକିସ୍ତାନୀ ଦୂତାବାସର ଅଧିକାରୀ ଦାନିଶ ଜ୍ୟୋତିଙ୍କୁ ଏଠାକୁ ସ୍ୱାଗତ କରିଥିଲେ। ଉଭୟଙ୍କ ମଧ୍ୟରେ ବହୁତ ଭଲ ସମ୍ବନ୍ଧ ଥିଲା। ଭିଡିଓରେ ଉଭୟ ପରସ୍ପରକୁ ଅତି ନିବିଡ ଭାବେ ଜାଣିଥିବା ଭଳି କଥା ହେଉଛନ୍ତି। ଏହି ପାର୍ଟିରେ ଦାନିଶ ନିଜ ସ୍ତ୍ରୀ ସହ ଜ୍ୟୋତିର ପରିଚୟ କରାଇଥିଲେ। ଏହା ବ୍ୟତୀତ, ସେଠାରେ ଉପସ୍ଥିତ ଅଧିକାରୀଙ୍କ ସହ କଥାବାର୍ତ୍ତା ମଧ୍ୟ କରାଇଥିଲେ। ଏଠାରେ ଜ୍ୟୋତି କିଛି ଚୀନ୍ ଅଧିକାରୀଙ୍କୁ ମଧ୍ୟ ଭେଟିଥିଲେ। ସେ ଭିଡିଓରେ ପାକିସ୍ତାନୀ ଦୂତାବାସରେ ହୋଇଥିବା ବ୍ୟବସ୍ଥାର ପ୍ରଶଂସା କରିଥିଲେ। ସେ ଦାନିଶଙ୍କ ସ୍ତ୍ରୀଙ୍କୁ ହରିୟାଣାର ହିସାରରେ ଥିବା ତାଙ୍କ ଘରକୁ ଆସିବାକୁ ମଧ୍ୟ ନିମନ୍ତ୍ରଣ କରିଥିଲେ।

ଅପରେସନ ସିନ୍ଦୂର ପରେ ଦାନିଶକୁ ଭାରତ ଅବାଞ୍ଛିତ ବ୍ୟକ୍ତି ଘୋଷଣା କରିଥିଲା। ଭାରତ ସରକାର ଗତ ୧୩ ତାରିଖରେ ତାଙ୍କୁ ଦେଶରୁ ବହିଷ୍କାର କରିଥିଲେ। ତେବେ ପାକିସ୍ତାନ ଏବଂ ଚୀନ ଗସ୍ତ ଯୋଗୁଁ ଜ୍ୟୋତି ସନ୍ଦେହ ଘେରକୁ ଆସିଥିଲେ। ଗତ ବର୍ଷ ୨ ମାସ ମଧ୍ୟରେ ସେ ପାକିସ୍ତାନ ଏବଂ ଚୀନ୍ ଗସ୍ତ କରିଥିଲେ। ଏହାକୁ ନେଇ ସେ ସୁରକ୍ଷା ଏଜେନ୍ସିଗୁଡ଼ିକର ନଜରକୁ ଆସିଥିଲେ।

ଗତ ବର୍ଷ ଏପ୍ରିଲ ୧୭ରେ ଜ୍ୟୋତି ମାସେ ପାଇଁ ପାକିସ୍ତାନ ଗସ୍ତରେ ଯାଇଥିଲେ। ସେ ମେ' ୧୫ ପର୍ଯ୍ୟନ୍ତ ପାକିସ୍ତାନରେ ରହି ଭାରତ ଫେରି ଆସିଥିଲେ।

ପାକିସ୍ତାନରୁ ଫେରିବାର ମାତ୍ର ୨୫ ଦିନ ପରେ ଜୁନ୍ ୧୦ରେ ସେ ଚୀନ୍ ଯାଇଥିଲେ। ଜୁଲାଇ ୯ ପର୍ଯ୍ୟନ୍ତ ଚୀନରେ ରହିଥିଲେ ଏବଂ ସେଠାରୁ ଜୁଲାଇ ୧୦ରେ ନେପାଳର କାଠମାଣ୍ଡୁରେ ପହଞ୍ଚିଥିଲେ।

ଏହା ପୂର୍ବରୁ ଜ୍ୟୋତି କରତାରପୁର କରିଡର ଦେଇ ପାକିସ୍ତାନ ଯାଇଥିଲେ। ଏହି ସମୟରେ ସେ ପାକିସ୍ତାନ ପଞ୍ଜାବ ପ୍ରଦେଶର ମୁଖ୍ୟମନ୍ତ୍ରୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଝିଅ ମରିୟମ ନୱାଜ ସରିଫଙ୍କୁ ଭେଟିଥିଲେ। ଜ୍ୟୋତି ତାଙ୍କର ସାକ୍ଷାତକାର ମଧ୍ୟ ନେଇଥିଲେ।

ମହାରାଷ୍ଟ୍ରର ବଡ଼ ଅଧିକାରୀ ପ୍ରୋଟୋକଲ୍ ମାନନ୍ତିନି

# ପ୍ରଧାନ ବିଚାରପତିଙ୍କ ସ୍ୱାଗତ ପାଇଁ ଗଲେନି ମୁଖ୍ୟ ସଚିବ, ଡିଜିପି



### ଅସନ୍ତୋଷ ଜଣାଇଲେ ପ୍ରଧାନ ବିଚାରପତି, ଧାରା ୧୪୨ କଥା ବି ଉଠାଇଲେ

ମୁମ୍ବାଇ, ୧୮।୫ (ଏଜେନ୍ସି): ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କୁ ମହାରାଷ୍ଟ୍ରରେ ଅସମ୍ମାନିତ କରାଯାଇଛି। ରାଜ୍ୟ ସରକାର ପ୍ରୋଟୋକଲକୁ ଭାଙ୍ଗି ଦେଇଛନ୍ତି। ଆଜି ପ୍ରଧାନ ବିଚାରପତି ଓକିଲ ସଂଘର ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମୁମ୍ବାଇ ଗସ୍ତରେ ଯାଇଥିଲେ। କିନ୍ତୁ ଏଠାରେ ତାଙ୍କୁ ସ୍ୱାଗତ କରିବାକୁ ମହାରାଷ୍ଟ୍ର ସରକାରଙ୍କ ମୁଖ୍ୟ ସଚିବ, ଡିଜିପି ଏବଂ ମୁମ୍ବାଇ ପୁଲିସ କମିଶନର ପହଞ୍ଚି ନ ଥିଲେ। ଓକିଲ ସଂଘର କାର୍ଯ୍ୟକ୍ରମରେ ସିଜେଆଇ ଏହି ପ୍ରସଙ୍ଗ ଉଠାଇ ଥିଲେ। ସେ ଏଭଳି ବ୍ୟବହାରକୁ ନେଇ ନିରାଶ ପ୍ରକଟ କରିଥିଲେ। ସିଜେଆଇ କହିଥିଲେ ଯେ ମହାରାଷ୍ଟ୍ରର ବଡ଼ ଅଧିକାରୀ ପ୍ରୋଟୋକଲ ପାଳନ କରୁନାହାନ୍ତି। ନ୍ୟାୟପାଳିକା, ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକା ହେଉଛି ଗଣତନ୍ତ୍ରର ତିନୋଟି ପ୍ରମୁଖ ସ୍ତମ୍ଭ। ଏ ସବୁ ପରସ୍ପରକୁ ସମ୍ମାନ ଦେବା ଉଚିତ। ଯଦି ଭାରତ ପ୍ରଧାନ ବିଚାରପତି ପ୍ରଥମ ଥର ପାଇଁ ମହାରାଷ୍ଟ୍ର ଆସନ୍ତି ତେବେ ଏଠାକାର ମୁଖ୍ୟ ସଚିବ, ଡିଜିପି ଏବଂ ମୁମ୍ବାଇ ପୁଲିସ କମିଶନର ଉପସ୍ଥିତ ରହିବା ଉଚିତ। ଏପରି ନ ହେବା ଚିନ୍ତାର ବିଷୟ। ପ୍ରୋଟୋକଲ କୌଣସି ନୂଆ କଥା ବି ନୁହେଁ। ଏହା ସାମ୍ବିଧାନିକ ସଂସ୍ଥାଙ୍କ ମଧ୍ୟରେ ସମ୍ମାନର ପ୍ରତୀକ। କୌଣସି ସାମ୍ବିଧାନିକ ସଂସ୍ଥାର ମୁଖ୍ୟଙ୍କ ଗସ୍ତରେ ସ୍ୱାଗତ ସମ୍ବର୍ଦ୍ଧନା ଅନେକ ମହତ୍ତ୍ୱ ରଖିଥାଏ। ସମ୍ବିଧାନର ଧାରା ୧୪୨ ଅନୁସାରେ ସୁପ୍ରିମ୍‌କୋର୍ଟଙ୍କୁ ସ୍ୱତନ୍ତ୍ର କ୍ଷମତା ମିଳିଥିଲା ବେଳେ ଏହାର ପ୍ରୋଟକଲ୍ ଉଲ୍ଲଂଘନ କରାଯାଇଥିଲେ କିଛି ତ୍ରୁଟି ହୋଇଥାନ୍ତା ବୋଲି କାର୍ଯ୍ୟପାଳିକାକୁ ପରୋକ୍ଷରେ ସଂକେତ ଦେଇ ଜଷ୍ଟିସ୍ ଗଭାଇ କହିଥିଲେ।

ସୂଚନା ଅନୁଯାୟୀ ମହାରାଷ୍ଟ୍ର-ଗୋଆ ବାର୍ କାଉନସିଲ ପକ୍ଷରୁ ଆଜି ମୁମ୍ବାଇରେ ସିଜେଆଇଙ୍କ ପାଇଁ ସମ୍ମାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେ ମରାଠୀରେ ଏହି କାର୍ଯ୍ୟକ୍ରମକୁ ସମ୍ବୋଧନ କରିଥିଲେ। ବାପାମାଆ ଏବଂ ବାବା ସାହେବ ଆମ୍ବେଦକରଙ୍କ ଲାଗି ଅମରାବତୀର ଏକ ବସ୍ତିରୁ ସେ ଏ ପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି ବୋଲି କହିଥିଲେ। ନ୍ୟାୟପାଳିକା, କାର୍ଯ୍ୟପାଳିକା କି ସଂସଦ ନୁହେଁ, ବରଂ ଭାରତର ସମ୍ବିଧାନ ସର୍ବୋଚ୍ଚ। ଏହି ତିନି ଅଙ୍ଗ ସମ୍ବିଧାନ ଅନୁଯାୟୀ କାମ କରିଥାନ୍ତି। ଏହା ପୂର୍ବରୁ ସିଜେଆଇ ଶନିବାର ବାର୍ କାଉନସିଲ ଅଫ ଇଣ୍ଡିଆ (ବିସିଆଇ)କୁ ସମ୍ବୋଧନ କରି କହିଥିଲେ ଯେ ବିଚାରପତି ତୃଣମୂଳସ୍ତରର ସ୍ଥିତିକୁ ଅଣଦେଖା କରିପାରିବେ ନାହିଁ। ନ୍ୟାୟପାଳିକା ଲୋକଙ୍କଠାରୁ ଦୂରରେ ରହିବା ଅନୁଚିତ। ସୁପ୍ରିମକୋର୍ଟ ବିଚାରପତି ଲୋକଙ୍କଠାରୁ ଦୂରେଇ ରହିବା ଧାରଣାକୁ ସିଜେଆଇ ଖାରଜ କରିଦେଇଥିଲେ।

## ଅପରେସନ୍ ସିନ୍ଦୂରର ନୂଆ ଭିଡିଓ ଜାରିକଲା ସେନା

ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି): ଭାରତୀୟ ସେନା ରବିବାର ଅପରେସନ ସିନ୍ଦୂରର ନୂଆ ଭିଡିଓ ଜାରି କରିଛି। ଏଥିରେ ପାକିସ୍ତାନ ବିରୋଧରେ ଭାରତୀୟ ସେନାର ଜବାବୀ ସାମରିକ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁଛି। ଗତ ୧୦ ତାରିଖରେ ପାକିସ୍ତାନ ସେନା ଯେଉଁ ପୋଷ୍ଟରୁ ଆକ୍ରମଣ କରୁଥିଲା ତାହାକୁ ଉଡ଼ାଇ ମାଟିରେ ମିଶାଇ ଦିଆଯାଇଛି ବୋଲି ଏହି ଭିଡିଓରେ କୁହାଯାଉଛି। ଏହା ପହଲଗାମ ଆକ୍ରମଣର ପ୍ରତିଶୋଧ ନୁହେଁ, ବରଂ ନ୍ୟାୟ। ଏହା କ୍ରୋଧ ନୁହେଁ, ବରଂ ଶତ୍ରୁକୁ ଭବିଷ୍ୟତ ପାଇଁ ଉଚିତ ଶିକ୍ଷା ଦେବା ନିମନ୍ତେ ଉଦ୍ଦିଷ୍ଟ ବୋଲି କୁହାଯାଇଛି। ସେନାର ୱେଷ୍ଟର୍ଣ୍ଣ କମାଣ୍ଡ ସୋସିଆଲ ମିଡିଆରେ ଏହି ଭିଡିଓ ସେୟାର କରିଛି। ଗୁଳିଗୋଳା ମାଡ଼ କରି ପାକିସ୍ତାନ ସେନା ପୋଷ୍ଟ ଉଡ଼ାଉଥିବା ଦେଖିବାକୁ ମିଳୁଛି।

## ମହାରାଷ୍ଟ୍ର କାରଖାନାରେ ନିଆଁ; ୮ ମୃତ

ମୁମ୍ବାଇ, ୧୮।୫ (ଏଜେନ୍ସି): ମହାରାଷ୍ଟ୍ର ସୋଲାପୁର ଜିଲ୍ଲାର ଅକଲକୋଟ ମାର୍ଗରେ ଥିବା ସେଣ୍ଟ୍ରାଲ ଟେକ୍ସଟାଇଲ ମିଲ୍ସରେ ରବିବାର ସକାଳ ୩ଟା୪୫ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତିନି ମହିଳା, ଜଣେ ଶିଶୁ ସମେତ ୮ ଜଣଙ୍କ ମୃତ୍ୟୁ ହୋଇଛି। ସର୍ଟ ସର୍କିଟରୁ ଏପରି ହୋଇଥିବା ଜଣାପଡିଛି। ମୃତକଙ୍କ ମଧ୍ୟରେ କାରଖାନାର ମାଲିକ ହାଜି ଉସମାନ ହସନଭାଇ ମନସୁରୀ, ତାଙ୍କର ଦେଢ ବର୍ଷର ନାତି ସମେତ ପରିବାରର ତିନି ସଦସ୍ୟ ଏବଂ ୪ କର୍ମଚାରୀ ଏଥିରେ ପ୍ରାଣ ହରାଇଛନ୍ତି। ଏହି ନିଆଁକୁ ନିୟନ୍ତ୍ରଣ କରିବାରେ ୫ରୁ ୬ ଘଣ୍ଟା ଲାଗି ଯାଇଥିଲା।

## 'ସଂସଦ ରତ୍ନ ସମ୍ମାନ'ରେ ସମ୍ମାନିତ ହେବେ ୧୭ ସାଂସଦ

ନୂଆଦିଲ୍ଲୀ,୧୮।୫(ଏଜେନ୍ସି): ଚଳିତ ବର୍ଷ ୧୭ ସାଂସଦ 'ସଂସଦ ରତ୍ନ ପୁରସ୍କାର -୨୦୨୫'ରେ ସମ୍ମାନିତ ହେବେ। ଏଥିପାଇଁ ସେମାନଙ୍କୁ ଚୟନ କରାଯାଇ ନାମ ଘୋଷଣା କରାଯାଇଛି। ଏହି ୧୭ ସାଂସଦଙ୍କ ମଧ୍ୟରୁ ମହାରାଷ୍ଟ୍ରର ସର୍ବାଧିକ ୭ ଜଣ ସାଂସଦ ରହିଛନ୍ତି। ସଂସଦରେ ଉଲ୍ଲେଖନୀୟ କାର୍ଯ୍ୟଶୈଳୀ, ସ୍ଥିର ଏବଂ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ସାଂସଦମାନଙ୍କୁ ଏହି ପୁରସ୍କାର ପ୍ରତିବର୍ଷ 'ପ୍ରାଇମ୍ ପଏଣ୍ଟ ଫାଉଣ୍ଡେସନ୍' ଦ୍ୱାରା ପ୍ରଦାନ କରାଯାଇଥାଏ। ଭର୍ତ୍ତୃହରି ମହତାବ, ସୁପ୍ରିୟା ସୁଲେ, ଏନ. ଅଫ୍. ପ୍ରେମଚନ୍ଦ୍ରନ୍, ଶ୍ରୀରଙ୍ଗ ବରଣେଙ୍କ ସମେତ ପ୍ରବୀଣ ପଟେଲ, ରବି କିଶନ, ନିଶିକାନ୍ତ ଦୁବେ, ବିଦ୍ୟୁତ ବାରନ ମହୋ, ପି ପି ଚୌଧୁରୀ, ମଦନ ରାଠୋଡ, ସି ଏନ ଅନ୍ନଦୁରାଇ, ଦିଲୀପ ସାଇକିଆ, ଅରବିନ୍ଦ ସାୱନ୍ତ, ନରେଶ ମହସ୍କେ, ସ୍ମିତା ୱାଘ, ମେଧା କୁଲକର୍ଣ୍ଣି ଏବଂ ବର୍ଷା ଗାୟକୱାଡ ଏହି ସମ୍ମାନ ପାଇବେ।

ମଝି ଆକାଶରେ ଆତଙ୍କ

## ବିନା ପାଇଲଟ୍‌ରେ ୧୦ ମିନିଟ୍ ଉଡ଼ିଲା ବିମାନ

ବର୍ଲିନ, ୧୮।୫ (ଏଜେନ୍ସି): ଏକ ବଡ଼ ବିପଦ ଅଳ୍ପକେ ଟଳି ଯାଇଛି। ମଝି ଆକାଶରେ କୋ-ପାଇଲଟ ସଂଜ୍ଞାହୀନ ହୋଇ ପଡ଼ିଛନ୍ତି। ଏଥିପାଇଁ ବିମାନଟି ୧୦ ମିନିଟ ପର୍ଯ୍ୟନ୍ତ ବିନା ପାଇଲଟରେ ରହିଥିଲା। ଏହା ଅଟୋ-ପାଇଲଟ ମୋଡ୍‌କୁ ଚାଲି ଯାଇଥିଲା। ଜର୍ମାନୀର ଲୁଫ୍‌ଥଂସା ବିମାନ ଏ୩୨୧ରେ ଏଭଳି ଘଟଣା ଘଟିଥିଲା। ପାଇଲଟ ବିଶ୍ରାମ କକ୍ଷକୁ ଯାଇଥିବାବେଳେ କୋ-ପାଇଲଟ ସଂଜ୍ଞାହୀନ ହୋଇ ଯାଇଥିଲେ। ଏହି ସମୟରେ ବିମାନରେ ୧୯୯ ଯାତ୍ରୀ ଯାତ୍ରା କରୁଥିଲେ। ଏହା ଜର୍ମାନୀର ଫ୍ରାଙ୍କଫର୍ଟରୁ ସ୍ପେନର ସେଭିଲେକୁ ଯାଉଥିଲା। ୨୦୨୪ ଫେବୃଆରୀ ୧୭ରେ ଘଟିଥିବା ଏହି ଘଟଣା ଏବେ ସାମ୍ନାକୁ ଆସିବା ପରେ ଚର୍ଚ୍ଚା ଜୋର୍ ଧରିଛି।

ଗାଜାରେ ଇସ୍ରାଏଲ୍ ସେନାର ଗ୍ରାଉଣ୍ଡ ଅପରେସନ୍ ଜୋର୍‌ଦାର୍

# ୨୪ ଘଣ୍ଟା ଭିତରେ ପୁଣି ୧୦୫ ଜଣଙ୍କ ମୃତ୍ୟୁ



ତେଲ୍ ଆଭିଭ୍,୧୮।୫(ଏଜେନ୍ସି): ଗତ ୩ ଦିନ ଧରି ଇସ୍ରାଏଲ ସେନା ଗାଜା ଉପରେ ଆକ୍ରମଣ ଜୋରଦାର କରିଥିଲା ବେଳେ ଇତିମଧ୍ୟରେ ଶହ ଶହ ଲୋକଙ୍କ ମୃତ୍ୟୁ ହେବା ସହିତ ୩୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଗତକାଲି ସୁଦ୍ଧା ଉତ୍ତର ଗାଜାରେ ୨୫୦ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଥିଲା। ଏହାପରେ ରବିବାର ମଧ୍ୟାହ୍ନ ସୁଦ୍ଧା ଆଉ ୧୦୫ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଉତ୍ତର ଗାଜାର ବିଭିନ୍ନ ସ୍ଥଳରେ ଇସ୍ରାଏଲ ସେନା ଗ୍ରାଉଣ୍ଡ ଅପରେସନକୁ ଜୋରଦାର କରିଥିବାରୁ ମୃତ୍ୟୁସଂଖ୍ୟା ବଢିବାରେ ଲାଗିଛି। ରବିବାର ସକାଳେ ଉତ୍ତର ଗାଜାର ଏକ ମେଡିକାଲ ସଂଲଗ୍ନ ଅଞ୍ଚଳରେ ଆକ୍ରମଣ କରାଯାଇଥିବାରୁ ଏଠାରେ ବହୁ ଶିଶୁଙ୍କ ସମେତ ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଇସ୍ରାଏଲ ଏବଂ ହମାସ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରବିରତି ଏବଂ ପଣବନ୍ଦୀଙ୍କୁ ମୁକ୍ତ କରିବା ନେଇ ବୁଝାମଣା ହେବା ସମ୍ଭବ ନ ହେବାରୁ ଇସ୍ରାଏଲ ସେନା ବେଳକୁ ବେଳ ଆକ୍ରମଣ ଜୋରଦାର କରିବାରେ ଲାଗିଛି। ଗାଜାରୁ ଇସ୍ରାଏଲ ସେନାର ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ହମାସ ଦାବି କରିଛି। ଅନ୍ୟପକ୍ଷରେ ହମାସ କବଳରେ ରହିଥିବା ଇସ୍ରାଏଲୀ ବନ୍ଧକମାନଙ୍କୁ ମୁକ୍ତ କରା ନଗଲେ ଇସ୍ରାଏଲ ଆକ୍ରମଣ ବନ୍ଦ କରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ସ୍ପଷ୍ଟ କରିଦେଇଛନ୍ତି। ଯାହାକୁ ନେଇ ଉତ୍ତର ଗାଜା ସ୍ଥିତି ଅଧିକ ଗମ୍ଭୀର ହୋଵରେ ଲାଗିଛି।

■ ଇଟାଲିଆନ୍ ଓପନ୍ ଟେନିସ

## ଏକକ ପରେ ଯୁଗଳ ଟାଇଟଲ୍ ଜିତିଲେ ପାଓଲିନି



ରୋମ,୧୮ ।୫(ଏଜେନ୍ସି): ଘରୋଇ ପରିବେଶରେ ଇଟାଲୀର ମହିଳା ଟେନିସ ତାରକା ଜସ୍ମିନ୍ ପାଓଲିନି ଇଟାଲିଆନ୍ ଡବ୍ଲ୍ୟୁଟିଏ ଓପନ ୧୦୦୦ ଟୁର୍ଣ୍ଣାମେଣ୍ଟରେ ଉଭୟ ମହିଳା ଏକକ ଓ ଯୁଗଳ ପ୍ରତିଯୋଗିତାରେ ଚାମ୍ପିଅନ ହେବା ସହ ବିରଳ ସଫଳତା ଅର୍ଜନ କରିଛନ୍ତି । ମହିଳା ଏକକ ଫାଇନାଲ ମୁକାବିଲାରେ ଷଷ୍ଠ ସିଡ୍ ମାନ୍ୟତା ପାଇଥିବା ପାଓଲିନି ୬-୪, ୬-୨ ସିଧାସଳଖ ସେଟ୍‌ରେ ଚତୁର୍ଥ ସିଡ୍ ଆମେରିକାର କୋକୋ ଗଫଙ୍କୁ ପରାସ୍ତ କରି ପ୍ରଥମଥର ପାଇଁ ଇଟାଲିଆନ୍ ଟାଇଟଲ ଜିତିଛନ୍ତି । ୪୦ ବର୍ଷ ପରେ ସେ ପ୍ରଥମ ଇଟାଲି ମହିଳା ଖେଳାଳି ଭାବେ ଏହି ଟାଇଟଲ ଜିତିଛନ୍ତି । ପୂର୍ବରୁ ୧୯୮୫ରେ ରାଫାଏଲା ରେଗି ପ୍ରଥମ ଇଟାଲି ମହିଳା ଭାବେ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲେ । ୨୯ ବର୍ଷୀୟା ପାଓଲିନ୍ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଓପନ ଏରାରେ ଇଟାଲିଆନ ଟାଇଟଲ ଜିତିଛନ୍ତି । ପୂର୍ବରୁ ସେମିଫାଇନାଲରେ ପାଓଲିନି ୭-୫, ୬-୧ ସେଟ୍‌ରେ ଆମେରିକାର ପେଟୋନ ଷ୍ଟେର୍ଣ୍ଣସଙ୍କୁ ହରାଇ ଫାଇନାଲ ଟିକଟ ହାସଲ କରିଥିଲେ । ଏଥିସହ ପାଓଲିନ୍ କ୍ୟାରିଅରର ତୃତୀୟ ଟାଇଟଲ ହାସଲ କରିଛନ୍ତି ।

### ପାଓଲିନି- ଇରାନୀ ଚାମ୍ପିଅନ୍

ଅପରପକ୍ଷରେ ମହିଳା ଯୁଗଳ ପ୍ରତିଯୋଗିତାରେ ପାଓଲିନ୍ ଓ ଇଟାଲୀର ଅନ୍ୟତମ ଅଭିଜ୍ଞ ମହିଳା ଖେଳାଳି ସାରା ଇରାନୀ ମହିଳା ଯୁଗଳ ଟାଇଟଲ ହାସଲ କରିଛନ୍ତି । ତୃତୀୟ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ଫାଇନାଲ ମ୍ୟାଚ୍‌ରେ ବେଲଜିୟମର ଏଲିନ ମେର୍ଟେନ୍ସ ଓ ରୁଷିଆର ଭେରୋନିକା କୁଡେରମୋଟୋଭାଙ୍କୁ ୬-୪, ୭-୫ ସିଧାସଳଖ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି । ୩୫ ବର୍ଷ ପରେ ପାଓଲିନ୍ ପ୍ରଥମ ଖେଳାଳି ଭାବେ ଇଟାଲିଆନ ଓପନର ଉଭୟ ଏକକ ଓ ଯୁଗଳ ଟାଇଟଲ ହାସଲ କରିଛନ୍ତି । ପୂର୍ବରୁ ୧୯୯୦ରେ ମୋନିକା ସେଲେସ୍ ରୋମରେ ଏକକ ଓ ଯୁଗଳ ଟାଇଟଲ ଜିତିଥିଲେ ।

# ସ୍ୱତନ୍ତ୍ର ହେବ ସୁଟିଂ ଲିଗ୍ ଅଫ୍ ଇଣ୍ଡିଆର ପ୍ରଥମ ସଂସ୍କରଣ



ପ୍ରଥମଥର ପାଇଁ ଭାରତରେ ଆୟୋଜନ ହେବାକୁ ଯାଉଛି ସୁଟିଂ ଲିଗ୍ ଅଫ୍ ଇଣ୍ଡିଆ (ଏସ୍‌ଏଲ୍‌ଆଇ) । ଚଳିତ ବର୍ଷ ନଭେମ୍ବର ୨୦ରୁ ଡିସେମ୍ବର ୨ ମଧ୍ୟରେ ଏହି ଲିଗ୍ ଆୟୋଜନ ହେବ ବୋଲି ଆଶା କରାଯାଉଛି । ବିଶ୍ୱ ତଥା ଅଲିମ୍ପିକ ସୁଟିଂର ସର୍ବୋଚ୍ଚ ଅନ୍ତର୍ଜାତୀୟ ସୁଟି ସ୍ପୋର୍ଟ୍ସ ଫେଡେରେସନ (ଆଇଏସ୍‌ଏସ୍‌ଏଫ୍) ଆନୁଷ୍ଠାନିକ ଭାବେ ଏହି ଲିଗ୍ ପାଇଁ ନଭେମ୍ବର-ଡିସେମ୍ବର ୱିଣ୍ଡୋ ପ୍ରଦାନ କରିବା ସହ ସ୍ୱୀକୃତି ଦେଇଛି । ଫ୍ରାଞ୍ଚାଇଜ୍ ପର୍ଯ୍ୟବସିତ ଏହି ଲିଗ୍ ପ୍ରଥମେ ଗତ ମାର୍ଚ୍ଚରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା । ଏହି ଲିଗ୍ ସ୍ୱତନ୍ତ୍ର ହେବ ବୋଲି ନ୍ୟାସନାଲ ରାଇଫଲ ଆସୋସିଏସନ ଅଫ୍ ଇଣ୍ଡିଆ (ଏନ୍‌ଆରଏଆଇ) ସଭାପତି କଳିକେଶ ନାରାୟଣ ସିଂଦେଓ କହିଛନ୍ତି । ଲିଗ୍‌ର ଆୟୋଜନ ନେଇ ଏନ୍‌ଆରଏଆଇର ବୈଠକ ଅନୁଷ୍ଠିତ ହୋଇଛି ଓ ଏଥିରେ କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ।

### ୬ରୁ ୮ ଫ୍ରାଞ୍ଚାଇଜ ଭାଗ ନେବେ

ମୋଟ ଉପରେ ୬ରୁ ୮ଟି ସହର ପର୍ଯ୍ୟବସିତ ଫ୍ରାଞ୍ଚାଇଜ୍ ନୀଲାମି ମାଧ୍ୟମରେ ଦଳ ଗଠନ କରିବେ । ପ୍ରତ୍ୟେକ ଦଳରେ ୬ଜଣ ପୁରୁଷ ଓ ମହିଳା ଆଥଲେଟ୍‌ଙ୍କୁ ନେଇ ମୋଟ ୧୨ ସୁଟର ସାମିଲ ହେବେ । ଦଳରେ ୨ ଜଣ ଲେଖାଏ ବିଦେଶୀ ପୁରୁଷ ଓ ମହିଳା ସୁଟରଙ୍କୁ ସାମିଲ କରାଯିବ । ସୁଟିଂକୁ ସାଧରଣତଃ କମ୍ ସଂଖ୍ୟକ ଦର୍ଶକ ଦେଖିଥାନ୍ତି । ତେଣୁ ଦର୍ଶକଙ୍କ ସଂଖ୍ୟା ଅର୍ଥାତ ଭ୍ୟୁୟରସିପ୍ ନିଶ୍ଚିତ ଭାବେ ଲିଗ୍ ପାଇଁ ଏକ ଚ୍ୟାଲେଞ୍ଜ ହୋଇ ରହିବ ବୋଲି ସିଂଦେଓ କହିଛନ୍ତି । ଏଥିରେ ବୃଦ୍ଧ ଆଣିବା ପାଇଁ ସୋସିଆଲ ମିଡିଆ ଭଳି ବିଭିନ୍ନ ପ୍ଲାଟଫର୍ମକୁ ବ୍ୟବହାର କରାଯିବ ଓ କ୍ରୀଡ଼ାପ୍ରେମୀଙ୍କ ନକଟରେ ଏହି ଲିଗ୍‌କୁ ପହଞ୍ଚାଇବାକୁ ପ୍ରୟାସ କରାଯିବ ବୋଲି ସେ କହିଛନ୍ତି ।

### ୬ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ

ମୋଟ ୬ଟି ଇଭେଣ୍ଟକୁ ନେଇ ପ୍ରତିଯୋଗିତା ଆୟୋଜନ ହେବ । ଏଗୁଡିକ ହେଲା ପିସ୍ତଲରେ ୧୦ମି. ଓ ୨୫ମି. । ରାଇଫଲ୍‌ରେ ୧୦ମି, ୫୦ମି. ୩ ପୋଜିସନ ଏବଂ ଶଟଗନ୍‌ରେ ଟ୍ରାପ୍ ଓ ସ୍କିଟ୍ । ଏଥର ଗୋଟିଏ ଭେନ୍ୟୁରେ ଲିଗ୍ ଆୟୋଜନ ହେବ । ଲିଗ୍ ଆକର୍ଷଣୀୟ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କଳିକେଶ କହିଛନ୍ତି ।

# କାନିତକର ଭାରତ-ଏ’ର ହେଡ୍ କୋଚ୍

ନୂଆଦିଲ୍ଲୀ,୧୮।୫ (ଏଜେନ୍ସି): ହୃଷୀକେଶ କାନିତକରଙ୍କୁ ଇଂଲଣ୍ଡ ଗସ୍ତରେ ଯିବାକୁ ଥିବା ଭାରତ-ଏ’ ଦଳର ହେଡ୍ କୋଚ୍ ନିଯୁକ୍ତ କରାଯାଇଛି । ମହାରାଷ୍ଟ୍ରର କାନିତକରଙ୍କ ବ୍ୟତୀତ ଆସାମର ଶୁଭଦୀପ ଘୋଷଙ୍କୁ ଫିଲ୍ଡିଂ, ଟ୍ରଏ କୁଲୀଙ୍କୁ ବୋଲିଂ କୋଚ୍ ଦାୟିତ୍ୱ ଦିଆଯାଇଛି । ଦୁଇଦିନ ପୂର୍ବରୁ ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱରେ ଏକ ୧୮ ଜଣିଆ ଖେଳାଳି ଦଳ ଘୋଷଣା କରାଯାଇଥିଲା । ଇଂଲଣ୍ଡ ଗସ୍ତରେ ଭାରତ-ଏ’ ୩ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବ । ଏହା ମଧ୍ୟରୁ ପ୍ରଥମ ୪ ଦିନିଆ ମ୍ୟାଚ୍ ଇଂଲଣ୍ଡ ଲାୟନ୍ସ ସହ କାଣ୍ଟରବରୀରେ ମେ ୩୦ରୁ ଆରମ୍ଭ ହେବ । ନର୍ଥାମ୍ପଟନରେ ଜୁନ୍ ୬ରୁ ଦ୍ୱିତୀୟ ମ୍ୟାଚ୍ ଆରମ୍ଭ ହେବ । ଏହି ମ୍ୟାଚ୍‌ରେ ଶୁବମନ ଗିଲ୍ ଓ ସାଇ ସୁଦର୍ଶନ ଖେଳିବେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି । ତୃତୀୟ ମ୍ୟାଚ୍‌ଟି ଭାରତ ସିନିୟର ଦଳ ସହ ଖେଳିବ । ବେକେନହାମ୍‌ରେ ଏହି ମ୍ୟାଚ୍ ଜୁନ୍ ୧୩ରୁ ୧୬ ଯାଏ ଖେଳାଯିବ । ଭାରତ-ଏ’ ଦଳ ମେ ୨୫ ଓ ୨୬ରେ ଦୁଇ ଦଫାରେ ଇଂଲଣ୍ଡ ଯିବେ । ଏହା ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ମେ ୨୩ରେ ମନୋନୀତ ହେବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ଆଇପିଏଲ୍ ସ୍ଥଗିତ ରହିବା ଫଳରେ ଟେଷ୍ଟ ଦଳ ଚୟନ କିଛି ଦିନ ବିଳମ୍ବ ହୋଇପାରେ । ମନୋନୀତ ଦଳ ଜୁନ୍ ୬ରେ ପ୍ରଥମ ପର୍ଯ୍ୟାୟରେ ଇଂଲଣ୍ଡ ଯିବ । ହେଡିଂଲେରେ ଜୁନ୍ ୨୦ରୁ ସିରିଜ୍‌ର ପ୍ରଥମ ଟେଷ୍ଟ ଖେଳାଯିବ । ଏହା ପରେ ବର୍ମିହାମ୍‌ରେ ଜୁଲାଇ ୨ରୁ ଦ୍ୱିତୀୟ ଟେଷ୍ଟ, ଲର୍ଡ୍ସରେ ଜୁଲାଇ ୧୦ରୁ ତୃତୀୟ, ମାଞ୍ଚେଷ୍ଟରରେ ଜୁଲାଇ ୨୩ରୁ ଚତୁର୍ଥ ଓ ଓଭାଲରେ ଜୁଲାଇ ୩୧ରୁ ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଖେଳାଯିବ ।



**ଭାରତ-ଏ ଦଳ:** ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ଧ୍ରୁବ ଜୁରେଲ (ଉପ-ଅଧିନାୟକ, ୱିକେଟକିପର), ଯଶସ୍ୱୀ ଜୟସ୍ୱାଲ, କରୁନ ନାୟାର, ନୀତୀଶ କୁମାର ରେଡ୍ଡୀ, ଶାର୍ଦ୍ଦୁଳ ଠାକୁର, ଇଶାନ କିଶାନ (ୱିକେଟକିପର), ମାନବ ସୁତାର, ତନୁଷ କୋଟିଆନ, ମୁକେଶ କୁମାର, ଆକାଶଦୀପ୍, ହର୍ଷିତ ରାଣା, ଅଂଶୁଳ କାମ୍ବୋଜ, ଖଲିଲ ଅହମ୍ମଦ, ଋତୁରାଜ ଗାଏକ୍ୱାଡ, ସର୍ଫରାଜ ଖାନ୍, ତୁଷାର ଦେଶପାଣ୍ଡେ ଓ ହର୍ଷ ଦୁବେ । - ଶୁବମାନ ଗିଲ ଓ ସାଇ ସୁଦର୍ଶନ ଦ୍ୱିତୀୟ ମ୍ୟାଚ୍‌ରେ ଯୋଗ ଦେବେ ।

■ ରାଜ୍ୟ ଶିଶୁ ଚେସ୍ ପ୍ରତିଯୋଗିତା

## ରିୟାନ୍ସ, ପ୍ରଜ୍ଞାନ, ଅନ୍ୱେଷା ଅଗ୍ରଣୀ



ଭୁବନେଶ୍ୱର,୧୮।୫ (ସମିସ): ଅଲ୍ ଓଡ଼ିଶା ଚେସ ସଂଘ ଓ ମାଷ୍ଟର ଚେସ୍ ଫାଉଣ୍ଡେସନର ମିଳିତ ସହଯୋଗରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟ ୭ ବର୍ଷରୁ କମ୍ ଶିଶୁ ଚେସ୍ ପ୍ରତିଯୋଗିତା ଜାରି ରହିଛି । ପ୍ରତିଯୋଗିତାର ଦ୍ୱିତୀୟ ଦିନ ଓପନ କାଟାଗୋରୀରେ ସୁନ୍ଦରଗଡ଼ର ରିୟାନ୍ସ ଅଗରୱାଲ ଓ ଖୋର୍ଦ୍ଧାର ପ୍ରଜ୍ଞାନ ମିଶ୍ର ଷଷ୍ଠ ରାଉଣ୍ଡ ଶେଷସୁଦ୍ଧା ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି । ସେମାନଙ୍କ ପଛକୁ ଅନ୍ୟ ୩ଜଣ ଖେଳାଳି ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେମାନେ ହେଲେ କଟକର ଶିବାଂସଜିତ ସାସ୍ମଲ, ଖୋର୍ଦ୍ଧାର କାବ୍ୟାଂଶ ଚକ୍ରବର୍ତ୍ତୀ ଓ କଟକର କ୍ରିସିତ୍ ପଣ୍ଡା । ବାଳିକା ବିଭାଗରେ ଖୋର୍ଦ୍ଧାର ଅନ୍ୱେଷା ମିଶ୍ର ୬ ପଏଣ୍ଟ ସଂଗ୍ରହ କରି ଏକାକୀ ପ୍ରଥମ ସ୍ଥାନରେ ରହିଛନ୍ତି । ଖୋର୍ଦ୍ଧାର ପ୍ରତ୍ୟାକ୍ଷା ସମ୍ଭାବୀ ପଣ୍ଡା ୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଆସନ୍ତାକାଲି ଏହି ପ୍ରତିଯୋଗିତାର ଆଉ ୨ ରାଉଣ୍ଡ ଖେଳ ହେବ । ଏଥିରେ ଉଭୟ ବିଭାଗରେ ପ୍ରଥମ ୪ଟି ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ । ଜୁନ୍ ୧ରୁ ୫ ତାରିଖଯାଏ ଏହି ପ୍ରତିଯୋଗିତା ଆୟୋଜିତ ହେବ ।

# ୩୧ରୁ ପ୍ରୋ କବାଡ଼ି ଲିଗ୍ ଖେଳାଳି ନିଲାମୀ

## ଅଂଶଗ୍ରହଣ କରିବେ ୫୦୦ ଖେଳାଳି

ନୂଆଦିଲ୍ଲୀ,୧୮ ।୫(ଏଜେନ୍ସି): ପ୍ରୋ କବାଡି ଲିଗ୍ (ପିକେଏଲ୍)ର ଆଗାମୀ ଦ୍ୱାଦଶ ସଂସ୍କରଣ ପାଇଁ ଆସନ୍ତା ମେ ୩୧ ଓ ଜୁନ୍ ୧ ତାରିଖରେ ଖେଳାଳି ନିଲାମୀ ଅନୁଷ୍ଠିତ ହେବ । ପ୍ରାୟ ସବୁ ଫ୍ରାଞ୍ଚାଇଜ୍ ସେମାନଙ୍କ ତାରକା ଖେଳାଳିଙ୍କୁ ରିଟେନ ଅର୍ଥାତ ବଜାୟ ରଖିଛନ୍ତି । ୟୁ ମୁମ୍ବା ସୁନୀଲ କୁମାର ଓ ଅମୀର ମହମ୍ମଦ ଜାଫର ଦାନେଶଙ୍କୁ ବଜାୟ ରଖିଥିବା ବେଳେ ଜୟଦୀପ ଦହିୟାଙ୍କୁ ହରିୟାଣା ଷ୍ଟିଲର୍ସ ବଜାୟ ରଖିଛି । ସେହିପରି ସୁରେନ୍ଦର ଗିଲ୍‌ଙ୍କୁ ୟୁପି ଯୋଦ୍ଧାସ ଏବଂ ଅସଲାମ ଇନାମଦାର ଓ ମୋହିତ ଗୋୟାତଙ୍କୁ ପୁନେରୀ ପଲଟନ ନିଲାମୀକୁ ଛାଡିନାହିଁ । ଏଥର ନିଲାମୀ ମୋଟ ୫୦୦ ଖେଳାଳି ଭାଗନେବେ ।

### ୩ ବର୍ଗରେ ବଜାୟ ରହିଲେ ୮୩ ଖେଳାଳି

୩ଟି ବର୍ଗରେ ମୋଟ୍ ଉପରେ ୮୩ ଜଣ ଖେଳାଳିଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜ୍‌ମାନେ ବଜାୟ ରଖିଛନ୍ତି । ଏହି ବର୍ଗଗୁଡିକ ହେଲା ଏଲିଟ୍ ରିଟେନ ପ୍ଲେୟର୍ସ (ଇଆରପି), ରିଟେନ୍‌ଡ ୟଙ୍ଗ ପ୍ଲେୟର୍ସ (ଆରୱାଇପି) ଓ ନ୍ୟୁ ୟଙ୍ଗ ପ୍ଲେୟର୍ସ (ଏନ୍‌ୱାଇପି) ।



ଇଆରପି ବର୍ଗରେ ୨୫, ଆରୱାଇପି ବର୍ଗରେ ୨୩ ଓ ଏନ୍‌ୱାଇପି ବର୍ଗରେ ୩୫ ଖେଳାଳିଙ୍କୁ ଫ୍ରାଞ୍ଚାଇଜ୍‌ମାନେ ବଜାୟ ରଖିଛନ୍ତି । ଏମାନଙ୍କ ମଧ୍ୟରୁ ଏକାଧିକ ଜଣାଶୁଣା ଦେଶୀ ଓ ବିଦେଶୀ ଖେଳାଳି ସାମିଲ ରହିଛନ୍ତି । ପବନ ସେରାୱତ୍, ଅର୍ଜୁନ ଦେଶୱାଲ, ଆଶୁ ମଲିକ ଓ ଗତ ସଂସ୍କରଣର ଶ୍ରେଷ୍ଠ ରାଇଡର ଦେବଙ୍କ ଦଲାଲଙ୍କ ପରି ପ୍ରତିଷ୍ଠିତ ଖେଳାଳିମାନେ ନିଲାମୀରେ ସାମିଲ ହେବେ । ସେହିପରି ଇରାନର ଫାଜେଲ ଅତ୍ରାଚଲି ଓ ମହମ୍ମଦ୍ରେଜା ଶାଦଲୋଉଇ ଏବଂ ମନିନ୍ଦର ସିଂ ଓ ପ୍ରଦୀପ ନରୱାଲଙ୍କ ଭଳି ଅଭିଜ୍ଞ ଖେଳାଳି ମଧ୍ୟ ନିଲାମୀରେ ସାମିଲ ହେବେ । ନିଲାମୀରେ ଖେଳାଳିମାନଙ୍କୁ ଏ (୩୦ ଲକ୍ଷ ଟଙ୍କା), ବି (୨୦ ଲକ୍ଷ), ସି (୧୩ ଲକ୍ଷ) ଓ ଡି ( ୯ ଲକ୍ଷ) ବର୍ଗରେ ବିଭକ୍ତ କରାଯାଇଛି । ପୁଣି ପ୍ରତ୍ୟେକ ବର୍ଗରେ ଖେଳାଳିମାନଙ୍କୁ ଅଲରାଉଣ୍ଡର୍ସ, ଡିଫେଣ୍ଡର୍ସ ଓ ରାଇଡର୍ସରେ ବିଭକ୍ତ କରାଯିବ । ନିଲାମୀ ପାଇଁ ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ପାଇଁ ୫ କୋଟି ଟଙ୍କାର ପର୍ସ ରଖାଯାଇଛି ।

## କ୍ରିଷ୍ଟାଲ ପ୍ୟାଲେସ୍ ପ୍ରଥମଥର ଫା କପ୍ ଚାମ୍ପିଅନ



ୱେମ୍ବଲି,୧୮ ।୫(ଏଜେନ୍ସି): ଇଂଲିଶ ଫୁଟବଲ ପ୍ରଣାଳୀର ସର୍ବଶ୍ରେଷ୍ଠ ନକ୍‌ଆଉଟ୍ ଟୁର୍ଣ୍ଣାମେଣ୍ଟ ବିବେଚିତ ହେଉଥିବା ଫା କପ୍‌ରେ ଏଥର କ୍ରିଷ୍ଟାଲ ପ୍ୟାଲେସ୍ ବାଜି ମାରିଛି । ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ୱିମ୍ବଲି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କ୍ରିଷ୍ଟାଲ ପ୍ୟାଲେସ୍ ୧-୦ ଗୋଲରେ ଅନ୍ୟତମ ଫେବରାଇଟ ତଥା ହାଇପ୍ରୋଫାଇଲ କ୍ଲବ ମାଞ୍ଚେଷ୍ଟର ସିଟିକୁ ନାଟକୀୟ ଢ଼ଙ୍ଗରେ ପରାସ୍ତ କରି ପ୍ରଥମଥର ପାଇଁ ଫା କପ୍ ଟାଇଟଲ ହାସଲ କରିଛି । ଏଥିସହ କ୍ରିଷ୍ଟାଲ ପ୍ରଥମଥର ପାଇଁ କୌଣସି ମେଜର ଟ୍ରଫି ଜିତିବାର ସ୍ୱାଦ ଚାଖିଛି । ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ କ୍ରିଷ୍ଟାଲ ତରଫରୁ ୧୬ତମ ମିନିଟ୍‌ରେ ଏବେରେଚି ଏଜ୍ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ । ମ୍ୟାଚ୍ ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ ଭାଗ୍ୟଦେବୀ ସହାୟ ହୋଇ ନଥିଲେ । ସଟ୍, ସଟ୍ ଅନ୍ ଟାର୍ଗେଟ, ବଲ୍ ପଜେସନ, ପାସ୍ ଓ ପାସ୍ ଆକ୍ୟୁରେସିରେ ସିଟି ଯଥେଷ୍ଟ ଆଗରେ ରହିଥିଲେ ମଧ୍ୟ ଏହାର ଫାଇଦା ଉଠାଇପାରି ନଥିଲା ।

■ ରାଜ୍ୟ ଓପନ ସ୍କୁଲ ଚେସ୍ ଚାମ୍ପିଅନସିପ୍

## ଆଦିତ୍ୟ ଚାମ୍ପିଅନ, ସତ୍ୟମ୍ ରନର୍ସଅପ୍



ଭୁବନେଶ୍ୱର, ୧୮।୫ (ସମିସ): ଆୟୋଜକ କଳିଙ୍ଗ ନଗର ଡିଏଭି ସ୍କୁଲ୍‌ର ଆଦିତ୍ୟ ଜେନା ୨୪ତମ ରାଜ୍ୟ ଓପନ ସ୍କୁଲ୍ ଚେସ୍ ଚାମ୍ପିଅନ ହୋଇଛନ୍ତି । କଳିଙ୍ଗ ନଗର ଡିଏଭି ସ୍କୁଲ୍ ଆନୁକୂଲ୍ୟରେ ଓ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଆଦିତ୍ୟ ଓ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । କିନ୍ତୁ ଟାଇବ୍ରେକରରେ ଆଦିତ୍ୟ ଚାମ୍ପିଅନ ହୋଇଥିଲାବେଳେ ସତ୍ୟମ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ । ଏମାନଙ୍କ ପଛକୁ ଆଉ ୩ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । ସେମାନଙ୍କ ମଧ୍ୟରୁ ଭୁବନେଶ୍ୱର ବିଜେଇଏମ୍ ସ୍କୁଲ୍-୧ର ସାଇ କ୍ରିଷ୍ଣା ସାମଲ ତୃତୀୟ, ଖଣ୍ଡଗିରି ମଦର୍ସ ପବ୍ଲିକ୍ ସ୍କୁଲ୍‌ର ସାଇ ସିଦ୍ଧାର୍ଥ ଚତୁର୍ଥ ଓ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ସୋମନାଥ ପ୍ରଧାନ ୫ମ ସ୍ଥାନ ଅଧିକାର କରିଥିଲେ । ଖେଳ ଶେଷରେ ଶ୍ରୀମତୀ ଶର୍ମିଳା ଦାଶ, ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ପୂର୍ବରୁ ଏହି ପ୍ରତିଯୋଗିତାକୁ ସ୍କୁଲ୍‌ର ଅଧ୍ୟକ୍ଷ ବଳରାମ ମହାପାତ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ ।

ବିଶ୍ୱ ସ୍କ୍ୱାଶ୍ ଚାମ୍ପିଅନସିପ୍

## ଏଲ୍ ଶେରବିନିଙ୍କୁ ୮ମ, ଆସଲଙ୍କୁ ପ୍ରଥମ ଟାଇଟଲ

ସିକାଗୋ,୧୮।୫ (ଏଜେନ୍ସି):

ଇଜିପ୍ଟର ଦୁଇ ତାରକା ଖେଳାଳି ନୁର ଏଲ ଶେରବିନି ଓ ମୋସ୍ତାଫା ଆସଲ ବିଶ୍ୱ ସ୍କ୍ୱାଶ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ଏଠାରେ ଶନିବାର ରାତିରେ ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଚାମ୍ପିଅନ ହେବା ଫଳରେ ମହିଳା ବିଭାଗରେ ଏଲ ଶେରବିନି ୮ମ ଓ ଆସଲ ପ୍ରଥମ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି । ମହିଳା ବିଭାଗରେ କ୍ରମାଗତ ୧୦ମ ଫାଇନାଲ ଖେଳୁଥିବା ୨୯ ବର୍ଷିୟା ଏଲ ଶେରବିନି ଫାଇନାଲରେ ବିଶ୍ୱର ନଂ-୩ ଖେଳାଳି ତଥା ନିଜ ଦେଶର ହାନିଆ ଏଲ୍ ହାମାମିଙ୍କୁ ୩-୧ ଫ୍ରେମ୍‌ରେ ପରାସ୍ତ କରି ୮ମ ଟାଇଟଲ ବିଜୟୀ ହୋଇଛନ୍ତି । ଏହା ଫଳରେ ସେ ନିକୋଲ ଡେଭିଡ୍‌ଙ୍କ ୮ମ ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ ସହ ସମକକ୍ଷ ହୋଇପାରିଛନ୍ତି । ‘ସମସ୍ତେ ନିକୋଲଙ୍କ ରେକର୍ଡ ସମ୍ପର୍କରେ କହନ୍ତି । ମୁଁ ସେତେବାଟ ଯାଇପାରିବି ବୋଲି ସ୍ୱପ୍ନରେ କେବେ ଭାବି ନ ଥିଲି । ଏବେ ତାଙ୍କ ରେକର୍ଡ ଟାଇଟଲ ସହ ସମକକ୍ଷ ହୋଇଛି ବୋଲି ବିଶ୍ୱାସ କରିହେଉନାହିଁ । ଏହି ସଫଳତାକୁ ମୁଁ ଭାଷାରେ ପ୍ରକାଶ କରିବା ସମ୍ଭବ




ନୁହେଁ’ ବୋଲି ବିଶ୍ୱର ନଂ-୨ ଖେଳାଳି ଏଲ ଶେରବିନି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

ପୁରୁଷ ବିଭାଗ ଫାଇନାଲରେ ବିଶ୍ୱର ନଂ-୧ ଖେଳାଳି ଆସଲ ୩-୦ରେ ଏକତରଫା ଭାବେ ବିଶ୍ୱର ନଂ-୨ ଖେଳାଳି ଅଲି ଫରଗଙ୍କୁ ପରାସ୍ତ କରିଥିଲେ । ୨୪ ବର୍ଷୀୟ ଆସଲଙ୍କର ଏହା ପ୍ରଥମ ବିଶ୍ୱ ଟାଇଟଲ । ଏଠାରେ ଚାମ୍ପିଅନ ହେବା ପରେ ସେ ଉଭୟ ପିଏସ୍‌ଏ ୱାର୍ଲ୍ଡ ଚାମ୍ପିଅନସିପ୍ ଓ ବ୍ରିଟିଶ ଓପନ ଟାଇଟଲ ସହ ନଂ-୧ ପୋଜିସନ ବଜାୟ ରଖିଛନ୍ତି । ପୂର୍ବରୁ ୪ଥରର ବିଶ୍ୱ ଚାମ୍ପିଅନ ଫରଗ ଏହି ସଫଳତା ପାଇଥିଲେ । ଏଠାରେ ଯଦି ଆସଲ ପରାଜିତ ହୋଇଥାନ୍ତେ, ତେବେ ସେ ବିଶ୍ୱର ନଂ-୧ ମାନ୍ୟତା ହରାଇଥାନ୍ତେ । ଏହି ପ୍ରତିଯୋଗିତାରେ ଭାରତରୁ ୬ଜଣ ଖେଳାଳି ଭାଗନେଇଥିଲେ । କିନ୍ତୁ ଜଣେ ହେଲେ ଖେଳାଳି ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିବାରେ ସମର୍ଥ ହୋଇପାରି ନ ଥିଲେ ।



# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

## କୋଭିଡ୍ ଲାଗି ଜାଏଣ୍ଟସ ବିପକ୍ଷ ମ୍ୟାଚ୍ ଖେଳିବେନି ହେଡ୍

ଲକ୍ଷ୍ନୌ, ୧୮ ।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ୬୧ତମ ମ୍ୟାଚରେ ସୋମବାର ଘରୋଇ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ପରସ୍ପର ସାମ୍ନାସାମ୍ନି ହେବେ । ତେବେ ହାଇଦରାବାଦ୍‌ର



ଦୁର୍ଦ୍ଧର୍ଷ ବ୍ୟାଟର୍ ଟ୍ରାଭିସ୍ ହେଡ୍ କୋଭିଡ୍-୧୯ର ଆକ୍ରାନ୍ତ ହୋଇଥିବାରୁ ଏହି ମ୍ୟାଚ୍ ଖେଳିବେ ନାହିଁ । ରବିବାର ସାମ୍ବାଦିକ ସମ୍ମିଳନୀରେ ହାଇଦରାବାଦ୍‌ର ମୁଖ୍ୟ ପ୍ରଶିକ୍ଷକ ଡାନିଏଲ୍ ଭିଟ୍ଟୋରୀ ଏହି ସୂଚନା ଦେଇଛନ୍ତି । ସନରାଇଜର୍ସର ପରବର୍ତ୍ତୀ ମ୍ୟାଚ୍‌ବେଳକୁ ସେ ସୁସ୍ଥ ହୋଇଯାଇଥିବେ ବୋଲି ଭିଟ୍ଟୋରୀ ଆଶାବାଦୀ ରହିଛନ୍ତି । ହେଡ୍ ଚଳିତ ଆଇପିଏଲ୍‌ରେ ୧୧ ମ୍ୟାଚ୍ ଖେଳି ୨୮.୧୦ ହାରରେ ୨୮୧ ରନ ସଂଗ୍ରହ କରିଛନ୍ତି । ହାଇଦରାବାଦ୍ ଚଳିତ ଆଇପିଏଲ୍‌ରେ ଲକ୍ଷ୍ନୌ ବିପକ୍ଷ ମ୍ୟାଚକୁ ମିଶାଇ ୩ଟି ମ୍ୟାଚ୍ ଖେଳିବାର ବାକି ରହିଛି ।

## ଭର୍ଷ୍ଟାପେନଙ୍କୁ ରେକର୍ଡ ଟାଇଟଲ୍

ଇମୋଲା (ଇଟାଲୀ), ୧୮ ।୫ (ଏଜେନ୍ସି): ରେଡ୍ ବୁଲ୍ସ ଚାଳକ ମାକ୍ସ ଭର୍ଷ୍ଟାପେନ ରବିବାର ଏଠାରେ ଅନୁଷ୍ଠିତ ଇମିଲିଆ-ରୋମାଗାନା ଗ୍ରାଁପ୍ରି ଫର୍ମୁଲା ୱାନ ରେସ୍‌ରେ ଚାମ୍ପିଅନ ହୋଇଛନ୍ତି । ୩୦୯.୦୪୯ କିମି ବିଶିଷ୍ଟ ଏହି ରେସକୁ ଭର୍ଷ୍ଟାପେନ ୧ ଘଣ୍ଟା ୩୧ ମିନିଟ୍ ୩୩.୧୯୯ ସେକେଣ୍ଡ ସମୟ ନେଇ ଫିନିସ୍ କରିବା ସହ ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ । ଏଥିସହ ରେଡ୍ ବୁଲ୍ସର ଭର୍ଷ୍ଟାପେନ ଏଠାରେ କ୍ରମାଗତ ୪ର୍ଥ ବର୍ଷ ଲାଗି ଚାମ୍ପିଅନ ହୋଇ ଇତିହାସ ରଚିଛନ୍ତି । ଏଥିପୂର୍ବରୁ ସେ ୨୦୨୧, ୨୦୨୨, ୨୦୨୪ରେ ଏଠାରେ ଟାଇଟଲ୍ ଜିତିଥିଲେ ।



ବନ୍ୟା ଲାଗି ୨୦୨୩ ସିଜନରେ ଏଠାରେ ରେସ୍ ଅନୁଷ୍ଠିତ ହୋଇ ନ ଥିଲା । ଅପରପକ୍ଷରେ ରବିବାର ଏହି ରେସ୍‌ରେ ପୋଲ୍ ପୋଜିସନରୁ ଆରମ୍ଭ କରିଥିବା ମ୍ୟାକ୍‌ଲରେନର ଚାଳକ ଓସ୍କାର ପିଆଷ୍ଟ୍ରି ୧୨.୯୫୬ ସେକେଣ୍ଡ ଅଧିକ ସମୟ ନେଇ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ । ମ୍ୟାକ୍‌ଲରେନର ଅନ୍ୟତମ ଚାଳକ ଲାଣ୍ଡୋ ନୋରିସ (+୬.୧୦୯ ସେକେଣ୍ଡ) ପ୍ରଥମ ରନର୍ସଅପ୍ ରହିଥିଲେ ।

## ସାଫ୍ ଫୁଟବଲ: ଭାରତ ଚାମ୍ପିଅନ

ନୂଆଦିଲ୍ଲୀ,୧୮ ।୫(ଏଜେନ୍ସି): ୧୯ ବର୍ଷରୁ କମ୍ ସାଫ୍ ଫୁଟବଲ ଚାମ୍ପିଅନସିପ୍‌ରେ ଭାରତ ଏଥର ଚାମ୍ପିଅନ ହୋଇଛି । ଅରୁଣାଚଳ ପ୍ରଦେଶର ୟୁପିଆସ୍ଥିତ ଗୋଲ୍ଡେନ ଜୁବୁଲି ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ପେନାଲ୍ଟି ସୁଟ୍‌ଆଉଟ୍‌ରେ ବାଂଲାଦେଶକୁ ୪-୩ ଗୋଲରେ ପରାସ୍ତ କରି ଟାଇଟଲ ହାସଲ କରିଛି । ଏହାପୂର୍ବରୁ ଭାରତ ଶ୍ରୀଲଙ୍କାକୁ ୮-୦, ନେପାଳକୁ ୪-୦ ଓ ସେମିଫାଇନାଲରେ ମାଳଦ୍ୱୀପକୁ ୩-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା । ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା । ଦ୍ୱିତୀୟ ମିନିଟ୍‌ରେ ଭାରତ ପାଇଁ ଅଧିନାୟକ ସିଙ୍ଗାମାୟୁମ ସାମି ଗୋଲ ସ୍କୋର କରିଥିଲେ । କିନ୍ତୁ ଦ୍ୱିତୀୟାର୍ଦ୍ଧରେ ବାଂଲାଦେଶର ମହମ୍ମଦ ଜୟ ଅହମ୍ମଦ ୬୧ତମ ମିନିଟ୍‌ରେ ଗୋଲ ସ୍କୋର କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ । ୨୦୨୩ରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ପାକିସ୍ତାନକୁ ହରାଇ ଚାମ୍ପିଅନ ହୋଇଥିଲା ।

## ଓଡ଼ିଶାର ଶ୍ରୀଲଙ୍କା ଗସ୍ତ ଶେଷ

କଟକ,୧୮ ।୫(ସମିସ): ଅଭ୍ୟାସ ସିରିଜ ଖେଳିବା ନିମନ୍ତେ ଓଡ଼ିଶା ବରିଷ୍ଠ ପୁରୁଷ କ୍ରିକେଟ ଦଳ ଗତ ମାସ ୨୮ରେ ଶ୍ରୀଲଙ୍କା ଗସ୍ତ କରିଥିଲା । ସମସ୍ତ ମ୍ୟାଚ୍ ଶେଷ ହୋଇଥିବାବେଳେ ଦଳ ୨୧ ତାରିଖରେ ପ୍ରତ୍ୟାବର୍ତ୍ତନ କରିବ । ରବିବାର ଖେଳାଯିବାକୁ ଥିବା ୩ୟ ତଥା ଅନ୍ତିମ ଏକଦିବସୀୟ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି । ୩ ମ୍ୟାଚ ବିଶିଷ୍ଟ ଏକଦିବସୀୟ ସିରଜ୍‌ରେ ଓଡ଼ିଶା ପ୍ରଥମ ଦୁଇଟି ଯାକ ମ୍ୟାଚ୍ ଜିତି ପୂର୍ବରୁ ସିରଜ କବଜା କରି ସାରିଛି । ସେହିପରି ଓଡ଼ିଶା ଏକ୍ସପୋଜର ଏବଂ ଶ୍ରୀଲଙ୍କା ଏମର୍ଜିଂ ଦଳ ଭିତରେ ୪ଟି ତ୍ରିଦିବସୀୟ ମ୍ୟାଚ୍ ଖେଳାଯାଇଥିଲା । ଏଥିରୁ ଗୋଟିଏ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ଅଗ୍ରଣୀ କରିଥିବା ବେଳେ ଶ୍ରୀଲଙ୍କା ଦଳ ୩ଟି ମ୍ୟାଚ୍‌ରେ ଇନିଂସ ଆଗୁଆ ରହିଥିଲା ।

**ଆଇପିଏଲ୍-୧୮** | **ଗିଲ, ସୁଦର୍ଶନଙ୍କ ବିସ୍ଫୋରକ ବ୍ୟାଟିଂ; ଦିଲ୍ଲୀ ୧୦ ୱିକେଟ୍‌ରେ ପରାସ୍ତ**

# ପ୍ଲେ ଅଫ୍‌ରେ ଗୁଜରାଟ, ବେଙ୍ଗାଲୁରୁ ଓ ପଞ୍ଜାବ




ନୂଆଦିଲ୍ଲୀ,୧୮ ।୫ (ଏଜେନ୍ସି)

ଅଧିନାୟକ ଶୁବମନ ଗିଲ (୫୩ ବଲ୍‌ରେ ୯୩* ରନ୍) ଓ ସାଇ ସୁଦର୍ଶନ (୬୧ ବଲ୍‌ରେ ୧୦୮*)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍‌ର ୬୦ତମ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୧୦ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି । ଏହା ଫଳରେ ଗୁଜରାଟ ଦ୍ୱାଦଶ ଲିଗ୍ ମ୍ୟାଚ୍‌ରୁ ୯ମ ବିଜୟ ସହ ୧୮ ପଏଣ୍ଟ ପାଇ ପ୍ରଥମ ଦଳ ଭାବେ ପ୍ଲେ ଅଫ୍‌ରେ ପ୍ରବେଶ କରିଛି । ଏହି ବିଜୟ ପରେ ମଧ୍ୟ ୧୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିବା ବେଙ୍ଗାଲୁରୁ ଓ ପଞ୍ଜାବ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ପ୍ଲେ ଅଫ୍‌ରେ ପ୍ରବେଶ କରିଛନ୍ତି । ୧୪ ପଏଣ୍ଟ ସହ ମୁମ୍ବାଇ ଚତୁର୍ଥ ସ୍ଥାନରେ ଥିଲାବେଳେ ଦ୍ୱାଦଶ ମ୍ୟାଚ୍‌ରୁ ୫ମ ପରାଜୟ ହାସଲ କରି ଦିଲ୍ଲୀ ପଞ୍ଚମ ସ୍ଥାନରେ ରହିଛି । ଏହି ଦୁଇ ଦଳ ମଧ୍ୟରୁ ଗୋଟିଏ ଦଳ ପ୍ଲେ ଅଫ୍‌କୁ ଯିବ ।

ଏହି ମ୍ୟାଚ୍‌ରେ ୨୦୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଟାଇଟନ୍ସର ଦୁଇ ଓପନର ଶୁବମନ ଗିଲ୍ ଓ ସାଇ ସୁଦର୍ଶନ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ । ଉଭୟ ଖେଳାଳି ପ୍ରତିପକ୍ଷ ଦିଲ୍ଲୀ ବୋଲରଙ୍କୁ କୌଣସି ସୁଯୋଗ ନ ଦେଇ ଏହି ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲେ । ଏହା ଫଳରେ ଦଳ ୧୯ତମ ଓଭରରେ କୌଣସି ୱିକେଟ ନ ହରାଇ ଦିଲ୍ଲୀକୁ ୧୦ ୱିକେଟରେ ପରାସ୍ତ କରିଥିଲା । ଏହା ଫଳରେ ଆଇପିଏଲ୍‌ରେ ପ୍ରଥମ ମ୍ୟାଚ୍‌ରେ ୨୦୦ ରନ୍‌କୁ ଚେଜ୍ କରି ୧୦ ୱିକେଟ ଜିତିବାରେ ଦିଲ୍ଲୀ ରେକର୍ଡ କରିଛି । ୧୯ତମ ଓଭରର ଶେଷ ବଲ୍‌ରେ ବିପରାଜ ନିଗମଙ୍କୁ ଛକା ମାରି ଦଳକୁ ଜିତାଇବା ବେଳକୁ ସାଇ ସୁଦର୍ଶନ ୧୦୮ ଓ ଗିଲ ୯୩ ରନ୍‌ରେ ଅପରାଜିତ ରହିଥିଲେ । ଆଇପିଏଲ୍‌ରେ ସୁଦର୍ଶନଙ୍କ କ୍ୟାରିୟରରେ ଏହା ଦ୍ୱିତୀୟ ତଥା ସମସ୍ତ ଆଇପିଏଲ୍‌ରେ ଏହା ୧୦୦ତମ ଶତକ । ସୁଦର୍ଶନ ମାତ୍ର ୬୧ ବଲ୍‌ରୁ ୧୨ ଚୌକା ଓ ୪ ଛକା ସହାୟତାରେ ୧୦୮ ଓ ଗିଲ୍ ୫୩ ବଲ୍‌ରୁ ୩ ଚୌକା ଓ ୭ ଛକା ସହାୟତାରେ ୯୩ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ ।

### ରାହୁଲଙ୍କ ଦମ୍‌ଦାର ଶତକ ବ୍ୟର୍ଥ

ଏହି ମ୍ୟାଚ୍‌ରେ ଟସ୍ ହାରିବା ପରେ ଦିଲ୍ଲୀ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା । ଦଳ ଚତୁର୍ଥ ଓଭରରେ ୧୬ ରନ୍ କରିଥିଲାବେଳେ ଫାଫ୍ ଡୁ ପ୍ଲେସିସ୍ ୫ ରନ୍‌ରେ ଅର୍ସାଦ୍ ଖାନ୍‌ଙ୍କ ଶିକାର ହୋଇଥିଲେ । ଏହା ପରେ ଲୋକେଶ ରାହୁଲ ଦିଲ୍ଲୀ ଇନିଂସ ସମ୍ଭାଳିଥିଲେ । ସେ ଅଭିଷେକ ପୋରେଲ ଦ୍ୱିତୀୟ ୱିକେଟରେ ୫୨ ବଲ୍‌ରୁ ୯୦, ଅକ୍ଷର ପଟେଲଙ୍କ ସହ ତୃତୀୟ ୱିକେଟ୍‌ରୁ ୨୬ ବଲ୍‌ରେ ୪୫ ଓ ଅବିଭକ୍ତ ଚତୁର୍ଥ ୱିକେଟରେ ଟ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ୨୨ ବଲରୁ ୪୮ ରନ୍ ଉଠାଇ ଦଳକୁ ଏକ ଡିଫେଣ୍ଡେବଲ ସ୍କୋର ଦେଇଥିଲେ । ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୧୯୯ ରନ୍ କରିଥିଲା । ରାହୁଲ ତାଙ୍କ ଆଇପିଏଲ୍ କ୍ୟାରିୟରରେ ପଞ୍ଚମ, ସମସ୍ତ ପ୍ରକାର ଟି-୨୦ କ୍ୟାରିୟରରେ ୭ମ ଶତକ ହାସଲ କରିଥିଲେ । ସେ ମୋଟ ୬୫ ବଲ୍ ଖେଳି ୧୪ ଚୌକା ଓ ୪ ଛକା ସହାୟତାରେ ୧୧୨ ରନ୍ କରି ଅପରାଜିତ ରହିଥିଲେ । ଏହା ସହ ଚଳିତ ଆଇପିଏଲ୍‌ରେ ସେ ପ୍ରଥମ ଡାହାଣହାତୀ ବ୍ୟାଟର ଭାବେ ଶତକ ଓ ଗୁଜରାଟ ବିପକ୍ଷରେ ସର୍ବାଧିକ ରନ୍ ସଂଗ୍ରହ କରିଥିଲେ । ପୋରେଲ ୧୯ ବଲ୍‌ରୁ ୩୦, ଅକ୍ଷର ପଟେଲ ୧୬ ବଲ୍‌ରୁ ୨୫ ଓ ଷ୍ଟବ୍ସ ୧୦ ବଲ୍‌ରୁ ଅପରାଜିତ ୨୧ ରନ୍ କରି ରାହୁଲଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ । ଗୁଜରାଟ ପକ୍ଷରୁ ଅର୍ସାଦ୍ ଖାନ୍, ପ୍ରସିଦ୍ଧ କ୍ରିଷ୍ଣା ଓ ସାଇ କିଶୋର ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଅର୍ସାଦ୍ ୨ ଓଭରରେ ମାତ୍ର ୭ ରନ୍ ଦେଇଥିଲେ ।



**ଆଇପିଏଲ୍‌ରେ ଆଜି**
**ଲକ୍ଷ୍ନୌ** ବନାମ **ହାଇଦରାବାଦ୍**
ଲକ୍ଷ୍ନୌ / ରାତି ୭.୩୦ | ଷ୍ଟାରସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ହାଇଦରାବାଦ୍ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ | ୧୩ | ୩ | ୧୦ | ୦ | ୬ | -୦.୭୦୧ |
| ଚେନ୍ନାଇ | ୧୨ | ୩ | ୯ | ୦ | ୬ | -୦.୯୯୨ |

## ରାହୁଲଙ୍କ ୫ମ ଶତକ

ନୂଆଦିଲ୍ଲୀ, ୧୮ ।୫ (ଏଜେନ୍ସି): ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଲୋକେଶ ରାହୁଲ ରବିବାର ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ୬୫ ବଲରୁ ୧୧୨ ରନର ଦମ୍‌ଦାର ଅପରାଜିତ ଶତକୀୟ ପାଳି ଖେଳିଛନ୍ତି । ଆଇପିଏଲ୍ ଇତିହାସରେ ଏହା ତାଙ୍କର ୫ମ ଶତକୀୟ ପାଳିଥିଲା । ସେହିଭଳି ଆଇପିଏଲ୍‌ରେ ୩ଟି ଭିନ୍ନ ଭିନ୍ନ ଦଳ ପକ୍ଷରୁ ଖେଳି ଶତକ ହାସଲ କରିବାରେ ସେ ପ୍ରଥମ ବ୍ୟାଟର୍ ହୋଇଛନ୍ତି । ଏଥିପୂର୍ବରୁ ସେ ପଞ୍ଜାବ କିଙ୍ଗସ (୨୦୧୯ ଓ ୨୦୨୦) ଓ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ (୨୦୨୨) ପକ୍ଷରୁ ଖେଳୁଥିବାବେଳେ ଶତକ ହାସଲ କରିଥିଲେ । ଆଇପିଏଲ୍‌ରେ ସର୍ବାଧିକ ଶତକ ହାସଲ କରିବାରେ ବିରାଟ କୋହଲି (୮ଟି), ଜୋଶ ବଟଲର୍ (୭), କ୍ରିସ୍ ଗେଲ୍ (୬)ଙ୍କ ପଛକୁ ସେ ୪ର୍ଥ ସ୍ଥାନରେ ରହିଛନ୍ତି । ସେହିଭଳି ଓଭରଅଲ୍ ଟି-୨୦ରେ ରାହୁଲଙ୍କ ଏହା ୭ମ ଶତକ ଥିଲା । ଟି-୨୦ କ୍ରିକେଟ୍‌ରେ ଭାରତୀୟ ଭାବେ ସର୍ବାଧିକ ଶତକ ଅର୍ଜନ କରିବାର ରେକର୍ଡ ମଧ୍ୟ କୋହଲିଙ୍କ ନାମରେ ରହିଛି । ଏହି ତାଲିକାରେ ୯ ଶତକ ସହ କୋହଲି ଶୀର୍ଷରେ ରହିଛନ୍ତି । ରୋହିତ ଶର୍ମା ୮ଟି ଏବଂ ଅଭିଷେକ ଶର୍ମା ଓ ରାହୁଲ ୭ଟି ଲେଖାଏ ଶତକ କରିଛନ୍ତି । ଅପରପକ୍ଷରେ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ୮ ହଜାର ରନ ପୂରଣ କରିବାରେ ରାହୁଲ ଦ୍ରୁତତମ ବ୍ୟାଟର୍ ହୋଇଛନ୍ତି । ରାହୁଲ ୨୨୪ତମ ପାଳିରୁ ୮ ହଜାର ରନ ପୂରଣ କରିଛନ୍ତି । ଏହିକ୍ରମରେ ସେ କୋହଲି (୨୪୩ ପାଳି)ଙ୍କୁ ପଛରେ ପକାଇଦେଇଛନ୍ତି ।

**ସୂର୍ଯ୍ୟବଂଶୀ, ଜୟସ୍ୱାଲଙ୍କ ବିସ୍ଫୋରକ ବ୍ୟାଟିଂ ବ୍ୟର୍ଥ**

# ପଞ୍ଜାବ କିଙ୍ଗ୍‌ସର ଅଷ୍ଟମ ବିଜୟ

ଜୟପୁର,୧୮ ।୫ (ଏଜେନ୍ସି): ହରପ୍ରୀତ୍ ବ୍ରାର୍‌ଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୫୯ତମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ ୧୦ ରନ୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି । ଏହା ଫଳରେ ଦ୍ୱାଦଶ ମ୍ୟାଚ୍‌ରୁ ୮ମ ବିଜୟ ସହ ପଞ୍ଜାବ ୧୭ ପଏଣ୍ଟ ପାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ସମକକ୍ଷ ହୋଇଛି । ଏହି ବିଜୟ ପରେ ପଞ୍ଜାବ ଦୀର୍ଘ ୧୧ ବର୍ଷ ପରେ ପ୍ଲେ ଅଫ ଖେଳିବା ରାସ୍ତା ପରିଷ୍କାର କରିନେଇଛି । ଏହି ମ୍ୟାଚ୍‌ରେ ପଞ୍ଜାବର ଯୁବ ଖେଳାଳି ନେହାଲ ୱାଧେରା ୩୭ ବଲ୍‌ରେ ୭୦ ଓ ବରିଷ୍ଠ ଖେଳାଳି ଶଶାଙ୍କ ସିଂ ୩୦ ବଲ୍‌ରେ ଅପରାଜିତ ୫୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କିଙ୍ଗସ ୫ ୱିକେଟରେ ୨୧୯ ରନ୍‌ର ବିଶାଳ ସ୍କୋର କରିଥିଲା । ଜବାବରେ ସୂର୍ଯ୍ୟବଂଶୀ ଓ ଯଶସ୍ୱୀ ଜୟସ୍ୱାଲ ୫ ଓଭରରେ ୭୬ ରନ୍ ଉଠାଇଥିଲେ ମଧ୍ୟ ରାଜସ୍ଥାନ ରୟାଲ୍ସ ସମାନ ସଂଖ୍ୟକ ଓଭର ଖେଳି ୭ ୱିକେଟରେ ୨୦୯ ରନ୍ କରିଥିଲା । ଏହା ଫଳରେ ଦଳ ୧୦ ରନ୍‌ରେ ପରାଜିତ ହୋଇଥିଲା । ଏହି ମ୍ୟାଚ୍‌ରେ ସମସ୍ତ ବୋଲର ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲାବେଳେ ପଞ୍ଜାବର ବାମହାତୀ ସ୍ପିନର ହରପ୍ରୀତ୍ ବ୍ରାର ୪ ଓଭରରେ ୨୨ ରନ୍ ଦେଇ ସୂର୍ଯ୍ୟବଂଶୀ, ଜୟସ୍ୱାଲ ଓ ରିୟାନ ପରାଗଙ୍କ ୱିକେଟ ଅକ୍ତିଆର କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା ।



ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ବିଜୟ ହାସଲ କରିଛି ସତ, କିନ୍ତୁ ରାଜସ୍ଥାନର ଦୁଇ ଯୁବ ଖେଳାଳି ଦର୍ଶକଙ୍କ ମନ ମୋହିଥିଲେ । ୨୧୯ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରି ରାଜସ୍ଥାନର ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ୫ ଓଭରରେ ୭୬ ରନ୍ ଉଠାଇ ଧମାକାଦାର ଆରମ୍ଭ ଦେଇଥିଲେ । କିନ୍ତୁ ୧୫ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ୪୦ ରନ୍ କରି ସୂର୍ଯ୍ୟବଂଶୀ ଆଉଟ ହେବା ପରେ ରାଜସ୍ଥାନ ନିୟମିତ ବ୍ୟବଧାନରେ ୱିକେଟ ହରାଇଥିଲା । ତାଙ୍କ ପରେ ୨୫ ବଲ୍‌ରୁ ୯ ଚୌକା ଓ ୧ଛକା ସହ ୫୦ ରନ୍ କରି ଯଶସ୍ୱୀ ଆଉଟ ହୋଇଥିଲେ । ଦୁଇ ଓପନରଙ୍କୁ ବ୍ରାର୍ ଆଉଟ କରିଥିଲେ । ଏହା ପରେ ସେ ଅନ୍ୟତମ ଯୁବ ଖେଳାଳି ରିୟାନ ପରାଗ (୧୩)ଙ୍କୁ ବୋଲ୍ଡ କରି ରାଜସ୍ଥାନ ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ । ଅଧିନାୟକ ସଞ୍ଜୁ ସାମସନ (୨୦) ଆଉଟ ହେବା ପରେ କେବଳ ଧ୍ରୁବ ଜୁରେଲ ଲଢୁଆ ବ୍ୟାଟିଂ କରି ୩୧ ବଲ୍‌ରୁ ୫୩ ରନ୍ କରିଥିଲେ । କିନ୍ତୁ ଏହା ଦଳର ବିଜୟ ଲାଗି ପର୍ଯ୍ୟାପ୍ତ ହୋଇ ନ ଥିଲା । ମାର୍କୋ ଜାନସେନ ଓ ଆଜମତୁଲ୍ଲା ଓମରଜାଇ ୨ଟି ଲେଖାଏଁ ୱିକେଟ ପାଇଥିଲେ ।

ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ପଞ୍ଜାବ ୩୪ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା । କିନ୍ତୁ ଯୁବ ଖେଳାଳି ନେହାଲ ୱାଧେରା ୩୭ ବଲ୍‌ରୁ ୫ଟି ଲେଖାଏଁ ଚୌକା ଓ ଛକା ସହ ୭୦ ଏବଂ ଶଶାଙ୍କ ସିଂ ୩୦ ବଲ୍‌ରୁ ୫ ଚୌକା ଓ ୩ଛକା ସହ ଅପରାଜିତ ୫୯ ରନ୍ କରିବା ଫଳରେ ଦଳ ଏକ ବଡ ସ୍କୋର କରିଥିଲା । ଶେଷରେ ଓମରଜାଇ ୯ ବଲ୍‌ରୁ ୨୧ ରନ୍ କରିବା ଫଳରେ ଦଳ ଏଠାରେ ସର୍ବାଧିକ ସ୍କୋର ୫/୨୧୭ ରନ୍ କରିବାକୁ ସମର୍ଥ ହୋଇଥିଲା । ରାଜସ୍ଥାନ ପକ୍ଷରୁ ତୁଷାର ଦେଶପାଣ୍ଡେ ସର୍ବାଧିକ ୨ଟି ୱିକେଟ ପାଇଥିଲେ । ଅନ୍ୟ ସମସ୍ତ ବୋଲର ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ ।

**୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ**

# ଦିଲ୍ଲୀପଙ୍କୁ ୭ ୱିକେଟ; ପୀୟୂଷଙ୍କ ଶତକ

କଟକ,୧୮ ।୫(ସମିସ)



ଦିଲ୍ଲୀପ ବିଶୋୟୀ



ପୀୟୂଷ ଯାଦବ



ଅବିନାଶ ମହନ୍ତ



ଓମ୍ ସକୁନିଆ

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ପର୍ଯ୍ୟାୟ ରବିବାରଠାରୁ ଆରମ୍ଭ ହୋଇଛି । ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ନବରଙ୍ଗପୁର ୯୭ ରନରେ ବୌଦ୍ଧକୁ ପରାସ୍ତ କରିଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ନବରଙ୍ଗପୁର ୧୭୩ ରନରେ ଅଲଆଉଟ ହୋଇଥିଲା । ଶୁଭମ ନାୟକ ଅପରାଜିତ ୪୬ ଏବଂ ଦିଲ୍ଲୀପ ବିଶୋୟୀ ୨୮ ବଲରୁ ୩୯ ରନର ଦ୍ରୁତ ପାଳି ଖେଳିଥିଲେ । ବୌଦ୍ଧ ତରଫରୁ ଯୋଗେଶ ରାଉଙ୍କୁ ୪ଟି ୱିକେଟ ମିଳିଥିଲା । ୧୭୪ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ବୌଦ୍ଧ ୭୬ ରନରେ ଅଲଆଉଟ ହୋଇଛି । ଦିଲ୍ଲୀପ ୩୧ରନ ବିନିମୟରେ ୭ଟି ୱିକେଟ ଅକ୍ତିଆର କରି ଦଳ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ । ମ୍ୟାଚ୍ ବିଜୟୀ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ଦିଲ୍ଲୀପଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି । ରେଭେନ୍ସା ଗ୍ରାଉଣ୍ଡ-୨ରେ ଖେଳାଯାଇଥିବା ମ୍ୟାଚ୍‌ରେ ଝାରସୁଗୁଡାକୁ ବୃହତ୍ ବିଜୟ ମିଳିଛି । ଓ୍ୱାଇ ପୀୟୂଷଙ୍କ ୧୧୧ ରନ ସହାୟତାରେ ଝାରସୁଗୁଡା ୭ ୱିକେଟ ବିନିମୟରେ ୩୨୫ ରନ କରିଥିଲା । ସମ୍ବଲପୁରର ବିନୟ ରେଡ୍ଡୀ ଓ ସିଦ୍ଧେଶ୍ୱର ବେହେରା ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ । ଜବାବରେ ୨୩.୪ ଓଭରରେ ସମ୍ବଲପୁର ୭୭ ରନରେ ଅଲଆଉଟ ହୋଇଥିବାବେଳେ ଝାରସୁଗୁଡାର ଓମ ସାକୁନିଆ ୧୬ରନ ବ୍ୟୟ କରି ୫ ୱିକେଟ ଅକ୍ତିଆର କରିଥିଲେ । ଓମଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ସେହିଭଳି ଦେବଜ୍ୟୋତି ପଟ୍ଟନାୟକଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ନୟାଗଡ ୬ ୱିକେଟରେ କିଟ୍‌କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି । ସନସାଇନ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଇଥିଲା । ଟସ୍ ଜିତି କିଟ୍ ୧୨୬ ରନରେ ଅଲଆଉଟ ହୋଇଥିଲା । ଇଶାନରାଜ ମହାପାତ୍ର ୨୯ରନ କରିଥିଲେ । ନୟାଗଡର ଦେବଜ୍ୟୋତି ୪ଟି, ସାହିଲ ନାଏକ ୨ଟି ୱିକେଟ ଦଖଲ କରିଥିଲେ । ୧୬.୩ ଓଭରରେ ୪ ୱିକେଟ ହରାଇ ନୟାଗଡ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଦେବଜ୍ୟୋତି ୨୬ବଲରୁ ୩୩ରନର ପାଳି ଖେଳିବା ସହ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ରେଭେନ୍ସା ଗ୍ରାଉଣ୍ଡରେ ଯାଜପୁର ୮୬ ରନରେ ଭଦ୍ରକକୁ ପରାସ୍ତ କରିଥିଲା । ୩ ୱିକେଟ ହାସଲ କରିଥିବା ଯାଜପୁର ସୟଦ ହୋସେନ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ । ଅନ୍ୟ ମ୍ୟାଚ୍ ଗୁଡିକରେ ସୋନପୁର ୮୩ ରନରେ ରାୟଗଡାକୁ, ଭୁବନେଶ୍ୱର-ବି ୪ ୱିକେଟରେ ଖୋର୍ଦ୍ଧାକୁ ହରାଇଛି ।

**■ ଇଂଲଣ୍ଡ ସିରିଜ ପୂର୍ବରୁ ପ୍ରସ୍ତୁତି**

# ୧୦ କେଜି ଓଜନ କମାଇଲେ ସର୍ଫରାଜ

ମୁମ୍ବଇ, ୧୮ ।୫ (ଏଜେନ୍ସି): ଯୁବ ଭାରତୀୟ ବ୍ୟାଟର୍ ସର୍ଫରାଜ ଖାନ ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ନିଜର ଭାରି ଓଜନ ଲାଗି ଚର୍ଚ୍ଚାରେ ରହୁଥିବା ୨୭ ବର୍ଷୀୟ ସର୍ଫରାଜ ଇତିମଧ୍ୟରେ କଠିନ ଡାଏଟ୍ ପ୍ଲାନ କରି ୧୦ କେଜି ଓଜନ କମାଇଦେଇଥିବା ଜଣାପଡ଼ିଛି । ରିପୋର୍ଟରୁ ଜଣାପଡ଼ିଛି ଯେ, ସର୍ଫରାଜ ନିଜକୁ ଫିଟ୍ ରଖିବା ଲାଗି ତେଲରୁ ପ୍ରସ୍ତୁତ ଖାଦ୍ୟରୁ ଯଥାସମ୍ଭବ ଦୂରେଇ ରଖିଛନ୍ତି । ପ୍ରତ୍ୟେକ ଦିନ ସେ ସିଝା ପନିପରିବା (ସନ୍ତୁଳା) ସହ ସିଝା ଚିକେନ ଖାଉଛନ୍ତି । ସେହିଭଳି ବାପା ତଥା ଜଣାଶୁଣା ପ୍ରଶିକ୍ଷକ ନୌସାଦ ଖାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦୁଇଓଳି ନେଟ୍ସରେ କଠିନ ଅଭ୍ୟାସ ଜାରି ରଖିଛନ୍ତି । ବିଶେଷ କରି ଅଫ୍-ଷ୍ଟମ୍ପ୍ ବାହାର ବଲ୍‌କୁ କେଉଁଭଳି ଖେଳାଯିବ ତାହା ଉପରେ ଧ୍ୟାନ ଦେଉଛନ୍ତି । ଇଂଲିଶ ପରିବେଶରେ ସୁଇଂ ବଲ୍‌କୁ ଯେଉଁ ବ୍ୟାଟର୍ ଠିକ୍ ଭାବେ ଖେଳିପାରିଥାଏ ସେ ସଫଳ ହୋଇଥାଏ ।



ଏଠାରେ ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଇଂଲଣ୍ଡ ବିପକ୍ଷରେ ଖେଳି ଟେଷ୍ଟ ପଦାର୍ପଣ କରିଥିବା ଏହି ମୁମ୍ବଇ କ୍ରିକେଟର୍ ବର୍ତ୍ତମାନ ସୁଦ୍ଧା ୬ ମ୍ୟାଚରୁ ୩୭.୧୦ ହାରରେ ୩୭୧ ରନ ସଂଗ୍ରହ କରିଛନ୍ତି । ଆଇପିଏଲ୍ ସମାପ୍ତ ପରେ ଭାରତୀୟ ଦଳ ଆସନ୍ତା ମାସରେ ଇଂଲଣ୍ଡ ଗସ୍ତରେ ଯାଇ ସେଠାରେ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ । ଏଥିଲାଗି ଦଳ ଘୋଷଣା ମଧ୍ୟ ହୋଇନାହିଁ । କିନ୍ତୁ ଏଥିପୂର୍ବରୁ ଭାରତୀୟ-ଏ ଦଳ ଇଂଲଣ୍ଡ ଗସ୍ତ କରି ସେଠାରେ 'ଇଂଲଣ୍ଡ ଲାୟନ୍ସ' ବିପକ୍ଷରେ ୨ଟି ଟେଷ୍ଟ ଖେଳିବାର କାର୍ଯ୍ୟସୂଚୀ ରହିଛି । ଏଥିଲାଗି ଘୋଷିତ ଭାରତୀୟ ଦଳରେ ସର୍ଫରାଜଙ୍କୁ ସୁଯୋଗ ମିଳିଛି । ନିକଟରେ ରୋହିତ୍ ଶର୍ମା ଓ ବିରାଟ କୋହଲି ଟେଷ୍ଟରୁ ଅବସର ନେଇସାରିଥିବାରୁ ସର୍ଫରାଜଙ୍କ ନିକଟରେ ସୁଯୋଗ ରହିଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS